# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୯/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, April 19/2019 | ★★★★

୪୫ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





## କ୍ଲିନ୍ ଏନର୍ଜି ସେସ୍ ବାବଦରେ ୫୦,୦୦୦ କୋଟି ଟଙ୍କା ନେଲା କେନ୍ଦ୍ରର ବିଜେପି ସରକାର



**ସେତିକିରେ ପାଇଥାନ୍ତେ**

ସବୁ ପିଲା ମାଗଣା ଶିକ୍ଷା

ସମସ୍ତଙ୍କୁ ମିଳିଥାନ୍ତା 'ଆହାର'

ଓଡ଼ିଶାର ଉପକୂଳରେ
କରାଯାଇ ପାରିଥାନ୍ତା ୧୦ଟି ନୂଆ ବନ୍ଦର

ହଟିଯାଇଥାନ୍ତା ବେରୋଜଗାରୀ

**ମିଳିଲା କିନ୍ତୁ ଖାଲି**

ପ୍ରତାରଣା, ଧୂଆଁ ଆଉ ପ୍ରଦୂଷଣ

ବିଜୁ ଜନତା ଦଳ

ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ବିକାଶ ପାଇଁ ଲଢ଼େଇ

'ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୋର ଲଢ଼େଇ ଜାରି ରହିବ।'

ନବୀନ ପଟ୍ଟନାୟକ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି. ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।



ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଅସମ୍ମାନିତ କରିବା ଲାଗି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇନାହିଁ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






## ସଂକ୍ଷେପରେ

### ଭାଜପା ନେତାଙ୍କୁ ଚପଲ ମାଡ଼

ନୂଆଦିଲ୍ଲୀ,୧୮।୪(ପି.ଟି.)-ଭାଜପା ନେତା ଭୂପେନ୍ଦ୍ର ଯାଦବ ଏବଂ ଜି.ଭି.ଏଲ୍. ନରସିଂହ ରାଓ ଗୁରୁବାର ଦଳୀୟ ମୁଖ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଉଥିବାବେଳେ ଜଣେ ବ୍ୟକ୍ତି ସେମାନଙ୍କୁ ଲକ୍ଷ୍ୟ କରି ଚପଲ ଫିଙ୍ଗିଥିଲେ। ଶକ୍ତି ଭାର୍ଗବ ନାମକ ଏହି ବ୍ୟକ୍ତି ପେସାରେ ଜଣେ ଡାକ୍ତର ବୋଲି କହିଛନ୍ତି। ତେବେ ସେ କାହିଁକି ଚପଲ ଫିଙ୍ଗିଲେ ତାହା ଜଣାପଡିନାହିଁ। ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇ ପୋଲିସ ଜିମା ଦେଇଛନ୍ତି। ଭାଜପା ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ନରସିଂହ ରାଓ ଖବରଦାତା ସମ୍ମିଳନୀରେ ହିନ୍ଦୁ ବିରୋଧୀ ମନୋଭାବ ପାଇଁ କଂଗ୍ରେସକୁ ସମାଲୋଚନା କରୁଥିବାବେଳେ ଚପଲ ଫିଙ୍ଗାଯାଇଥିଲା। ଚପଲ ମାଇକ୍ରୋଫୋନ୍‌ରେ ବାଜିଥିଲା। ଦିଲ୍ଲୀ ପୋଲିସ ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ମିଳିତ ଭାବେ ଘଟଣାର ତଦନ୍ତ କରୁଛି।

### କେନ୍ଦ୍ରମନ୍ତ୍ରୀ ନକ୍‌ଭିଙ୍କୁ ଇସିଙ୍କ ଚେତାବନୀ



ନୂଆଦିଲ୍ଲୀ,୧୮।୪(ପି.ଟି.)-ଭାରତୀୟ ସୈନ୍ୟବାହିନୀକୁ 'ମୋଦିଜୀ କୀ ସେନା' କହିଥିବା କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ତଥା ଭାଜପା ନେତା ମୁଖ୍‌ତାର ଅବାସ ନକ୍‌ଭିଙ୍କୁ ନିର୍ବାଚନ କମିଶନ (ଇସି) ଭର୍ତ୍ସନା କରିବା ସହ ଏଭଳି ମନ୍ତବ୍ୟ ନ ଦେବା ଲାଗି ଚେତାବନୀ ଦେଇଛନ୍ତି। ସେନାକୁ ରାଜନୈତିକ ପ୍ରଚାରରେ ବ୍ୟବହାର କରାଯାଇପାରିବ ନାହିଁ। ଭବିଷ୍ୟତରେ ମନ୍ତବ୍ୟ ଦେବାବେଳେ ସତର୍କ ରହିବା ଲାଗି ଇସି ନକ୍‌ଭିଙ୍କୁ ପରାମର୍ଶ ଦେଇଛନ୍ତି। ଗତ ୩ ତାରିଖରେ ରାମପୁରଠାରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେବାବେଳେ ନକ୍‌ଭି ଦେଶର ସୈନ୍ୟବାହିନୀକୁ ମୋଦିଜୀଙ୍କ ସେନା ବୋଲି କହିଥିଲେ। ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷ ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

### ନିର୍ବାଚନ ପ୍ରଚାରରେ ବାଂଲାଦେଶୀ ଅଭିନେତା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୪(ପି.ଟି.)-ପଶ୍ଚିମବଙ୍ଗରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିବା ବାଂଲାଦେଶୀ ଅଭିନେତା ଘାଜି ଅବଦୁଲ ନୂର୍‌ଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ସୌଗତ ରୟଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିଲେ। ତାଙ୍କ ବିରୋଧରେ ଭାଜପା ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଭିଜା ମିଆଦ ପୂରଣ ହୋଇଥିବା ସତ୍ତ୍ୱେ ନୂର୍ ଭାରତରେ ରହୁଥିଲେ। ପୂର୍ବରୁ ଅନ୍ୟ ଜଣେ ବାଂଲାଦେଶୀ ଅଭିନେତା ଫେର୍‌ଦୁସ୍ ଅହମଦଙ୍କୁ ଦେଶ ଛାଡିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା।

### [ଇତିହାସର ଆଇନାରେ]

### ଏପ୍ରିଲ ୧୯ର ପ୍ରମୁଖ ଘଟଣା

୧୯୭୫ ଏପ୍ରିଲ ୧୯ରେ ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ସୋଭିଏଟ୍ ୟୁନିୟନର କାପୁସ୍ତିନ ୟାର୍‌ରୁ ଉତ୍କ୍ଷେପଣ କରାଯାଇଥିଲା। କସ୍‌ମସ୍-୩ଏମ୍ ଭେଇକିଲ୍ ଯୋଗେ ଲଞ୍ଚ୍ କରାଯାଇଥିବା ଏହି ଉପଗ୍ରହ ଇସ୍ରୋ ଦ୍ୱାରା ନିର୍ମାଣ କରାଯାଇଥିଲା।

୨୦୦୦ ଏପ୍ରିଲ ୧୯ରେ ଏୟାର ଫିଲିପାଇନ୍ସ ଫ୍ଲାଇଟ୍ ୫୪୧ ସମଲ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୧ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

■ କାଁ ଭାଁ ହିଂସା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ

# ଇଭିଏମ୍ ସମସ୍ୟାରୁ ମତଦାନ ବିଳମ୍ବ



ମଦୁରାଇ ଜିଲାର ଏକ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି।

- ଛତିଶଗଡ଼ରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ
- ପଶ୍ଚିମବଙ୍ଗରେ ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ପୋଲିସର ଗୁଳିଚାଳନା
- ୧୬୨୯ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

ନୂଆଦିଲ୍ଲୀ,୧୮।୪(ପି.ଟି.)

କାଁ ଭାଁ ହିଂସାକାଣ୍ଡ ମଧ୍ୟରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୧୧ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୫ ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ଶେଷ ହୋଇଛି। ଛତିଶଗଡରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ, ପଶ୍ଚିମବଙ୍ଗରେ ହିଂସାକାଣ୍ଡ ଘଟାଉଥିବା ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସର ଫାଙ୍କା ଗୁଳିଚାଳନା ଏବଂ ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍ ଅଚଳ ଯୋଗୁ ମତଦାନ ବିଳମ୍ବିତ ହୋଇଥିଲା। ଏହା ସତ୍ତ୍ୱେ ଅଧିକାଂଶ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା ଏବଂ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ମତଦାନ ଜାରି ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ, ୪ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୧୬୨୯ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ହେଭିୱେଟ ନେତାଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା, ଭାଜପା ଏମ୍‌ପି ହେମାମାଳିନୀ, ବରିଷ୍ଠ କଂଗ୍ରେସ ନେତା ବୀରାପ୍ପା ମୋଇଲି, ରାଜ୍ୟସଭା ସଦସ୍ୟ କାନିମୋଝି, ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ରାଜ ବବ୍ବର, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ସଦାନନ୍ଦ ଗୌଡା, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ଏନସିପି ରାଜ୍ୟ ଉପସଭାପତି ରାଜେନ୍ଦ୍ର ସିଙ୍ଗନେ, ପ୍ରିତମ ମୁଣ୍ଡେ ପ୍ରମୁଖ।

ଏହି ପର୍ଯ୍ୟାୟରେ ତାମିଲନାଡୁର ୩୮ ଲୋକ ସଭା ଆସନ, କର୍ଣ୍ଣାଟକର ୧୪, ମହାରାଷ୍ଟ୍ରର ୧୦, ଉତ୍ତରପ୍ରଦେଶର ୮, ଓଡିଶା, ବିହାର ଏବଂ ଆସାମର ୫ଟି ଲେଖାଏ ନିର୍ବାଚନ ମଣ୍ଡଳୀ, ଛତିଶଗଡ ଏବଂ ପଶ୍ଚିମବଙ୍ଗର ୩ଟି ଲେଖାଏ ଆସନ, ଜମ୍ମୁ-କଶ୍ମୀରର ଦୁଇଟି ଓ ମଣିପୁର ଏବଂ ପୁଡୁଚେରୀର ଗୋଟିଏ ଲେଖାଏ ଆସନରେ ଭୋଟଗ୍ରହଣ ହୋଇଛି। ତାମିଲନାଡୁର ଭେଲୋରରେ ମତଦାନ ବାତିଲ ହୋଇଥିବାବେଳେ ତ୍ରିପୁରା(ପୂର୍ବ) ଆସନରେ ମତଦାନ ସ୍ଥଗିତ ରହିଛି।

ଜମ୍ମୁ-କଶ୍ମୀରର ଶ୍ରୀନଗର ଓ ଉଧମପୁର ଲୋକ ସଭା ଆସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଶ୍ରୀନଗର ଆସନରୁ ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଏବଂ ଉଧମପୁର ଆସନରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ନିର୍ବାଚନ ଲଢୁଛନ୍ତି। ଛତିଶଗଡ଼ର ରାଜନନ୍ଦଗାଓଁ ଜିଲାରେ ମତଦାନ ବେଳେ ମାଓବାଦୀ ଆଇଇଡି ବିସ୍ଫୋରଣ କରିବାରୁ ଜଣେ ଆଇଟିବିପି ଯବାନ ଆହତ ହୋଇଛନ୍ତି। ତାମିଲନାଡୁର ଅଧିକାଂଶ ବୁଥ୍‌ରେ ଭୋଟରଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଏବଂ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ସକାଳେ ଭୋଟ ଦେଇଥିଲେ। ତେବେ କେତେକ ବୁଥ୍‌ରେ ଇଭିଏମ୍ ସମସ୍ୟା ଦେଖାଦେଇଥିଲେ ହେଁ ପରେ ତାହାର ସମାଧାନ କରାଯାଇଥିଲା ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟବ୍ରତ ସାହୁ କହିଛନ୍ତି। କର୍ଣ୍ଣାଟକର ୧୪ ଆସନରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହିତ ମତଦାନ ହୋଇଛି। ପୁଡୁଚେରୀର ଗୋଟିଏ ଆସନରେ ମତଦାନ ଶାନ୍ତିପୂର୍ଣ୍ଣ ଥିଲା।

ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଏହା ସତ୍ତ୍ୱେ ଅପରାହ୍ନ ସୁଦ୍ଧା ସେଠାର ୩ଟି ଆସନରେ ଭଲ ମତଦାନ ହୋଇଥିଲା। ମହାରାଷ୍ଟ୍ରର ନନ୍ଦେଡ୍‌ରେ ୭୮ଟି ଇଭିଏମ୍ ଅଚଳ ଥିବା ଅଭିଯୋଗ ହୋଇଥିଲା।

## ଗୋଟିଏ ମଞ୍ଚରେ ଏକାଠି ହେବେ ମୁଲାୟମ, ମାୟାବତୀ

ମୈନପୁରୀ,୧୮।୪(ପି.ଟି.)

ଦୀର୍ଘ ଦଶନ୍ଧିର ତୀବ୍ର ବିରୋଧୀ ଭାବେ ପରିଚିତ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବ ଏବଂ ବିଏସ୍‌ପି ସୁପ୍ରିମୋ ମାୟାବତୀ ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ଶୁକ୍ରବାର ମୈନପୁରୀଠାରେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମିଳିତ ନିର୍ବାଚନୀ ସଭାରେ ଦୁଇ ନେତାଙ୍କୁ ଏକାଠି ଦେଖିବାକୁ ମିଳିବ। ଭାଜପା ବିରୋଧରେ ବିରୋଧୀ ଦଳଗୁଡିକର ମେଣ୍ଟ ମଜଭୁତ ଥିବାର ବାର୍ତ୍ତା ଦେବା ଲାଗି ଏହି ର୍ୟାଲିର ଆୟୋଜନ କରାଯାଇଛି।

୧୯୯୫ରେ ରାଜ୍ୟ ଅତିଥି ଭବନରେ ବିଏସ୍‌ପି ସୁପ୍ରିମୋ ମାୟାବତୀ ତାଙ୍କ ସମର୍ଥକମାନଙ୍କ ସହ ଆଲୋଚନା କରୁଥିବାବେଳେ ଏସ୍‌ପି କର୍ମୀମାନେ ଆକ୍ରମଣ କରିଥିଲେ। ଏହା ପରଠାରୁ ମୁଲାୟମ ଓ ମାୟାବତୀ ପରସ୍ପରର ତୀବ୍ର ବିରୋଧୀ ରହିଆସିଥିଲେ। ଉତ୍ତରପ୍ରଦେଶରେ ଭାଜପାକୁ ହରାଇବା ପାଇଁ ଅଖିଳେଶ ଓ ମାୟାବତୀ ଏକାଠି ହୋଇଛନ୍ତି। ଶୁକ୍ରବାର ସଭାରେ ମୁଲାୟମ ଯୋଗ ଦେବାକୁ ଆଗ୍ରହୀ ନ ଥିବାବେଳେ ପୁଅ ଅଖିଳେଶ ତାଙ୍କ ଉପରେ ଚାପ ପକାଉଥିବା ଜଣାପଡିଛି। ପୂର୍ବ ମତଭେଦ ଭୁଲି ମେଣ୍ଟକୁ ଜିତାଇବା ଲାଗି ଏକାଠି କାମ କରିବାକୁ ମାୟାବତୀ ଉଭୟ ଦଳର କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି।



ମୁଲାୟମ୍ ସିଂ ଯାଦବ | ମାୟାବତୀ

## ନିର୍ବାଚନ ଡ୍ୟୁଟିରେ ଥିବା ଶିକ୍ଷକଙ୍କ ମୃତ୍ୟୁ

କଙ୍କେର୍,୧୮।୪(ପି.ଟି.)

ଛତିଶଗଡ଼ର କଙ୍କେର୍ ଜିଲାର ଏକ ଭୋଟଗ୍ରହଣ କେନ୍ଦ୍ରରେ ଗୁରୁବାର ଡ୍ୟୁଟିରେ ଥିବା ଜଣେ ଶିକ୍ଷକଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସରକାରୀ ବିଦ୍ୟାଳୟର ସହକାରୀ ଶିକ୍ଷକ ଟୁକ୍‌ଲୁରାମ ନରେଟି କଙ୍କେର ନିର୍ବାଚନମଣ୍ଡଳୀ ଅନ୍ତାଗଡ଼ ଅଞ୍ଚଳର କାମ୍‌ତା ବୁଥ୍‌ରେ ପୋଲିଂ ଅଫିସର ଭାବେ ନିୟୋଜିତ ଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ସେ ବୁଥ୍‌ରେ ସଂଜ୍ଞାହୀନ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୁରକ୍ଷା ଦୃଷ୍ଟିରୁ ଜମ୍ମୁ-କଶ୍ମୀରରେ ଇଣ୍ଟରନେଟ୍ ସେବା ଠପ୍

ଶ୍ରୀନଗର,୧୮।୪

ଜମ୍ମୁ-କଶ୍ମୀର ଶ୍ରୀନଗର ଲୋକ ସଭା ଆସନ ପାଇଁ ଗୁରୁବାର ସକାଳୁ ମତଦାନ ଆରମ୍ଭ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଏଠାରେ ମୋବାଇଲ୍ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଥିଲା। ଏଠାରେ ୧୨ଲକ୍ଷ ୯୫ ହଜାର ଭୋଟର ୧୨ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲା ଅଛନ୍ତି। ଏହି ଲୋକ ସଭା ଆସନରେ କେନ୍ଦ୍ରୀୟ କଶ୍ମୀର୍‌ର ଗନ୍ଦର୍ବାଲ, ଶ୍ରୀନଗର ଏବଂ ବଡ଼ଗାମ୍ ଆଦି ୩ ଜିଲା ରହିଛି। ଏହି ଆସନ ପାଇଁ ୧,୭୧୬ଟି ପୋଲିଂବୁଥ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମତଦାନ ହୋଇଛି।

## ଆଜମଗଡ଼ରୁ ନାମାଙ୍କନପତ୍ର ଦାଖଲ କଲେ ଅଖିଳେଶ



ଆଜମଗଡ଼,୧୮।୪(ପି.ଟି.)

ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଗୁରୁବାର ଉତ୍ତରପ୍ରଦେଶର ଆଜମଗଡ଼ ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବିଏସ୍‌ପି ଜାତୀୟ ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଦଳୀୟ କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ଅଖିଳେଶ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତାଙ୍କ ସରକାରରେ ରାଜ୍ୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଦେଖି ଲୋକେ ଭୋଟ ଦେବେ ବୋଲି ଅଖିଳେଶ କହିଛନ୍ତି। ଆଜମଗଡ ହେଉଛି ସମାଜବାଦୀମାନଙ୍କ କର୍ମଭୂମି। ଜନସାଧାରଣ ପୁଣି ଥରେ ତାଙ୍କ ଉପରେ ଆସ୍ଥା ରଖି ଆଶୀର୍ବାଦ ଓ ସମର୍ଥନ ଜଣାଇବେ ବୋଲି ଏସ୍‌ପି ଅଧ୍ୟକ୍ଷ କହିଛନ୍ତି। ୨୦୧୪ରେ ଏହି ଆସନରୁ ଅଖିଳେଶଙ୍କ ପିତା ମୁଲାୟମ ସିଂ ଯାଦବ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏଠାରେ ଷଷ୍ଠ ପର୍ଯ୍ୟାୟରେ ମେ ୧୨ରେ ନିର୍ବାଚନ ଅନୁଷ୍ଠିତ ହେବ।

## ଭୋଟ କେନ୍ଦ୍ରରେ ପହଞ୍ଚିଲେ ନବବିବାହିତ ଦମ୍ପତି

ଶ୍ରୀନଗର,୧୮।୪

ଲୋକ ସଭା ନିର୍ବାଚନର ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ହୋଇଥିଲା। ଏଥିପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ମର୍ମରେ ଜମ୍ମୁ-କଶ୍ମୀର ଉଧାମପୁର ଲୋକ ସଭା ଆସନରେ ଏକ ନବବିବାହିତ ଦମ୍ପତି ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଭୋଟଗ୍ରହଣ କେନ୍ଦ୍ରରେ ପହଞ୍ଚିଥିଲେ। ଉଭୟେ ବିବାହ ପୋଷାକରେ ମତାଧିକାର ସାବ୍ୟସ୍ତ କରିଥିଲେ। ସେମାନଙ୍କୁ ଦେଖି ପୋଲିଂ ଅଧିକାରୀଙ୍କ ସମେତ ଉପସ୍ଥିତ ଲୋକେ ଉଲ୍ଲସିତ ହୋଇଯାଇଥିଲେ।



## ଦୁର୍ଘଟଣାରେ ୨୯ ପର୍ଯ୍ୟଟକ ମୃତ

ଲିସବନ୍,୧୮।୪(ଏଏଫ୍‌ପି)

ପର୍ତ୍ତୁଗୀଜ ଦ୍ୱୀପ ମାଦିରାରେ ବସ୍ ଦୁର୍ଘଟଣାରେ ୨୯ ଜର୍ମାନ୍ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ବସ୍‌ଟି ରାସ୍ତା ତଳକୁ ଖସିପଡିବା ପରେ ବାରମ୍ବାର ପଲଟି ନିମ୍ନଭାଗରେ ଥିବା ଏକ ଘର ସହିତ ଧକ୍କା ଖାଇଥିଲା। ଉକ୍ତ ମରଣାନ୍ତକ ଘଟଣାରେ ଜର୍ମାନ୍ ସରକାରଙ୍କ ମୁଖପାତ୍ର ଗଭୀର ଶୋକପ୍ରକାଶ କରି ଟୁଇଟ୍ କରିଛନ୍ତି। ଦୁର୍ଘଟଣାରେ ୧୭ ମହିଳା ଓ ୧୧ ପୁରୁଷ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୧ଜଣ ଆହତ ହୋଇଥିବା ସାନ୍ତା କ୍ରୁଜ୍ ମେୟର ଫିଲିପ୍ ସଉସା ପ୍ରକାଶ କରିଛନ୍ତି। ପର୍ତ୍ତୁଗାଲ ରାଷ୍ଟ୍ରପତି ମାର୍ସିଲୋ ରେବେଲୋ ଡି ସଉସା ମୃତାହତ ଯାତ୍ରୀଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି।

## ୧୪ ବସ୍‌ଯାତ୍ରୀଙ୍କୁ ଗୁଳିକରି ହତ୍ୟା

କରାଚୀ,୧୮।୪(ପି.ଟି)

ଅର୍ଦ୍ଧସାମରିକ ସେନା ପୋଷାକ ପରିହିତ କେତେକ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡରେ ୧୪ ବସ୍‌ଯାତ୍ରୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ପାକିସ୍ତାନୀ ନୌସେନାର ଜଣେ କର୍ମଚାରୀ। ପାଖାପାଖି ୧୫ରୁ ୨୦ ବନ୍ଧୁକଧାରୀ ବେଲୁଚିସ୍ତାନର ମାକ୍ରନ କୋଷ୍ଟାଲ ହାଇୱେରେ କରାଚୀ ଏବଂ ଗ୍ୱାଦାର ମଧ୍ୟରେ ଯାତ୍ରା କରୁଥିବା ୫/୬ଟି ବସକୁ ଅଟକାଇଥିଲେ। ପ୍ରାୟ ୩୬ ଯାତ୍ରୀଙ୍କ ପରିଚୟପତ୍ର ଯାଞ୍ଚ୍ କରି ତନ୍ମଧ୍ୟରୁ ୧୬ ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ସେମାନଙ୍କ ଉପରକୁ ଗୁଳି ଚଳାଇବା ବେଳେ ୨ଜଣ ଖସି ପଳାଇଯାଇଥିବାରୁ ୧୪ଜଣଙ୍କ ମୃତ୍ୟୁ ଘଟିଥିବା ବେଲୁଚିସ୍ତାନ ପୋଲିସ ଆଇଜି ମହସିନ୍ ହାସନ ବଟ୍ ପ୍ରକାଶ କରିଛନ୍ତି।

## ଇସିଙ୍କୁ ଭେଟିଲେ ବିବେକ ଓବେରୟ

ନୂଆଦିଲ୍ଲୀ,୧୮।୪

'ପିଏମ୍ ନରେନ୍ଦ୍ର ମୋଦି' ଚଳଚ୍ଚିତ୍ର ରିଲିଜ୍‌କୁ ନେଇ ବିବାଦ ଲାଗି ରହିଥିବାବେଳେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବଲିଉଡ ଅଭିନେତା ବିବେକ ଓବେରୟ ଗୁରୁବାର ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ବିବେକ ଏଥିରେ ନରେନ୍ଦ୍ର ମୋଦି ଭୂମିକାରେ ଅଭିନୟ କରିଥିବା ବେଳେ ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବାରୁ ଉକ୍ତ ଫିଲ୍ମ ରିଲିଜ ଉପରେ ନିଷେଧାଜ୍ଞା ଜାରି କରାଯାଇଛି।

ଓବେରୟ କହିଲେ, ବୁଧବାର ବାୟୋପିକ୍ ଦେଖିବା ପରେ ନିର୍ବାଚନ କମିଶନ୍ ଆସ୍ଥାସୂଚକ ମନ୍ତବ୍ୟ ଦେଇଛନ୍ତି। ମୋଦିଙ୍କ ବାୟୋପିକ୍ ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିବାରୁ ଉକ୍ତ ଫିଲ୍ମ ରିଲିଜ ପାଇଁ ତୁରନ୍ତ ଅନୁମତି ମିଳିଯିବ ବୋଲି ଆଶା ଅଛି।



ଫିଲ୍ମର ପ୍ରଯୋଜକ ଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ନିର୍ବାଚନ କମିଶନ ଫିଲ୍ମ ନ ଦେଖି ଏହାର ରିଲିଜ ଉପରେ କଟକଣା ଜାରି କରିଛନ୍ତି। ତେବେ ଉକ୍ତ ଫିଲ୍ମ ଦେଖି ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।

ଓମୁଙ୍ଗ କୁମାର ନିର୍ଦ୍ଦେଶିତ ତଥା ବିବେକ ଓବେରୟ ଏବଂ ବୋମାନ ଇରାନୀ ଅଭିନୀତ ଉକ୍ତ ଫିଲ୍ମ ଭୋଟ ଗ୍ରହଣର ପ୍ରଥମ ପର୍ଯ୍ୟାୟ ୧୧ରେ ରିଲିଜ ହେବ ବୋଲି ପୂର୍ବରୁ ଧାର୍ଯ୍ୟ ହୋଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ୍ ୧୯/୨୦୧୯ | Bhubaneswar, Friday, April 19/2019 | ପୃଷ୍ଠା-୧




**ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ: ଉର୍ମିଳା**

ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ ବୋଲି ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ପ୍ରକାଶ କରିଛନ୍ତି।

୦୬

୧୭

**ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଡୁପ୍ଲେସି**

ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ନେତୃତ୍ୱ ନେବେ।








## ୧୦୦ କୋଟି ଡଲାର କ୍ଲବ୍‌ରେ ମାଇଣ୍ଡଟ୍ରି




ନୂଆଦିଲ୍ଲୀ,୧୮-୪: କମ୍ପାନୀ ପ୍ରତିଷ୍ଠା ହେବାର ଦୀର୍ଘ ୨୦ ବର୍ଷ ପରେ ମାଇଣ୍ଡଟ୍ରି ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୧୦୦ କୋଟି ଡଲାର କ୍ଲବ୍‌ରେ ସାମିଲ ହୋଇଛି। ବୃହତ ଇଞ୍ଜିନିୟରିଂ କମ୍ପାନୀ ଲାର୍ସନ ଆଣ୍ଡ ଟୁବ୍ରୋ(ଏଲ୍‌ଆଣ୍ଡଟି)ର ବଳପୂର୍ବକ ଅଧିଗ୍ରହଣ ଉଦ୍ୟମ ଭିତରେ କମ୍ପାନୀ ବୋର୍ଡ ୩୦% ଅନ୍ତରୀଣ ଲାଭାଂଶ ଘୋଷଣା କରିଛି। ଏଥିସହିତ ୨୦ବର୍ଷରେ ପଦାର୍ପଣ କରିବା ତଥା ୧୦୦କୋଟି ଡଲାର କ୍ଲବ୍‌ରେ ସାମିଲ ହେବା ଖୁସିରେ ୪୦% ଚୂଡ଼ାନ୍ତ ଏବଂ ୨୦୦% ସ୍ୱତନ୍ତ୍ର ଲାଭାଂଶ ଘୋଷଣା କରାଯାଇଛି। ସିଏଫଓ ପ୍ରଦୀପ ମେନନ କହିଛନ୍ତି ଯେ, କର୍ପୋରେଟ ଗଭର୍ନାନ୍ସ ବଦଳରେ କମ୍ପାନୀ ପୁଞ୍ଜି ବଣ୍ଟନ ନୀତି ଅନୁସାରେ ଲାଭାଂଶ ଘୋଷଣା କରିଛି। ମାଇଣ୍ଡଟ୍ରି ସିଇଓ ତଥା ଏମ୍‌ଡି ରୋଷ୍ଟୋ ରାଭାନନ କହିଛନ୍ତି ଯେ, କମ୍ପାନୀ ଚତୁର୍ଥ ତ୍ରୈମାସ ଏବଂ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସୂଚନାଯୋଗ୍ୟ ଯେ, ଓଡ଼ିଆ ଉଦ୍ୟୋଗୀ ସୁବ୍ରତୋ ବାଗ୍‌ଚୀ ଏହି କମ୍ପାନୀର ସହ ପ୍ରତିଷ୍ଠାତା ଅଛନ୍ତି।

**ଆଜିର ସମ୍ପାଦକୀୟ**

**ଅଳସୁଆ ବଢ଼ୁଛନ୍ତି**

**ଆଜିର ମନ୍ତବ୍ୟ**

" ଦେଶ କଂଗ୍ରେସ ମୁକ୍ତ ହେବା ପରେ ଯାଇ ଦାରିଦ୍ର୍ୟରୁ ମୁକ୍ତି ପାଇବ।

**-ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଓଡ଼ିଶାରେ ୬୪% ମତଦାନ



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତୁର୍ଲା ମତଦାନ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିବା ପାଇଁ ଭୋଟରମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

**ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ**

- ଇଭିଏମ୍‌ରେ ସିଲ୍ ୨୭୯ ପ୍ରାର୍ଥୀଙ୍କ ଭାଗ୍ୟ
- ୬ଟି ସ୍ଥାନରେ ଭୋଟ୍ ଗ୍ରହଣ ବାତିଲ
- ପୋଲିଂ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିଓ୍ୱେଟ ନେତା
- ସିଲ୍ ହୋଇଗଲା ନବୀନ, ନରସିଂହ, କେ.ଭି., ଜୁଏଲଙ୍କ ଭାଗ୍ୟ

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ଭୋଟ ଗ୍ରହଣ ପରେ ମିଳିଥିବା ସୂଚନା ଅନୁଯାୟୀ ମତଦାନ ୬୪ ପ୍ରତିଶତ ହୋଇଛି। ଏହି ପର୍ଯ୍ୟାୟରେ ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୭୯ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି। ମତଦାନ କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ସାମାନ୍ୟ ଧିମା ରହିଥିଲା। ପୂର୍ବାହ୍ନ ୧୦ଟା ବେଳକୁ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭୋଟ ହାରରେ ମଧ୍ୟ ବୃଦ୍ଧି ଘଟିଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡିଥିବା ବେଳେ ଅପରାହ୍ନରେ ଏହା ବୃଦ୍ଧି ପାଇଥିଲା। ମତଦାତାମାନେ ବୁଥ ସମ୍ମୁଖରେ ଲମ୍ବା ଧାଡିରେ ଛିଡା ହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡିଶା ବିଧାନସଭା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟିକା ରାଧାରାଣୀ ପଣ୍ଡା, କିଶୋର ମହାନ୍ତି, ନବ କିଶୋର ଦାସ, ପ୍ରଦୀପ ପୁରୋହିତ ପ୍ରମୁଖ ନିଜ ଅଞ୍ଚଳର ବୁଥରେ ମତଦାନ କରୁଥିବା ଦେଖିବାକୁ ମିଳିଥିଲା।

ଅପରାହ୍ନ ୫ଟା ସୁଦ୍ଧା ମତଦାନ ୬୪ ପ୍ରତିଶତ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭୋଟ ହାର ପ୍ରଥମ ପର୍ଯ୍ୟାୟ ତୁଳନାରେ କମ୍ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ଅପରାହ୍ନ ୫ଟା ସୁଦ୍ଧା ୬୬ ପ୍ରତିଶତ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨ ପ୍ରତିଶତ କମ ହୋଇଛି। ଚୂଡ଼ାନ୍ତ ଭୋଟ ପ୍ରତିଶତ ମିଳି ପାରି ନ ଥିବାରୁ ରାଜ୍ୟରେ ସମୁଦାୟ କେତେ ପ୍ରତିଶତ ମତଦାନ ହୋଇଛି ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହି ପର୍ଯ୍ୟାୟରେ ଭୋଟ ଗ୍ରହଣ ପ୍ରାୟ ୭୦ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ପ୍ରଦୀପ ଅମାତ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ବିକ୍ରମ କେଶରୀ ଆରୁଖ, ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମନାଭ ବେହେରା, ବିଜୟ ରଞ୍ଜନ ସିଂ ବରିହା, ପୂର୍ବତନ ବାଚସ୍ପତି କିଶୋର ମହାନ୍ତି, ଶାରଦା ପ୍ରସାଦ ନାୟକ, ସୁବ୍ରତ ତରାଇଙ୍କ ସମେତ ☞ପୃଷ୍ଠା-୨

**ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଭାଙ୍ଗିଲେ ଭାଜପା ପ୍ରାର୍ଥୀ**

# ସିଇଓଙ୍କୁ ଦିଆଯିବ ରିପୋର୍ଟ: ଜିଲାପାଳ

**ଛତ୍ରପୁର/ସୋରଡା,୧୮।୪(ଡି.ଏନ୍.ଏ.)**

**ଭିଡିଓ ରେକର୍ଡିଂ, ସିସି କ୍ୟାମେରା ବ୍ୟବସ୍ଥା ନ ଥିଲା**



ଭାଜପା ସମର୍ଥକମାନେ ରିଗିଂ ଅଭିଯୋଗରେ ସୋରଡା ଆଡପମଣ୍ଡପରେ ରାସ୍ତାରୋକୋ କରିଛନ୍ତି।

ଗଞ୍ଜାମ ଜିଲା ସୋରଡା ବ୍ଲକ ରେଣ୍ଟି ବୁଥ୍‌ରେ ଗୁରୁବାର ଭୋଟ ଚାଲିଥିବା ବେଳେ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଭାଙ୍ଗିବା ନେଇ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କ ନାଁରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ପଚାରିବାରେ ୧୮୨ ନଂ. ରେଣ୍ଟି ବୁଥ୍‌ରେ ଭୋଟ ଚାଲିଥିବା ବେଳେ ଭାଜପା ପ୍ରାର୍ଥୀ ନୀଳମଣି ୮ ରୁ ୧୦ଜଣ ସହଯୋଗୀଙ୍କୁ ନେଇ ରେଣ୍ଟି ବୁଥ୍‌ରେ ଜବରଦସ୍ତ ପଶିବା ସହ ଅରାଜକତା ସୃଷ୍ଟି କରିଥିଲେ। ଏଥିସହ ବୁଥ୍‌ରେ ଥିବା ପ୍ରିଜାଇଡିଂ ଅଫିସରଙ୍କର କାର୍ଯ୍ୟରେ ବାଧା ଦେଇଥିଲେ। ପରେ ସୋରଡ଼ା ବିଧାନସଭା ଆସନ ପାଇଁ ଉଦ୍ଦିଷ୍ଟ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍‌କୁ ନୀଳମଣି ଭାଙ୍ଗି ଦେଇଥିଲେ। ଏହା ଫଳରେ ଉକ୍ତ ବୁଥ୍‌ରେ ଭୋଟ ଅଧାରୁ ବନ୍ଦ ହୋଇଥିଲା। ଏହି ଘଟଣା ନେଇ ସୋରଡା ଥାନାରେ ଏତଲା ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ରିପୋର୍ଟ ପଠାଯିବ ଏବଂ ଏହା ଉପରେ ସେ ନିଷ୍ପତ୍ତି ନେବେ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ଉକ୍ତ ବୁଥ୍ ସମ୍ବେଦନଶୀଳ ନ ଥିବାରୁ ସେଠାରେ ୱେବ କାଷ୍ଟିଂ, ଭିଡିଓ ରେକର୍ଡିଂ, ସିସି କ୍ୟାମେରା କିମ୍ବା ଷ୍ଟିଲ୍ ଫଟୋଗ୍ରାଫି ବ୍ୟବସ୍ଥା ନ ଥିଲା ବୋଲି ଯୋଗାଯୋଗ ବେଳେ ଜିଲାପାଳ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ନୀଳମଣି କହିଛନ୍ତି, ହିଞ୍ଜଳକୁଦା, ରେଣ୍ଟି ଓ ତାକରଡା ଗ୍ରାମର ୩ ବୁଥ୍‌ରେ ଗୁରୁବାର ଭୋଟ ଗ୍ରହଣ ବେଳେ ରିଗିଂ ହୋଇଥିବା ଖବର ପାଇଥିଲେ। ସେ ଉକ୍ତ ବୁଥ୍ ପରିଦର୍ଶନରେ ଯାଇଥିବା ବେଳେ କେତେକ ଯୁବକ ରିଗିଂ ☞ପୃଷ୍ଠା-୨







ସତ୍ୟମେବ ଜୟତେ

**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-03
15001/13/0004/1920


**କିଛି ତଥ୍ୟ**

ଦେଶରେ ବର୍ତ୍ତମାନ ୧୮ ବିଲିୟନ ଡଲାରର ଇ-କମର୍ସ ରିଟେଲ ବଜାର ରହିଥିବା ବେଳେ ଏହା ୨୦୩୦ ବେଳକୁ ୧୭୦ ବିଲିୟନ ଡଲାର ଟପିବ।

- ଜେଫେରିଜ୍ ରିପୋର୍ଟ







NECC NATIONAL EGG CO-ORDINATION COMMITTEE 18.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 142 | 152 |
| DKL | 89 | 144 | 154 |
| BDK | 89 | 144 | 154 |
| BLS | 90 | 145 | 155 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


## ମୃତ ଜିଆରଏସ୍‌ଙ୍କ ସମ୍ପର୍କୀୟଙ୍କୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମିଳିବ

**ଭୁବନେଶ୍ୱର,୧୮।୪ (ବ୍ୟୁରୋ)**

ଗ୍ରାମ ରୋଜଗାର ସେବକ (ଜିଆରଏସ) ସଂଯୁକ୍ତା ଦିଗଲଙ୍କ ସମ୍ପର୍କୀୟଙ୍କୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମିଳିବ ବୋଲି ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। ସଂଯୁକ୍ତା ବୁଧବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାରାହାଲା ଗ୍ରାମର ୧୨ ନମ୍ବର ବୁଥକୁ ପୋଲିଂ ପାର୍ଟି ଚେକିଂରେ ଯାଉଥିଲେ। ସେହିଗାଡ଼ିରେ ଆସିଷ୍ଟାଣ୍ଟ ସେକ୍ଟର୍ ଅଫିସର (ଏଏସ୍ଓ) ପ୍ରକାଶ ଦାସଙ୍କ ସହ ଅନ୍ୟମାନେ ଯାତ୍ରା କରୁଥିଲେ। ହେଲେ ମାଓବାଦୀଙ୍କ ଗୁଳିରେ ଘଟଣାସ୍ଥଳରେ ସଂଯୁକ୍ତାଙ୍କର ମୃତ୍ୟୁ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୋମ୍
ପରିବାରବର୍ଗ


ଗୁଗୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...


### ଓଡ଼ିଶାରେ ୬୪%...

କେତେକ ନବାଗତ ରାଜନେତାଙ୍କ ରାଜନୈତିକ ଭାଗ୍ୟ ଇଭିଏମରେ ସିଲ ହୋଇ ଯାଇଛି। ସେହିପରି ୫ଟି ଲୋକ ସଭା ଆସନରୁ ନିର୍ବାଚନ ଲଢୁଥିବା ଏମପି କଳିକେଶ ନରାୟଣ ସିଂଦେଓ, ସଙ୍ଗୀତା କୁମାରୀ ସିଂଦେଓ, ଅଚ୍ୟୁତ ସାମନ୍ତ, ଐର ଖାରବେଳ ସ୍ୱାଇଁ, ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା, କଂଗ୍ରେସ ପ୍ରାର୍ଥୀ ଜର୍ଜ ତିର୍କୀଙ୍କ ଭାଗ୍ୟ ମଧ୍ୟ ଇଭିଏମରେ ସିଲ୍ ହୋଇଯାଇଛି।

କାଁ ଭାଁ ଗଣ୍ଡଗୋଳକୁ ଛାଡି ଦେଲେ ରାଜ୍ୟରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି। କେତେକ ସ୍ଥାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭୋଟ ଗ୍ରହଣରେ ବିଳମ୍ବ ହୋଇଥିଲା। ଏପରିକି ୬ଟି ମତଦାନ କେନ୍ଦ୍ରରେ ଇଭିଏମ ଓ ଭିଭିପିଏଟି ମେଶିନ ଖରାପ ଏବଂ ପୋଲିଂ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ମତଦାନ ହୋଇପାରି ନାହିଁ। ସେହି ମତଦାନ କେନ୍ଦ୍ରଗୁଡିକ ହେଲା ସୁନ୍ଦରଗଡର ୨୧୩ ନମ୍ବର ବୁଥ, ବଣାଇର ୧୨୯, ଦଶପଲ୍ଲାର ୨୧୦ ଓ ୨୨୨, ଅତାବିରାର ୨୩୫ ଏବଂ ବରଗଡର ୬୮ ନମ୍ବର ବୁଥ। ସେହି ବୁଥଗୁଡିକରେ ପରିଚାଳନାଗତ ତ୍ରୁଟି ଦେଖାଯାଇଥିଲା। ଫଳରେ ମତଦାନକୁ ବାତିଲ କରାଯାଇଛି। ପୋଲିଂ କର୍ମଚାରୀଙ୍କ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଦୋଷୀ ପୋଲିଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି ବଲାଙ୍ଗୀର ଜିଲାର ଲୋଇସିଂହା, ତୁରେଇକେଲା, କୁରେଇ, ଅଙ୍ଗଲପୁର ଏବଂ ଟିଟିଲାଗଡର କେତେକ ବୁଥରେ ମଧ୍ୟ ଇଭିଏମ ସମସ୍ୟା ଦେଖା ଦେଇଥିଲା। ସୋନପୁର ଜିଲାର ସାଗରପାଲିର ୨୦୪ ଓ ୨୦୫ରେ ଇଭିଏମ ସମସ୍ୟା ଦେଖା ଦେଇଥିଲା। ଫୁଲବାଣୀ, ଦଶପଲା, ହିଞ୍ଜିଳି ଆଦି ନିର୍ବାଚନ ମଣ୍ଡଳୀର କେତେକ ବୁଥ୍‌ରେ ଇଭିଏମ ସମସ୍ୟା ଯୋଗୁ ଭୋଟ ଗ୍ରହଣ ବିଳମ୍ବ ହୋଇଥିବା ଜଣାପଡିଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩୫ ବିଧାନସଭା ପାଇଁ ୨୪୪ ଏବଂ ୫ଟି ଲୋକ ସଭା ଆସନ ପାଇଁ ୩୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଲୋକ ସଭା ଆସନରେ ୩୦ ଜଣ ପୁରୁଷ ଓ ୫ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଧାନସଭା ଆସନରେ ୨୧୯ ପୁରୁଷ ଓ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଚଳିତ ନିର୍ବାଚନରେ ୭୬ ଲକ୍ଷ ୯୩ ହଜାର ୧୨୩ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୯ ଲକ୍ଷ ୪୫ ହଜାର ୦୨୫ ଜଣ ପୁରୁଷ ମତଦାତା ରହିଥିବା ବେଳେ ୩୭ ଲକ୍ଷ ୪୭ ହଜାର ୪୯୩ ମହିଳା ଏବଂ ୬୦୫ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି।

### ସିଇଓଙ୍କୁ ଦିଆଯିବ...



କରୁଥିବା ଦେଖିଥିଲେ। ପରେ ସେମାନେ କାର ଯୋଗେ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାକୁ ନେଇ ନୀଳମଣି ସୋରଡା ଆଡପମଣ୍ଡପରେ ସମର୍ଥକମାନଙ୍କ ସହ ଧାରଣାରେ ବସିଥିଲେ। ଏଏସ୍‌ପି ସୀତାରାମ ଶତପଥୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସୋରଡା ଥାନା ଅଧିକାରୀ ପ୍ରଭାତ ସାହୁ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ପରେ ନୀଳମଣି ସୋରଡା ଥାନାରେ ଏତଲା ଦେଇଛନ୍ତି। ରିପୋର୍ଟ ଲେଖା ହେବାବେଳକୁ ଥାନା ସମ୍ମୁଖରେ ଶତାଧିକ ଭାଜପା କର୍ମୀ ରୁଣ୍ଡ ହୋଇଥିଲେ। ଉକ୍ତ ବୁଥ୍‌ଗୁଡିକରେ ପୁନଃ ମତଦାନ ପାଇଁ ସେ ଦାବି କରିଛନ୍ତି। ଏନେଇ ଏବିଡିଓ ସୁଶିଲ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିଡିଓ ସୀମାଞ୍ଚଳ ପ୍ରଧାନ ଉକ୍ତ ବୁଥ୍‌କୁ ଯାଞ୍ଚ ପାଇଁ ଯାଇଛନ୍ତି। ଫେରିଲା ପରେ ଯାହା ଜଣାପଡିବ।

# ଭୋଟ ବେଳେ ପଶ୍ଚିମବଙ୍ଗରେ ହିଂସା

- ସିପିଆଇଏମ୍ ନେତାଙ୍କ କାରକୁ ଆକ୍ରମଣ
- ପୋଲିସକୁ ଢେଲାମାଡ଼

**କୋଲକାତା,୧୮।୪**

ପଶ୍ଚିମବଙ୍ଗର ତିନୋଟି ଆସନରେ ଗୁରୁବାର ମତଦାନ ହୋଇଥିବାବେଳେ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ସିପିଆଇଏମ୍ ପ୍ରାର୍ଥୀ ମହମ୍ମଦ ସଲିମ ରାଇଗଞ୍ଜ ନିର୍ବାଚନମଣ୍ଡଳୀର ପାଟଗୋରା ବୁଥ୍‌କୁ ଭୋଟଦେବାକୁ ଯାଉଥିବାବେଳେ ତାଙ୍କ କାର ଉପରକୁ ଢେଲାମାଡ଼ ହୋଇଥିଲା। ସଲିମ୍ କଂଗ୍ରେସ ଏମ୍‌ପି ଦୀପା ଦାସମୁନ୍‌ସୀଙ୍କ ବିରୋଧରେ ନିର୍ବାଚନ ଲଢୁଛନ୍ତି। ତୃଣମୂଳ ସମର୍ଥିତ ଦୁର୍ବୃତ୍ତମାନେ ଇସ୍‌ଲାମପୁରର ପାଟଗୋରା ବୁଥ୍‌ର ୧୦୦ ମିଟର ପରିଧି ମଧ୍ୟରେ ରୁଣ୍ଡ ହୋଇ ଭୋଟରଙ୍କୁ ପ୍ରଭାବିତ କରୁଥିଲେ ବୋଲି ସଲିମ୍ ଅଭିଯୋଗ କରିଛନ୍ତି। ତୃଣମୂଳ ଗୁଣ୍ଡାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ କହିଛନ୍ତି। ସେହିପରି ରାଇଗଞ୍ଜ ନିର୍ବାଚନ ମଣ୍ଡଳୀର କଟାଫୁଲବାରି ବୁଥ୍‌କୁ ରିପୋର୍ଟ ସଂଗ୍ରହ କରିବାକୁ ଯାଇଥିବା ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲର ଜଣେ ଖବରଦାତା ଓ କ୍ୟାମେରାମ୍ୟାନଙ୍କୁ ମାଡ଼ ଅଭିଯୋଗ ହୋଇଛି। ଉତ୍ତର ଦିନାଜପୁର ଜିଲାର ଚୋପ୍ରାଠାରେ ଭୋଟଗ୍ରହଣ କେନ୍ଦ୍ରରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ନ ହେବା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଢେଲା ଫିଙ୍ଗିବା ସହ ବୋମାମାଡ କରିବାରୁ ସେମାନଙ୍କୁ ଘଉଡାଇବାକୁ ଯାଇ ସୁରକ୍ଷା ବାହିନୀ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଥିଲା। ପୋଲିସ ତିନି ଜଣଙ୍କୁ ଅଟକ ରଖିଛି।

ବିଭିନ୍ନ ସ୍ଥାନରେ ତୃଣମୂଳ କଂଗ୍ରେସ କର୍ମୀମାନେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। ଶାସକ ଦଳ ବୁଥ୍ ଜବରଦଖଲ କରିବାକୁ ଯୋଜନା କରିଥିଲା। ଯେଉଁଥିପାଇଁ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ମୁତୟନ କରାଯାଇ ନ ଥିଲା ବୋଲି ସିପିଆଇଏମ୍ ନେତା ଅଭିଯୋଗ କରିଛନ୍ତି। ଗିରପାର ବୁଥ୍‌ରେ କିଛି ଲୋକଙ୍କୁ ଭୋଟ ଦେବାକୁ ଛଡା ନ ଯିବାରୁ ସେମାନେ ୩୪ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ଦାର୍ଜିଲିଂ, ରାଇଗଞ୍ଜ ଏବଂ ଜଲପାଇଗୁଡ଼ି ଆସନରେ ମତଦାନ ହୋଇଛି।

# ୪୦.୮°ରେ ମାଲକାନଗିରି: ୨୨ ପର୍ଯ୍ୟନ୍ତ କାଳବୈଶାଖୀ

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ରାଜ୍ୟରେ ପୂର୍ବାପେକ୍ଷା ଗୁରୁବାର ସାମାନ୍ୟ ତାପମାତ୍ରା କମିଛି। କିନ୍ତୁ ଗରମ, ଗୁଳୁଗୁଳି ଯେଉଁଭଳି ଅନୁଭୂତ ହେଉଥିଲା, ସେଥିରେ କୌଣସି ପରିବର୍ତ୍ତନ ହୋଇନି। ଗୁରୁବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସୁନ୍ଦରଗଡ଼ ୪୦.୫, ଭବାନୀପାଟଣା, ୩୯.୮, ଅନୁଗୋଳ ୩୯.୧, ସୋନପୁର ୩୮.୮, ଭୁବନେଶ୍ୱର ୩୮.୭, ତାଳଚେର ୩୮.୬, କଟକ ୩୭.୮, ଝାରସୁଗୁଡ଼ା ୩୭.୩, ସମ୍ବଲପୁର ୩୮.୨ ଓ ହୀରାକୁଦ ୩୭.୧ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଶୁକ୍ରବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ଗଞ୍ଜାମ ଆଦି ଜିଲାରେ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହିତ ଘଡ଼ଘଡ଼ି ମାରିବା ସମ୍ଭାବନା ରହିଛି। ଉପକୂଳ ଓଡ଼ିଶା ସମେତ କନ୍ଧମାଳ ଓ ଅନୁଗୋଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜାରି ରହିବ। ଦୁଇରୁ ତିନିଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାରେ ୨-୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ଶୁକ୍ରବାର ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପୂର୍ବାହ୍ନ ଏବଂ ସନ୍ଧ୍ୟା ସମୟରେ ମେଘୁଆ ପାଗ ସହିତ ସାମାନ୍ୟ ବର୍ଷା ସମ୍ଭାବନା ରହିଛି। ଏହି ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଓ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଗୁରୁବାର ଆସ୍କାରେ ଜଣେ ୯୫ ବର୍ଷୀୟ ବୃଦ୍ଧଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଆସ୍କା ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାନଖେମୁଣ୍ଡି କଂସାମାରି ବୁଥ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ବୃଦ୍ଧ ଜଣକ ଧାଡ଼ିରେ ଛିଡ଼ା ହୋଇଥିଲେ। ହଠାତ୍ ତଳେ ପଡ଼ିଯିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ପ୍ରତ୍ୟୁଷରେ ଷଷ୍ଠଚନ୍ଦ୍ର କିଛି ସମୟ ରହୁଥିବାରୁ ଆପଣଙ୍କ ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ପ୍ରଶସ୍ତ ରହିବ। କିନ୍ତୁ ସକାଳ ଘ୭।୦୦ମି. ପରଠାରୁ ରବିଙ୍କ ପୂର୍ଣ୍ଣ କିରଣ ପ୍ରାପ୍ତ ଚନ୍ଦ୍ର ଆପଣଙ୍କୁ ବନ୍ଧୁମିଳନ, ଆନୁଷ୍ଠାନିକ କର୍ମ ଓ ସଭାସମିତି ସକାଶେ ଅନୁକୂଳତା ପ୍ରଦାନ କରିବ। ଉଚ୍ଚ ସ୍ତରରେ ସମ୍ପର୍କ ସ୍ଥାପିତ ହେବ।

**ବୃଷ**
ରାଶିରେ ମଙ୍ଗଳ ମାନସିକ ଉତ୍ତେଜନା ଅବ୍ୟାହତ ରଖିଲେ ମଧ୍ୟ ଚନ୍ଦ୍ରଙ୍କ ପରୋକ୍ଷ ସମ୍ବନ୍ଧ କେତେକାଂଶରେ ବନ୍ଧୁମାନଙ୍କ ପରାମର୍ଶକୁ ସ୍ୱାଗତ କରିପାରେ। ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତବୁଦ୍ଧି ଖଟାଇ କାମ ହାସଲ କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ।

**ମିଥୁନ**
ଆଜି ଆପଣ ବନ୍ଧୁମାନଙ୍କ ନିମନ୍ତ୍ରଣ ରକ୍ଷାକରି ଆନୁଷ୍ଠାନିକ କାମରେ ଯୋଗ ଦେଇପାରନ୍ତି। ବୁଧଙ୍କ ଦୁର୍ବଳତା ପରିପ୍ରେକ୍ଷୀରେ ଗତକାଲିର ପରିଶ୍ରମଜନିତ ଆଜି ସକାଳୁ ଦେହଟା ଟିକିଏ ଭଲ ଲାଗି ନ ପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବ ହୋଇପାରେ।

**କର୍କଟ**
କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବ୍ୟସ୍ତତା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହଯୋଗୀ ମନୋଭାବ କାମକୁ ଆଗକୁ ବଢାଇ ନେବାରେ ସାହାଯ୍ୟ କରିବ। ଅଟକି ରହିଥିବା ନିର୍ମାଣାଧୀନ କାମ ହଠାତ୍ ଆରମ୍ଭ କରିବେ। ବାଣିଜ୍ୟ ଓ ପରିବହନରେ କ୍ଷତିରେ ପଡିବାର ଆଶଙ୍କା ରହିଛି।

**ସିଂହ**
ଆଜି ଯେତେ ପ୍ରକାରର ପ୍ରତିବନ୍ଧକ ଆସୁନା କାହିଁକି ଆପଣ ତାହାର ସାମନା କରି ଯଥା ବିହିତପ୍ରତିକାର ମୂଳକ ପଦକ୍ଷେପ ନେବେ। ପାରିବାରିକ ସମସ୍ୟା ବିଜଡିତ ମନ ହେତୁ ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଗୃହ ଜମି, ପରିବହନ ପ୍ରଭୃତିରେ ସମସ୍ୟା ରହିବ ନାହିଁ। ଶିକ୍ଷା, ଲେଖାପଢା କ୍ଷେତ୍ରରେ କିଛି ଗଡବଡ୍ ରହିପାରେ।

**କନ୍ୟା**
ଆଜି ସକାଳର ବ୍ୟସ୍ତତା ଅଳ୍ପ କେତେ ସମୟ ପରେ ଦୂର ହୋଇଯିବ। ଅବଶ୍ୟ ଏ ଦିଗରେ ଆତ୍ମୀୟ ସ୍ୱଜନ ଓ ହିତୈଷୀମାନଙ୍କ ମନ୍ତ୍ରଣା କାମ କରିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। କିନ୍ତୁ ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଉଚ୍ଚ ସ୍ଥାନରେ ରବି ଓ ରାଶ୍ୟାଧିପ ଶୁକ୍ର ସାଙ୍ଗକୁ ରାହୁ ଆପଣଙ୍କ ଆଶା ଓ ଭରସାକୁ ଋଦ୍ଧିମନ୍ତ କରିବେ। ଏଣେ ଚନ୍ଦ୍ର ଓ ମଙ୍ଗଳଙ୍କ ପ୍ରଭାବ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ସହାଯ୍ୟ, ସହଯୋଗର ଅବାରିତ ଧାରା ମନକୁ ଉତ୍ସାହିତ କରିବାରେ ସାହାଯ୍ୟ କରିବ। ଆଜି ବାଧିଲା ଭଳି କଥା କହିବା ଦ୍ୱାରା ଘରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ବିଛା**
ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଯୋଗୁ ଆପଣଙ୍କ କୌଣସି କାମ ଶୃଙ୍ଖଳିତ ରହି ନ ପାରେ। ଲାଭସ୍ଥାନକୁ ତିନୋଟି ଗ୍ରହଙ୍କ ଦୃଷ୍ଟି ପ୍ରଭାବରେ ଆପଣଙ୍କ ଚେଷ୍ଟାରେ ନିରାଶ ହେବେ ନାହିଁ। ଭଲ ସମ୍ପର୍କ ନ ଥିବା ବନ୍ଧୁ ପଛରେ ନାନା କଥା କହିପାରନ୍ତି। ରାଜନୈତିକ, ପ୍ରଶାସନିକ କ୍ଷେତ୍ରରେ ଉନ୍ନତ ସୁଫଳ ମିଳିବ।

**ଧନୁ**
ବ୍ୟବସାୟରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂତନ କର୍ମାରମ୍ଭ,ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ସକାଶେ ଦିନଟି ମନ୍ଦ ନୁହେଁ।

**ମକର**
ନିକଟସ୍ଥ ସମ୍ପର୍କୀୟମାନଙ୍କ ସହାୟତାରେ ଆପଣଙ୍କ ଚେଷ୍ଟା ଫଳବତୀ ହେବ। ତୃତୀୟସ୍ଥ ଗ୍ରହ ପ୍ରଭାବରେ ନିଜ କାମ ଛାଡି ପରକାର୍ଯ୍ୟରେ ତତ୍ପରତା ପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ବ୍ୟବସାୟରେ ପର କଥାରେ ଭାସି ନ ଯାଇ ବିଚାରପୂର୍ବକ କାମ ନ କଲେ ହଇରାଣ ହେବାକୁ ପଡିପାରେ।

**କୁମ୍ଭ**
ଦିନଟି ବହୁତ ଭଲ। ଯେମିତି ଚିନ୍ତା କରୁଛନ୍ତି ସେହିପରି କାର୍ଯ୍ୟ ସାଧନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରେ ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହେବେ।

**ମୀନ**
କର୍ମସ୍ଥାନ ପ୍ରତି ରାହୁଙ୍କ ଦୃଷ୍ଟି ହେତୁ ସମସ୍ୟା ମଧ୍ୟରେ ଆପଣ କାର୍ଯ୍ୟ ସମ୍ପନ୍ନ କରିବେ। କିନ୍ତୁ ରାଶିରେ ଶୁକ୍ର ଓ ବୁଧ ଆପଣଙ୍କ ଦୈହିକ ଓ ମାନସିକ ଭାବାବେଗକୁ ଉତ୍ଫୁଲ୍ଲିତ ରଖିପାରନ୍ତି। ରବିଙ୍କ ମୁଖଭାବରେ ସ୍ଥିତି ପ୍ରଭାବରେ ଆପଣଙ୍କ ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନ କରି ସମ୍ମାନ ପ୍ରଦାନରେ ସାହାଯ୍ୟ କରିବ।

ଆଜି ଚୈତ୍ର ପୂର୍ଣ୍ଣିମା ଶୁକ୍ରବାର, ଶ୍ରୀମନ୍ଦିରରେ ଲଙ୍କାପୋଡି ପ୍ରସ୍ତାବ, ବୈଶାଖ ବ୍ରତାରମ୍ଭ,ଗୁଡ୍ ଫ୍ରାଇଡେ ବା ଇଷ୍ଟର ଶୁକ୍ରବାର, ଏପ୍ରିଲ ୧୯ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୮।୫୮ମି. ଗତେ ତୁଳାଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୦ମି. ମଧ୍ୟେ ଘ୮।୩୪ମି. ଗତେ, ଘ୧୦।୦୯ମି. ମଧ୍ୟେ ଘ୪।୨୮ମି. ଗତେ, ଘ୬।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୦୦ମି. ଗତେ ଘ୮।୩୪ମି. ମଧ୍ୟେ, ଘ୧୧।୪୪ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୨ମି. ଗତେ ଘ୧୧।୪୬ମି. ମଧ୍ୟେ ରାହୁକାଳ।



# classifieds Every Day

0674-2580101




**SALE**

6 months old- TATA SFC 407 Truck, No-OD02AY9463 for immediate sale. Interested person contact on 9439857250, 7008818470. D- 66096




**SALE**

Gharabari boundary wall plot for sale near Rangabazar, Bhubaneswar. Contact owner: 9040432066, 9437068666. D-12209

**1800 sqft. plot near main road Patia Big Bazar @ 5000/- sqft. only buyer to contact owner: 7682019937.** D-12207

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D- 66125

ଭୁବନେଶ୍ୱର କଣ୍ଟାବାଡ଼/ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

2400 sft. GA plot sale at SUM Hospital, (Bharatpur), Bhubaneswar. Contact Deepak- 9937329999 (Brokers excuse). D-66217

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

2BHK simplex 24,50,000/- finishing Hanspal, gharabari plot- Ranga bazar, Atala: 8596859688. D-66434

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

Yellowzone plot with boundary near Sai Temple, Tankapani Road, Uttara square. 8144344542. D- 66349

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520. D- 66350

Book 4BHK flat, near AIIMS square, NH5 1622 sqft. @ 65lac. 7978584549 (Broker not allowed). D-66097

ଭୁବନେଶ୍ୱର Tamando Kendriya Vihar କଲୋନୀଠାରେ yellowzone 30' road plot କିଣନ୍ତୁ। 9348767829. D-66347

Tamando ବଜାର ପଛପଟେ 30' ଥାଇ ଘରବାରି boundary plot ବିକ୍ରିହେବ। 9778556265. D-66346

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

Now Matrimonial ads. only on Wednesday & Sunday Book 1 Get 1 FREE

A prime plot measuring 1750 sqft (50'x35') with boundary wall adjacent to NH very close to Gohira Chhak, near Tamando, Bhubaneswar infront of petrol pump for sale. Genuine Buyers only contact owner- 8144637121, 9437139721. D-66218

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-12222

**LEASE**

Land requires on basis of outright, sharing, marketing. 9583295832, 9437261587. D-12164




3BHK flat, back side of Vishal (Venus Royal Hyde) Rasulgarh, available for rent. Contact: 9437010602. D-12208

**At Samanta Vihar near Kalinga Hospital chhaka first and second floor: garage, five big rooms, two halls, three toilets for office cum residence, clinic etc. Monthly rent- 35,000/- 9938373823, 9861119281.** D-66219

Three BHK near Kalinga Hospital Bhubaneswar, rent corporate office/ family. 7008295019 D-12210

**4000 sqft. godown for rent at BJB Nagar, Kalpana, Bhubaneswar. 9040071079** D-65882




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Sampark ayurvedic massage club fully relaxed by smart lady, home service available. 8280102993. D-65873

Physiotherapy, full body massage by trained Ladies/ Gents Therapist: 7008773793. D-66432

Herbal full body massage with refreshment by well trained therapist. 7381239385, 0674-2540855. D-66090


Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094




Join computer teacher's, training course earn stipend and placement- 7077280492. D-63944

**LOST**

ମୋର ରେଭେନ୍‌ସା ୟୁନିଭରସିଟି ମାଇଗ୍ରେସନ ସାର୍ଟିଫିକେଟ ଗତ ୧୫।୦୪।୧୯ ରିଖ ଦିନ ମହାବୀର ନଗରଠାରୁ ସାମନ୍ତରାପୁର ରାସ୍ତା ମଧ୍ୟରେ କେଉଁଠାରେ ହଜିଯାଇଛି। ଯଦିକେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ସୌମ୍ୟ ମହାନ୍ତି, ପି: ସୁଶାନ୍ତ ମହାନ୍ତି, ମହାବୀର ନଗର, ସାମନ୍ତରାପୁର, ଭୁବନେଶ୍ୱର। ଧ-୬୫୮୮୦

**AFFIDAVIT**

By virtue an affidavit before Executive Magistrate, Dhenkanal, I declare that my name has been changed from Bindubashini Das to Bindubasini Das. Henceforth I shall be known as Bindubasini Das, W/o. Panchanan Das for all purposes. D-62094

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।







■ ଅନୁଗୋଳ-ଢେଙ୍କାନାଳରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

# 'ମୁଁ ଥିବା ଯାଏ କାଳିଆ ଥିବ'

ଅନୁଗୋଳ ଅଫିସ/ ବନ୍ତଳା/ ପାଲଲହଡ଼ା/ ଢେଙ୍କାନାଳ ଅଫିସ/ ପରଜଙ୍ଗ/ ଓଡାପଡା, ୧୮।୪

କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। କିନ୍ତୁ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛି। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ଗୁରୁବାର ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ମାରାଥନ ପ୍ରଚାର ବେଳେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପରି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ବିଜେଡିର ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଓ ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସେ ନିବେଦନ କରିଛନ୍ତି।

ଏହି ଅବସରରେ କେନ୍ଦ୍ରର ଭାଜପା ସରକାରକୁ ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ନିର୍ବାଚନ ଆସିଲେ ଭାଜପାର ବଡ଼ବଡ଼ ନେତା ଆସି ଭୋଟ ମାଗୁଛନ୍ତି। ଏମାନେ ଓଡ଼ିଶାରେ କୋଇଲା କାରବାର କରୁଛନ୍ତି। ଏମ୍‌ସିଏଲ୍ ଓ ଏନ୍‌ଟିପିସିରୁ ହଜାର ହଜାର କୋଟି ଟଙ୍କା ଲାଭ ପାଉଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ଉନ୍ନତି ପାଇଁ କ'ଣ କରିଛନ୍ତି। ୫ ମିନିଟ୍‌ର କାମକୁ ୫ ବର୍ଷ ଲଗାଉଛନ୍ତି। ଏମାନେ କ'ଣ କଣ୍ଟ୍ରାକ୍ଟର ବନ୍ଧୁମାନଙ୍କ ପାଇଁ କାମ କରୁଛନ୍ତି କି ବୋଲି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଥିଲେ। ଏପରି ନେତାଙ୍କ ଉଦ୍ଦେଶ୍ୟ ଓଡ଼ିଶାବାସୀ ଭଲଭାବେ ଜାଣିଛନ୍ତି ବୋଲି କହି ମୁଖ୍ୟମନ୍ତ୍ରୀ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଥିଲେ। ରାଜ୍ୟରେ ପୁଣିଥରେ ବିଜେଡି ସରକାର ଗଠନ ହେବାର ଗୋଟିଏ ଦିନ ମଧ୍ୟରେ କାଳିଆ ଯୋଜନା ବାବଦ ଦୁଇଟି କିସ୍ତିର ୧୦ ହଜାର ଟଙ୍କା ଚାଷୀଙ୍କ ଜମାଖାତାକୁ ଯିବ। ବିଜେଡି ମହିଳାମାନଙ୍କୁ ତାଙ୍କ ହକ୍ ଦେଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମହିଳାମାନେ ହେଉଛନ୍ତି ବିକାଶର ପ୍ରକୃତ ଡବଲ ଇଞ୍ଜିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ପୂର୍ବାହ୍ନ ୧୦ଟା୨୦ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ପାଲଲହଡ଼ା ନିର୍ବାଚନମଣ୍ଡଳୀର ଖମାର କଲେଜ ପଡିଆରେ ପହଞ୍ଚି ଆୟୋଜିତ ନିର୍ବାଚନୀ ସଭାରେ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ। ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଳ ଓ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ମହେଶ ସାହୁଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ପରେ ଢେଙ୍କାନାଳ ଜିଲାର ପରଜଙ୍ଗ ଷ୍ଟାଡିୟମଠାରେ ପୂର୍ବାହ୍ନ ୧୧ଟାରେ ପହଞ୍ଚି ଦଳୀୟ ବିଧାୟକ ପ୍ରାର୍ଥୀ ଡା. ନୃସିଂହ ଚରଣ ସାହୁ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେଠାରୁ ଆସି ୧୧ଟା ୫୫ରେ ଅନୁଗୋଳ ବନ୍ତଳା ଛକ ଶଙ୍ଖପୁର

- ■ ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କଲେ
- ■ ମହିଳାଙ୍କୁ ହକ୍ ଦେଇଛି ବିଜୁ ଜନତା ଦଳ
- ■ ଭାଜପା, ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଟାର୍ଗେଟ୍

ମଦନମୋହନ ପଡ଼ିଆ ନିର୍ବାଚନୀ ସଭାରେ ଯୋଗ ଦେଇ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଢେଙ୍କାନାଳ ଜିଲା ଗୁଡିଆକାଟେଣୀସ୍ଥିତ ଦଶଦେବୀ ପଡିଆଠାରେ ମଧ୍ୟାହ୍ନ ସାଢେ ୧୨ଟା ଓ ଗଁଦିଆ ଷ୍ଟାଡିୟମଠାରେ ଅପରାହ୍ନ ୧ଟା ୧୦ରେ ପହଞ୍ଚି ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ଗୁଡିଆକାଟେଣୀ ସଭାରେ ବିଧାୟିକା ପ୍ରାର୍ଥୀ ସୀମାରାଣୀ ନାୟକ ଓ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ଗଁଦିଆ ଷ୍ଟାଡିୟମଠାରେ ଆୟୋଜିତ ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଉପସ୍ଥିତ ଥିଲେ। ସେହିପରି ସମସ୍ତ ନିର୍ବାଚନୀ ସଭାରେ ବିଜେଡି ଏମ୍‌ପି ପ୍ରାର୍ଥୀ ମହେଶ ସାହୁ ଉପସ୍ଥିତ ଥିଲେ।




## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ଭାପୁର,୧୮।୪(ଡି.ଏନ.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡିବା ପରେ ଉତ୍ତ୍ୟକ୍ତ ଲୋକେ ବୁଧବାର ସଂପୃକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ଫତେଗଡ଼ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଜିତୁ ମହାରଣା(୩୫)। ତାଙ୍କୁ ପୋଲିସ ଗିରଫ କରିଛି ।

ସୂଚନା ଅନୁଯାୟୀ, ନାବାଳିକା ଜଣକ ବାପାଙ୍କ ମୋପେଡ୍‌ରେ ବାହାଡ଼ାଛକକୁ ଆସୁଥିଲେ। ବନମାଳୀପୁର-ବାହାଡ଼ା ରାସ୍ତାରେ ତାଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ଏହି ସମୟରେ ସେହି ବାଟ ଦେଇ ଜିତୁ ବାଇକ୍‌ରେ ଯାଉଥିଲେ। ସେ ନାବାଳିକାଙ୍କ ବାପାଙ୍କୁ ଦେଖି ତାଙ୍କ ବାଇକ୍‌ରେ ଝିଅକୁ ନେଇ ବାହାଡ଼ା ଛକରେ ଛାଡି ଦେବି ବୋଲି କହିଥିଲେ। ଏଥିରେ ନାବାଳିକାଙ୍କ ବାପା ରାଜି ହୋଇଥିଲେ। ଜିତୁଙ୍କ ବାଇକ୍‌ରେ ନାବାଳିକା ଜଣକ ଆସିଥିଲେ। ହେଲେ ଜିତୁ ତାଙ୍କୁ ବାହାଡ଼ା ନିକଟବର୍ତ୍ତୀ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଲୋକେ ଜିତୁଙ୍କୁ ନିସ୍ତୁକ ପିଟିବା ସହ ପୋଲିସ ହସ୍ତାନ୍ତର କରିଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଜିତୁ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା ନୟାଗଡ଼ ମେଡ଼ିକାଲରେ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ

ଭଦ୍ରକ ଅଫିସ, ୧୮।୪

- ■ ୮ ଘଣ୍ଟା ପରେ ଗୁରୁତର ଅବସ୍ଥାରେ ଉଦ୍ଧାର
- ■ ଅଭିଯୁକ୍ତ ଗିରଫ, ପୀଡ଼ିତାଙ୍କ ବୟାନ ରେକର୍ଡ

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଣିତିଆ ପଞ୍ଚାୟତ ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ପରେ ପଥରରେ ଛେଚି ହତ୍ୟା ଉଦ୍ୟମ କରାଯାଇଛି। ଗୁରୁତର ଅବସ୍ଥାରେ ସେହି ନାବାଳିକାଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଏକ ୫ ଜଣିଆ ଡାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା କରିବା ପରେ ତାଙ୍କ ଚେତା ଫେରିଛି । ତଥାପି ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ ପୋଲିସ ଗଗନ ବେହେରା(୫୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସାରା ଜିଲାରେ ଉକ୍ତ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗ୍ରାମାଞ୍ଚଳ ଥାନା ପୋଲିସ ମାମଲା (ନଂ.୧୮୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢୁଥିବା ଏହି ନାବାଳିକା ବୁଧବାର ସ୍କୁଲକୁ ଯାଇଥିଲେ। ପୂର୍ବାହ୍ନ ୧୧ ଟାରେ ସ୍କୁଲ ଛୁଟି ହେବା ପରେ ସେ ଘରକୁ ଫେରୁଥିଲେ। ଅଭିଯୁକ୍ତଙ୍କ ନାବାଳିକାଙ୍କ ମୁହଁକୁ ବାନ୍ଧି ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ତାଙ୍କ ହାତ ଓ ମୁହଁକୁ ଏକ କପଡାରେ ବାନ୍ଧି ଦେଇଥିଲେ। ପରେ ତାଙ୍କୁ ଏକ ଗଛରେ ବାନ୍ଧି କେଉଁଆଡ଼େ ଚାଲିଯାଇଥିଲେ। ସନ୍ଧ୍ୟାରେ ଅଭିଯୁକ୍ତ ଆସି ନାବାଳିକାଙ୍କୁ ସେଠାରେ ବଳାତ୍କାର କରିଥିଲେ । ହେଲେ ଧରାପଡ଼ିଯିବା ଭୟରେ ସେ ନାବାଳିକାଙ୍କୁ ହତ୍ୟା କରିବା ପାଇଁ ଏକ ପଥରରେ ତାଙ୍କ ମୁହଁକୁ ଛେଚି ଦେଇଥିଲେ। ଏହି ଆକ୍ରମଣରେ ନାବାଳିକା ଅଚେତ ହୋଇପଡିଥିଲେ। ସେ ମରିଯାଇଥିବା ଭାବି ଅଭିଯୁକ୍ତ ଗାଁ ନିକଟସ୍ଥ ଏକ କେନାଲ ହିଡ଼ ପାଖରେ ତାଙ୍କୁ ପକାଇ ପଳାଇଯାଇଥିଲେ। ପୀଡ଼ିତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନିଖୋଜର ୧୮ ଘଣ୍ଟା ପରେ ଅର୍ଥାତ୍ ଗୁରୁବାର ଭୋର ସମୟରେ ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚେତା ଫେରିବା ପରେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା ମହିଳା ଡାକ୍ତରଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି। ଅଧିକ ଚିକିତ୍ସା ଲାଗି ପୀଡ଼ିତାଙ୍କୁ ଗୁରୁବାର ମଧ୍ୟାହ୍ନରେ କଟକ ସ୍ଥାନାନ୍ତର କରାଯାଇଛି।



# ଅଳସୁଆ ବଢ଼ୁଛନ୍ତି

ପ୍ରତ୍ୟେକ ରାଜନୈତିକ ଦଳ ଯେକୌଣସି ଉପାୟରେ ନିର୍ବାଚନ ଜିତିବାକୁ ଚାହୁଁଛନ୍ତି। ନିର୍ବାଚନ ବର୍ଷରେ ଏସବୁ ଦେଖିବାକୁ ମିଳିଥାଏ। ପ୍ରମୁଖ ରାଜନୈତିକ ଦଳ, ବିଶେଷତଃ କ୍ଷମତାସୀନ ଦଳ ବିଭିନ୍ନ ଲୋକପ୍ରିୟ ଯୋଜନା ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରନ୍ତି। ଲୋକଙ୍କ ଭୋଟ ହାତେଇବା ଓ ପୁନଃ ନିର୍ବାଚିତ ହେବା ପାଇଁ ଶାସକ ଦଳ ନିଜ ଟଙ୍କାମୁଣିର ଡୋର ଢିଲା କରିଦିଅନ୍ତି। କିନ୍ତୁ ଏଥିପାଇଁ ସରକାରଙ୍କ ପାଖରେ ଯଥେଷ୍ଟ ସମ୍ବଳ ଅଛି କି ନାହିଁ, ସେଥି ପ୍ରତି ସେମାନଙ୍କର ନଜର ନ ଥାଏ। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦିଆଯାଏ ଏବଂ ରାଜକୋଷରୁ ଅର୍ଥ ବଣ୍ଟାଯାଏ। ତେବେ ଏହା ନ କଲେ ରାଜନେତାମାନେ ନିଜର କ୍ଷତି ହିଁ କରିବେ। ଓଡ଼ିଶାରେ ବିଜୁ ଜନତା ଦଳ ସରକାର ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏପରି ଅନେକ ଲୋକପ୍ରିୟ ଯୋଜନା ଘୋଷଣା କରିଛନ୍ତି। କିନ୍ତୁ ଏଥିପାଇଁ ଟଙ୍କା କେଉଁଠୁ ଆସିବ ତାହା କାହାକୁ ଜଣାନାହିଁ। ଲୋକପ୍ରିୟ ଯୋଜନା ଘୋଷଣା କରିବାର ଦୁଇଟି ଅପକାରିତା ଅଛି। ପ୍ରଥମଟି ହେଉଛି, ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଯଥେଷ୍ଟ ଆଭ୍ୟନ୍ତରୀଣ ସମ୍ବଳ ଅଭାବରୁ ରାଜ୍ୟ ସରକାର ବିଭିନ୍ନ ସୂତ୍ରରୁ ଋଣ କରିପାରନ୍ତି। ଏହାଦ୍ୱାରା ସରକାର ସଦ୍ୟ ପୁଞ୍ଜି ଗଠନ କ୍ଷେତ୍ରରେ ନିବେଶ କରିପାରିବେ ନାହିଁ। ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) କମିବ। ମାଗଣା ବାଣ୍ଟିବାର ଆଉ ଏକ ଦୀର୍ଘସ୍ଥାୟୀ କୁପ୍ରଭାବ ହେଉଛି ରାଜ୍ୟରେ ବହୁସଂଖ୍ୟକ ପରାଙ୍ଗପୁଷ୍ଟ ମଣିଷ ସୃଷ୍ଟି ହେବେ। ସବୁ କଥାରେ ସେମାନେ ସରକାରଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିବେ। ଏହି ବ୍ୟବସ୍ଥା ଦ୍ୱାରା ମାଗଣା ଖାଇବାକୁ ମିଳୁଥିବାରୁ ଲୋକମାନେ କାମ ନ କରି ଅଳସୁଆ ହୋଇଯିବେ।

ରାଜ୍ୟର ଶ୍ରମଜୀବୀ ଲୋକମାନଙ୍କୁ ସରକାର କିଲୋ ପିଛା ଏକଟଙ୍କାରେ ଚାଉଳ ଯୋଗାଇଦେଉଛନ୍ତି। ପାଞ୍ଚଟଙ୍କାରେ ଭାତଡାଲମା ବି ଖାଇବାକୁ ମିଳୁଛି। ଶ୍ରମଜୀବୀମାନେ ପେଟ ପୋଷିବା ପାଇଁ ହିଁ ଶାରୀରିକ ଶ୍ରମସାଧ୍ୟ କାମ କରିବାକୁ ବାଧ୍ୟ ହୋଇଥାନ୍ତି। କିନ୍ତୁ ମାଗଣାରେ ଖାଇବାକୁ ମିଳିଲେ ସେମାନେ କାହିଁକି ବା କାମ କରିବାକୁ ଯିବେ? ରିଜର୍ଭ ବ୍ୟାଙ୍କର ଏକ ବାର୍ଷିକ ରିପୋର୍ଟ ଅନୁସାରେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଗୁ କୃଷିକ୍ଷେତ୍ରରେ କାମ କରିବା ପାଇଁ ଲୋକ ମିଳୁନାହାନ୍ତି। ଛଅଟି ରାଜ୍ୟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଲୋକମାନେ ପାରମ୍ପରିକ କୃଷିକ୍ଷେତ୍ରରେ କାମକରିବା ବଦଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଥିବାରୁ କୃଷିଶ୍ରମିକଙ୍କ ଅଭାବ ଘଟୁଛି। ଗୁଜରାଟ, କେରଳ, ଓଡ଼ିଶା, ପଞ୍ଜାବ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ୧,୭୯୮ ଜଣ ଜବ୍‌କାର୍ଡଧାରୀ ଶ୍ରମିକଙ୍କ ଉପରେ କରାଯାଇଥିବା ପ୍ରାଥମିକ ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ପାରମ୍ପରିକ କାର୍ଯ୍ୟ ବଦଳରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଶ୍ରମିକଙ୍କ ସଂଖ୍ୟା ଓଡ଼ିଶାରେ ସବୁଠାରୁ ଅଧିକ ଓ ଏହା ୭୫ ପ୍ରତିଶତ। ତା' ତଳକୁ ରହିଛି ଉତ୍ତରପ୍ରଦେଶ (୬୬%) ଓ ପଶ୍ଚିମବଙ୍ଗ (୪୨.୫%)।

## ଆଜିର ଅର୍ଥନୀତି

ତେବେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ବା ଗ୍ରାମରୁ ସହରକୁ ଚାଲିଯାଉଥିବା ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। କାମ ପାଇଁ ସହରକୁ ଲୋକ ଆସୁ ନ ଥିବାରୁ ସହରାଞ୍ଚଳରେ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଇଛି। ଗ୍ରାମାଞ୍ଚଳରେ ବି ଗରିବ ଓ ଶ୍ରମିକ ଶ୍ରେଣୀର ଲୋକମାନେ ମାଗଣାରେ ବା ସ୍ୱଳ୍ପ ମୂଲ୍ୟରେ ଖାଇବାକୁ ପାଉଥିବାରୁ ସେମାନେ ଆଉ କୃଷିକ୍ଷେତ୍ରରେ କାମ କରିବାକୁ ମଙ୍ଗୁନାହାନ୍ତି। ଶ୍ରମିକ ଅଭାବରୁ ଠିକାଦାରମାନେ କୌଣସି ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ଭିତରେ ସାରିପାରୁ ନାହାନ୍ତି। ଅଧିକ ମଜୁରି ଯାଚିଲେ ମଧ୍ୟ ସହରାଞ୍ଚଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରିବାକୁ ଗ୍ରାମାଞ୍ଚଳରୁ ଲୋକ ଆସୁନାହାନ୍ତି। ଅପରିଣାମଦର୍ଶୀ ମାଗଣା ବଣ୍ଟନ ଯୋଗୁ ଓଡ଼ିଶାର ଶ୍ରମିକ ଶ୍ରେଣୀ ଭିତରେ କାମ କରି ରୋଜଗାର କରିବାର ମାନସିକତା ମରିଗଲାଣି। କେବଳ ଭୋଟ ପାଇବା ପାଇଁ ସରକାର ମାଗଣା ବାଣ୍ଟିବା ବ୍ୟବସ୍ଥା ବନ୍ଦ କରି ଲୋକମାନଙ୍କୁ କାମ କରି ରୋଜଗାର କରିବାକୁ ଉତ୍ସାହିତ କରିବା ଦରକାର। ତାହାଦ୍ୱାରା ରାଜ୍ୟର ତଥା ଦେଶର ଆର୍ଥିକ ଅଭିବୃଦ୍ଧି ଘଟିପାରିବ। ଓଡ଼ିଶାରେ ସାମ୍ପ୍ରତିକ ବ୍ୟବସ୍ଥା ଲକ୍ଷ ଲକ୍ଷ ଅଳସୁଆ ଲୋକଙ୍କୁ ସୃଷ୍ଟି କରିଛି। ଏହି ପରିସ୍ଥିତି ଯୋଗୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଅନ୍ୟ ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ଶ୍ରମିକମାନେ ଆସି କାମ କରୁଛନ୍ତି। ସରଳ ଭାଷାରେ କହିଲେ ରାଜ୍ୟର ଅର୍ଥନୀତି ପାଇଁ ଏହା ଏକ ଦୋହରା ଝଟକା ବା ଦୁଇଗୁଣ କ୍ଷତିକାରକ। ଏହାଦ୍ୱାରା ଆମ ରାଜ୍ୟରୁ ପୁଞ୍ଜି ଅନ୍ୟ ରାଜ୍ୟକୁ ଚାଲିଯାଉଛି ଏବଂ ସାମ୍ପ୍ରତିକ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଏକ ଅଳସୁଆ ଜନଗୋଷ୍ଠୀ ସୃଷ୍ଟି ହୋଇଛନ୍ତି, ଯେଉଁମାନେ ନିଜର ଜୀବିକାର୍ଜନ ପାଇଁ କିଛି କରୁନାହାନ୍ତି। ଆମ ରାଜ୍ୟର ଅର୍ଥ ବାହାର ରାଜ୍ୟକୁ ଚାଲିଯାଉଥିବାରୁ ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ହ୍ରାସ ଘଟୁଥିବା ବେଳେ ରାଜ୍ୟ ସରକାର ପୁଳାଏ ପରାଙ୍ଗପୁଷ୍ଟଙ୍କୁ ପୋଷିଚାଲିଛନ୍ତି। ନିଶ୍ଚିତ ଭାବେ ଏହା ରାଜ୍ୟର ଅର୍ଥନୀତିକୁ ବିଗାଡ଼ିବାରେ ଲାଗିଛି।

# ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ



ନାରାୟଣ ପଣ୍ଡା

ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ଦେଶ ଭାରତରେ ସପ୍ତଦଶ ସାଧାରଣ ନିର୍ବାଚନ ଆରମ୍ଭ ହୋଇଛି। ଦେଶର ସମ୍ବିଧାନ ଅନୁସାରେ ପ୍ରତି ୫ବର୍ଷରେ ଉକ୍ତ ନିର୍ବାଚନ ହେବା କଥା। କିନ୍ତୁ ଗତ ୬୮ବର୍ଷର ନିର୍ବାଚନକୁ ହିସାବକୁ ନେଲେ ହାରାହାରି ପ୍ରାୟ ୪ବର୍ଷରେ ଏହା ହେଉଥିବା ଜଣାଯାଏ। ରାଜନୈତିକ ବାଧ୍ୟବାଧକତା ଏହି ବ୍ୟତିକ୍ରମର କାରଣ। ଦେଶରେ ୧୯୫୧-୫୨ରୁ ୧୯୬୭ ମଧ୍ୟରେ ପ୍ରଥମ ୪ଟି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୫ମ ନିର୍ବାଚନ ୪ବର୍ଷରେ ହୋଇଥିଲା। ୧୯୭୭ରେ ଷଷ୍ଠ ସାଧାରଣ ନିର୍ବାଚନକୁ ଜରୁରିକାଳୀନ ଅବସ୍ଥା ସମୟରେ ଇନ୍ଦିରା ଗାନ୍ଧୀ ଏକବର୍ଷ ଘୁଞ୍ଚାଇଦେଲେ। ଏହି ନିର୍ବାଚନରେ ସ୍ୱାଧୀନତା ପରଠାରୁ ୩୦ବର୍ଷଧରି ନିରବଚ୍ଛିନ୍ନ ଭାବେ ଶାସନଡୋରି ଧରିଆସିଥିବା କଂଗ୍ରେସର ପତନ ଘଟିଲା। ଜରୁରୀ ପରିସ୍ଥିତିରେ ଅତିଷ୍ଠ ଦେଶର ସଚେତନ ଭୋଟରମାନେ ଗଣତାନ୍ତ୍ରିକ ଇତିହାସରେ ପ୍ରଥମଥର ପାଇଁ ଏକ ଅଣକଂଗ୍ରେସ ସରକାରକୁ ନିର୍ବାଚିତ କଲେ। କିନ୍ତୁ ବିଡମ୍ବନାର ବିଷୟ, ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଗଠିତ ଏହି ସରକାର ଗୋଷ୍ଠୀକନ୍ଦଳ ଯୋଗୁ ୩୦ମାସରୁ ଅଧିକ ତିଷ୍ଠିପାରିଲା ନାହିଁ।

୧୯୮୦ରେ ଅନ୍ୟ ଏକ ନିର୍ବାଚନର ବୋଝ ଦେଶ ଉପରେ ପଡିଲା। ୮ମ ଲୋକ ସଭା ଶେଷବେଳକୁ ବିଶ୍ୱନାଥ ପ୍ରତାପ ସିଂଙ୍କ ବୋଫର୍ସ ପ୍ରସଙ୍ଗରେ ବିଦ୍ରୋହ ଯୋଗୁ ରାଜୀବ ଗାନ୍ଧୀ ସରକାରର ପତନ ଘଟିଲା। ୧୯୮୯ରେ ତାଙ୍କ ଆବାହକତ୍ୱରେ ଗଠିତ ଜାତୀୟ ସାମ୍ମୁଖ୍ୟର ଉତ୍ଥାନ ଘଟି ସେ ପ୍ରଧାନମନ୍ତ୍ରୀ ହେଲେ। ଏଥର ମଧ୍ୟ ଏହି ଅଣକଂଗ୍ରେସ ସରକାର ଅନ୍ତର୍ଦ୍ୱନ୍ଦ୍ୱର ସମ୍ମୁଖୀନ ହେଲା। ଫଳତଃ ବର୍ଷଟିଏ ନ ପୁରୁଣୁ ବିଶ୍ୱନାଥ ପ୍ରତାପ ସିଂ ଇସ୍ତଫା ଦେଲେ। କଂଗ୍ରେସ ସହଯୋଗରେ ଦୃଶ୍ୟପଟକୁ ଆସିଲେ ତରୁଣତୁର୍କ ଚନ୍ଦ୍ରଶେଖର। କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଚାପ ଆଗରେ ଚନ୍ଦ୍ରଶେଖର ତିଷ୍ଠି ନ ପାରି ଇସ୍ତଫା ଦେବାକୁ ବାଧ୍ୟହେଲେ। ମାତ୍ର ୨ବର୍ଷରେ ପୁନଶ୍ଚ ଏକ ନିର୍ବାଚନର ସମ୍ମୁଖୀନ ହେଲା ଦେଶ। ୧୯୯୬ର ଏକାଦଶ ନିର୍ବାଚନରେ ଭାଜପା ମେଣ୍ଟ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠନ କରିଥିବା ସରକାର ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିବାରୁ ମାତ୍ର ୧୩ ଦିନରେ ପତନ ଘଟିଲା। କଂଗ୍ରେସ ସମର୍ଥନରେ କର୍ନାଟକର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏଚ୍.ଡି. ଦେବେଗୌଡା ହେଲେ ପ୍ରଧାନମନ୍ତ୍ରୀ। ସେ କିନ୍ତୁ ତାଙ୍କ ପୂର୍ବସୂରୀଙ୍କ ପରି ସତ୍ତା ସମ୍ଭାଳିବାରେ ବ୍ୟର୍ଥହୋଇ ଗାଦି ଛାଡିଲେ। ତାଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା ଇନ୍ଦର କୁମାର ଗୁଜୁରାଲ ମଧ୍ୟ ବର୍ଷଟିଏ ରହି ନ ପାରି ଇସ୍ତଫା ଦେବାରୁ ମାତ୍ର ୨ବର୍ଷରେ ଲୋକ ସଭା ଭଙ୍ଗାଯାଇ ୧୯୯୮ରେ ଦ୍ୱାଦଶ ଲୋକ ସଭା ପାଇଁ ନିର୍ବାଚନ କରାଗଲା। ଏଥିରେ ୫୪୩ ଲୋକ ସଭା ସଦସ୍ୟଙ୍କ ମଧ୍ୟରୁ ୨୮୬ ଜଣଙ୍କ ସମର୍ଥନରେ ଗଠିତ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏଆଇଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିବା ପରିପ୍ରେକ୍ଷୀରେ ସଙ୍କଟାପନ୍ନ ହେଲା। ଆଗତ ଅନାସ୍ଥା ପ୍ରସ୍ତାବରେ ମାତ୍ର ଗୋଟିଏ ଭୋଟ ଊଣା ହେବାରୁ ବାଜପେୟୀ ଇସ୍ତଫା ଦେଲେ। ବର୍ଷକ ପରେ ୧୯୯୯ରେ ହେଲା ତ୍ରୟୋଦଶ ସାଧାରଣ ନିର୍ବାଚନ । ଏଥିରେ ଭାଜପାର ଅଟଳ ବିହାରୀ ବାଜପେୟୀ ମେଣ୍ଟର ଅନ୍ୟ ୨୦ଟି ଦଳର ସମର୍ଥନରେ ପୁନଶ୍ଚ ସରକାର ଗଠନ କଲେ। ପ୍ରଥମଥର ପାଇଁ ଏକ ଅଣକଂଗ୍ରେସ ଦଳରୂପେ ବାଜପେୟୀଙ୍କ ସରକାର ସମ୍ପୂର୍ଣ୍ଣ ୫ବର୍ଷ କ୍ଷମତାରେ ରହି ରେକର୍ଡ ସୃଷ୍ଟିକଲା।

୧୯୯୦ ଦଶକ ଭାରତୀୟ ରାଜନୀତିରେ ଏକ ସନ୍ଧିକ୍ଷଣ ଥିଲା। ଏକକ ଦଳର ଶାସନ ବଦଳରେ ମେଣ୍ଟ ସରକାରର ଅଭ୍ୟୁତ୍ଥାନ ଅସ୍ଥିରତା ମଧ୍ୟକୁ ଠେଲିଦେଲା ଦେଶକୁ। ଏକବିଂଶ ଶତାବ୍ଦୀର ପ୍ରଥମ ତିନୋଟି ନିର୍ବାଚନରେ ପୁନଶ୍ଚ ଦୃଶ୍ୟପଟର ପରିବର୍ତ୍ତନ ଘଟିଲା। ୨୦୦୪ ଓ ୨୦୦୯ରେ କଂଗ୍ରେସର ମନମୋହନ ସିଂଙ୍କ ନେତୃତ୍ୱରେ ଗଠିତ ହେଲା ଉପା ସରକାର। ୨୦୧୪ରେ ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ୩୭ଟି ଦଳକୁ ନେଇ ଗଠିତ ଏନ୍‌ଡିଏ ସରକାର ବର୍ତ୍ତମାନ ୫ବର୍ଷ ଶାସନ ପୂରଣ କରିବାକୁ ଯାଉଛି। ଭାରତର ଲୋକ ସଭା ଇତିହାସରୁ ଜଣାଯାଏ, କଂଗ୍ରେସ ବ୍ୟତୀତ କେବଳ ଭାଜପା ନେତୃତ୍ୱାଧୀନ ସରକାର ହିଁ ପୂର୍ଣ୍ଣକାଳୀନ ଶାସନରେ ରହିପାରିଛି। ଅଣକଂଗ୍ରେସ ମେଣ୍ଟର କେବଳ ମୋରାରଜୀ ଦେଶାଇଙ୍କ ବ୍ୟତୀତ କୌଣସି ପ୍ରଧାନମନ୍ତ୍ରୀ ଏକବର୍ଷରୁ ଅଧିକ ସମୟ ପଦବୀରେ ରହି ନ ପାରିବା ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ତାଚ୍ଛଲ୍ୟ। ଆମ ଗଣତାନ୍ତ୍ରିକ ଇତିହାସରେ ଏହା ହିଁ ବିଡମ୍ବିତ ସତ୍ୟ, ଅଣକଂଗ୍ରେସ ମେଣ୍ଟ ପ୍ରତି ଥର ଭୋଟରମାନଙ୍କୁ ପ୍ରଭାବିତ କରି ଶାସନଦଣ୍ଡ ଧରିଥିଲେ ମଧ୍ୟ ପରଶ୍ରୀକାତରତା ଓ କ୍ଷମତାଲାଳସା ଯୋଗୁ ବାରମ୍ବାର ପତନକୁ ସାମ୍ନା କରିଛନ୍ତି।

୧୯୫୧ରେ ମାତ୍ର ୫୩ ରାଜନୈତିକ ଦଳ ନିର୍ବାଚନରେ ଅଂଶଗ୍ରହଣ କରିଥିବା ବେଳେ ୨୦୧୪ରେ ଏମାନଙ୍କ ସଂଖ୍ୟା ଥିଲା ୪୬୫। ବିଶ୍ୱରେ ଭାରତର ରାଜନୈତିକ ଦଳଗୁଡିକ କେବଳ ସୁବିଧା ପାଇଁ ମେଣ୍ଟଗଠନ କରିବା ଓ ଦଳର ସ୍ୱାର୍ଥସାଧନ ପାଇଁ ଯେ କୌଣସି ସମୟରେ ମେଣ୍ଟ ତ୍ୟାଗ କରିବାର ଲମ୍ବା ଇତିହାସ ରହିଛି। ୧୯୯୬-୯୮ରେ କଂଗ୍ରେସ ସହାୟତାରେ ମେଣ୍ଟସରକାର ଗଠନ କରିଥିବା ଦେବେଗୌଡା ଓ ଇନ୍ଦର କୁମାର ଗୁଜୁରାଲଙ୍କ ମନ୍ତ୍ରିମଣ୍ଡଳରେ ପ୍ରଥମଥର ପାଇଁ ଜଣେ କମ୍ୟୁନିଷ୍ଟ ଏମ୍‌ପି ଇନ୍ଦ୍ରଜିତ୍ ଗୁପ୍ତାଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ରୂପେ ବଛାଗଲା। ଏହା ଥିଲା ସେହି କମ୍ୟୁନିଷ୍ଟ, ଯାହା ସ୍ୱାଧୀନତା ପରଠାରୁ ଅନ୍ତତଃ ୩ଥର ବେଆଇନ ଘୋଷିତ ହୋଇଥିଲା, ସ୍ୱୟଂ ଇନ୍ଦ୍ରଜିତ୍‌ଙ୍କ ସମେତ ଅନେକ ନେତା କାରାରୁଦ୍ଧ ହୋଇଥିଲେ। ପଞ୍ଚଦଶ ଲୋକ ସଭାରେ କଂଗ୍ରେସର ଉପା ସରକାରରେ ସ୍ୱର୍ଗତ ସୋମନାଥ ଚାଟାର୍ଜୀ ଥିଲେ ବାଚସ୍ପତି। ପରେ ଦଳ ଉପାଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲେ ମଧ୍ୟ ସ୍ୱର୍ଗତ ଚାଟାର୍ଜୀ ପଦବୀରୁ ଇସ୍ତଫା ନ ଦେଇ ପାର୍ଟି ଦ୍ୱାରା ବହିଷ୍କୃତ ହୋଇଥିଲେ। ତ୍ରୟୋଦଶ ଲୋକ ସଭାର ବାଜପେୟୀଙ୍କ ସରକାରକୁ ଅନାସ୍ଥା ପ୍ରସ୍ତାବରେ ଗିରିଧର ଗମାଙ୍ଗଙ୍କ ଗୋଟିଏ ମାତ୍ର ଭୋଟ ଯୋଗୁ ଇସ୍ତଫା ଦେବାକୁ ହୋଇଥିଲା। ସମ୍ପ୍ରତି ଗମାଙ୍ଗ ଭାଜପାର ଅନ୍ୟତମ ନେତା। ଅତୀତରେ ଦଳପତି କିମ୍ବା ଦଳର ନିହିତ ସ୍ୱାର୍ଥ ଯୋଗୁ ଭାରତର ମେଣ୍ଟ ସରକାରଗୁଡିକର ପତନ ଘଟିଛି। ଭାରତର ରାଜନୈତିକ ଇତିହାସରେ ଅନେକ ପୃଷ୍ଠା କେବଳ କତିପୟ ନେତାଙ୍କର ଉଚ୍ଚାକାଂକ୍ଷା ଓ ଅବିମୃଶ୍ୟକାରିତାର କଳଙ୍କିତ କାହାଣୀରେ ଭରିହୋଇଛି। କ୍ଷମତା ପାଇଁ ପରସ୍ପର ବିରୋଧୀ ଚରିତ୍ର ହାତ ମିଳାଇବାକୁ କୁଣ୍ଠିତ ହୋଇନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ରାଜନୀତିରେ ବଂଶବାଦର ଅଭ୍ୟୁଦୟ ସ୍ଥିର ଶାସନ ପକ୍ଷେ ମହଙ୍ଗା ସାବ୍ୟସ୍ତ ହେଉଛି। ନେହେରୁ-ଗାନ୍ଧୀ ପରିବାରରୁ ଆସିଛନ୍ତି ତିନିଜଣ ପ୍ରଧାନମନ୍ତ୍ରୀ। ମହାରାଷ୍ଟ୍ରର ଶିବସେନା, ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି, ବିହାରର ଆରଜେଡି ଓ ପଞ୍ଜାବର ଶିରୋମଣି ଅକାଳିଦଳ ପ୍ରାଚୀନ ଭାରତର ରାଜବଂଶୀୟ ପରମ୍ପରାକୁ ଅନୁସରଣ କରୁଥିବା ମନେହୁଏ। ଲୋକ ସଭା ଦେଶର କୋଟିକୋଟି ନାଗରିକଙ୍କ ପ୍ରତିନିଧି ଓ ରାଜ୍ୟ ସଭା ଭାରତର ସଂଘୀୟ ରାଜ୍ୟଗୁଡ଼ିକର ପ୍ରତିନିଧିଙ୍କ ଦ୍ୱାରା ପରିପୁଷ୍ଟ। କିନ୍ତୁ ସମ୍ବିଧାନ ପ୍ରଣେତାଙ୍କ ଏହି ମହତ୍ ଲକ୍ଷ୍ୟ କେଉଁଠି ନା କେଉଁଠି ବାଧାପ୍ରାପ୍ତ ହେଉଛି। ଦେଶବାସୀଙ୍କ ଦାରିଦ୍ର୍ୟ, ସାମାଜିକ ଓ ଆର୍ଥିକ ଅସମାନତା, ସୀମା ସୁରକ୍ଷା ଓ ବିଦେଶରେ ଦେଶର ଭାବମୂର୍ତ୍ତି ସେମାନଙ୍କ କ୍ଷମତା ନିଶା ନିକଟରେ ମଳିନ ହୋଇଯାଉଛି। ପରସ୍ପରକୁ କାଦୁଅ ଫିଙ୍ଗି ସେମାନେ ଭୟଙ୍କର ଭାବେ ଦେଶବାସୀଙ୍କୁ ପ୍ରତାରଣାକରି ନିର୍ବାଚନ ବୋଝ ଲଦିଚାଲନ୍ତି ଦେଶ ଉପରେ।

ଏକ ତଥ୍ୟରୁ ଜଣାଯାଇଛି ୧୯୭୭ର ଷଷ୍ଠ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଭୋଟର ପିଛା ଏକଟଙ୍କାରୁ କମ୍ ନିର୍ବାଚନୀ ଖର୍ଚ୍ଚ ହୋଇଥିଲା। ୧୯୯୬ରେ ଏହି ବ୍ୟୟ ୧୦ଟଙ୍କା ଅତିକ୍ରମ କରି ୧୯୯୯, ୨୦୦୪ ଓ ୨୦୦୯ରେ ପାଖାପାଖି ୧୫ଟଙ୍କାରେ ପହଞ୍ଚିଲା। ଉକ୍ତ କ୍ରମବର୍ଦ୍ଧିଷ୍ଣୁ ବ୍ୟୟ ୨୦୧୪ରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଭୋଟର ପିଛା ୪୫ଟଙ୍କାରୁ ଅଧିକ ରହିଲା। ଏହା ବ୍ୟତୀତ ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚ ମଧ୍ୟ ରହିଛି। ସ୍ୱାଧୀନତା ପରେ ୬୮ବର୍ଷର ନିର୍ବାଚନୀ ଗଣତନ୍ତ୍ରରେ କଂଗ୍ରେସ ପ୍ରାୟ ୫୫ବର୍ଷ ରହିଥିବା ବେଳେ ଭାଜପା ୧୧ବର୍ଷରୁ କିଛି ଅଧିକ କାଳ ଶାସନ ଡୋରି ଧରିଛି। କିନ୍ତୁ ଏହି ସମୁଦାୟ ସମୟ ମଧ୍ୟରେ ଦେଶର ଦାରିଦ୍ର୍ୟ ବଢି ବଢି ଚାଲିଛି। ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରତିଟି ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ହୁଙ୍କାର ଦେଇ ଆସିଥିବା ବେଳେ ଭାରତ ଆଜି ବି ବିଶ୍ୱରେ ସର୍ବାଧିକ ଅଭୁକ୍ତଙ୍କ ଦେଶରୂପେ ପରିଚିତ। ନିର୍ବାଚନ ପାଖେଇ ଆସିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡାଏ ଯୋଜନା ବର୍ଷା କରନ୍ତି ପ୍ରତିଯୋଗିତାମୂଳକ ଭାବେ। ଦାରିଦ୍ର୍ୟ ଯେଉଁଠି ଥିଲା ସେଇଠି । ବିତରିତ ହୁଏ ଅଧିକରୁ ଅଧିକ ଦାରିଦ୍ର୍ୟର ପ୍ରମାଣପତ୍ର। ବିରୋଧୀମାନେ ଅନେକ କ୍ଷେତ୍ରରେ କେବଳ ବିରୋଧ ପାଇଁ ହିଁ ବିରୋଧ କରନ୍ତି। ଶତ୍ରୁ ଦେଶର ଦୂରଦର୍ଶନ ପରଦାରେ ନିଜର ହସିଲା ମୁହଁ ଦେଖି ଶିହରିତ ହୁଅନ୍ତି ଆତ୍ମରତିର ରୋମାଞ୍ଚରେ। ସୀମାନ୍ତରେ କିନ୍ତୁ ପ୍ରତିଦିନ ଶହୀଦ ହୁଅନ୍ତି ଆମର ବୀର ସୈନିକମାନେ। ଦେଶସେବକମାନଙ୍କ ନିକଟରେ ଦେଶର ସ୍ୱାର୍ଥ ନିଜ ସ୍ୱାର୍ଥ ନିକଟରେ ଗୌଣ ହୁଏ।


ନୂଆବନ୍ଧ ସାହି, ନବରଙ୍ଗପୁର,
ମୋ-୯୪୩୭୧୧୮୯୬୨

# କ୍ଷମାର ମହତ୍ତ୍ୱ

ହରିଶ୍ଚନ୍ଦ୍ର ଅରିଶଲ୍ୟ

ଶୁଭ ଶୁକ୍ରବାର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସର୍ବଶ୍ରେଷ୍ଠ ବଳିଦାନ, କ୍ଷମା ଓ ତ୍ୟାଗର ଜୀବନକୁ ମନେପକାଇଦିଏ। ୨୦୦୦ରୁ ଅଧିକ ବର୍ଷ ତଳେ ମିଥ୍ୟା ଓ କପୋଳକଳ୍ପିତ ଷଡ଼ଯନ୍ତ୍ରର ଶିକାର ହୋଇ ପ୍ରଭୁ ଯିଶୁ କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ। ଶାରୀରିକ ମୃତ୍ୟୁ ପୂର୍ବରୁ ସେ କ୍ରୁଶ ଉପରୁ ସାତଗୋଟି ବାକ୍ୟ କହିଥିଲେ, ଯାହାକି ତାଙ୍କର ଈଶ୍ୱରୀୟ ପ୍ରକୃତି ଓ ସ୍ୱଭାବର ପରିଚୟ ଦେଇଥିଲା। ଯିଶୁଙ୍କର ସେହି ସପ୍ତବାଣୀ ହେଲା: (୧) ପିତା, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ଜାଣିନାହାନ୍ତି। (୨) ଆଜି ତୁମ୍ଭେ ମୋ ସହିତ ପାରଦୀଶରେ ଉପସ୍ଥିତ ହେବ। (୩) ଗୋ ନାରୀ ଦେଖ, ମୁଁ ତୁମ୍ଭର ପୁତ୍ର। (୪) ହେ ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ? (୫) ମୁଁ ତୃଷିତ। (୬) ଏହା ସମାପ୍ତ ହେଲା। (୭) ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମାକୁ ସମର୍ପଣ କରୁଛି। ତାଙ୍କର ପ୍ରଥମ ବାଣୀ ଆଜି ମାନବ ସମାଜ ପାଇଁ ଗଭୀର ପ୍ରାସଙ୍ଗିକତା ବହନ କରୁଛି।

ଯିଶୁଖ୍ରୀଷ୍ଟ ପ୍ରଭୁ ହୋଇ ମଧ୍ୟ ମାନବସମାଜର ହିତ ପାଇଁ ସବୁକିଛି ତ୍ୟାଗ କରିଥିଲେ। ତାଙ୍କର ତ୍ୟାଗ ଯୋଗୁ ମାନବ ସମାଜର ଏକ ବିରାଟ କାର୍ଯ୍ୟ ସଂପର୍ନ ହୋଇପାରିଥିଲା। ଖ୍ରୀଷ୍ଟଙ୍କ ତ୍ୟାଗର ଜୀବନ ମଣିଷ ସମାଜ ପାଇଁ ଏକ ଅତୁଳନୀୟ ନମୁନା। ବାଇବେଲ କହେ ପ୍ରଭୁ ଯିଶୁ ଉତ୍ତମ ମେଷପାଳକ ଏବଂ ଜଣେ ଉତ୍ତମ ମେଷପାଳକ ନିଜର ମେଷ ପାଇଁ ପ୍ରାଣ ତ୍ୟାଗ ବି କରିପାରନ୍ତି। ମନୁଷ୍ୟ ପୁତ୍ର ପ୍ରଭୁ ଯିଶୁ ସେବା ପାଇବାକୁ ଆସି ନ ଥିଲେ। ସେ ଆସିଥିଲେ ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପ ଆପଣା ପ୍ରାଣ ଉତ୍ସର୍ଗ କରିବାକୁ।



ଶୁଭ ଶୁକ୍ରବାର ଉପଲକ୍ଷେ

ପ୍ରଭୁ ଯିଶୁଙ୍କ ବଳିଦାନ ବିଶ୍ୱରେ ଅତୁଳନୀୟ। ଆମ ସମାଜରେ ବଳିଦାନର ଗୁରୁତ୍ୱ ଅଛି ଏବଂ ଆମେ ଭାରତୀୟ ଏହାର ଗଭୀରତା ଅଧିକ ବୁଝିଛୁ। ପ୍ରଭୁ ଯିଶୁଙ୍କର ବଳିଦାନ ଅନିବାର୍ଯ୍ୟ ଥିଲା। କାରଣ ବାଇବେଲ କହେ, ଉଇଲ କରାଯାଇଥିଲେ, ଉଇଲ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣ ଆବଶ୍ୟକ। ଉଇଲ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ କୃତ ଉଇଲ କଦାପି କାର୍ଯ୍ୟକାରୀ ହୁଏ ନାହିଁ। ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ପବିତ୍ର ବଳି ଉତ୍ସର୍ଗ କରାଗଲା। ମାନବ ସମାଜକୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ସେମାନଙ୍କ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ। ପରମେଶ୍ୱର ଓ ମନୁଷ୍ୟ ମଧ୍ୟରେ ପାପ ବିଚ୍ଛେଦ ଘଟାଇଥିଲା। ପାପର ବେତନ ମୃତ୍ୟୁ, ଏଣୁ ମାନବର ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କ ବଳିଦାନ ଜରୁରୀ ଥିଲା। କ୍ରୁଶ ଲଜ୍ଜା ଓ ଅପମାନର ପ୍ରତୀକ। ଦୁର୍ଦ୍ଦାନ୍ତ ଲୋକଙ୍କୁ କ୍ରୁଶକାଠରେ ଝୁଲାଇ ଏହି ଦଣ୍ଡ ଦିଆଯାଉଥିଲା। ସମୟ ହେଲା ପରେ ପ୍ରଭୁ ଯିଶୁ କ୍ରୁଶାର୍ପିତ ହେଲେ ଏବଂ ସେହି କ୍ରୁଶ ମାଧ୍ୟମରେ ଈଶ୍ୱର ନିଜର ନ୍ୟାୟ, ନିରପେକ୍ଷତା ଓ ଧାର୍ମିକତା ପ୍ରତିଫଳନ କଲେ।

କ୍ଷମା ଶବ୍ଦଟି ପଢ଼ିବା ଓ କହିବା ସହଜ, କିନ୍ତୁ କ୍ଷମା କରିବା ସହଜ ନୁହେଁ। ବିଶେଷ କରି ମୃତ୍ୟୁ ସହ ଖେଳି କ୍ଷମା କରିବା ବିରଳ ଏବଂ ଅଦ୍ୱିତୀୟ। କ୍ଷମା କଲେ ମଣିଷ ସମାଜ ଓ ଆତ୍ମିକ ଜୀବନ ଗଢ଼ିଉଠେ ଓ ସୁଦୃଢ଼ହୁଏ। କ୍ଷମା ନ କଲେ ଶତ୍ରୁତା ବଢ଼ିଚାଲେ। ପ୍ରଭୁ ଯିଶୁ କ୍ଷମାକରି ମଣିଷ ସମାଜର ହୃଦୟ ଜିତି ପାରିଛନ୍ତି। କ୍ଷମା ହିଁ ଏକମାତ୍ର ଦୈବୀଗୁଣ। ହେ ପିତା, ଏମାନଙ୍କୁ କ୍ଷମା କର, ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ। ପ୍ରଭୁ ଯିଶୁଙ୍କର ଏହା ଥିଲା ଏକ ଅମାୟିକ କ୍ରନ୍ଦନ ଅନ୍ୟମାନଙ୍କ ପାଇଁ। ନିଜେ ନିର୍ଦ୍ଦୋଷ ଥାଇ ଦଣ୍ଡ ଭୋଗିବାକୁ ଶ୍ରେୟସ୍କର ମନେକରି ଦୋଷୀମାନଙ୍କୁ କ୍ଷମା ଦେବା ପାଇଁ ପ୍ରାର୍ଥନା ଅସାଧାରଣ। ମଣିଷ ସମାଜର ପାପ କ୍ଷମା ନିମନ୍ତେ ଜରୁରୀ ଥିବା ବଳିଦାନର ସାଧନା ପୂର୍ଣ୍ଣ ହୋଇଛି। ପ୍ରଭୁ ଯିଶୁ କ୍ରୁଶ ଉପରୁ କ୍ଷମା ଶବ୍ଦ ଉଚ୍ଚାରଣ କରି ଇତିହାସ ରଚିଲେ। ପ୍ରତିଶୋଧର ବିପରୀତ ଗୁଣ କ୍ଷମା। କ୍ଷମାର ତୁଳନା ନାହିଁ। ଆଜିକାଲି ବାପପୁଅ, ମା'ଝିଅ ପରସ୍ପରକୁ କ୍ଷମା କରୁନାହାନ୍ତି। ଶତ୍ରୁକୁ ଅବା କିଏ କ୍ଷମା କରିବ? କିନ୍ତୁ ପ୍ରଭୁ ଯିଶୁ କ୍ଷମା କରି ଦୁନିଆକୁ ଦେଖାଇଦେଲେ ଯେ ଏହା ସମ୍ଭବ। ତା' ହେଲେ ଆସନ୍ତୁ ପରସ୍ପରକୁ କ୍ଷମାକରି ଆମ ସମାଜ ଓ ପୃଥିବୀକୁ ସୁଦୃଢ଼ କରିବା।

ମୋ- ୯୪୯୪୭୮୨୭୭୭

## ଏଇ ଭାରତରେ

ବର୍ତ୍ତମାନ ନିର୍ବାଚନ ଋତୁ ଜାରି ରହିଛି। ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟଦେଇ ନିଜ ମନ ପସନ୍ଦର ପ୍ରତିନିଧି ବାଛିବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। କିନ୍ତୁ ଅନେକ ସ୍ଥଳରେ ଦେଖାଯାଉଛି କେତେକ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ଭୋଟଦାନରୁ ବିରତ ରହୁଛନ୍ତି। ଭୋଟଦାନ ନ କରିବା ଅର୍ଥ ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରୁ ନିଜକୁ ଦୂରେଇ ରଖିବା। ଗୁରୁବାର ଥିଲା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ। ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଜଣେ ବୃଦ୍ଧା ଅସୁସ୍ଥ ଥିବା ସତ୍ତ୍ୱେ ମତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୮୦ ବର୍ଷୀୟା ଏହି ବୃଦ୍ଧା ହେଉଛନ୍ତି ଯୋଗୀନ୍ଦରୋ ଦେବୀ। ସେ ଅସୁସ୍ଥ ଥିବାରୁ କିଛି ଦିନ ହେବ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହେଲେ ଗୁରୁବାର ତାଙ୍କ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯାଉଥିବାରୁ ସେ ଉତ୍ସାହିତ ହୋଇ ହୁଇଲ୍‌ଚେୟାର ଯୋଗେ ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ମତାଧିକାର ସାବ୍ୟସ୍ତ କରିବା ପରେ ପୁଣି ହସ୍ପିଟାଲ ଚାଲିଯାଇଛନ୍ତି। ଅସୁସ୍ଥ ତଥା ଅଶୀତିପର ଏହି ମହିଳାଙ୍କ ଭୋଟଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ନିଶ୍ଚୟ।

## ଚିରନ୍ତନୀ

''ଉଠ ହସି ପଥ ଯେବେ
ସୁଖର ପରଶମଣି ଲଭେ
''ପ୍ରାଣଭ ରା ହାସ୍ୟ ବନ୍ଧୁ
ଅତି ହିଁ ଦୁର୍ମୂଲ୍ୟ ସେ ଯେ ଭବେ! (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୯୪

- ବାଗ୍‌ଦାଦ ସରକାର ଜାତିସଂଘ ନିରାପତ୍ତା ପରିଷଦର ପ୍ରସ୍ତାବକୁ ପାଳନ କରିଥିବାରୁ ଇରାକ ଉପରେ ଲାଗୁ କରାଯାଇଥିବା ଅନ୍ତର୍ଜାତୀୟ ଅର୍ଥନୈତିକ କଟକଣା ଉଠାଇଦେବାକୁ ଇରାକର ନିବେଦନ।
- ଗୁଜରାଟରେ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ଛବିଳ ଦାସ ମେହେଟ୍ଟାଙ୍କୁ ସ୍ଥାୟୀ ଭାବେ ଦାୟିତ୍ୱ ପ୍ରଦାନ ପାଇଁ ଦଳୀୟ ସଭାପତି ତଥା ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ନିଷ୍ପତ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 9 | 5 | D | | | | | C | | 4 |
| 5 | | | | 0 | | | | | E | 3 | 2 | | | 9 |
| | | | | 5 | | A | | | C | 1 | | 6 | D | |
| | | | 7 | | | | | | | | 8 | | 2 | E |
| | 3 | | D | 6 | | | B | 7 | | | | 5 | 0 | 8 |
| C | | 7 | 4 | | | | E | 5 | | 0 | | | | A |
| | D | 6 | E | | | 2 | 8 | | | | | | B | |
| | | | | C | | | 7 | 4 | | | | | 9 | |
| E | 4 | | | | 6 | | | | D | | | 8 | | |
| B | | | | A | | | | | | 2 | | | | |
| | | B | A | | | 1 | | 3 | | | | 9 | | 5 |
| | 1 | 2 | 6 | | | | | A | 9 | 7 | | | | |
| D | | | | | | 6 | | | A | E | C | | | |
| | | C | | E | | D | | | | B | | | | 3 |
| 3 | E | | | 9 | 5 | | | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | D | 2 | 9 | 4 | 8 | E | C | A | 5 | 0 | 7 | 1 | 3 | 6 |
| E | 9 | 3 | 6 | 7 | 1 | 4 | B | 0 | A | 2 | C | D | 5 | 8 |
| 6 | 1 | C | A | 5 | 3 | 9 | 7 | 2 | B | D | 8 | 4 | 0 | E |
| A | 8 | 0 | D | 2 | C | 6 | 1 | 5 | E | 4 | 3 | 7 | 9 | B |
| 5 | 4 | 7 | 0 | B | E | D | 3 | 8 | 6 | 9 | 1 | C | A | 2 |
| D | 7 | E | 8 | C | 5 | 3 | 0 | 4 | 2 | 1 | 9 | B | 6 | A |
| 9 | 0 | 6 | B | E | D | 5 | 8 | C | 3 | A | 4 | 2 | 1 | 7 |
| 2 | A | 8 | 3 | 6 | 7 | B | 9 | 1 | D | C | 5 | 0 | E | 4 |
| 1 | 5 | B | 2 | A | 4 | 7 | E | D | 8 | 6 | 0 | 9 | C | 3 |
| 3 | C | 4 | 1 | 0 | 9 | 2 | A | 6 | 7 | E | B | 5 | 8 | D |
| 4 | E | 1 | 5 | 3 | 6 | C | D | 7 | 0 | B | A | 8 | 2 | 9 |
| 7 | B | 9 | C | D | 0 | A | 2 | 3 | 1 | 8 | 6 | E | 4 | 5 |
| 8 | 6 | A | 7 | 9 | 2 | 0 | 4 | B | C | 5 | E | 3 | D | 1 |
| 0 | 2 | 5 | E | 1 | B | 8 | 6 | 9 | 4 | 3 | D | A | 7 | C |
| C | 3 | D | 4 | 8 | A | 1 | 5 | E | 9 | 7 | 2 | 6 | B | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଘୃଣ୍ୟ ବ୍ୟକ୍ତିତ୍ୱଙ୍କୁ ଜବାବ ଦିଅନ୍ତୁ

ମହାଶୟ,

ଦେଶ ସ୍ୱାଧୀନତା ପରଠାରୁ ବୋଧହୁଏ ଚଳିତବର୍ଷ ୨୦୧୯ ମସିହାରେ ନେତାମାନେ ନିଜର ସ୍ୱାର୍ଥ ପାଇଁ ଯେପରି ସମସ୍ତ ମାନବିକତାକୁ ପାଦରେ ଦଳିଦେଇ କ୍ଷମତା ଲୋଭରେ ଅନ୍ଧ ହୋଇ ଆଗକୁ ମାଡିଚାଲିଛନ୍ତି, ଏହା ଅତ୍ୟନ୍ତ ଲଜ୍ଜା ଆଉ ଘୃଣାର ବିଷୟ। ଏହିସବୁ କଳଙ୍କିତ ବ୍ୟକ୍ତି ରାଜ୍ୟ, ଦେଶର ନେତୃତ୍ୱ ନେଲେ ସାଧାରଣ ଜନତାଙ୍କର ବା କି ସେବା କରିବେ। ସମଗ୍ର ରାଜ୍ୟ ଆଉ ଦେଶରେ ଜନଜାଗରଣ ହେବା ଉଚିତ। ସମ୍ବିଧାନକୁ ସଂଶୋଧନ କରି ବହୁଦଳୀୟ ଶାସନ ବ୍ୟବସ୍ଥା ପରିବର୍ତ୍ତେ ଦ୍ୱିଦଳୀୟ ଶାସନ ବ୍ୟବସ୍ଥା ପ୍ରଚଳନ ହେବା ଉଚିତ। ରାଜନୀତି ପାଇଁ ସର୍ବାଧିକ ବୟସସୀମା ୬୦ ସହିତ ସର୍ବନିମ୍ନ ଯୋଗ୍ୟତା ସ୍ନାତକ ରଖାଯାଉ। ଏଥି ସହିତ ଜାତି, ଧର୍ମ ନିର୍ବିଶେଷରେ ୨ଟି ସନ୍ତାନ ଥିବା ବ୍ୟକ୍ତି ହିଁ କେବଳ ରାଜନୀତିରେ ଅଂଶଗ୍ରହଣ କରିବା ପାଇଁ ସର୍ବନିମ୍ନ ମାନଦଣ୍ଡ ରଖାଯାଉ। ଏହାଦ୍ୱାରା ଦେଶ, ରାଜ୍ୟ ଠିକ୍ ମାର୍ଗରେ ଗତିକରିବା ସହିତ ଜନସାଧାରଣଙ୍କର ବିକାଶ ହୋଇପାରିବ। ଘୃଣ୍ୟ କଳଙ୍କିତ ବ୍ୟକ୍ତିତ୍ୱଙ୍କୁ ଜନସାଧାରଣ ଉପଯୁକ୍ତ ଜବାବ ଦିଅନ୍ତୁ।

ମହେନ୍ଦ୍ରନାଥ ରାଉତ, ସହକାରୀ ଶିକ୍ଷକ, ମହାବୀର ହାଇସ୍କୁଲ,
ବରିମୁଣ୍ଡେଇ, ନିଆଳି, କଟକ

### ଗଣମାଧ୍ୟମର ଗଣିତ

ଧରିତ୍ରୀ (୩।୪)ରେ ପ୍ରକାଶିତ 'ଗଣମାଧ୍ୟମର ଗଣିତ' ପାଇଁ ପ୍ରାବନ୍ଧିକା ସୌମ୍ୟା ପରିଡାଙ୍କୁ ଅଗଣିତ ଧନ୍ୟବାଦ। ଗଣମାଧ୍ୟମ ଏବେ ସମ୍ଭବତଃ ଜଣମାଧ୍ୟମରେ ପରିଣତ ହୋଇଛି। ହଟ୍ ନିଉଜ୍ ଠିକ୍ ବାସିବରା ପରି ନଗଦ ଛାଣି ଗ୍ରାହକର ପ୍ଲେଟ୍‌ରେ ପରିବେଷଣ ହେଉଛି। ବିଚରା ଗ୍ରାହକ ଶୀତଳେଇ ଖାଇଲା ବେଳକୁ ଜାଣିପାରେ ବାସି ବୋଲି। କିନ୍ତୁ କାନମୁଣ୍ଡା ଆଉଁଶି ପଇସା ଦେବାକୁ ବାଧ୍ୟ। ସମାଜରେ ଏବେ ବୈଦ୍ୟୁତିକ ଯନ୍ତ୍ରପାତିର ବ୍ୟବହାର ବଢ଼ିଛି। ଟିଆର୍‌ପି ବଢ଼ାଇବା ଲାଗି ଗଣମାଧ୍ୟମଗୁଡ଼ିକ ଏହାକୁ ଅସ୍ତ୍ର କରୁଛନ୍ତି। କଲମ ସହିତ ଶ୍ୱେତପଦ୍ମାସନା ଦେବୀ ସରସ୍ୱତୀ ଯୋଡ଼ିହୋଇ ସତ୍ୟ ସାରସ୍ୱତ ବାର୍ତ୍ତା ପ୍ରଦାନ କରୁଥିଲେ କିନ୍ତୁ କଲମ ସହ ପଦ୍ମାଳୟା ଲକ୍ଷ୍ମୀ ସଂଯୁକ୍ତ ହେଲାପରେ ସମ୍ବାଦର ଚିତ୍ର-ଚରିତ୍ର ବଦଳିଯିବାରେ ଲାଗିଛି। ମଜଭୁତ ଚତୁର୍ଥ ସ୍ତମ୍ଭ ହିଁ ସ୍ଥିର ସରକାର, ସୁସ୍ଥ ସମାଜ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ସାହାଯ୍ୟ କରିପାରିବ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କ ଗାଡ଼ିରୁ ୪ ଲକ୍ଷ ଜବତ




ଟଙ୍କା ଜବତ ହୋଇଥିବା ବୋଲେରୋ।

**ଢେଙ୍କାନାଳ ଅଫିସ, ୧୮।୪:** ଢେଙ୍କାନାଳ ଜିଲା ୫୬-ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ କୁମାର ନାୟକଙ୍କ ବୋଲେରୋରୁ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ସହରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରୁ ୪ଲକ୍ଷ ଟଙ୍କା ଜବତ କରାଯାଇଛି। ଜବତ ସମୟରେ ଅଶୋକ ବୋଲେରୋରେ ବସିଥିଲେ। ଷ୍ଟାଟିଷ୍ଟିକ୍ ସର୍ଭେଲାନ୍ସ ଟିମ୍‌ଙ୍କ ଅନୁସନ୍ଧାନ ପରେ ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ ବୋଲେରୋକୁ ଢେଙ୍କାନାଳ-ଭାପୁର ରାସ୍ତାର କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅଟକାଇ ଟଙ୍କା ଜବତ କରିଥିଲେ ବୋଲି ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହାକୁ ନେଇ ତଦନ୍ତ ମଧ ଜାରି ରହିଛି।

# ଯୋଗେଶଙ୍କ ଭାଇଙ୍କ ସମେତ ୬ଜଣଙ୍କୁ ମରଣାନ୍ତକ ଆକ୍ରମଣ

## ■ ଖବରଦାତାଙ୍କ ଗାଡ଼ି ଭଙ୍ଗାରୁଜା, ଆକ୍ରମଣ ଘଟଣାରେ ୪ ଗିରଫ

**ସୁନ୍ଦରଗଡ଼, ୧୮।୪ (ଡି.ଏନ୍.ଏ.)**

ବୁଧବାର ବିଳମ୍ବିତ ରାତିରେ ୨ ସ୍ଥାନରେ ନିର୍ବାଚନୀ ହିଂସାକାଣ୍ଡ ଘଟିଛି। ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ସାଲେପାଲି ଗ୍ରାମରେ ସାପ୍ତାହିକ ପତ୍ରିକାର ଜଣେ ଖବରଦାତା ଓ ଅନ୍ୟ ୩ ଜଣଙ୍କ ଉପରେ ଆକ୍ରମଣ ହୋଇଛି। ଏହି ନିର୍ବାଚନମଣ୍ଡଳୀର ରାଏବଗା ଗ୍ରାମରେ ପୂର୍ବତନ ବିଧାୟକ ତଥା ବିଜେଡି ପ୍ରାର୍ଥୀ ଯୋଗେଶ ସିଂଙ୍କ ଭାଇ ଓ ସମର୍ଥକଙ୍କ ଉପରେ ବି ମରଣାନ୍ତକ ଆକ୍ରମଣ ହୋଇଛି। ଖବରଦାତା ସୁଧାକର ପାଣ୍ଡେ, ଯୋଗେଶଙ୍କ ଭାଇ ନରେଶ କୁମାର ସିଂ, ରିତେଶ କୁମାର ସିଂ ଓ ରାକେଶ ଅଗ୍ରୱାଲ ଓ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଧରୁଆଡିହି ଥାନା ଓ ଭଷ୍ମା ଥାନାରେ ପୃଥକ୍ ଭାବେ ୨ଟି ମାମଲା ରୁଜୁ ହୋଇଛି। ଖବରଦାତାଙ୍କୁ ଆକ୍ରମଣ ଓ ଗାଡ଼ି ଭଙ୍ଗା ରୁଜୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଯୋଗେଶ ସିଂଙ୍କ ଭାଇ ଓ ସମର୍ଥକଙ୍କ ଉପରେ ଆକ୍ରମଣ ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

ବୁଧବାର ସନ୍ଧ୍ୟାରେ ସର୍ଗିପାଲିର ସୁଧାକର ପାଣ୍ଡେ ଅନ୍ୟ ୩ଜଣଙ୍କ ସହ ସଦର ବ୍ଲକର ସାଲେପାଲି ଗ୍ରାମକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ସେମାନେ ସାଲେପାଲିଛକରେ ଥିବା ହୋଟେଲରେ ଖାଉଥିବା ସମୟରେ ଏକ ଗାଡି (ନଂ.ଓଡି ୧୬ଇ ୦୧୩୩) ରୁ ୫/୬ ଜଣ ଯୁବକ ଓହ୍ଲାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏପରିକି ସେମାନଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହିତ ମାରପିଟ କରିଥିଲେ। ଖବରଦାତାଙ୍କ କାର କାଚ ମଧ୍ୟ ଭଙ୍ଗାରୁଜା କରିଥିଲେ। ଲୋକମାନେ ପହଞ୍ଚିବାରୁ ସଂପୃକ୍ତ ଯୁବକମାନେ ସେହି ସ୍ଥାନ ଛାଡି ଫେରାର୍ ହୋଇଯାଇଥିଲେ। ପରେ ଘଟଣା ସମ୍ପର୍କରେ ଖବରଦାତା ପାଣ୍ଡେ ଧରୁଆଡିହି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୪।୨୦୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀମାନେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ସମର୍ଥକ ବୋଲି ଖବରଦାତା ପାଣ୍ଡେ ତାଙ୍କ ଏତଲାରେ ଦର୍ଶାଇଛନ୍ତି।

ସେହିପରି ବୁଧବାର ରାତି ପ୍ରାୟ ୧୦ଟାବେଳେ ଦର୍ଲିପାଲି ରାଏବଗା ଗ୍ରାମରେ କେତେକ ଭୋଟରଙ୍କୁ କିଛି ବ୍ୟକ୍ତି ଆସି ଧମକଚମକ ଦେଉଥିବା ଖବରପାଇ ବିଜେଡି ପ୍ରାର୍ଥୀ ଯୋଗେଶ ସିଂଙ୍କ ସାନ ଭାଇ ରିତେଶ, ନରେଶ ଓ ରାକେଶ ଅନ୍ୟ ଜଣେ ସେହି ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସେମାନେ ପହଞ୍ଚିବା ପରେ ପ୍ରାୟ ୨୦ରୁ ୨୫ଜଣ ଭାଜପା ସମର୍ଥକ ଟାଙ୍ଗିଆ, ଭୁଜାଲି, ଲୁହାଛଡ ଦ୍ୱାରା ଗୋଡାଇ ଗୋଡାଇ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଗାଁ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସର୍ଗିପାଲି ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ଭଷ୍ମା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ନିର୍ବାଚନୀ ହିଂସା, ଜଣେ ଗୁରୁତର

**ବରଗଡ଼ ଅଫିସ, ୧୮।୪**

ବରଗଡ଼ ଜିଲା ଭଟଲି ନିର୍ବାଚନମଣ୍ଡଳୀର ସୋହେଲା ଥାନା ବଞ୍ଜାରୀ ଗ୍ରାମରେ ଗୁରୁବାର ମତଦାନ ଚାଲିଥିବାବେଳେ ନିର୍ବାଚନୀ ହିଂସା ଘଟିଛି । ଉକ୍ତ ଗ୍ରାମର ଛୋଟେଲାଲ ପାତ୍ରଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଯୋଗୁ ସେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଛୋଟେଲାଲଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଏହାପୂର୍ବରୁ ବିଜେପୁର ଓ ଭଟଲି ନିର୍ବାଚନମଣ୍ଡଳୀରେ ବୁଧବାର ନିର୍ବାଚନୀ ହିଂସା ଘଟିଥିଲା।



ଆହତଙ୍କୁ ବରଗଡ଼ ଡାକ୍ତରଖାନାରୁ ବୁର୍ଲା ସ୍ଥାନାନ୍ତର କରାଯାଉଛି।

# ବିଜୟଙ୍କ ପାଇଁ ପାଟକୁରାରେ ଦିଲୀପ

■ ପାଟକୁରାବାସୀଙ୍କର ବିଜୟଙ୍କ ପ୍ରତି ଦୃଢ଼ ସମର୍ଥନ ରହିଛି: ଦିଲୀପ

■ ଦିଲୀପଙ୍କ ଗସ୍ତ କର୍ମୀଙ୍କୁ ଉତ୍ସାହିତ କରିଛି: ବିଜୟ



ପାଟକୁରାରେ ବିଜୟ ମହାପାତ୍ରଙ୍କ ସହ ଦିଲୀପ ରାୟ।

**ଡେରାବିଶ, (ସ୍ୱ.ପ୍ର.)/ ପାଟକୁରା, ୧୮।୪ (ଡି.ଏନ୍.ଏ.)**

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପାଇଁ ପ୍ରଚାର କରିବାକୁ ଗୁରୁବାର ପାଟକୁରାରେ ପହଞ୍ଚିଥିଲେ ଭାଜପାର ପୂର୍ବତନ ବିଧାୟକ ଦିଲୀପ ରାୟ। ସେଠାରେ ବିଜୟଙ୍କ ପାଇଁ ପ୍ରଚାର କରିବା ସହ ଆଗାମୀ ଦିନରେ ବିଜୟଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଦିଲ୍ଲୀପ କହିଛନ୍ତି।

ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟା ବେଳେ ଦିଲୀପ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ତଳକୁସୁମା ଗ୍ରାମସ୍ଥିତ ବିଜୟ ମହାପାତ୍ରଙ୍କ ବାସଭବନଠାରେ ପହଞ୍ଚିଥିଲେ। ସେଠାରେ ସେ ବିଜୟଙ୍କୁ ଶୁଭେଚ୍ଛା ଜଣାଇବା ପରେ କିଛି ସମୟ ଧରି ଉଭୟଙ୍କ ମଧରେ ବ୍ୟକ୍ତିଗତ ଆଲୋଚନା ହୋଇଥିଲା। ଏହାପରେ ବିଜୟଙ୍କ ପ୍ରଚାର ଶୋଭାଯାତ୍ରାରେ ଦିଲୀପ ସାମିଲ ହୋଇଥିଲେ। ଦିଲୀପ ସ୍ଥାନୀୟ ତେଣ୍ଡାକୁଡ଼ା, ପଳସୁଧା, ନଡ଼ିଆବାରେଇ, ରାମଚନ୍ଦ୍ରପୁର ଗ୍ରାମରେ ବୁଲି ପ୍ରଚାର କରିବା ସହ ବିଜୟଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ସମୟରେ ଦିଲୀପ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ବିଜୟ ବାବୁ ମୋର ଅନ୍ତରଙ୍ଗ ବନ୍ଧୁ। ବନ୍ଧୁଙ୍କୁ ନିର୍ବାଚନରେ ସାହାଯ୍ୟ କରିବା ପାଇଁ ସେ ପାଟକୁରା ଆସିଛନ୍ତି। ଆଗାମୀ ଦିନରେ ମଧ ବିଜୟଙ୍କ ପାଇଁ ପ୍ରଚାର କରିବା ସହ ନିର୍ବାଚନ ପାଇଁ ଆବଶ୍ୟକ ସହଯୋଗ କରିବେ ବୋଲି ଦିଲୀପ କହିଥିଲେ। ବିଜୟଙ୍କ ପ୍ରତି ପାଟକୁରାବାସୀଙ୍କ ଦୃଢ଼ ସମର୍ଥନ ରହିଛି। ପାଟକୁରାରୁ ସେ ବହୁମତରେ ନିର୍ବାଚିତ ହେବେ ବୋଲି ଦିଲୀପ କହିଥିଲେ। ଏଥିସହ ସେ ଯେଉଁ କାରଣରୁ ଭାଜପା ଛାଡ଼ିଥିଲେ ତାହା ଏବେ କେନ୍ଦ୍ର ସରକାର ପୂରଣ କରିଛନ୍ତି। ଡେରିରେ ହେଲେ ବି ଏହି ଦାବିକୁ ପୂରଣ କରାଯାଇଥିବାରୁ ଦିଲୀପ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ଦିଲୀପଙ୍କ ଗସ୍ତ ସମ୍ପର୍କରେ ବିଜୟ କହିଛନ୍ତି, ଦିଲୀପ ବାବୁ ମୋର ଶୁଭାକାଂକ୍ଷୀ। ଆଗାମୀ ଦିନରେ ମଧ ସେ ବାରମ୍ବାର ଏଠାକୁ ଗସ୍ତ କରିବେ। ଦିଲୀପଙ୍କ ଗସ୍ତକୁ ନେଇ ପାଟକୁରାରେ ଭାଜପା କର୍ମୀମାନେ ଉତ୍ସାହିତ ହୋଇଛନ୍ତି। ଏଥିସହ ପ୍ରଚାର ବେଳେ ସବୁ ସ୍ଥାନରେ ଦିଲୀପଙ୍କ ପ୍ରତି ସାଧାରଣ ଲୋକଙ୍କର ସ୍ନେହ ଶ୍ରଦ୍ଧା ରହିଥିବା ପରିଲକ୍ଷିତ ହୋଇଥିଲା ବୋଲି ବିଜୟ କହିଛନ୍ତି। ଶୁକ୍ରବାର ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଞ୍ଚଳରେ ବିଜୟଙ୍କ ପାଇଁ ଦିଲୀପ ପ୍ରଚାର କରିବେ ବୋଲି ସୂଚନା ମିଳିଛି।

# ଭୋଟ ଦେବାକୁ ଧାଡ଼ିରେ ଠିଆହୋଇ ବୃଦ୍ଧ ଟଳି ପଡ଼ିଲେ

**ଦିଗପହଣ୍ଡି,୧୮।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ (ନଂ.୧୩୦)ରେ ଗୁରୁବାର ଭୋଟଦାନ ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଭୋଟ ଦେବାକୁ ଧାଡିରେ ଠିଆ ହୋଇଥିବା ଜଣେ ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ନଟବର ବେହେରା(୯୫)। ନଟବର କଂସାମାରି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ.୧୮୪କୁ ଭୋଟ ଦେବାକୁ ସକାଳ ପ୍ରାୟ ସାଢେ ୭ଟାରେ ଆସିଥିଲେ। ମକ୍‌ପୋଲିଂ ପରେ ମତଦାନ ଆରମ୍ଭ ହୋଇଥିଲା। ଲମ୍ବା ଧାଡିରେ ବହୁ ଲୋକ ଠିଆ ହୋଇଥିଲେ। ଟେଣ୍ଟ ବ୍ୟବସ୍ଥା ନ ଥିବାରୁ ନଟବର ଖରାରେ ଠିଆ ହୋଇଥିଲେ। ପ୍ରାୟ ୯ଟାବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି।







## ବିଧାୟିକାଙ୍କ ସୁରକ୍ଷା ଅଧିକାରୀଙ୍କୁ ଆକ୍ରମଣ

**ବ୍ରଜରାଜନଗର, ୧୮।୪(ଡି.ଏନ୍.ଏ.)**

ବ୍ରଜରାଜନଗର ପୌରାଞ୍ଚଳ ୧୯୩ନଂ ବୁଥ୍‌ରେ ଗୁରୁବାର ମତଦାନ ଚାଲିଥିବାବେଳେ ସ୍ଥାନୀୟ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ରାଧେ କିଷାନଙ୍କୁ ଆକ୍ରମଣ ହୋଇଛି। ଏଥିରେ କିଷାନ ଆହତ ହୋଇଛନ୍ତି। ତାଙ୍କ ମୁହଁରେ ଆଘାତ ଲାଗିଛି। ଏ ନେଇ ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବିଶ୍ୱାମିତ୍ର ହରିପାଲ କହିଛନ୍ତି।

**ସଂକ୍ଷେପରେ**

## ଭାଜପା ସମର୍ଥକଙ୍କୁ ହତ୍ୟା ଘଟଣାରେ ଜଣେ ଗିରଫ



ସୋରଡ଼ା,୧୮।୪(ଡି.ଏନ୍.ଏ.) ଗଞ୍ଜାମ ଜିଲା ସୋରଡ଼ା ଥାନ ଲାଠିପଡ଼ା ପଞ୍ଚାୟତ କଦଳୀଝୋଲା ଗ୍ରାମରେ ବୁଧବାର ରାତିରେ ଜଣେ ଭାଜପା ସମର୍ଥକ ସନ୍ତୋଷ କୁମାର ପତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଦଳୀଝୋଲା ଗାଁର କୁମର ନାଇକ। ସୋରଡ଼ା ଥାନା ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସ୍‌ଡିପିଓ ସୀତାରାମ ଶତପଥୀଙ୍କ ସୂଚନା ଅନୁଯାୟୀ, ଗ୍ରାମର ଗୋଟିଏ ଚଉଁରାରେ ଭାଜପା ପୋଷ୍ଟର ମରାଯାଇଥିଲା। ଉକ୍ତ ପୋଷ୍ଟରକୁ ବାହାର କରିବାକୁ ବିଜେଡି ସମର୍ଥକମାନେ କହିଥିଲେ। ଏ ନେଇ ରାତିରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଭାଜପା ସମର୍ଥକ ଗଣେଶ ପତି ଏବଂ ତାଙ୍କ ପୁଅ ସନ୍ତୋଷଙ୍କ ସହ ବିଜେଡି ସମର୍ଥକମାନେ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ସନ୍ତୋଷଙ୍କ ଉପରେ ବିଜେଡି ସମର୍ଥକ ଆକ୍ରମଣ କରିଥିଲେ। ଗୁରୁତର ସନ୍ତୋଷଙ୍କୁ ଭଞ୍ଜନଗର ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାପା ଗଣେଶଙ୍କ ଏତଲା କ୍ରମେ ପୋଲିସ ନଂ. ୫୬/୧୯ରେ ଏକ ମାମଲା ରୁଜୁ କରି କୁମର ନାଇକଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର୍ ଅଛନ୍ତି। ତାଙ୍କୁ ଧରାଯିବ ଶୀଘ୍ର କାବୁ କରାଯିବ ବୋଲି ପୋଲିସ କହିଛି। ଆକ୍ରମଣ ପରେ ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ, ଯୁବନେତା କବିରାଜ ସ୍ୱାଇଁ, ସୂର୍ଯ୍ୟ ପ୍ରଧାନ, ସୁରେନ୍ଦ୍ର ଡାକୁଆଙ୍କ ସମେତ ବହୁ କର୍ମୀ, ଜନସାଧାରଣ ବୁଧବାର ରାତିରେ ଭଞ୍ଜନଗର-ସୋରଡ଼ା ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୋରଡ଼ା ଥାନାଧିକାରୀ ପ୍ରଭାତ ସାହୁ ମୃତଦେହ ଜବତ କରି ଭଞ୍ଜନଗର ମେଡିକାଲରେ ବ୍ୟବଚ୍ଛେଦ କରାଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଘଟଣାପରେ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

■ ରାଜ୍ୟରେ ବଢ଼ୁଛି ନିର୍ବାଚନୀ ହିଂସା

# ପୋଲିସ ଚାହିଁଛି, ମୁଣ୍ଡ ଗଡ଼ୁଛି

ଜ୍ୟୋତିରଞ୍ଜନ ମହାପାତ୍ର

ଭୁବନେଶ୍ୱର, ୧୮।୪(ବ୍ୟୁରୋ)


ସରିଛି ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ। ରାଜ୍ୟରେ ଆଉ ଦୁଇ ପର୍ଯ୍ୟାୟ ନିର୍ବାଚନ ବାକି ରହିଥିବାବେଳେ ବଢ଼ି ଚାଲିଛି ନିର୍ବାଚନୀ ହିଂସା। ହତ୍ୟା, ବିସ୍ଫୋରଣ, ଗୁଳି ଓ ବୋମା ମାଡ଼ରେ ଥରୁଛି ଓଡ଼ିଶା। ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସୁଦ୍ଧା ୫ରୁ ଊର୍ଦ୍ଧ୍ୱ ରାଜନୈତିକ ହତ୍ୟାକାଣ୍ଡ ଘଟିସାରିଲାଣି। ରାଜଧାନୀ ସମେତ ବିଭିନ୍ନ ଜିଲାରେ ବୋମା ଓ ଗୁଳିମାଡ଼ ହୋଇଥିବାବେଳେ ଶତାଧିକ ନେତା ଏବଂ କର୍ମୀ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଅନ୍ୟପକ୍ଷରେ ନିର୍ବାଚନକୁ ବିରୋଧ କରି ମାଓବାଦୀମାନେ ଏକାଧିକ ସ୍ଥାନରେ ବିସ୍ଫୋରଣ ଓ ଆକ୍ରମଣ ଜାରି ରଖିଛନ୍ତି। ପୋଲିଂ ଗାଡି ପୋଡ଼ିବାଠାରୁ ଆରମ୍ଭ କରି ପୋଲିଂ ଚେକିଂ ପାର୍ଟିର ଜଣେ ମହିଳା ମେସେଞ୍ଜରଙ୍କୁ ଗୁଳିକରି ହତ୍ୟାକରିବା ଘଟଣା ଓଡ଼ିଶା ପୋଲିସର ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ ପ୍ରତି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏ ସମସ୍ତ ଘଟଣା ପୋଲିସର ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗକୁ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଅଞ୍ଚଳରେ ବହୁ ସମ୍ବେଦନଶୀଳ ବୁଥ୍ ରହିଛି। ଦିନକୁ ଦିନ ପ୍ରଚାର ଜୋର୍‌ଦାର ହେଉଥିବାବେଳେ ରାଜ୍ୟରେ ରାଜନୈତିକ ଦଳଗୁଡିକ ମୁହାଁମୁହିଁ ହେବା ସହ ହିଂସାକୁ ଆପଣାଇବାରେ ଲାଗିଛନ୍ତି। ଏପରିକି ସାମ୍ପ୍ରଦାୟିକ ଦଙ୍ଗା ପରିସ୍ଥିତି ସୃଷ୍ଟିହେବାର ଆଶଙ୍କା ମଧ୍ୟ କରାଯାଉଛି। ଚଳିତ ନିର୍ବାଚନରେ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବା ସହ ଜଟିଳ ପରିସ୍ଥିତି ଉପୁଜିବା ସମ୍ପର୍କରେ ଆମେରିକାର ଗୋଇନ୍ଦା ରିପୋର୍ଟ ଏବେ ସତରେ ପରିଣତ ହୋଇଛି। ଉକ୍ତ ରିପୋର୍ଟକୁ ନେଇ ଗତ କିଛିଦିନ ତଳେ ଓଡ଼ିଶା ପୋଲିସକୁ ମଧ୍ୟ ସତର୍କ କରାଯାଇଥିଲା। ରାଜ୍ୟରେ ନିର୍ବାଚନୀ ହିଂସା, ରାଜନୈତିକ ଦଙ୍ଗା ଓ ମାଓବାଦୀଙ୍କ ଆକ୍ରମଣକୁ ପ୍ରତିହତ କରିବାକୁ ପୋଲିସ ବାରମ୍ବାର ବୈଠକ ଡାକି ସଜାଗ ରହିବା ସହ ସ୍ଥିତି ଉପରେ କଡା ନଜର ରଖିଥିଲା। ହେଲେ ଏବେ ପୋଲିସ ଚାହିଁଛି, ନିର୍ବାଚନୀ ହିଂସାରେ ଜଣଙ୍କ ପରେ ଆଉଜଣଙ୍କ ମୁଣ୍ଡ ଗଡ଼ୁଛି।

### ପୂର୍ବତନ ବିଧାୟକ ପ୍ରାର୍ଥୀଙ୍କ ହାତଗୋଡ଼ ହାଣି ହତ୍ୟା

ମାର୍ଚ୍ଚ ୨୫ରେ କେନ୍ଦୁଝର ଜିଲା ଘସିପୁରାଠାରେ ୨୦୧୪ ନିର୍ବାଚନରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଥିବା ରାମଚନ୍ଦ୍ର ବେହେରାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ରାମଚନ୍ଦ୍ରଙ୍କ ଘରେ ବୈଠକ ବସିଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ବାହାରକୁ ଡାକିନେଇ ହାତଗୋଡ଼ ହାଣି ହତ୍ୟା କରିଥିଲେ। ପ୍ରତିପକ୍ଷ ରାଜନୈତିକ ଗୋଷ୍ଠୀର ନେତାଙ୍କ ଇସାରାରେ ଦୁର୍ବୃତ୍ତମାନେ ଏହି ଅମାନୁଷିକ କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଥିଲା। ଏବେ ରାମଚନ୍ଦ୍ରଙ୍କ ପରିବାରକୁ ହତ୍ୟା ଧମକ ମିଳୁଛି। ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ତାଙ୍କ ସ୍ତ୍ରୀ, ପୁଅ ଏବଂ ଝିଅ ଗଣମାଧ୍ୟମକୁ ଜଣାଇଛନ୍ତି। ଝିଅ ମୀନାରାଣୀ କହିଛନ୍ତି, ପିତାଙ୍କୁ ଆକ୍ରମଣ କରି ଫେରାର ଥିବା ଅଭିଯୁକ୍ତମାନେ ନିକଟ ଜଙ୍ଗଲରେ ଲୁଚି ରହିବା ସହ ରାତିରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି। ଏ ନେଇ ଗତ ୧୩ ତାରିଖରେ ଏସ୍‌ପି ଜୟନାରାୟଣ ପଙ୍କଜଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

### ଖୋର୍ଦ୍ଧାରେ ଭାଜପା ନେତାଙ୍କୁ ଗୁଳି କରି ହତ୍ୟା

ଏପ୍ରିଲ ୧୪ ରବିବାର ରାତିରେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ନବୀନବାଗ ନିକଟରେ ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଗୁଳିକରି ହତ୍ୟା କରାଗଲା। ମଙ୍ଗୁଳି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ୍ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ଥିଲେ। ପୋଲିସ ୧୧୯/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଏହା ଏକ ରାଜନୈତିକ ହତ୍ୟାକାଣ୍ଡ ବୋଲି କହିଥିଲା। ପ୍ରଥମେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ୪ ଟିମ୍ ଗଠନ କରାଯାଇ ତଦନ୍ତ ପରେ ଏବେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଛି। ଏହି ଘଟଣାକୁ ନେଇ ଭାଜପା ବିଜେଡିକୁ ଦାୟୀ କରିଥିବାବେଳେ ବିଜେଡି କିନ୍ତୁ ଏହାକୁ ଖଣ୍ଡନ କରିଛି। ପୋଲିସ ୨ ଜଣଙ୍କୁ ଅଟକ ରଖି ଛାଡ଼ିଥିଲେ ମଧ୍ୟ ଏଯାଏ ହତ୍ୟାକାଣ୍ଡ ଓ ହତ୍ୟାକାରୀଙ୍କ ସମ୍ପର୍କରେ ସାମାନ୍ୟତମ ସୁରାକ ପାଇପାରିନି ପୋଲିସ।



### ପୋଲିଂ ପାର୍ଟି ଗାଡ଼ି ପୋଡ଼ି, ମହିଳା ମେସେଞ୍ଜରଙ୍କୁ ହତ୍ୟା

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ବୁଧବାର ମାଓବାଦୀମାନେ ଏକାଧିକ ସ୍ଥାନରେ ପୋଲିଂ ପାର୍ଟି ଉପରେ ଆକ୍ରମଣ କରିଥିଲେ। କନ୍ଧମାଳ ଜିଲାର ସୁମରବନ୍ଧ ପଞ୍ଚାୟତ ମୁଙ୍ଗୁନୁପଦରଠାରେ ୨୦ରୁ ୨୫ ସଶସ୍ତ୍ର ମାଓବାଦୀ ପୋଲିଂ ଗାଡିକୁ ଅଟକାଇ ନିଆଁ ଲଗାଇଦେଇଥିଲେ। ସେହିଭଳି କୋଏରମାଣ୍ଡୁ ପଞ୍ଚାୟତ ବାରାହାଲାଠାରେ ଲ୍ୟାଣ୍ଡମାଇନ୍ ଲଗାଇ ବିସ୍ଫୋରଣ ପରେ ପୋଲିଂ ଚେକିଂ ପାର୍ଟିର ଗାଡି ଉପରକୁ ଆଖିବୁଜା ଗୁଳି ଚଲାଇଥିଲେ। ଏଥିରେ ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ସଂଯୁକ୍ତା ଦିଗାଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କୋରାପୁଟ ଜିଲା ଲମତାପୁଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ଆରମ୍ଭରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନକୁ ବିରୋଧ କରି ମାଓବାଦୀମାନେ ଏକାଧିକ ସ୍ଥାନରେ ପୋଷ୍ଟର ଲଗାଇ ଚେତାବନୀ ଦେଇଥିଲେ। ଏ ପରିସ୍ଥିତିରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ହୋଇ ନ ଥିବାରୁ ପୋଲିସ ଉପରେ ଭରସା କରିପାରି ନ ଥିଲେ ଲୋକେ। ମାଓବାଦୀଙ୍କ ଭୟରେ ବିଭିନ୍ନ ସ୍ଥାନରେ ଲୋକେ ଭୋଟ ଦେଇ ନ ଥିବାବେଳେ କେତେକ ବୁଥ୍‌ରେ ହୋଇଥିବା ଶୂନ ମତଦାନ ପୋଲିସ ପ୍ରଶାସନର ବିଫଳତାକୁ ପଦାକୁ ଆଣିଛି।

### ୨ଜଣଙ୍କୁ ହତ୍ୟା ପରେ ଗଞ୍ଜାମ ପୁଣି ଅଶାନ୍ତ

ଗଞ୍ଜାମ ଜିଲା ସୋରଡା ନିର୍ବାଚନମଣ୍ଡଳୀର ଲାଠିପଡ଼ା ପଞ୍ଚାୟତର କଦଳୀଝଡା ଗ୍ରାମରେ ବୁଧବାର ରାତିରେ ରାଜନୈତିକ ହିଂସାକୁ ନେଇ ଦୁଇଟି ହତ୍ୟାକାଣ୍ଡ ଘଟିଥିଲା। ଭାଜପା ସମର୍ଥକ ତଥା କଦଳୀଝଡା ଗ୍ରାମର ୱାର୍ଡମେମ୍ବର ଗଣେଶ ପତିଙ୍କ ପୁଅ ସନ୍ତୋଷଙ୍କୁ ହତ୍ୟା କରାଯାଇଥିଲା। ସନ୍ତୋଷଙ୍କୁ ପ୍ରତିପକ୍ଷ ଗୋଷ୍ଠୀର କେତେଜଣ କର୍ମୀ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଆକ୍ରୋଶରୁ ସନ୍ତୋଷଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପିତା ଗଣେଶ ଅଭିଯୋଗ କରିଛନ୍ତି।

ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଗଝୋଳରେ ବୁଧବାର ରାତିରେ ବୋମା ପକାଇ ସଦାଶିବ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ରାଜନୈତିକ କାରଣକୁ କେନ୍ଦ୍ର କରି ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ବଡ଼ଭାଇ ହାଡୁ ଥାନାରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବୁଧବାର ରାତିରେ ଦୁଇଜଣ ଯୁବକ ତାଙ୍କୁ ରାଜନୈତିକ କାର୍ଯ୍ୟରେ ଘରୁ ଡାକି ନେଇଥିଲେ। ରାତି ଦୁଇଟାବେଳେ ଘର ନିକଟରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପରିବାର ଲୋକେ ବାହାରକୁ ଆସି ସଦାଶିବଙ୍କୁ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଥିବା ଦେଖି ହସ୍ପିଟାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗରେ ସେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନେତାଙ୍କୁ ଇଙ୍ଗିତ କରିଛନ୍ତି।

### ଫେଲ ମାରୁଛି ପୋଲିସ, ଗୋଇନ୍ଦା ବିଭାଗ

ନିର୍ବାଚନୀ ହିଂସାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଯୁବ ଆଇନଜୀବୀ ବିସ୍ମୟ କୁମାର ଷ୍ଟାଲିନ। ସେ ଏଥିପାଇଁ ପୋଲିସ ଓ ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି କହିଛନ୍ତି। ଖୋଦ୍ ରାଜଧାନୀରେ ମଧ୍ୟ ରାଜନୈତିକ ଦଳର କାର୍ଯ୍ୟାଳୟ ଉପରକୁ ବୋମାମାଡ଼ ହେଉଛି। ପ୍ରଚାରବେଳେ ଆକ୍ରମଣ କରାଯାଉଛି। ହେଲେ ପୋଲିସ କିମ୍ବା ଗୋଇନ୍ଦା ବିଭାଗ କିଛି ବି ଆଗୁଆ ସୂଚନା ଦେଇପାରୁନି। ସବୁଠାରୁ ବଡ଼ କଥା ହେଉଛି ରାଜଧାନୀ ଛାତି ଉପରେ ପୁଣି ସରକାରୀ କ୍ୱାର୍ଟରରେ ଚାଲିଥିବା ବନ୍ଧୁକ କାରଖାନା ସମ୍ପର୍କରେ ମଧ୍ୟ ଗୋଇନ୍ଦା ବିଭାଗ ସାମାନ୍ୟତମ ସୁରାକ ପାଇପାରି ନ ଥିଲା। ଖଣ୍ଡଗିରି ଥାନା ଅନ୍ତର୍ଗତ ଓୟୁଏଟି କଲୋନୀ ପ୍ଲଟ୍ ନଂ.୧ଆର ୧/୬ରୁ ଗୁଳି ଫୁଟିବା ଶବ୍ଦ ଶୁଣି ପଡୋଶୀ ପୋଲିସକୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ପରେ ପୋଲିସ ଚଢ଼ାଉ କରି ସେଠାରୁ ୩ଟି ଅର୍ଦ୍ଧନିର୍ମିତ ପିସ୍ତଲ, ୩୫ ଗୁଳି, ବାରୁଦ ସହ ବନ୍ଧୁକ ଓ ବୋମା ତିଆରି ସରଞ୍ଜାମ ଜବତ କରିଥିଲା। ଏବେ ରାଜ୍ୟରେ ସୃଷ୍ଟି ହୋଇଥିବା ଅରାଜକତା ପରିସ୍ଥିତି ପାଇଁ ପୋଲିସ ଦାୟୀ ବୋଲି ଷ୍ଟାଲିନ କହିଛନ୍ତି।

ଅନ୍ୟପକ୍ଷରେ ଭାଜପାର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ପୋଲିସ ଓ ପ୍ରଶାସନ ବିଜେଡି ଦଳର ପ୍ରଚାର କାର୍ଯ୍ୟରେ ଲାଗିଥିବାରୁ ସାଧାରଣ ଲୋକ ବଳି ପଡୁଛନ୍ତି। ବିଜେଡି ବର୍ତ୍ତମାନ ହାରିଯିବା ଭୟରେ ରାଜ୍ୟ ସାରା ବ୍ୟାପକ ହିଂସା ଘଟାଉଛି। ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀଙ୍କୁ ହତ୍ୟା ଓ ଆକ୍ରମଣ କରାଯାଉଥିବା ସେ କହିଛନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଜ୍ୟରେ କିଏ କାହିଁକି ହିଂସା ଘଟାଉଛନ୍ତି ତାହା ରାଜ୍ୟବାସୀ ଭଲ ଭାବରେ ଜାଣିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଦୋଷୀ ନିଶ୍ଚିତ ଦଣ୍ଡ ପାଇବ ବୋଲି ସେ କହିଛନ୍ତି। କିନ୍ତୁ ହିଂସା ପାଇଁ ବିଜେଡି ଓ ଭାଜପାକୁ ଦାୟୀ କରିଛି କଂଗ୍ରେସ। କ୍ଷମତା ଲୋଭରେ ଉଭୟ ଦଳ ଦଙ୍ଗା ଓ ହିଂସାରେ ମାତିଛନ୍ତି। ରାଜ୍ୟରେ ଯେଉଁଭଳି ଭାବେ ନିର୍ବାଚନୀ ହିଂସା ବଢ଼ୁଛି ତାହା ପୋଲିସ ପ୍ରଶାସନର ବଡ଼ ବିଫଳତା ବୋଲି ଯୁବ କଂଗ୍ରେସ ମୁଖପାତ୍ର ଜ୍ୟୋତିପ୍ରକାଶ ଆଚାର୍ଯ୍ୟ କହିଛନ୍ତି।

### ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ହିଂସାର ମାତ୍ର କମ୍: ଡିଜିପି

ଡିଜିପି ଇନ୍‌ଚାର୍ଜ ବି.କେ.ଶର୍ମା କହିଛନ୍ତି, ଯେଉଁଠାରେ ନିର୍ବାଚନୀ ହିଂସା ଦେଖା ଦେଉଛି ପୋଲିସ ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାରେ ନିର୍ବାଚନୀ ହିଂସାର ମାତ୍ରା କମ୍ ରହିଛି। କଡ଼ା ସୁରକ୍ଷା ମଧ୍ୟରେ ମତଦାନ କାର୍ଯ୍ୟକୁ ପରିଚାଳନା କରାଯାଉଛି। ପୋଲିସ ମାଓବାଦୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଯେପରି ଆଉ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତ ସୃଷ୍ଟି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସୋରଡ଼ା ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଅନ୍ୟସବୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଯେତେ ଶୀଘ୍ର ଗିରଫ କରାଯାଇ ପାରିବ ସେନେଇ ଚେଷ୍ଟା ଚାଲିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାରି ନ ପାରେ ପରକୁ,**
**ଟାଣ କରୁଥାଏ ଘରକୁ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍‌ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଇଟିକି ପାରିବି ନାହିଁ,**
**ଖାଇବାକୁ ହାରିବି ନାହିଁ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ଇଚ୍ଛା କରି ନ ଥାନ୍ତି। ଅଳସୁଆ, ଠାପୁଆ ପ୍ରକୃତିର ବ୍ୟକ୍ତି କଷ୍ଟକରି କାମ କରିବାକୁ ଇଚ୍ଛା କରି ନ ଥାନ୍ତି। କାମ କରିବା କଥା କହିଲେ ନାନା ବାହାନା କରି ବର୍ତ୍ତିଯିବାକୁ ଚେଷ୍ଟା ଚଳାଇଥାନ୍ତି। କିନ୍ତୁ ଖାଇବା କଥା ପଡ଼ିଲେ ଆନନ୍ଦର ସହ ଆଗଭର ହୋଇଯାଇଥାନ୍ତି। ନିକମା, ଅପାରଗ ବ୍ୟକ୍ତିଙ୍କ ଏପରି ମତିଗତି ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



## ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ:ଉର୍ମିଳା

ମୁମ୍ବାଇ: ମୋଦିଙ୍କ ବାୟୋପିକ୍ ପରିହାସ ସୃଷ୍ଟିକାରୀ ବୋଲି ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଗୁରୁବାର ପ୍ରକାଶ କରିଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ଭାବେ ମୁମ୍ବାଇ ନର୍ଥ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୋଦି ନିଜ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବାରୁ ତାଙ୍କ ରାଜନୈତିକ ଜୀବନୀକୁ ନେଇ ନିର୍ମାଣ ହୋଇଥିବା ଫିଲ୍ମ ଦର୍ଶକଙ୍କ ପାଇଁ ପରିହାସ ସୃଷ୍ଟି କରିବ ବୋଲି ଏଠାରେ ମୁମ୍ବାଇ ମରାଠୀ ପତ୍ରିକାର ସଂଘ କାର୍ଯ୍ୟାଳୟରେ ରିପୋର୍ଟରଙ୍କୁ ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନିଜର ଛାତି ୫୬ ଇଞ୍ଚ କହୁଥିବାବେଳେ ସେ କୌଣସି ଗୋଟିଏ ବି ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ତାଙ୍କ ଜୀବନୀ ଉପରେ ନିର୍ମିତ ଫିଲ୍ମ ଭାରତର ଗଣତନ୍ତ୍ର, ଦାରିଦ୍ର୍ୟ ଏବଂ ବିଭିନ୍ନତା ପାଇଁ ପରିହାସ ସଦୃଶ। ବରଂ ସେ ପ୍ରତିଶ୍ରୁତି ପୂରଣ କରି ନ ଥିବାରୁ ସେ ସବୁ ବିଷୟବସ୍ତୁକୁ ନେଇ ଏକ ହାସ୍ୟରସାତ୍ମକ ଫିଲ୍ମ ନର୍ମାଣ ହେବା ଉଚିତ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଗତ ୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥରେ ବି ସାମ୍ବାଦିକ ସମ୍ମିଳନୀ ଡାକି ନ ଥିବା ଉର୍ମିଳା କହିଛନ୍ତି। ସୂଚନାଯୋଗ୍ୟ, ବିବେକ ଓବେରୟ ଅଭିନୀତ ମୋଦିଙ୍କ ବାୟୋପିକ୍ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା। କିନ୍ତୁ ନିର୍ବାଚନ ଋତୁ ଜାରି ରହିଥିବାରୁ ନିର୍ବାଚନ କମିଶନ୍ ଏହାର ରିଲିଜ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

■ ଭାଜପା କର୍ମୀଙ୍କୁ ଶାସକ ଦଳର ଆକ୍ରମଣକୁ ନିନ୍ଦା

# ବୁଲେଟ୍‌ର ଜବାବ ଲୋକେ ବାଲଟ୍‌ରେ ଦେବେ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟ ତମାମ ଭାଜପା କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଉପରେ ବିଜେଡି ଆକ୍ରମଣ କରୁଛି। ଏହା ବିଜେଡିର ପରାଜୟ ପୂର୍ବ ହତାଶାର ପ୍ରତିଫଳନ । ଯେଉଁମାନେ ଅହଙ୍କାରରେ ମଦମସ୍ତ ହୋଇ ବୁଲେଟ୍‌ର ସାହରା ନେଇଛନ୍ତି, ତାଙ୍କୁ ସାଧାରଣ ଜନତା ବିଶେଷ କରି ଗରିବମାନେ ବାଲଟ୍‌ରେ ଜବାବ ଦେବେ। ଚଳିତ ନିର୍ବାଚନରେ ବିଜେଡି ହିଂସାର ଆଶ୍ରୟ ନେଉଛି ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ରଖିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଚଳିତ ନିର୍ବାଚନରେ ଏଭଳି ରାଜନୈତିକ ହିଂସା ବା ପ୍ରତିପକ୍ଷକୁ ଆକ୍ରମଣ ପ୍ରଥମ ଥର ପାଇଁ ଦେଖାଦେଇଛି। ସରକାରୀ ଦଳକୁ ରାଜନୈତିକ ବିରୋଧ କାରଣରୁ ଭାଜପା କର୍ମୀଙ୍କୁ ହତ୍ୟା କରାଯାଉଛି । ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆକ୍ରମଣର ନେତୃତ୍ୱ ନେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧୀନସ୍ଥ ଗୃହ ବିଭାଗର ୨ରୁ ୩ଜଣ ଅଣଓଡିଆ ସରକାରୀ ଅଧିକାରୀ ଓଡିଶାରେ ଗଣତନ୍ତ୍ରର କଣ୍ଠରୋଧ କରିବା ଭଳି ଦୁଃସାହସ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟ ତମାମ ହିଂସା, ଅପରାଧ ଓ ଭୟର ବାତାବରଣ ତିଆରି କରିବା ପାଇଁ ଚାହୁଁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏ ରାଜନୈତିକ ହିଂସା ହାରିବାର ପୂର୍ବ ଲକ୍ଷଣ । ପାଦତଳୁ ଯାହାର ମାଟି ଖସିଯାଏ, ଯାହା ପାଖରେ ଲୋକସମର୍ଥନ କମିଯାଏ ସେମାନେ ହିଂସାର ଆଶ୍ରୟ ନିଅନ୍ତି । ଓଡିଆ ଲୋକ ନରେନ୍ଦ୍ର ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ କରିବା ପାଇଁ ଚାହୁଁଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମନରେ ଡର ଅଛି । ଓଡିଆ ଲୋକଙ୍କୁ ମାରିବା ଓ ହତ୍ୟା କରିବା ପର୍ଯ୍ୟନ୍ତ ମଧ୍ୟ ଶାସକ ଦଳର ଗୁଣ୍ଡାମାନେ ପଛାଉନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉପରେ କିଏ ଆଖି ଉଠାଇଦେଲେ ଫ୍ଲାଗମାର୍ଚ୍ଚ ସହ ଲୋକଙ୍କୁ ଗିରଫ କରାଯାଉଛି । ଶାସକ ଦଳର ମନ୍ତ୍ରୀଙ୍କୁ କେହି ବିରୋଧ କଲେ ୩୦୭ଦଫାରେ ମାମଲା ରୁଜୁ ହୋଇଯାଉଛି। ମାତ୍ର ପ୍ରତିପକ୍ଷଙ୍କୁ ହତ୍ୟା କଲାପରେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ବଦଳିବା ଦରକାର ନାରା ଘରେ ଘରେ ଗୁଞ୍ଜରଣ ହେଲାଣି । ଗତ ସପ୍ତାହରେ ଖୋର୍ଦ୍ଧାର ଭାଜପା ନେତା ମଙ୍ଗୁଳି ଜେନା ରାଜନୈତିକ ହିଂସାର ଶିକାର ହୋଇଥିଲେ। ପ୍ରଧାନମନ୍ତ୍ରୀ ଏନେଇ ଚିନ୍ତାପ୍ରକଟ କରିବାପରେ ମଧ୍ୟ ଅପରାଧୀମାନେ ଖୋଲାଖୋଲି ବୁଲୁଛନ୍ତି। ଅପରାଧୀଙ୍କୁ ଧରିବାର ପ୍ରଚେଷ୍ଟା ପୋଲିସର ନାହିଁ। ସେଠାକାର ଏସ୍‌ପିଙ୍କୁ ବଦଳି କରି ମୁଖ୍ୟମନ୍ତ୍ରୀ ତାଙ୍କ ଦାୟିତ୍ୱରୁ ଓହରି ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିନା ନିର୍ଦ୍ଦେଶରେ ଏଠାକାର ନିର୍ବାଚନ ଅଧିକାରୀ କମା, ଫୁଲଷ୍ଟପ୍ ବି ଲଗାନ୍ତି ନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି । ସୋରଡା ନିର୍ବାଚନମଣ୍ଡଳୀରେ ବୁଧବାର ଭାଜପାର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଇଛି । ସେହିଭଳି ବରଗଡର ଭଟ୍‌ଲିରେ ଶାସକ ଦଳର ଲୋକ ଆଉ ଜଣେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଛୁରାମାଡ କରିବା ସହ ବନ୍ଧୁକ ଦେଖାଇଛନ୍ତି। ବିଜେପୁର ଭାଜପା ପ୍ରାର୍ଥୀଙ୍କ ଗାଡି ଉପରକୁ ଆକ୍ରମଣ କରାଯାଉଛି । ହିଞ୍ଜିଳିକାଟୁରେ ଦଳୀୟ ପ୍ରାର୍ଥୀଙ୍କୁ ହଇରାଣ କରାଗଲା । ବିଜେଡି ଏତେ ଅସହିଷ୍ଣୁ କ'ଣ ପାଇଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


FINANCE

!!ରଣ ରଣ ରଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694




ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 40,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ସଂକ୍ଷେପରେ

### ହରିପ୍ରସାଦ ସାହୁଙ୍କ ବହିଷ୍କାର ପ୍ରତ୍ୟାହୃତ

ଭୁବନେଶ୍ୱର, ୧୮।୪(ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଗଞ୍ଜାମ ଜିଲା ହରିପ୍ରସାଦ ସାହୁଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିନେଇଛନ୍ତି। ଏହାସହ ହରପ୍ରସାଦଙ୍କୁ ବେଗୁନିଆ ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ପୂର୍ବ ନିର୍ଦ୍ଦେଶନାମାକୁ ବାଦ୍ ଦେଇ ବିଜୁ ମହିଳା ଜନତା ଦଳ ସମ୍ପାଦିକା ଏଲିନା ଦାସଙ୍କୁ ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦେଇଛନ୍ତି। ସେହିପରି କଟକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହଙ୍କୁ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି।

### ନାସାରେ ବାଲେଶ୍ୱର ଛାତ୍ରୀଙ୍କ କୃତିତ୍ୱ

ବାଲେଶ୍ୱର ଅଫିସ, ୧୮।୪- ବାଲେଶ୍ୱର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲର ୧୩ଜଣ ଛାତ୍ରୀଛାତ୍ର ୟୁଏସ୍ଏ ଓରଲାଣ୍ଡସ୍ଥିତ ନ୍ୟାଶନାଲ ଏରୋନେଟିକ୍ ଆଣ୍ଡ ସ୍ପେଶ୍ ଆଡ଼ମିନିଷ୍ଟ୍ରେଶନ (ନାସା) ସେଣ୍ଟରରେ ଆୟୋଜିତ ଅନ୍ତର୍ଜାତୀୟ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଯୋଗଦେଇଥିଲେ। ନବମ ଶ୍ରେଣୀ ଛାତ୍ରୀ ଅନୁଷ୍କା ରାୟ ଏହି ସମ୍ମିଳନୀରେ ୪ ଜଣିଆ ବିଜୟୀ ଟିମ୍‌ରେ ନିଜର କୃତିତ୍ୱ ପ୍ରତିପାଦନ କରିଛନ୍ତି। ଏହି ଅବସରରେ ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସ୍କଲାରଶିପ ପାଇବା ପାଇଁ ଯୋଗ୍ୟତା ଅର୍ଜନ କରିଥିବାର ଜଣାପଡ଼ିଛି। ଏହି କୃତିତ୍ୱ ପରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ରାଜ୍ୟ ତଥା ବାଲେଶ୍ୱର ପାଇଁ ଗୌରବର ବିଷୟ ବୋଲି ବିଦ୍ୟାଳୟ ଅଧକ୍ଷା ଡ. ସିଷ୍ଟର କ୍ରିପା କହିଛନ୍ତି।

ଗତ ଏପ୍ରିଲ ୧୩, ୧୪ ଓ ୧୫ରେ ଆୟୋଜିତ ଅନ୍ତର୍ଜାତୀୟ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଛାତ୍ରୀଛାତ୍ରମାନେ ଯୋଗଦେଇ ନାସା ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଛାତ୍ରୀଛାତ୍ରମାନେ ମହାକାଶଚାରୀ ଡ. ୱିନସଟନ ସ୍କଟ, ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ନିର୍ଦ୍ଦେଶକ ଡ. ନାଥାଲିୟନ ମିଲର ଓ ଅନ୍ୟ ବୈଜ୍ଞାନିକଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସର୍ବଭାରତୀୟସ୍ତରୀୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏହି ସମ୍ମିଳନୀରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଲେ। ଛାତ୍ରୀ ଦୀକ୍ଷା ଗୁପ୍ତା ଉକ୍ତ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

■ ଯାଜପୁରରେ ଭାଜପାର ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ

# ‘ଦୁର୍ନୀତିରେ ଲିପ୍ତ ନେତାଙ୍କୁ ଛଡ଼ାଯିବ ନାହିଁ’

ଯାଜପୁର ଟାଉନ/ଦଶରଥପୁର ୧୮।୪(ଡି.ଏନ୍.ଏ.)

ଯାଜପୁର ନିର୍ବାଚନମଣ୍ଡଳୀର ରାମବାଗ ହାଇସ୍କୁଲ ପଡ଼ିଆଠାରେ ଗୁରୁବାର ଭାଜପାର ଏକ ବିରାଟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସଭାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଯୋଗଦେଇ ଚଳିତ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଆସିବା ନିଶ୍ଚିତ ବୋଲି କହିଥିଲେ। ଏଥିପାଇଁ ଯାଜପୁରଠାରୁ ଆରମ୍ଭ କରି ସମଗ୍ର ଦେଶରେ ଏକ ମାହୋଲ ସୃଷ୍ଟି ହେଲାଣି। ସବୁଆଡେ ସାଧାରଣ ଲୋକ ଡବଲ ଇଞ୍ଜିନ ସରକାର ଚାହୁଁଛନ୍ତି। ଭାଜପା କ୍ଷମତାକୁ ଆସିବା ମାତ୍ରେ ବ୍ଲାକରୋଜ ଜାହାଜ ବୁଡ଼ି ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯିବ। ଦୁର୍ନୀତିରେ ଲିପ୍ତ କାହାକୁ ବି ଭାଜପା ଛାଡିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଗଡକରୀ କହିଛନ୍ତି। ପ୍ରାକୃତିକ ସମ୍ପଦରେ ଭରପୂର ରହିଥିବା ଓଡିଶା ନବୀନ ସରକାରଙ୍କ ଅପରିଣାମଦର୍ଶିତା ଶାସନ ପାଇଁ ଗରିବ ରାଜ୍ୟ ଭାବେ ପରିଗଣିତ ହୋଇଛି। ରାଜ୍ୟର ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ଜଳ, ଜମି ଓ ଜଙ୍ଗଲକୁ ୧୯ବର୍ଷ ଧରି ଶାସନ କରୁଥିବା ନବୀନ ସରକାର ଲୁଟ କରି ଚାଲିଛନ୍ତି। ସାମଗ୍ରିକ ବିକାଶ କ୍ଷେତ୍ରରେ ଓଡ଼ିଶା ଏବେ ବହୁ ପଛରେ ପଡ଼ିଛି। ସେହିପରି ରାଜ୍ୟରେ ଦୁର୍ନୀତି ଚରମସୀମାରେ ପହଞ୍ଚିଥିବାବେଳେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଆସିଲେ





ଭାଜପା ସଂକଳ୍ପ ସମାବେଶରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଓ ଦଳର ଅନ୍ୟ ନେତୃମଣ୍ଡଳୀ। ସମାବେଶରେ ଯୋଗ ଦେଇଥିବା କର୍ମୀ ଓ ଦର୍ଶକ।

- ■ ବ୍ଲାକରୋଜ ଜାହାଜ ବୁଡ଼ି ଘଟଣାର ଅଭିଯୁକ୍ତଙ୍କୁ ମିଳିବ ଶାସ୍ତି
- ■ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତିରେ ରାଜ୍ୟ ସରକାରଙ୍କ ସ୍ଥାଣୁତା
- ■ ଲୋକଙ୍କୁ ଭୁଆଁ ବୁଲାଇବାକୁ କେନ୍ଦ୍ରୀୟ ଅବହେଳାର ନାଟକ କରୁଛନ୍ତି ରାଜ୍ୟ ସରକାର

ଚିଟ୍‌ଫଣ୍ଡ ଠାରୁ ଆରମ୍ଭ କରି ଖଣି ଓ ଅନ୍ୟାନ୍ୟ ବଡ଼ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ କରି ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗଡକରୀ ବିଶାଳ ଜନସମାବେଶରେ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଲେ ଯେ, ଦେଶରେ କଂଗ୍ରେସ ସରକାର ୫୦ ବର୍ଷରେ ଯାହା କରିପାରିନାହିଁ ଭାଜପା ସରକାର ୫ ବର୍ଷରେ ତାଠାରୁ ଅଧିକ କାମ କରି ଦେଖାଇଛନ୍ତି। ପାରାଦୀପରେ ୧ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯାଇ ପ୍ରତିଷ୍ଠା ହୋଇଥିବା ଶିଳ୍ପରେ ୧୦ରୁ୨୦ ହଜାର ଓଡିଆ ଯୁବକ ନିଯୁକ୍ତି ପାଇଛନ୍ତି। ନବୀନ ସରକାର ନିଯୁକ୍ତି କ୍ଷେତ୍ରରେ ବହୁ ପଛରେ ରହିଥିବାବେଳେ କେନ୍ଦ୍ର ସରକାର ଯୋଗାଇ ଦେଉଥିବା କୋଟି କୋଟି ଟଙ୍କାର ଅନୁଦାନକୁ ଖର୍ଚ୍ଚ ନ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ କେନ୍ଦ୍ରୀୟ ଅବହେଳାର ନାଟକ କରୁଛନ୍ତି। ଏଠାରେ ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ଓ ନର୍ସ ନାହାନ୍ତି। ଯେଉଁଠି ଡାକ୍ତର, ନର୍ସ ଅଛନ୍ତି ସେଠାରେ ଡାକ୍ତରଖାନା ନାହିଁ। ଆଉ ଯେଉଁଠି ଏହି ସବୁ ଜିନିଷ ରହିଛି ସେଠାରେ ଔଷଧ ନାହିଁ କି ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନାହିଁ। ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକୁ ଚତୁରତାର ସହ ଏ ସରକାର ବନ୍ଦ କରିବାକୁ ଆଗେଇ ଆସିଛନ୍ତି। ରାଜ୍ୟ ସହିତ ଦେଶର ବିକାଶକୁ ଆଗକୁ ନେବାକୁ ହେଲେ ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଗଡକରୀ ଆହ୍ୱାନ ଦେଇଥିଲେ। ଏହି ସମାବେଶକୁ ସଭାପତିତ୍ୱ କରୁଥିବା ଭାଜପା ବିଧାୟକ ପ୍ରାର୍ଥୀ ଗୌତମ ରାୟ ତାଙ୍କ ବକ୍ତବ୍ୟରେ ଯାଜପୁରରେ ଅହଂକାରୀ ଶାସନର ପତନ ହେବା ଆବଶ୍ୟକ ବୋଲି ଆହ୍ୱାନ ଦେଇ ସ୍ୱାଭିମାନୀ ନିର୍ବାଚନମଣ୍ଡଳୀବାସୀ ଏ ଦିଗରେ ଏଥର ଉଚିତ ପଦକ୍ଷେପ ନେବେ ବୋଲି ଆଶାବ୍ୟକ୍ତ କରିଥିଲେ। ଭାଜପା ଜିତିଲେ ଏ ଅଞ୍ଚଳ ସମେତ ଜିଲା ଓ ରାଜ୍ୟରେ ଚାଲିଥିବା ସୀମାହୀନ ଦୁର୍ନୀତିର ପୂର୍ଣ୍ଣଚ୍ଛେଦ ପଡିବା ସଙ୍ଗେ ସଙ୍ଗେ ଏଥିରେ ସମ୍ପୃକ୍ତ ଥିବା ନେତା ଓ ତାଙ୍କ ଚେଲାଚାମୁଣ୍ଡାଙ୍କୁ ଜେଲ୍‌ରେ ଭର୍ତ୍ତି କରାଯିବ ବୋଲି ସେ କହିଥିଲେ। ସଭାରେ ଦଳର ଲୋକ ସଭା ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ, ବିଞ୍ଝାରପୁର ବିଧାନସଭା ଆସନର ପ୍ରାର୍ଥିନୀ ବବିତା ମଲ୍ଲିକ, ଜିଲା ପ୍ରଭାରୀ ପ୍ରତାପ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କୁ ବଦଳାଇବା ସହିତ କେନ୍ଦ୍ରରେ ପୁଣିଥରେ ଭାଜପାକୁ କ୍ଷମତାସୀନ କରିବା ପାଇଁ ନିବେଦନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଯାଜପୁର ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ରୁଦ୍ର ବଳ, ଜ୍ୟୋତିରଞ୍ଜନ ସାହୁ, ପୌରାଞ୍ଚଳର ପ୍ରତାପ ଜେନା, ଏଆଇସିସି ସଭ୍ୟା ଦୀପ୍ତିରେଖା ମିଶ୍ର, ମଲ୍ଲିକାପୁର ପୂର୍ବତନ ସରପଞ୍ଚ ଅଜିତ୍ ସାମଲ, ଅଶୋକ ଶତପଥୀ, କସ୍‌ପାର ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ନାୟକ, ଆଇନଜୀବୀ ବିରୁପାକ୍ଷ ପାଢୀଙ୍କ ସମେତ ଶତାଧିକ ଛାମୁଆ ବିଜେଡି ଓ କଂଗ୍ରେସ ସଂଗଠକ ଭାଜପାରେ ସାମିଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସଭାରେ ଦଶରଥପୁର ବ୍ଲକ ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସାମଲ ସଭା ସଞ୍ଚାଳନ କରିଥିବାବେଳେ ବରିଷ୍ଠ ଭାଜପା ନେତା ଗୋଦାବରିଶ ମିଶ୍ର, ଦଶରଥପୁର ବ୍ଲକ ଭାଜପା ସଭାପତି ସଞ୍ଜୟ ନାୟକ, ଜେଏନୟୁର ଛାତ୍ରନେତା କ୍ଷୀତିଶ ସାହୁ, ଜିତାମିତ୍ର ଦାସ, ସୁଦୀପ୍ତ ପଣ୍ଡା, ସୁରଜଲାଲ ସାମଲ, ଆଞ୍ଜେନେୟ ରାୟ, ସରୋଜ ବିଶ୍ୱାଳ, ସତ୍ୟଜିତ ସ୍ୱାଇଁ, ଅସୀମ କର, ସୌମ୍ୟ ଧଳ, ମମତା କୁଅଁର, ରାମଚନ୍ଦ୍ର ସନ୍ଧିବିଗ୍ରହ, ମନ୍ମଥ ବରାଳ, ଶ୍ରୀନିବାସ ପରିଡା, ଜିତେନ୍ଦ୍ର ବେହେରା, ମହେନ୍ଦ୍ର ପହି, ବିଶ୍ୱଜିତ ବରାଳ, ମନ୍ମଥ ବରାଳ, ଗୌରାଙ୍ଗ ଘଡେଇ, ପ୍ରସେସ ସୁତାର, ସୁଷମା ପଣ୍ଡା, ଫୁଲରାଣୀ ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭାଇ ଚାପଡ଼ା ମାଡ଼ରେ ଭଉଣୀ ମୃତ

**ଖଡିଆଳ,୧୮।୪(ଡି.ଏନ.ଏ.)** ନୂଆପଡା ଜିଲା ଖଡିଆଳ ଥାନା ନେହେନା ଗାଁରେ ଜଣେ ବ୍ୟକ୍ତି ନିଜ ଭଉଣୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଖଡିଆଳ ଥାନା ପୋଲିସ ଭାଇ ମୁଚୁକୁନ୍ଦ ଦଣ୍ଡସେନାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁସାରେ ନେହେନା ଦୁର୍ବାରଞ୍ଜନ ଦଣ୍ଡସେନାଙ୍କ ପୁଅ ମୁଚୁକୁନ୍ଦ ଓ ଝିଅ ଅଙ୍କିତାକୁ ନେଇ ତାଙ୍କ ପରିବାର। ମୁଚୁକୁନ୍ଦ ଘରୁ କୁଆଡେ ନ ଯିବା ପାଇଁ ଭଉଣୀଙ୍କୁ ବାରଣ କରି ଆସୁଥିଲେ। ଗତ ୧୩ ତାରିଖରେ ଗାଁରେ ରାମନବମୀ ଉପଲକ୍ଷେ ନାମଯଜ୍ଞ ଅନୁଷ୍ଠିତ ହେଉଥିଲା। ଏହି ନାମଯଜ୍ଞ ଦେଖି ଯିବା ପାଇଁ ଅଙ୍କିତା ଘର ଲୋକଙ୍କ ଅନୁମତି ମାଗିଥିଲେ। ହେଲେ ଭାଇ ମୁଚୁକୁନ୍ଦ ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ମୁଚୁକୁନ୍ଦ ଉତ୍ତ୍ୟକ୍ତ ହୋଇ ଭଉଣୀଙ୍କୁ ଚାପୁଡା ସହ ମୁଥ ମାରିଥିଲେ। ଫଳରେ ଅଙ୍କିତାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ସେ ଅଙ୍କିତାଙ୍କ ବେକରେ ଓଢ଼ଣୀ ବାନ୍ଧି ଘର ଛାତ ଉପରେ ଝୁଲାଇବା ପାଇଁ ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ମୃତଦେହକୁ ଘର ଭିତରେ ତାଲା ବନ୍ଦ କରି ସେ ନାମଯଜ୍ଞ ଦେଖିବା ପାଇଁ ପଳାଇ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଘରକୁ ଫେରି ଅଙ୍କିତା ଆତ୍ମହତ୍ୟା କରିଥିବା ପାଟି କରି ସମସ୍ତଙ୍କୁ ଜଣାଇଥିଲେ। ପରଦିନ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମିଶି ଉକ୍ତ ଘଟଣାକୁ ଚାପି ଦେବା ଉଦ୍ୟମ କରିଥିଲେ। ଏହା ପରେ ଗାଁ ନିକଟସ୍ଥ ନଦୀରେ ଅଙ୍କିତାଙ୍କ ଅନ୍ତିମ ସଂସ୍କାର କରିଥିଲେ। ଏଥିରେ ସନ୍ଦେହ କରି ଗାଁର ଗଣେଶରାମ ବାଗ ଖଡିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗାଁରେ ପହଞ୍ଚି ଅନ୍ତିମ ସଂସ୍କାର କରାଯାଇଥିବା ସ୍ଥାନରୁ ଅଙ୍କିତାଙ୍କ ହାଡ ଓ ପାଉଁଶ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ମୁଚୁକୁନ୍ଦଙ୍କ ସମେତ ଅନ୍ୟ ୫ଜଣଙ୍କ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରିଛି। ତଦନ୍ତ ପରେ ମୁଚୁକୁନ୍ଦ ସମସ୍ତ ଘଟଣା ନିଜେ କରିଥିବା ପୋଲିସ ଆଗର ସ୍ୱୀକାର କରିଛନ୍ତି। ତାଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିବା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ କହିଛନ୍ତି। ଅନ୍ୟ ୪ ଅଟକଙ୍କୁ ପୋଲିସ ଛାଡି ଦେଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ELS-ANGL-OT-19-20-01

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS) / ଅନଗୁଳର WAG-7 ଇଲେକ୍ଟ୍ରିକ୍ ଇଂଜିନ୍(ଲୋକୋମୋଟିଭ)ଗୁଡ଼ିକର ଅଗ୍‌ଜିଲିଆରି ମୋଟରଗୁଡ଼ିକର ଓଭରହଲିଂ (Overhauling), ମରାମତି, ରିୱାଇଣ୍ଡିଙ୍ଗ୍ (Rewinding) ଏବଂ ଆସେମ୍ବ୍ଲିଙ୍ଗ୍ (Assembling)।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 84,77,845/-, EMD (ଟଙ୍କାରେ) : 1,69,600/-, ଟେଣ୍ଡର ନଥି ପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 (ଚବିଶ) ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.04.2019ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2019ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS) ଅନଗୁଳ

PR-37/K/19-20


# ନିର୍ବାଚନୀ କାର୍ଯ୍ୟାନୁଷ୍ଠାନ

## ୪୭୦ଏନବିଡବ୍ଲ୍ୟୁ, ୩୪୮ ଅବକାରୀ ମାମଲା ରୁଜୁ

ଯାଜପୁର ଅଫିସ,୧୮।୪ ନିର୍ବାଚନକୁ ଆଖିଆଗରେ ରଖି ବିଭିନ୍ନ ଅସାମାଜିକ ତତ୍ତ୍ୱମାନଙ୍କୁ ଠାବ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ମାଦକ ଦ୍ରବ୍ୟ ଜବତ ଓ ନିୟନ୍ତ୍ରଣ କରିବା ଇତ୍ୟାଦିକୁ ଜୋରଦାର କରାଯାଉଛି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଜିଲାର ଲାଇସେନ୍ସ ପ୍ରାପ୍ତ ୭୩୬ ଗୋଟି ବନ୍ଧୁକ ମଧ୍ୟରୁ ୪୫୬ ବନ୍ଧୁକ ଫେରାଇ ଅଣାଯାଇ ଗଚ୍ଛିତ ରଖାଯାଇଛି। ସେଥିରୁ ୫ଟି ଜବତ ହୋଇଥିବାବେଳେ ୨୫୮ଟି ସୁରକ୍ଷା କର୍ମୀମାନଙ୍କ ହୋଇଥିବାରୁ ଛାଡ଼ କରାଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ୪୮ଲିଟର ବିଦେଶୀ ମଦ, ୧୨୪ଲିଟର ବିୟର, ୧୬୭ଲିଟର ଦେଶୀ ମଦ ଓ ୨୨୮୩ ଲିଟର ଚୋରା ମଦ ଜବତ କରାଯାଇଛି ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ବିଗତ ନିର୍ବାଚନ ଠାରୁ ଚଳିତ ନିର୍ବାଚନରେ ଏହି ଧରପଗଡକୁ ଜୋରଦାର କରାଯାଉଛି। କୌଣସି କ୍ଷେତ୍ରରେ ଅବହେଳା ଓ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ସ୍ପଷ୍ଟ କରିଦେଇଛନ୍ତି।

| ମାମଲା | ୨୦୧୪ | ୨୦୧୯ (୧୮।୪।୧୯ସୁଦ୍ଧା) |
|---|---|---|
| ଏନ୍‌ବିଡବ୍ଲ୍ୟୁ | ୫୫୪ | ୪୭୦ |
| ମାରଣାସ୍ତ୍ର ଜବତ | ୫ | ୫ |
| ଅବକାରୀ | ୪୦ | ୩୪୮ |
| ୧୦୭ ସିଆରପିସି | ୧୧୬୪ | ୪୦୨୦ |
| ୧୧୦ ସିଆରପିସି | ୪୦ | ୧୫୮ |
| ଟଙ୍କା ଜବତ | ୭.୨୩ ଲକ୍ଷ | ୧୭.୩୨ ଲକ୍ଷ |
| ନିର୍ବାଚନ ମାମଲା | ୪୦ | ୨ |

# ଭିନ୍ନକ୍ଷମ ପର୍ଯ୍ୟବେକ୍ଷକଙ୍କ ବୁଥ୍ ପରିଦର୍ଶନ

ଯାଜପୁର ଟାଉନ,୧୮।୪(ଡି.ଏନ୍.ଏ.)

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ଯାଜପୁର ଜିଲା ପାଇଁ ନିଯୁକ୍ତ ଭିନ୍ନକ୍ଷମ ପର୍ଯ୍ୟବେକ୍ଷକ ଅନିଲ କୁମାର ସାମଲ ଯାଜପୁରର ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଗୁରୁବାର ଅପରାହ୍ନରେ ସାମଲ ସର୍କିଟ ହାଉସଠାରେ ପହଞ୍ଚିବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଜିଲାପାଳ ଭିନ୍ନକ୍ଷମ ଭୋଟରମାନଙ୍କ ସଂଖ୍ୟା ଓ ସେମାନଙ୍କ ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ଆଦି ସମ୍ପର୍କରେ ସାମଲଙ୍କୁ ଅବଗତ କରାଇଥିଲେ। ଭିନ୍ନକ୍ଷମ ଭୋଟରଙ୍କୁ ଉଚିତ୍ ସମ୍ମାନର ସହ ବୁଥକୁ ଆଣିବା ସହ ଯଥାଶୀଘ୍ର ସେମାନଙ୍କୁ ମତଦାନ କରାଇ ପୁଣି ସେମାନଙ୍କ ଘରକୁ ଫେରାଇ ନେବା, ବୁଥଗୁଡ଼ିକରେ ହୁଇଲଚେୟାର ରଖିବା, ଭିନ୍ନକ୍ଷମ ଭୋଟରଙ୍କୁ ସହାୟତା ବ୍ୟବସ୍ଥା କରିବା, ନେବା ଆଣିବା କରିବା ପାଇଁ ଗାଡ଼ିର ବ୍ୟବସ୍ଥା ସହ ସେଥିରେ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଷ୍ଟିକର ଲଗାଇବାକୁ ରାଜସ୍ୱ ଆୟୁକ୍ତ ସାମଲ ନିର୍ଦ୍ଦେଶ ଦେଇଥିଲେ। ପରେ ସାମଲ ହରିସାମନ୍ତ ବିଦ୍ୟାଳୟ, ଗରିଆପୁର, ଜଟେଶ୍ୱର ପାଣି ବିଦ୍ୟାଳୟ, ବିରଜା ଉଚ୍ଚ ବିଦ୍ୟାଳୟ, ଦେବୀଦ୍ୱାର ପ୍ରାଥମିକ ବିଦ୍ୟାଳୟ, ଅକରପଡ଼ା ପ୍ରାଥମିକ ବିଦ୍ୟାଳୟ, ଚିତାଳୋ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସାମଲଙ୍କ ସହ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସିନିୟର ଟିସି ସତ୍ୟରଞ୍ଜନ ସାହୁ ପ୍ରମୁଖ ବୁଥ ପରିଦର୍ଶନ କରିଥିଲେ।



ପର୍ଯ୍ୟବେକ୍ଷକ ଅନିଲ ସାମଲ ଭିନ୍ନକ୍ଷମଙ୍କ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।


**Format C-1**

**Declaration about Criminal Cases**

(As per the Judgement dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Qrs. Vs. Union of India & Anr.)

Name and address of the Candidate : **Chiranjib Biswal,** Village: Tulanga, Post Office-Tulanga, Police Station: Tirtol, Via: Tiran, Dist.: Jagatsinghpur, Odisha, Pin: 754138

Name of the Political Party : INDIAN NATIONAL CONGRESS

Name of Election : ODISHA LEGISLATIVE ASSEMBLY ELECTION-2019

Name of the Constituency : 104-JAGATSINGHPUR ASSEMBLY CONSTITUENCY

I, **Chiranjib Biswal,** a candidate for the above mentioned Election, delcare for Public Information the following details about my criminal antecedents:

| Sl. No. | Pending Cirminal Cases | | | Details about cases of conviction of criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offences | Name of Court & Date(s) of order(s) | Description of offence(s) & punishment imposed |
| 1 | SDJM Court, Jagatsinghpur | ICC No. 565/2014. Subsequently transferred to District Sessions Judge,Khurda, by order of Hon'ble High Court of Odisha vide Letter No. 11515, dated 6th November 2018 | 125 (A) of Representation of People's Act 1951, (Election Dispute relating to affidavit submitted along with Nomination paper 2014) | Not Applicable | Not Applicable |
| 2 | SDJM Court, Bhubaneswar | GR Case No. 3245/2012 (Not yet received any communication) | U/S 147, 148, 341, 323, 324, 332, 333, 353, 354, 431, 427, 336, 337, 338, 307, 149 & 120(B) IPC Sec 7 of Crl.LA Act & Section 3 & 4 of PDPP Act & 96 OUP Act. (Political & Public Demonstration) | Not Applicable | Not Applicable |
| 3 | SDJM Court, Bhubaneswar | GR Case No. 3249/2012 (Not yet received any communication) | U/S 143, 448, 294, 336, 337/149 IPC (Political & Public Demonstration) | Not Applicable | Not Applicable |
| 4 | SDJM Court, Bhubaneswar | GR Case No. 3258/2012 (Not yet received any communication) | U/S 341, 323, 294, 427, 506, 379, 353/34 IPC (Political & Public Demonstration) | Not Applicable | Not Applicable |
| 5 | SDJM Court, Bhubaneswar | GR Case No. 3259/2012 (Not yet received any communication) | U/S 143, 147, 448, 294, 341, 323, 325, 427, 506 and 149 IPC (Political & Public Demonstration) | Not Applicable | Not Applicable |
| 6 | SDJM Court, Bhubaneswar | GR Case No. 3260/2012 (Not yet received any communication) | U/S 147, 148, 341, 294, 323, 336, 353, 354, 506, 149 IPC Section 7 of Crl LA Act (Political & Public Demonstration) | Not Applicable | Not Applicable |

**Sd./- Chiranjib Biswal**

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-466/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Dibakar Majhi & Anothers ......................DEFENDANTS

**NOTICE**

No.7515.. Legal- I(C) Dated:04.04.2019

To
1) Dibakar Majhi (Sr. ME) S/o- Karunakar Majhi
At: Qr No. C-7, Dera Po- Dera Dist- Angul -759103
At: Padagaon, Po- Sunhat ,Ps-Sadar, Dist- Balasore -756002 .........Def. No. 1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.1,47,463/- (Rupees One lakh forty seven thousand four hundred sixty three) only as on 31.03.2015 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA ,BHUBANESWAR**

No. 01-LL

DISPUTE CASE NO.-471/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD ......................PLAINTIFF

-:Versus:-

Arnapurna Nayak & ANOTHERS ......................DEFENDANTS

**NOTICE**

No.7503.. Legal- I(C) Dated:04.04.2019

To
1) Arnapurna Nayak D/o- Paduka Nayak W/o- Pratap Kumar Das
At- Munduribeda Phingamunda Khamar ,Dist- Angul
At/Po- Nalco Reserve Police Dist- Angul ........Def. No.1
2) Pratap Kumar Das S/o Sidheswar Das
At- Plot No-207 Kantapada, Po- Tillo, Dist- Bhadrak-756114 ........Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.62,519/- (Rupees Sixty two thousand five hundred nineteen) only as on 30.06.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-470/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Bhaskar Naik & Others. ...................... DEFENDANTS

**NOTICE**

No.7517.. Legal- I(C) Dated:04.04.2019

To
1) Bhaskar Naik (C.H.P Opt. CAT- III Emp No. 77517415) S/o Late Daya Naik
Village At: Plot No. 108, Kusuma Pala, Po: Gopal Prasad,Ps- Talcher, Dist- Angul
At- LCH Qr. No-162 DB Colony, Ps- Colliery , Dist- Angul
2) Arjun Nayak (Con/ CHP OP Cat –I) S/o Late Kalu Nayak
At- LCH Qr. No-139 D B Colony, Ps- Coiliry, Dist- Angul
At– Langi Joda, Dera Po- Kandhal, Ps- Talcher, Dist- Angul

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.1,82,498/- (Rupees One lakh eighty two thousand four hundred ninety eight) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA ,BHUBANESWAR**

No. 01-LL

DISPUTE CASE NO.-472/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Arnapurna Nayak & Others. ...................... DEFENDANTS

**NOTICE**

No.7505.. Legal- I(C) Dated:04.04.2019

To
1) Patitapaban Nayak (Emp No- 77544922) S/o- Chaitanya Nayak
At- Rakas, Po- Padmavatipur, Dist – Angul ........Def. No. 1
2) Sanjaya Kumar Behera, S/o- Dhoba Behera
Village- Hindula, Po- Nandiragarh, Dist- Ganjam,
At- Qr. No. – 282 Bharatpur Colony
Po- N S Nagar, Talcher, Dist – Angul
C/o- The Nandira Project Official Nandira
Po- N S nagar, Talcher, Dist- Angul I........Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.2,04,912/- (Rupees Two lakh four thousand nine hundred twelve) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies, (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-484/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Ramakanta Sahu & ANOTHER. ...................... DEFENDANTS

**NOTICE**

No.7509.. Legal- I(C) Dated:04.04.2019

To
1) Ramakanta Sahu S/o Nabina Sahu
At- Plot No-24/1505, Brahmanidei Pada,Po- Angul Town, Ps/Dist- Angul
Village- At- Santarapur, Po- Kalandapal, Ps- Banarpal, Dist- Angul -759128.....Def. No. 1
2) Kamalakshya Sahoo S/o- Abhimanyu Sahoo
Village- At: Manpur, Po- Kushapanga, Via- Meramandali
Ps- Motanga, Dist- Dhenkanal ........Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.71,871/- (Rupees Seventy one thousand eight hundred seventy one) only as on 25.07.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-473/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Dileswar Nayak & ANOTHERS. ......................DEFENDANTS

**NOTICE**

No.7507.. Legal- I(C) Dated:04.04.2019

To
1) Dileswar Nayak (Telecom Mechanic) S/o- Hrudananda Nayak
At-Amlapada Ansha Sikhyapada, Po- Angul, Ps- Angul, Dist- Angul – 759122 ..Def. No. 1
2) Kamini Naik W/o- Late Michhu Naik
At- Village – Ranigoda, Po- Turanga, Dist- Angul- 759122
At- Amlapada NAC Po- Angul, Ps- Angul, Dist- Angul Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.93,193/- (Rupees Ninety three thousand one hundred ninety three) only as on 04.08.18 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-487/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ...................... PLAINTIFF

-:Versus:-

Chandra Sekhar Naik & OTHERS. ......................DEFENDANTS

**NOTICE**

No.7511.. Legal- I(C) Dated:04.04.2019

To
1) Chandra Sekhar Naik (E P Fitter) S/o- Late Nakfudi Naik
At:Qr.No- A/55, Lingaraj Township,
Po- Handidhua, Ps- Talcher, Dist- Angul-759111
Village Raghunath Pur, Po- Hensamali,
Brajanath Pur, Ps-Talcher, Dist-Angul-759118 ..Def. No.1
2) Narendra Singh (Damper Operator) S/o- Late Gopal Singh
At-Qr.No.-B/127, Lingaraj Township,
Po- Handidhua, Ps- Talcher, Dist- Angul-759113
At: Harashian, Po- Dayalgarh, Ps- Batala, Dist- Gurudaspur, Punjab
At: Talcher Ward No.15, Po- Talcher, Ps- Talcher, Dist- Angul Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 4,22,157/- (Rupees Four lakh twenty two thousand one hundred fifty seven) only as on 25.07.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-488/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Aruna Sen Debata & OTHERS. ......................DEFENDANTS

**NOTICE**

No.7513.. Legal- I(C) Dated:04.04.2019

To
1) Aruna Sen Debata (Clerk Grade –II) S/o- Tirthabasi Debata
At-Po- Dardhuan, Ps- Jharpara, Dist- Angul
At- Village- Hemasarpada Dist- Angul
C/o- The Project Officer of Hingula OCP H/A MCL ,
At/Po- Gopal Prasad Dist- Angul .....Def. No. 1
2) Motilal Mishra (Sr Security Guard) S/o- Rambodh Mishra
At-Village – Khedda, Ps- Byahari, Dist- Sahadal Madhyapradesh
C/o- The Project Officer of Hingula OCP H/A MCL
At/Po- Gopal Prasad, Dist- Angul ..... Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.5,41,716/- (Rupees Five lakh forty one thousand seven hundred sixteen) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 490/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Binaya Kumar Naik & ANOTHERS. ......................DEFENDANTS

**NOTICE**

No.7519.. Legal- I(C) Dated:04.04.2019

To
1) Binaya Kumar Naik S/o- Banambar Naik
At- Karaberani, Po- Kurudol, Dist- Angul- 759122 ........Def. No. 1
2) Banambar Naik S/o-Maguri Naik
At- Keraberani, Po- Kurudol, Dist- Angul- 759122 .........Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.26,693/- (Rupees Twenty six thousand six hundred ninety three) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 492/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Motilal Mishra & OTHERS. ......................DEFENDANTS

**NOTICE**

No.7527.. Legal- I(C) Dated:04.04.2019

To
1) Motilal Mishra (Sr Security Guard) S/o- Rambodh Mishra
At-Village – Khedda, Ps- Byahari, Dist- Sahadal Madhyapradesh
C/o- The Project Officer of Hingula OCP H/A MCL At/Po- Gopal Prasad, Dist- Angul
2) Madan Bhoi (Maz Cat –I Emp No. 77516953) S/o Mantri Bhoi
At/Po- Gopal Prasad, Ps- Colliery, Dist- Angul
C/o- The Project Officer of Hingula
OCP H/A MCL At/Po- Gopal Prasad, Dist- Angul ......... Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.5,12,673/- (Rupees Five lakh twelve thousand six hundred seventy three) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 491/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Dukhabandhu Rath & OTHERS. ......................DEFENDANTS

**NOTICE**

No.7521.. Legal- I(C) Dated:04.04.2019

To
1) Satyananda Rath S/o- S. Ratha
At- Gurujanguli, Po- Chainpal Colony, Ps- Talcher Sadar, Dist- Angul
..Def. No.3

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs1,43,736/- (Rupees One lakh forty three thousand seven hundred thirty six) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 494/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. ......................PLAINTIFF

-:Versus:-

Gangadhar Naik & Another. ......................DEFENDANTS

**NOTICE**

No.7523.. Legal- I(C) Dated:04.04.2019

To
1) Gangadhar Naik (Cable Man Cat- I Emp No-77519296) S/o- Kanhei Naik
Village- At- Deual Beda, Po- Talcher, Ps- Colliery, Dist- Angul
............... Def No.1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 84,542/- (Rupees Eighty four thousand five hundred forty two ) only as on 01.05.18 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 496/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Suresh Chandr Garanaik & Anothers ......................DEFENDANTS

**NOTICE**

No.7525.. Legal- I(C) Dated:04.04.2019

To
1) Suresh Chandr Garanaik, S/o- Narotam Garanaik
At- Girang, Po- Kulada, Via- NALCO Nagar, Dist- Angul-759122 ...Def. No.1
2) Sunil Tigga, S/o- Thadeuss Tigga
At-B/589 NALCO Nagar, Dist- Angul- 759145 Def. No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.29,586/- (Rupees Twenty nine thousand five hundred eighty six) only as on 30.06.2018 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 499/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Abhinna Chandra Das & others ......................DEFENDANTS

**NOTICE**

No.7531.. Legal- I(C) Dated:04.04.2019

To
1) Abhinna Chandra Das (SOM(SPL)) S/I.- Late Bhikari Charan Das
At/Po- Kostha, Dist- Mayurbhanja
C/o.- The Project Officer of Hingula OCP H/A MCL
At/Po- Gopalprasad, Ps- Colliery, Dist : Angul ...Def No.1
2) Mrinal Kanti Samal (Overman) S/o.- Nanda Kishore Samal
At- Tolarapashi, Po- Pingua, Via- Gondia, Dist- Dhenkanal
C/o.- The Project Officer of Hingula OCP H/A MCL
At/Po- Gopal Prasad, Ps- Colliery, Dist- Angul ...Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.31,130/- (Rupees Thirty one thousand one hundred thirty) only as on 31.03.2107 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 497/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Hari Behera & OTHERS ......................DEFENDANTS

**NOTICE**

No.7529. Legal- I(C) Dated:04.04.2019

To
1) Hari Behera (Driller-V Emp No. 77054658) S/o. Shyam Behera
Village at-Danara, Po- Danara, Ps- Colliery, Dist- Angul ...Def. No.1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.1,41,405/- (Rupees One lakh forty one thousand four hundred five) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.- 505/2018

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD. .............PLAINTIFF

-:Versus:-

Gangadhar Naik & OTHERS ......................DEFENDANTS

**NOTICE**

No.7533. Legal- I(C) Dated:04.04.2019

To
1) Hari Behera (Driller-V Emp No. 77054658) S/o. Shyam Behera
Village At-Danara, Po- Danara, Ps- Colliery, DIst- Angul...Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs.2,02,432/- (Rupees Two Lakh two thousand four hundred thirty two) only as on 31.08.2013 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-506/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Pradeep Kumar Sahoo & OTHERS ......................DEFENDANTS

**NOTICE**

No.7535.. Legal- I(C) Dated:04.04.2019

To
1) Pradeep Kumar Sahoo (Driver, Cat- V Emp-No- 77110864 S/o Banchhanidhi Sahoo, At/Po- Danara, Ps- Colliery, Dist- Angul- 759103 Def.... No.1
2) Bibhuti Bhusan Pradhan (Gen Maz, Cat-1) S/o- Banshidhar Pradhan At- Amba Munda, Po- Hensmul, Ps-Talcher, Dist- Angul Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 1,21,703/- (Rupees One lakh twenty one thousand seven hundred three) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-511/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Pramod Naik & Others............................ ..............DEFENDANTS

**NOTICE**

No.7541.. Legal- I(C) Dated:04.04.2019

To
1) Pramod Naik (Gen MAZ CAT-I MSW Emp No- 77080711) S/o Somanath Naik, Village At- Joragadia, Po- PadmavatiPur, Ps- Colliery, Talcher, Dist- Angul At- Qr. No.-21, Sector 14 B-3 Central Colony Po Ghantapada , Ps-Collier, Dist- Angul ..Def. No.1
2) Jagamohan Naik (CAT-I) S/O- Shikhar Naik Village At Rakas Po- PadmavatiPur, Ps- Colliery, Talcher, Dist- Angul- 759103 . Def No. 2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 1,94,131/- (Rupees One lakh ninety four thousand one hundred thirty one) only as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-508/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Lalit Kumar Pradhan & Anothers.................. ..............DEFENDANTS

**NOTICE**

No.7537.. Legal- I(C) Dated:04.04.2019

To
1) Lalit Kumar Pradhan S/o- Haramohan Pradhan, At- Balinali, Po- Brahmanbil, Chhendipada, Dist- Angul - 759130 ..Def. No.1
2) Purna Chandra Garanaik S/o- Sudhakar Garanaik At- Kukura Peta Dist- Angul- 759124 ..Def. No.2

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 11,092/- (Rupees Eleven thousand ninety two) only as on 23.12.2015 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

---

**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR), OFFICE OF THE REGISTRAR OF CO-OPERATIVE SOCIETIES, ODISHA, BHUBANESWAR**

No. 01-LL

DISPUTE CASE NO.-510/2018

IN THE MATTER OF:
MANAGING DIRECTOR,
ODISHA STATE CO-OPERATIVE BANK LTD ......................PLAINTIFF

-:Versus:-

Rama Chndra Baraik & Others............................. ......DEFENDANTS

**NOTICE**

No.7539.. Legal- I(C) Dated:04.04.2019

To
1) Rama Chandra Baraik (E.P. Electrician Emp. No- 77094639), S/o Sana Barik At-Plot No- B/325 Po- NS Nagar, Ps- VikramPur, Dist- Angul, Village- Murdanga, Po- Muhulapal, Ps- Kamakshya Nagar, Dist- Dhenkanal ..Def. No.1

WHEREAS, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award Rs. 50,978/- (Rupees Fifty thousand nine hundred seventy eight only) as on 02.02.2017 against you with further interest and cost.

Whereas notice issued to you by R.P. with A.D. returned un-served.

Now therefore, take notice through this publication to appear before the Court as above at 8th Floor, Heads of Department Building, Bhubaneswar- 1 on 27.04.2019 at 11 AM to defend the case failing which the matter shall be decided on merit as per law.

By order of the Court

S. Mahapatra
Sub- Asst. Registrar
Co-operative Societies (Legal)

39012/11/0001/1920

## ଭୋଟ ବର୍ଜନ କଲେ ୭ ଗାଁର ଭୋଟର

ଲୋଇସିଂହା/ବାଲିଗୁଡା/ବେଗୁନିଆପଡା,୧୮।୪(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀର ୩ ଓ କନ୍ଧମାଳ ଜିଲା ବାଲିଗୁଡା ନିର୍ବାଚନମଣ୍ଡଳୀର ୪ ଗାଁର ଭୋଟର ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନକୁ ବର୍ଜନ କରିଛନ୍ତି। ମତଦାନ କେନ୍ଦ୍ର ଗାଁଠାରୁ ଦୂରରେ ଥିବା ଏବଂ ଅନ୍ୟାନ୍ୟ ସମସ୍ୟା ଉତ୍ଥାପନ କରି ସେମାନେ ଭୋଟ ବର୍ଜନ ପରି ଚରମ ନିଷ୍ପତ୍ତି ନେଇଛନ୍ତି। ଲୋଇସିଂହା ନିର୍ବାଚନମଣ୍ଡଳୀର ଏହି ୩ଟି ଗାଁ ହେଲା ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତର ବବଜା, ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତର ହଲଦିପଦରି ଓ ଗଣ୍ଡପାଲି। ସେହିପରି ବାଲିଗୁଡା ବ୍ଲକ ବାଟାଗୁଡା ଗ୍ରାମପଞ୍ଚାୟତର ୪ ଗାଁ ହେଲା ଗଙ୍ଗେରୀ, ଟଙ୍ଗମ, ଡୁକ୍ଲାମିଲା, ପଲସିମିଲା ।

୨୦୧୪ ନିର୍ବାଚନ ବେଳେ ଲୋଇସିଂହା ବ୍ଲକରେ ୧୮ ପଞ୍ଚାୟତ ଥିଲା । ୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଏହା ୨୦କୁ ବୃଦ୍ଧି ପାଇଥିଲା। ସେତେବେଳେ ବାନିପାଲି ନୂତନ ପଞ୍ଚାୟତ ଗଠିତ ହୋଇଥିଲା। ପୂର୍ବରୁ ରତାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ବବଜା ଗାଁ ବାନିପାଲି ପଞ୍ଚାୟତରେ ମିଶିଛି । ପଞ୍ଚାୟତ ସଦର ମହକୁମାଠାରୁ ବବଜା ଗାଁ ୬ କି.ମି ଦୂର । ଗାଁର ୱାର୍ଡ ସଂଖ୍ୟା ୩। ମୋଟ ଜନସଂଖ୍ୟା ୨ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ୭ଶହ ପାଖପାଖି ଭୋଟର ରହିଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ରଠାରୁ ହାଇସ୍କୁଲ ଶିକ୍ଷା ପର୍ଯ୍ୟନ୍ତ ବିଦ୍ୟାଳୟ ରହିଛି । ଗାଁରେ ଆନୁଷଙ୍ଗିକ ସମସ୍ତ ସୁବିଧା ଥିବାରୁ ରତାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ସମୟରେ ୨୦୧୪ ନିର୍ବାଚନ ସମୟରେ ଗାଁରେ ୨ଟି ବୁଥ କେନ୍ଦ୍ର କରାଯାଇଥିଲା। ଅନୁଷଙ୍ଗିକ ସୁବିଧା ଥାଇ ମଧ୍ୟ ଚଳିତ ୨୦୧୯ ନିର୍ବାଚନ ପାଇଁ ଗାଁରେ ବୁଥ କରାଯାଇ ନାହିଁ । ଗାଁଠାରୁ ୬ କିମି ଦୂର ପଞ୍ଚାୟତ ସଦର ମହକୁମା ତଥା ବାନିପାଲି ଗ୍ରାମର ୧୨୨ ନଂ. ବୁଥରେ ବବଜା ଗ୍ରାମର ମତଦାନ କେନ୍ଦ୍ର କରାଯାଇଛି । ୨ ମାସ ତେଳେ ଏହି ଖବର ଜଣା ପଡିବା ପରେ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବବଜାରେ ମତଦାନ କେନ୍ଦ୍ର ନ କଲେ ସେମାନେ ଭୋଟ ବର୍ଜନ କରିବେ ବୋଲି ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ । ହେଲେ ଜିଲା ପ୍ରଶାସନ ଏହାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ଗୁରୁବାର ଅନୁଷ୍ଠିତ ନିର୍ବାଚନକୁ ସାମୂହିକ ଭାବେ ବର୍ଜନ କରିବା ନିଷ୍ପତ୍ତିରେ ଅଟଳ ରହିଥିଲେ । ମଧ୍ୟାହ୍ନରେ ବ୍ଲକ ଉପାଧ୍ୟକ୍ଷ ଗାଁକୁ ଯାଇ ମତାଧିକାର ସାବ୍ୟସ୍ତ କରିବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଜିଦରେ ଅଟଳ ରହିଥିବା ୱାର୍ଡସଭ୍ୟ ପ୍ରଶାନ୍ତ ଗଡତ୍ୟା, କଲ୍ୟାଣୀ ଛତ୍ରିଆ, ସୁମିତ୍ରା ପଧାନ ପ୍ରମୁଖ ପ୍ରକାଶ କରିଛନ୍ତି।


ଭୋଟ ବର୍ଜନ ପାଇଁ ଏକତ୍ରିତ ବବଜା ଗ୍ରାମର ଭୋଟରମାନେ।

ସେହିପରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତର ଅଧୀନ ହଲଦିପଦରି ଓ ଗଣ୍ଡପାଲି ଗ୍ରାମବାସୀ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଭୋଟ ବର୍ଜନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୦୨ରୁ ନଅଗାଁ(କ)ପଞ୍ଚାୟତରେ ସାମିଲ ହୋଇଛନ୍ତି। ପରିତାପର ବିଷୟ ଦୀର୍ଘ ୧୭ ବର୍ଷ ହେଲା ଭୋଟର ତାଲିକା ୱେବ୍‌ସାଇଟରେ ନଅଗାଁ(କ) ପଞ୍ଚାୟତରେ ସଂଯୋଗୀକରଣ କରାଯାଇ ନାହିଁ । ଉଭୟ ଗ୍ରାମବାସୀ ନଅଗାଁ(କ) ପଞ୍ଚାୟତରୁ କେବଳ ପିଡିଏସ୍ ସାମଗ୍ରୀ ପାଉଥିବାବେଳେ ଅନ୍ୟାନ୍ୟ ସରକାରୀ ସୁବିଧା ପାଉନାହାନ୍ତି। ଗତ ଖରିଫ କୃଷିବୀମା ବାବଦ ନଅଗାଁ(କ) ଗ୍ରାମବାସୀ ୯୧.୪୨ ପ୍ରତିଶତ କ୍ଷୟକ୍ଷତି ପାଇଥିବାବେଳେ ହଲଦିପଦର ଓ ଗଣ୍ଡପାଲି ଗ୍ରାମବାସୀ ବଞ୍ଚିତ ହୋଇଥିଲେ। ୨୦୧୬ ଭୟାବହ ମରୁଡି ବେଳେ ଉଭୟ ଗ୍ରାମବାସୀ ଉପେକ୍ଷିତ ହୋଇଥିଲେ। ଅପରପକ୍ଷେ ନଅଗାଁ(କ)ରୁ ବରଗଡ ଜିଲା ଲଉମୁଣ୍ଡା ରାସ୍ତାର ଘୋସାଲି ପୋଲଠାରୁ ମୁଣ୍ଡାପାଲି ଗ୍ରାମ ଭାୟା ହଲଦିପଦର–ଗଣ୍ଡପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଦାବିରେ ଉଭୟ ଗ୍ରାମବାସୀ ଭୋଟ ବର୍ଜନ କରିଥିବା ହସ୍ତଗତ ହୋଇଛି ।

ବାଲିଗୁଡା ବ୍ଲକ ବାଟାଗୁଡା ଗ୍ରାମପଞ୍ଚାୟତର ବୁଥ ନଂ.୫୨ର ଗଙ୍ଗେରୀ, ଟଙ୍ଗମ, ଡୁକ୍ଲାମିଲା, ପଲସିମିଲା ଗ୍ରାମବାସୀ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଭୋଟର ଭୋଟ ବର୍ଜନ କରିଛନ୍ତି। ଦୀର୍ଘ ୧୯ବର୍ଷ ହେବ ବିଜେଡି ଦଳକୁ ଭୋଟ ଦେଇ ଆସୁଥିଲେ ମଧ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ବହୁବିଧ ସମସ୍ୟା ରହିଛି। ଲୋକଙ୍କୁ ପିଇବା ପାଇଁ ପାଣି ମୁନ୍ଦାଏ ମିଳୁନି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ଭୋଟ ବର୍ଜନ କରିଥିବା କହିଛନ୍ତି। ନିର୍ବାଚନ ଆସିଲେ ନେତା ଭୋଟ ପାଇଁ ଗାଁ କୁ ଆସନ୍ତି, ଜିତିଗଲା ପରେ କୌଣସି ନେତା କିମ୍ବା ସରକାରୀ ଅଫିସରଙ୍କର ଦେଖା ମିଳେନାହିଁ। ଗାଁରେ ବିଜୁଳି ଆଲୁଅ, ପକ୍କାରାସ୍ତା, ପାନୀୟ ଜଳ ଆଦି ମୌଳିକ ସମସ୍ୟା ନେଇ ବହୁବାର ପ୍ରଶାସନିକ ଅଧିକାରୀ ଓ ବିଧାୟକଙ୍କୁ ଅବଗତ କରିଥିଲେ ମଧ କେହି ଶୁଣିଲେ ନାହିଁ। ଫଳରେ ଆମେ ଏ ଚରମ ନିଷ୍ପତ୍ତି ନେଇଛୁ ବୋଲି ଗ୍ରାମବାସୀ କହିଛନ୍ତି। ବେଗୁନିଆପଡା ଫାଣ୍ଡି କୁମ୍ଭାରଗାଁରେ ବୁଧବାର ରାମାୟଣ ନାଟକକୁ ପୋଲିସ ବନ୍ଦ କରିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଥିଲେ। ଗୁରୁବାର ସକାଳୁ ଗ୍ରାମର ତଳସାହି ଭୋଟର ପ୍ରତିବାଦ କରି ଭୋଟ ବର୍ଜନ କରିଥିଲେ । ଗ୍ରାମରେ ବୁଥ ନଂ.୮ରେ କୁମ୍ଭାର ଗାଁକୁ ଛାଡି ଅନ୍ୟ ୫ ଗ୍ରାମର ଭୋଟର ଭୋଟ ଦେଇଥିଲେ।


**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

# ଭୋଟ ଦେଇଥିବା ପ୍ରମୁଖ ରାଜନେତା



ଆସିକା ଲୋକ ସଭା ଆସନ ବିଜେଡି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ।


ଭଞ୍ଜନଗର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ।


ସାନଖେମୁଣ୍ଡି ବିଜେଡି ବିଧାୟିକା ନନ୍ଦିନୀ ଦେବୀ ।




ବରଗଡ଼ ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ବ୍ରହ୍ମଚାରୀ ପ୍ରାଥମିକ ସ୍କୁଲରେ ମତଦାନ କରୁଛନ୍ତି ।


ଭଟଲି ବିଧାୟକ ପ୍ରାର୍ଥୀ ସୁଶାନ୍ତ ସିଂ ବାଉଁସେନମୁରା ଉଚ୍ଚପ୍ରାଥମିକ ସ୍କୁଲରେ ଭୋଟ ଦେଉଛନ୍ତି ।


ବଲାଙ୍ଗୀର ସହର ଲକ୍ଷ୍ମୀନାରାୟଣପଡା ସ୍କୁଲ ମତଦାନ କେନ୍ଦ୍ରରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଭୋଟ ଦେଉଛନ୍ତି ।


ବଲାଙ୍ଗୀର ସରକାରୀ ମହିଳା କଲେଜ ମତଦାନ କେନ୍ଦ୍ରରେ ଲୋକ ସଭା ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଭୋଟ ଦେଉଛନ୍ତି ।


ପାଟଣାଗଡ ରମାଇ ହାଇସ୍କୁଲ ମତଦାନ କେନ୍ଦ୍ରରେ ଭାଜପା ବିଧାୟକ କନକ ବର୍ଦ୍ଧନ ସିଂଦେଓ ମତଦାନ ପରେ ଫେରୁଛନ୍ତି ।


ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ କିଶୋର କୁମାର ମହାନ୍ତି ଭୋଟ ଦେଉଛନ୍ତି।


ବ୍ରଜରାଜନଗର ବିଧାୟିକା ତଥା ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ମତଦାନ କରି ଫେରୁଛନ୍ତି।



ମତଦାନ କରି ଫେରୁଛନ୍ତି ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଓ ତାଙ୍କ ସ୍ତ୍ରୀ।


ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ଯୋଗେଶ ସିଂ ସ୍ତ୍ରୀଙ୍କ ସହିତ ସର୍ଗିପାଲି ହାଇସ୍କୁଲ ୧୨୭ନଂ. ବୁଥରେ ମତଦାନ କରି ଫେରୁଛନ୍ତି।


ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଜୁଏଲ ଓରାମ ସ୍ତ୍ରୀ ସହିତ ବଣାଇ କେନ୍ଦୁଡ଼ିହି ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ କରି ଫେରୁଛନ୍ତି।


ବରଗଡ଼ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପରିବାର ଲୋକଙ୍କ ସହ ମ୍ୟୁନିସିପାଲ ବାଳକ ହାଇସ୍କୁଲରେ ମତଦାନ କରୁଛନ୍ତି ।


ଅତାବିରା ବିଧାନସଭା ଆସନର ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ଦେଢୁଲବା ସ୍କୁଲରେ ମତଦାନ କରୁଛନ୍ତି ।


ଜି.ଉଦୟଗିରି ଭାଜପା ବିଧାୟିକା ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନ।


ପୋଲସରା ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ।


ବଣାଇ ସିପିଆଇଏମ୍ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା କୋଇଡ଼ା ବ୍ଲକର ଛଡ଼ାକୁଦର ସେବାଶ୍ରମ ବୁଥ୍‌ରେ ମତଦାନ କରୁଛନ୍ତି।


ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପ୍ରାର୍ଥୀ ମଙ୍ଗଳା କିଷାନ ମତଦାନ କରି ଫେରୁଛନ୍ତି ।


ବଲାଙ୍ଗୀର ଭାଜପା ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଭୋଟ ଦେଇ ଫେରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଏପ୍ରିଲ, ୨୦୧୯



ଜଓ୍ୱାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ୨୨ରେ ମୁଖ୍ୟମନ୍ତ୍ରୀଙ୍କ ବରୀ ଗସ୍ତ

ବରୀ,୧୮।୪(ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ପ୍ରଚାର ପାଇଁ ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଅଟିରା ପଞ୍ଚାୟତର ସନ୍ଥନମଠ ପଡ଼ିଆରେ ୨୨ ତାରିଖରେ ଏକ ସାଧାରଣ ସଭାରେ ଯୋଗଦେବେ। ପ୍ରାର୍ଥିନୀ ସୁନନ୍ଦା ଦାସଙ୍କ ସପକ୍ଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରଚାର କରିବେ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ବଚନୀ ସଭାକୁ ସଫଳ କରିବା ପାଇଁ ବରୀ ବିଜେଡି ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ନେତା ଦେବେନ୍ଦ୍ର ଦାସ, ବିଭୂତି ଭୂଷଣ ସାହୁ, ବାସୁଦେବ ସାହୁ, ଅମୂଲ୍ୟ ପରିଡ଼ା, ରଞ୍ଜନ ପଣ୍ଡା, ତପନ ପଣ୍ଡା, ପ୍ରଶାନ୍ତ ସାହୁ, ସୌମ୍ୟରଞ୍ଜନ ସାମଲ, କେଦାର ସାମଲ, ଅଶୋକ ସାମଲ ପ୍ରମୁଖ ଶତାଧିକ ବିଜେଡି ନେତା ଉପସ୍ଥିତ ରହି ଜନସମାଗମ କରିବା ପାଇଁ ଆଲୋଚନାରେ ସ୍ଥିର ହୋଇଛି। ବରୀକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟିରେ ନଜର ରଖିଥିବା ବିଜେଡି ପକ୍ଷରୁ କୁହାଯାଇଛି। ସେଥିପାଇଁ ଲକ୍ଷାଧିକ ଜନସମାଗମ ହେବାକୁ ଦଳ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏ ନେଇ ବିଜେଡି ଶିବିର ଚଳଚଞ୍ଚଳ ହୋଇଉଠିଛି।

### ମା' ହିଙ୍ଗୁଳା ମହାଯଜ୍ଞ ଉଦ୍‌ଯାପିତ



ଯାଜପୁରରୋଡ,୧୮।୪(ନି.ପ୍ର.): ବ୍ୟାସନଗର ପୌର ପରିଷଦର ମଧସ୍ଥଳୀ ଚାନ୍ଦମା, ଚୋରଦା, ନହକା, ଭଟିଆ, କୁଆଁରଦା, ଉମାପଦା ଓ ଜଇଁତଳ ପ୍ରଭୃତି ଗ୍ରାମ ପକ୍ଷରୁ ମା' ହିଙ୍ଗୁଳାଙ୍କ ୫୩ତମ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ସମୟରେ ସହରର ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପଣା ସଂକ୍ରାନ୍ତିରେ ମହାଯଜ୍ଞର ଅଧିବାସ କରାଯାଇଥିଲା। ପିଲାଙ୍କ ଦ୍ୱାରା ନୃତ୍ୟ, ଭଜନ, କୀର୍ତ୍ତନ ଆଦି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଯଜ୍ଞ କୁଣ୍ଡରେ ଘିଅ, ଭୋଗ, ନଡିଆ ଆଦି ପ୍ରଦାନ କରିଥିଲେ। ଯଜ୍ଞ ସମୟରେ ଗ୍ରାମରେ ଆମିଷ ନିଷେଧ ସହ ରାତିରେ ରୋଷେଇ ମଧ ବନ୍ଦ ହୋଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ।

### ନିୟୋଜିତ ହେବେ ୧୧,୬୫୭ ପୋଲିଂ ଅଫିସର

ଯାଜପୁର ଅଫିସ,୧୮।୪: ଚତୁର୍ଥ ପର୍ଯ୍ୟାୟ ମତଦାନରେ ଯାଜପୁର ଜିଲାରେ ଆଗାମୀ ୨୯ ତାରିଖରେ ଭୋଟ ଗ୍ରହଣ ହେଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ବୁଥ ବ୍ୟବସ୍ଥା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଜିଲାର ଗୋଟିଏ ଲୋକ ସଭା ଓ ୭ ଟି ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ରହିଛି ୧୬୧୯ଟି ବୁଥ। ସମସ୍ତ ବୁଥ ଗୁଡିକୁ ଏକାଧିକବାର ଅନୁଧାନ କରାଯାଇଛି। ବୁଥଗୁଡ଼ିକର ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ର୍ୟାମ୍ପ ଓ ଶୌଚାଳୟର ବ୍ୟବସ୍ଥା ମଧ କରାଯାଇଛି ବୋଲି ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏହାବାଦ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ବୁଥଗୁଡ଼ିକରେ ହୁଇଲ ଚେୟାର ସହ ସ୍କାଉଟ, ଏନ୍‌ସିସିର ସ୍ୱେଚ୍ଛାସେବକଙ୍କୁ ଦାୟିତ୍ୱ ଦିଆଯାଇଛି। ବୁଥଗୁଡ଼ିକରେ ଭୋଟରଙ୍କ ସୁବିଧା ପାଇଁ ଛାଇର ବ୍ୟବସ୍ଥା ମଧ କରାଯାଇଛି। ଏହି ନିର୍ବାଚନକୁ ପରିଚାଳନା ପାଇଁ ପୋଲିଂ ଅଫିସରମାନଙ୍କୁ ତିନି ପର୍ଯ୍ୟାୟ ପ୍ରଶିକ୍ଷଣ ଦିଆଯାଇଛି। ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସର ୩ ଥର ଲେଖାଏ ପ୍ରଶିକ୍ଷଣ ନେଇଥିବାବେଳେ ଶେଷ ପର୍ଯ୍ୟାୟରେ ସମସ୍ତ ପୋଲିଂ ପାର୍ଟିଙ୍କୁ ପ୍ରଶିକ୍ଷିତ କରାଯାଇଛି। ୧୧,୬୫୭ ଜଣ ପୋଲିଂ କାର୍ଯ୍ୟରେ ନିୟୋଜିତ ହେବେ। ଏଥିରେ ବିଞ୍ଝାରପୁର ପାଇଁ ୧୭୨୧, ବରୀ ୧୬୧୩, ବଡ଼ଚଣା ୧୪୮୩, ଧର୍ମଶାଳା ୧୮୫୮, ଯାଜପୁର ୧୮୫୦, କୋରେଇ ୧୫୨୬ ଓ ସୁକିନ୍ଦା ପାଇଁ ୧୬୦୬ ଜଣ ପୋଲିଂ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେହିପରି ୧୭୩ ଜଣ ସେକ୍ଟର ଅଫିସରଙ୍କୁ ମଧ ଦାୟିତ୍ୱ ଦିଆଯାଇ ପ୍ରଶିକ୍ଷିତ କରାଯାଇଛି ବୋଲି ଜିଲା ନିର୍ବାଚନ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## କୋରେଇ ବିଧାନସଭା ଆସନ

# ବିକାଶ ସାଜିଛି ମୁଖ୍ୟ ପ୍ରସଙ୍ଗ

ଯାଜପୁର ଅଫିସ,୧୮।୪



ଅଶୋକ ବଳ



ବିଶ୍ୱଜିତ୍ ନାୟକ



ବନ୍ଦିତା ପରିଡ଼ା

- ନିର୍ବାଚନୀ ମଇଦାନରେ ୩ ଦଳର ପୋଖତ ନେତା
- ଜୋର ଧରିଲାଣି ପ୍ରଚାର
- ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ମଧବିତ୍ତ ଶ୍ରେଣୀର ଭୋଟର

ଯାଜପୁର ଜିଲାର ବ୍ୟାସନଗର ସହରାଞ୍ଚଳ, କୋରେଇ ବ୍ଲକ ଓ ରସୁଲପୁର ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ କୋରେଇ ନିର୍ବାଚନମଣ୍ଡଳୀରେ ପ୍ରଚାରର ମାହୋଲ ଦିନକୁ ଦିନ ଜମିବାରେ ଲାଗିଛି। ଏଠାରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୩୦ପ୍ରତିଶତ ସହରାଞ୍ଚଳର ଭୋଟର ରହିଛନ୍ତି । ବିକାଶ ନାମରେ ଦୁର୍ନୀତି ଓ ରାଜନୈତିକ ବ୍ୟବସାୟୀକରଣକୁ ଏଠାରେ ଭାଜପା ଓ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ଚଳିତ ଥର କୋରେଇ ଆସନର ନିର୍ବାଚନ ମଇଦାନରେ ୭ଜଣ ପ୍ରାର୍ଥୀ ଓହ୍ଲାଇଥିଲେ ହେଁ ଲଢେଇ ହେଉଛି ୩ ପୋଖତ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ। କଂଗ୍ରେସର ବନ୍ଦିତା ପରିଡ଼ା, ଭାଜପାର ବିଶ୍ୱଜିତ ନାୟକ ଓ ବିଜେଡି ପ୍ରାର୍ଥୀ ଅଶୋକ ବଳ ତିନିହେଁ ଅଭିଜ୍ଞ ରାଜନୈତିକ କର୍ମୀ। ଏମାନଙ୍କ ମଧ୍ୟରୁ କେହି ଥରେ ବି ବିଧାୟକ ହୋଇ ନ ଥିବାବେଳେ ବନ୍ଦିତା ବ୍ୟାସନଗର ପୌରାଧକ୍ଷା ଓ ଅଶୋକ ଜିଲା ପରିଷଦ ସଭାପତି ପଦବୀରେ ରହିଛନ୍ତି। ବିଶ୍ୱଜିତ ପୂର୍ବରୁ କଂଗ୍ରେସ ଦଳରୁ ବିଧାୟକ ପ୍ରାର୍ଥୀ ହୋଇ ପରାଜୟବରଣ କରିଛନ୍ତି। ତେବେ ଦୁର୍ନୀତି ବନାମ ବିକାଶକୁ ନେଇ ଚାଲିଥିବା ଲଢେଇରେ କିଏ ଫାଇଦା ଉଠାଉଛି ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ।

କୋରେଇ ଆସନ ଉପରେ ଏବେ ଜିଲାର ସମସ୍ତଙ୍କ ଦୃଷ୍ଟି ରହିଛି। ଏଠାରେ ବିଜେଡି ନୂଆ ମୁହଁ ଦେଇ ଏକପ୍ରକାର ରିସ୍କ ନେଇଛି । ଗତ ୩ ଦଶନ୍ଧି ହେଲା ଏହି ଆସନ ଅଣ କଂଗ୍ରେସ ଦଖଲରେ ରହିଛି। ସେଥିମଧ୍ୟରୁ ବିଜେଡି ୨ଥର ଭାଜପା ଥରେ ଏବଂ ଜନତା ଦଳର ଅଶୋକ ଦାସ ୭ଥର ନିର୍ବାଚିତ ହୋଇଥିଲେ। କିନ୍ତୁ ଏବେ ବି ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସନଗର ସହରାଞ୍ଚଳ ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ବିକାଶ ସେତେଟା ହୋଇପାରି ନାହିଁ। ପ୍ରାୟ ପ୍ରତିବର୍ଷ ବୈତରଣୀ ନଦୀର ବନ୍ୟା ଦାଉରୁ କୋରେଇବାସୀ ମୁକୁଳି ପାରିନାହାନ୍ତି। ବିକାଶ ବଦଳରେ ଦୁର୍ନୀତି ଏଠାରେ ଚରମସୀମାରେ ପହଞ୍ଚିଛି । ତେଣୁ ନିର୍ବାଚନମଣ୍ଡଳୀରେ ବିଜେଡି ବିରୋଧୀ ହାୱା ବହୁଛି । ଅଧିକାଂଶ ଭୋଟର ପରିବର୍ତ୍ତନ ଚାହୁଁଥିବାରୁ ଭାଜପା ଓ କଂଗ୍ରେସ ପାଇଁ ଲାଭଦାୟକ ପରିସ୍ଥିତି ସୃଷ୍ଟି ହୋଇଛି। ଖଣି, ଚିଟ୍‌ଫଣ୍ଡ ଆଦି ଦୁର୍ନୀତିରେ ସମ୍ପୃକ୍ତ କାହାରିକୁ ଛଡ଼ାଯିବ ନାହିଁ ବୋଲି ଭାଜପାର ହେଭିୱେଟ ନେତାମାନେ ବିଭିନ୍ନ ସଭାସମିତିରେ ଦୃଢୋକ୍ତି ପ୍ରକାଶ କରୁଥିବାରୁ ଭୋଟର ସେଥିପ୍ରତି ଆକୃଷ୍ଟ ଥିବା ଆଲୋଚନା ହେଉଛି। ବିଧାୟକ ଆକାଶ ଦାସନାୟକ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିଥିବାବେଳେ ତାଙ୍କୁ ବଦଳାଇ ଏଥର ଅଶୋକଙ୍କୁ ବିଜେଡି ପ୍ରାର୍ଥୀ କରିଛି । ୨୦୦୯ରୁ ପ୍ରୀତିରଞ୍ଜନ ଘଡେଇ ଏଠାରେ ବିଧାୟକ ହୋଇଥିବାବେଳେ ୨୦୧୪ରେ ତାଙ୍କୁ ବଦଳାଇ ଆକାଶଙ୍କୁ ସୁଯୋଗ ମିଳିଥିଲା। ଏଭଳିସ୍ଥିତିରେ ପ୍ରୀତିରଞ୍ଜନ, ଆକାଶ ଏବଂ ଏବେ ଅଶୋକଙ୍କ ସମର୍ଥକଙ୍କୁ ନେଇ ବିଜେଡି ୩ ଫାଳ ହୋଇଛି । ୨୦୧୪ରେ ଅଶୋକ ବିଜେଡିରୁ ଟିକେଟ ଲବିରେ ରହିଥିଲେ। ତାଙ୍କୁ ଟିକେଟ ନ ମିଳିବାରୁ ଏକ ପ୍ରକାର ନୀରବି ଯାଇ ଶେଷରେ ଭାଜପାରେ ଯୋଗ ଦେଇଥିଲେ । ଗତ ବର୍ଷ ପୁଣି ବିଜେଡିକୁ ଫେରି ପ୍ରାର୍ଥୀ ହୋଇଛନ୍ତି। ପୂର୍ବରୁ ବିଜେଡିର ଯେଉଁ ଲୋକପ୍ରିୟତାର ଧାରା ଏଠାରେ ବୋହୁଥିଲା ତାହା ଏବେ ଆଉ ଶୁଣିବାକୁ ମିଳୁନାହିଁ । ନବୀନ ମ୍ୟାଜିକ ଭରସାରେ ବିଜେଡି ଏହି ଗଡକୁ ପୁନର୍ବାର ଦଖଲ କରିବା ପ୍ରୟାସରେ ଥିବାବେଳେ ଭାଜପା ଓ କଂଗ୍ରେସ ବିଜୟର ପତାକା ଉଡାଇବାକୁ ନିଜର ସମସ୍ତ ସାଂଗଠନିକ ଶକ୍ତି ପ୍ରୟୋଗ କରୁଛନ୍ତି। ଫଳାଫଳ ଯାହା ବି ହେଲେ ଇତିହାସ ରଚିବ। ସହରାଞ୍ଚଳର ବିଭିନ୍ନ ବସ୍ତି ଅଞ୍ଚଳରେ ମିଳିଥିବା ପ୍ରବେଶରୁ ଶକ୍ତି ସଞ୍ଚୟ ଓ ସହରର ମଧ୍ୟବିତ୍ତ ଶ୍ରେଣୀଙ୍କ ମୋଦିଙ୍କ ପ୍ରତି ଆକର୍ଷଣ ଏବଂ ଭାଜପାର ଶକ୍ତି ଉପରେ ପ୍ରାର୍ଥୀ ବିଶ୍ୱଜିତ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅନ୍ୟପକ୍ଷେ ଜନସମ୍ପର୍କ ରଖିବାରେ ଓସ୍ତାଦ ବନ୍ଦିତା କଂଗ୍ରେସ ପ୍ରାର୍ଥୀ ଭାବେ ଘରକୁ ଘର ବୁଲି ଭୋଟରଙ୍କୁ ହାତେଇବା ପାଇଁ ତତ୍ପର ହୋଇଛନ୍ତି । ତେବେ ଏ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳର ଷ୍ଟାର କ୍ୟାମ୍ପେନର କିମ୍ବା କୌଣସି ହେଭିୱେଟ୍ ନେତାଙ୍କ ପ୍ରଚାର ଦେଖିବାକୁ ମିଳିନାହିଁ। ତେବେ ବ୍ୟାସନଗର ସମେତ ପାଣିକୋଇଲି, କୁଆଖିଆ ଆଦି ଅଞ୍ଚଳ ସହରାଞ୍ଚଳ ହୋଇଥିବାରୁ ଏହି ଆସନରେ ଏଥର ମଧବିତ୍ତ ଶ୍ରେଣୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ବିଗତ ୨୦ବର୍ଷରେ ସହରର ବିକାଶ କାର୍ଯ୍ୟ ଓ ଅନ୍ୟାନ୍ୟ ସମସ୍ୟାର ପ୍ରତିକାରକୁ ନେଇ ସାଧାରଣରେ ଅସନ୍ତୋଷ ରହିଛି। ଏହା ଉପରେ ବିଜେଡି ପାଖରେ ସନ୍ତୋଷଜନକ ଜବାବ ନ ଥିବାବେଳେ ବିରୋଧୀ ଦଳ ଭାବରେ ଭାଜପା ଓ କଂଗ୍ରେସ ଆଖିଦୃଶିଆ ଭୂମିକା ନେଇନାହିଁ। ଏହି ପରିପ୍ରେକ୍ଷୀରେ ଭାଜପାର ଜନସମ୍ପର୍କ ଆଧାର, କଂଗ୍ରେସର ପାରମ୍ପରିକ ଭୋଟ ଓ ବିଜେଡି ପ୍ରାର୍ଥୀଙ୍କ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ନିର୍ବାଚନୀ ବାତାବରଣରୁ ପରିଲକ୍ଷିତ ହେଉଛି ।

### ଖଣି ଉପନିର୍ଦ୍ଦେଶକଙ୍କୁ ଭେଟିଲା ଟ୍ରକ୍ ମାଲିକ ସଂଘ

ଯାଜପୁରରୋଡ,୧୮।୪(ନି.ପ୍ର.)

ଜିପିଏସ୍ ନବୀକରଣ ଦେୟ ବୃଦ୍ଧି ପ୍ରତିବାଦରେ ଯାଜପୁର ରୋଡ, ଚଣ୍ଡିଖୋଲ ଓ ସୁକିନ୍ଦା ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଗୁରୁବାର ସ୍ଥାନୀୟ ଖଣି ଉପନିର୍ଦ୍ଦେଶକ ସନ୍ଦୀପ ପ୍ରିୟଦର୍ଶୀ ବଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି। ୨୦୧୭ରେ ବିଭିନ୍ନ ଖଣିଜ ପଦାର୍ଥ ଚୋରି ଉପରେ ରୋକ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ଖଣିଜ ପଦାର୍ଥ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକରେ ଗ୍ଲୋବାଲ ପଜେସନିଙ୍ଗ ସିଷ୍ଟମ (ଜିପିଏସ) ଡିଭାଇସ ଲଗାଯାଇଥିଲା। ପ୍ରତି ବର୍ଷ ଏହାର ନବୀକରଣ ବାବଦକୁ ୨୦୧୮ରେ ଟ୍ରକ୍ ପିଛା ୨୨୦୦ ଟଙ୍କା ଆଦାୟ କରିଥିବାବେଳେ ୨୦୧୯ରେ ସମ୍ପୃକ୍ତ ଡିଲର ୩୩୦୦ରୁ ୩୫୦୦ ଟଙ୍କା ନେଉଛନ୍ତି। ଫଳରେ ଟ୍ରକମାଲିକ ମାନେ ବହୁ କ୍ଷତିର ଶିକାର ହେଉଛନ୍ତି। ଏହି ଦେୟ ଆଦାୟ କରିବା ପାଇଁ ସରକାରଙ୍କ ସ୍ୱିକୃତୀପ୍ରାପ୍ତ ଆରୟାଟେକ୍, ଆଟଲାଣ୍ଟା, ଫାଷ୍ଟ୍ରାକ ଓ ରୋଜମେଟା ପ୍ରଭୃତି କମ୍ପାନୀର ଜିପିଏସ ମେଶିନକୁ ଡିଲର ମାନେ ସଂଯୋଗ କରିଥିଲେ। ଉକ୍ତ ମେଶିନର ମୂଲ୍ୟ ୩୦୦୦ରୁ ୫୦୦୦ ଥିଲାବେଳେ ସେମାନେ ଟ୍ରକ ମାଲିକଙ୍କଠାରୁ ୧୦ରୁ ୧୨ହଜାର ଟଙ୍କା ନେଇଥିଲେ। ଏନେଇ ଟ୍ରକ ମାଲିକ ସଂଘ ପକ୍ଷରୁ ଏହାକୁ ବିରୋଧ କରି ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦିଆଯାଇଥିଲା। ଏହି ସମସ୍ୟାର ସମାଧାନ ନ ହେଲେ ଯାଜପୁର ଜିଲାରେ ଥିବା ସମସ୍ତ ଖଣିରୁ ପରିବହନ ଠପ୍ କରିବା ସହ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଟ୍ରକ ମାଲିକ ସଂଘ ପକ୍ଷରୁ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

## ଦିବ୍ୟାଙ୍ଗ ସଚେତନତା ରଥ ଉଦ୍‌ଘାଟନ କଲେ ଜିଲାପାଳ

ଯାଜପୁର ଅଫିସ,୧୮।୪




ଦିବ୍ୟାଙ୍ଗ ସଚେତନତା ରଥକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ଜିଲାରେ ୨୪,୧୯୫ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ସମସ୍ତ ଦିବ୍ୟାଙ୍ଗ ଭୋଟରମାନେ ଯେପରି ଚଳିତ ନିର୍ବାଚନରେ ମତଦାନ କରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏହି ମର୍ମରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳ ରଞ୍ଜନ କୁମାର ଦାସ ଦିବ୍ୟାଙ୍ଗ ସଚେତନତା ରଥର ଉଦ୍‌ଘାଟନ କରିଛନ୍ତି। ଦିବ୍ୟାଙ୍ଗ ଭୋଟରମାନେ ଗଣତନ୍ତ୍ରର ପ୍ରମୁଖ ଅଙ୍ଗ। ସେମାନଙ୍କ ମତଦାନ ଗଣତନ୍ତ୍ରକୁ ସୁଦୃଢ ଓ ସକ୍ରିୟ କରିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ୨ଟି ଗାଡିକୁ ଦିବ୍ୟାଙ୍ଗ ରଥ ନାମ ଦିଆଯାଇ ସଚେତନତା ଉଦ୍ଦେଶ୍ୟରେ ସମଗ୍ର ଜିଲା ପରିକ୍ରମଣ କରିବାର ବ୍ୟବସ୍ଥା ହୋଇଛି। ସଚେତନତା ପାଇଁ ୩ଟି ଗୀତ ଏହି ଗାଡିରେ ବାଜୁଛି। ଗୀତଗୁଡିକର ସ୍ୱର ସଂଯୋଜନା ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ଦେଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ ଗୀତଗୁଡିକୁ ରଚନା କରିଛନ୍ତି । ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଏହି ଗୀତ ଗୁଡିକ ଜିଲାରେ ବାଜିବା ସହ ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟକୁ ମଧ ପ୍ରେରଣ କରାଯାଇଛି। ଏହି ସଚେତନତା ରଥ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ଜିଲାପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, କ୍ରୀଡା ଅଧିକାରୀ ପଂକୀର ମୋହନ ଟୁଡୁ, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ଭାଜପାର ନିର୍ବାଚନ କମିଟି ଗଠିତ

ଯାଜପୁରରୋଡ଼,୧୮।୪(ନି.ପ୍ର.)

ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ୟାସନଗରସ୍ଥିତ ଚୋରଦା ବାଇପାସଠାରେ ଥିବା ଭାଜପା କାର୍ଯ୍ୟାଳୟରେ ଗୁରୁବାର ସକାଳ ୧୦ଟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ନିତ୍ୟାନନ୍ଦ ମହାଲିକଙ୍କୁ କମିଟିର ସଭାପତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଞ୍ଚିତା ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ମିନୁ ମହାନ୍ତି, ବିଜୟ ପଣ୍ଡା ପ୍ରମୁଖ ନିର୍ବାଚନ କମିଟି ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ନିର୍ବାଚନ କମିଟି ସଭାପତି ଭାବେ ନିତ୍ୟାନନ୍ଦ ମହାଲିକ, ଅଯୋଧ୍ୟା ଜେନା, ଅଶୋକ ପୁହାଣ, ଅରୁଣ ଦାସ, ଶିବ ଆଇଚ, ଆଶିଷ ଦାସ, ପ୍ରଶାନ୍ତ ବୋଇତାଇ, ସରୋଜ ଦେ ଏବଂ ସଂଯୋଜକ ଭାବେ ଇତିଶ୍ରୀ ଜେନା, ଦୁଷ୍ମନ୍ତ ରାଉତ, ସୁଶୀଲ ମଲ୍ଲିକ, ପ୍ରସନ୍ନ ସାମଲ, ନିରଞ୍ଜନ ଘଡ଼ାଇ, ସବିତା ଖୁଣ୍ଟିଆ, ଯଶୋବନ୍ତ ମଲ୍ଲିକ, ମାନସୀ ମଲ୍ଲିକ, ଅଭିଷେକ ପୋହି ପ୍ରମୁଖ ମନୋନୀତ ହୋଇଥିଲେ।

## ସୁନନ୍ଦାଙ୍କ ମାରାଥନ୍ ପ୍ରଚାର



ବରୀ ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସ ପ୍ରଚାର କରୁଛନ୍ତି।

ବରୀ,୧୮।୪(ସ୍ୱ.ପ୍ର.)

ନିର୍ବାଚନ ପାଖେଇ ଆସୁଥିବାବେଳେ ପ୍ରଚାର ମଧ ଜୋରଦାର୍ ହେଉଛି। ଏହି ପରିପ୍ରେକ୍ଷୀରେ ବରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସଙ୍କ ମାରାଥନ୍ ପ୍ରଚାର ବରୀ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଗୁରୁବାର ପ୍ରାର୍ଥିନୀ ସୁନନ୍ଦା ରାମେଶ୍ୱର ମନ୍ଦିରରେ ପୂଜାପାଠ କରି ଅଲ୍ଲୀପୁର, ଅନ୍ୟାସପୁର, ବାଲିବିଲି ପଞ୍ଚାୟତରେ ମାରାଥନ୍ ପ୍ରଚାର କରିଥିବା ଦେଖିବାକୁ ମିଳିଛି। ମହିଳାମାନେ ଶଙ୍ଖ ହୁଳହୁଳିରେ ସୁନନ୍ଦାଙ୍କୁ ସ୍ୱାଗତ କରି ପାଛୋଟି ନେଉଥିବା ବେଳେ ତାଙ୍କ ଭୋଟ୍ ଭିକ୍ଷା ଭୋଟରଙ୍କୁ ଆକୃଷ୍ଟ କରିଥିବା ଦେଖିବାକୁ ମିଳିଛି। ପ୍ରଚାରରେ ଯୁବ ବାହିନୀ, ମହିଳା ସଙ୍ଗଠନ, ବୁଦ୍ଧିଜୀବୀ, ଶ୍ରମିକ, କୃଷକମାନେ ସାମିଲ ହୋଇଛନ୍ତି। ହଜାର ହଜାର ସମର୍ଥକଙ୍କ ଗହଣରେ ସୁନନ୍ଦା ପ୍ରଚାର କରୁଥିବାବେଳେ କେତେଜଣ ଭାଜପା କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ରତ୍ନଗିରି ପଞ୍ଚାୟତର ରାଉତ ସାହିର ପ୍ରଫୁଲ୍ଲ ମଲ୍ଲିକ୍, ଈଶାଣପୁର ପଞ୍ଚାୟତର କୁଳମଣୀ ଦାସ ସେମାନଙ୍କ ସମର୍ଥକଙ୍କ ସହ ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି।

## ସିଂହାପୁର ଯାତ୍ରା

# ଷ୍ଟାଣ୍ଡରେ ସାଇକେଲ ରଖିବାକୁ ନେଇ ଉତ୍ତେଜନା

ରସୁଲପୁର,୧୮।୪(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ସିଂହାପୁର ଯାତ୍ରାରେ ବିଶୃଙ୍ଖଳା ସୃଷ୍ଟି ହୋଇଛି । ଷ୍ଟାଣ୍ଡରେ ସାଇକେଲ ରଖିବାକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ହାତାହାତି ପରିସ୍ଥିତି ଦେଖାଦେଇଥିଲା। ଏଥିରେ ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ଗ୍ରାମର ଦାଶରଥି ବେହେରା ନାମକ ଜଣେ ଯୁବକ ଗୁରୁତର ହୋଇଥିବା ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଏଥିସହ ଯାତ୍ରା ସମୟରେ ଗୋଟିଏ ସାଇକେଲ ଓ ବାଇକ୍ ଚୋରି ହୋଇଥିବା ଜଣାପଡିଛି। ଯାତ୍ରା କମିଟି ପ୍ରଶାସନର ନିର୍ଦ୍ଦେଶ ଖିଲାପରେ ଯାତ୍ରା ପରିଚାଳନା କରୁଥିବାରୁ ଏଭଳି ଘଟଣା ଘଟୁଥିବା ସ୍ଥାନୀୟ ସରପଞ୍ଚ ଆରତୀ ପହୀ ଅଭିଯୋଗ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ବାରବାଟୀ ଗ୍ରାମର ଭକ୍ତ ବେହେରା ଯାତ୍ରା ବୁଲିବାକୁ ଆସି ସାଇକେଲକୁ ଷ୍ଟାଣ୍ଡରେ ରଖିବାକୁ ଯାଇଥିଲେ। ସିଂହାପୁର ଗ୍ରାମର ଲକି ଓ ତାର ସାଙ୍ଗମାନେ ସାଇକେଲ ରଖିବାକୁ ବାରଣ କରିଥିଲେ । ହେଲେ ଭକ୍ତ ଷ୍ଟାଣ୍ଡରେ ସାଇକେଲ ରଖି ପଳାଇଥିଲେ। କିନ୍ତୁ ଫେରିବା ପରେ ଷ୍ଟାଣ୍ଡରେ ସାଇକେଲ ପାଇ ନ ଥିଲେ। ଏହାକୁ କେନ୍ଦ୍ରକରି ଲକି ଓ ଭକ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଲକି ନିଜ ସାଙ୍ଗମାନଙ୍କ ସହଯୋଗରେ ଦାଶରଥିଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଦାଶରଥୀଙ୍କ ଅଭିଯୋଗ ଆଧାରରେ ପୋଲିସ (ନଂ-୧୦୧/୧୯)ରେ ଏକ ମାମଲା ରୁଜୁ କରିଛି । ଏଏସ୍‌ଆଇ କୃଷ୍ଣ ଚନ୍ଦ୍ର ରାଉତ ଘଟଣାର ତଦନ୍ତ କରୁଛନ୍ତି । ପ୍ରକାଶ ଯେ, ପୂର୍ବବର୍ଷ ଯାତ୍ରାସ୍ଥଳରେ ବ୍ୟାନର ଟାଣାକୁ ନେଇ ଗଣ୍ଡଗୋଳ ଉପୁଜିଥିଲା । ଚଳିତବର୍ଷ ଯାତ୍ରା ଆରମ୍ଭରୁ ପରିଚାଳନା କମିଟି ଓ ଜନପ୍ରତିନିଧି ମୁହାଁମୁହିଁ ହୋଇଥିଲେ । ପ୍ରଶାସନର ହସ୍ତକ୍ଷେପ ପରେ ମାମଲକୁ ଆପୋଷ ସମାଧାନ କରାଯାଇଥିଲା। ତେବେ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି କମିଟି ଯାତ୍ରା ପରିଚାଳନା କରୁଥିବା ନେଇ ଏପରି ହେଉଥିବା ଚର୍ଚ୍ଚ ହେଉଛି। ଏ ସମ୍ପର୍କରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କୁ ପଚାରିବାରୁ ଅନୁମତି ମୁତାବକ ପ୍ରଶାସନ ପକ୍ଷରୁ ସହଯୋଗ ଦିଆଯାଇଥିଲା। ସେହି ହିସାବରେ ସରକାରୀ ସହାୟତାକୁ କାଢି ନିଆଯାଇଛି । ବର୍ତ୍ତମାନ ସ୍ଥିତିକୁ ନେଇ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି ।

### ହନୁମାନ ଯଜ୍ଞ ଉଦ୍‌ଯାପିତ

ରସୁଲପୁର,୧୮।୪(ଡିଏନଏ)



ସୁଲପୁର ଗ୍ରାମରେ ୩ଦିନ ବ୍ୟାପି ଅନୁଷ୍ଠିତ ହନୁମାନ ଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ରବିବାର ଗ୍ରାମରେ ହନୁମାନ ମନ୍ଦିରରେ ଯଜ୍ଞ ଉତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରାଠାରୁ ଆରମ୍ଭ କରି ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଗ୍ରାମର ମୁରବୀ ପରିଚାଳନା କରିଥିଲେ । ୫ଜଣ ଯାଜ୍ଞିକ ବ୍ରାହ୍ମଣ ଯଜ୍ଞସ୍ଥଳରେ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ । ବେଦପାଠ, ହନୁମାନ ଚାଳିଶା ପାଠ, ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ସହ ଯଜ୍ଞ କୁଣ୍ଡରେ ୧୦୦୮ ଆହୂତି ପ୍ରଦାନ କରାଯାଇଥିଲା । ଭକ୍ତମାନଙ୍କ ସକାଶେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ର ଅନୁଷ୍ଠିତ ହୋଇଥିଲା ।

## ଭାଜପାରେ ମିଶିଲେ ୨୦ପରିବାର



ଭାଜପାରେ ଯୋଗ ଦେଇଥିବା ୨୦ ପରିବାର ସଦସ୍ୟ।

ଯାଜପୁର ଟାଉନ,୧୮।୪(ଡି.ଏନ୍.ଏ.)

ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ଗ୍ରାମପଞ୍ଚାୟତ ବିନ୍ଧାଣ ଗ୍ରାମର ୨୦ ପରିବାର ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ପଣସା ଗ୍ରାମପଞ୍ଚାୟତର ଯୁବନେତା ଜିତେନ୍ଦ୍ର ବେହେରା, ନିରଞ୍ଜନ ବଳ, କୁଳମଣି ପରିଡ଼ା ଓ ଭାଜପା ଯୁବ ଜିଲା ସମ୍ପାଦକ ସତ୍ୟଜିତ ସ୍ୱାଇଁଙ୍କ ନେତୃତ୍ୱରେ ବୃନ୍ଦାବନ ଜେନା, ବିଦ୍ୟାଧର ଜେନା, ପ୍ରମୋଦ ଜେନା, ତପନ ଜେନା, ଦିପକ ଜେନା, ଗଣେଶ ଜେନା, ଅଭିମନ୍ୟୁ ଜେନା, ଭାସ୍କର ଜେନା ସମେତ ୨୦ପରିବାରର ସଦସ୍ୟ ଜିଲା ସଭାପତି ତଥା ଯାଜପୁର ଭାଜପା ପ୍ରାର୍ଥୀ ଗୌତମ ରାୟଙ୍କ ନେତୃତ୍ୱକୁ ଭରସା କରିବା ସହ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦାନ କରିଛନ୍ତି।

# ଧର୍ମଶାଳା ବିଜେଡିରେ ଜୋର ଧରିଛି ମିଶ୍ରଣ ପ୍ରକ୍ରିୟା

ଧର୍ମଶାଳା,୧୮।୪(ଡି.ଏନ.ଏ.)



ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିବା କର୍ମୀ।

ନିର୍ବାଚନ ପାଇଁ ପ୍ରଚାରର ମାହୋଲ ଦିନକୁ ଦିନ ଜମିବାରେ ଲାଗିଛି। ସବୁଠି ଚାଲିଛି କର୍ମୀ ସମ୍ମିଳନୀ, ରୋଡ ଶୋ, ସମାବେଶ, ବାଇକ ରାଲି ଓ କର୍ମୀ ମିଶ୍ରଣ ପ୍ରକ୍ରିୟା। ଭୋଟରଙ୍କୁ ହାତେଇବା ପାଇଁ ପ୍ରାର୍ଥୀମାନେ ତତ୍ପର ହୋଇ ଉଠିଛନ୍ତି। ଏହି ଧାରାରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ବହୁ ଆଗରେ ରହିଛି। ବିଭିନ୍ନ ଦଳର କର୍ମୀମାନେ ବିଜେଡି ଉପରେ ଆସ୍ଥା ପ୍ରକଟ କରୁଥିବା ଦେଖାଯାଉଛି। ଗୁରୁବାର ଅରାବଳ ଗ୍ରାମ ପଞ୍ଚାୟତର କଂଗ୍ରେସ ନେତା ଜୟନ୍ତ ସାମଲ, ପଞ୍ଚାୟତ ସମିତି ସଭ୍ୟ ମହେଶ୍ୱର ଭୋଇଙ୍କ ନେତୃତ୍ୱରେ ଅନ୍ୟ ଦଳର ବହୁ କର୍ମୀ ବିଜେଡି ଦଳରେ ବିଧାୟକଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ(ଜିତୁ) ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଯୋଗଦେଇ ଥିବା କର୍ମୀମାନେ ବିଧାୟକ ଜିତୁଙ୍କ ନେତୃତ୍ୱ ଉପରେ ଆସ୍ଥା ସ୍ଥାପନ କରି ବିଜେଡିରେ ଯୋଗଦେଇଥିବା କହିଛନ୍ତି। ସେହିପରି ପୁରୁଣାବଉଳମାଳ ଗ୍ରାମ ପଞ୍ଚାୟତର ଭାଜପା ପ୍ରଭାରୀ ଗଲି ବାବୁଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ବିଜେଡିରେ ବିଧାୟକଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜେଡିର ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର ଓ ନିର୍ବାଚନ ମଣ୍ଡଳୀର ସଭାପତି ଜଳଧର ମହାନ୍ତି, ଧର୍ମଶାଳା ବିଜେଡି ମିଡିଆସେଲ ଅଧକ୍ଷ ସଂଗ୍ରାମ ଜେନା, ବ୍ଲକ ସଭାପତି ନିରଞ୍ଜନ ବଳ, ବରିଷ୍ଠ ନେତା ଜଳଧର ସାହୁ, ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ୧୫ ନମ୍ବର ଜୋନ ସଂଯୋଜକ ରଶ୍ମି ରଞ୍ଜନ ରାୟ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମାଗାନ୍ଧୀ

## ସଂକ୍ଷେପରେ

### ମଦ ଜବତ, ଜଣେ କୋର୍ଟଚାଲାଣ

**କୋରେଇ,୧୮।୪(ସ୍ୱ.ପ୍ର.):** ଚୋରା ମଦ କାରବାର ଖବର ପାଇ ପାଣିକୋଇଲି ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ କରଦା ଗ୍ରାମର ନରହରି ମଲିକ। ଏ ନେଇ ପୋଲିସ ଏକ ମାମଲା (ନଂ. ୭୧/୧୯) ରୁଜୁ କରିଛି। ସେହିପରି କୋରେଇ ପୋଲିସ ଚୋରା ମଦ କାରବାର ଅଭିଯୋଗରେ ମଦ ଜବତ କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେ ହେଲେ ଦୁଲାଖାପାଟଣା ଗ୍ରାମର ବିନୋଦ ଜେନା (୩୫)। ଏ ନେଇ ଏକ ମାମଲା (ନଂ. ୮୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ବନ୍ଦିତାଙ୍କୁ ସମର୍ଥନ କଲା ନିର୍ମାଣ ଶ୍ରମିକ ସଂଘ

**ଯାଜପୁରରୋଡ୍‌,୧୮।୪(ନି.ପ୍ର.):** ବ୍ୟାସନଗରସ୍ଥିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର ଏକ ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ସଭାପତି ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବ୍ୟାସନଗର ସମେତ କୋରେଇ ବ୍ଲକର ୨୮ ପଞ୍ଚାୟତର ସଂଯୋଜକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାର କୋରେଇ ନିର୍ବାଚନମଣ୍ଡଳୀରେ ୧୫ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ନ ଦେବା ଘଟଣାକୁ ସମାଲୋଚନା କରିଥିଲେ। କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ବନ୍ଦିତା ପରିଡ଼ାଙ୍କୁ ସମର୍ଥନ କରିବା ସହ ସମସ୍ତ ନିର୍ମାଣ ଶ୍ରମିକଙ୍କୁ ଅବିଳମ୍ବେ ସହାୟତା ରାଶି ପ୍ରଦାନ କରିବା, କୃଷିଋଣ ଛାଡ଼, ପ୍ରତ୍ୟେକ ଗରିବ ପରିବାରକୁ ବାର୍ଷିକ ୭୨ହଜାର ଟଙ୍କା ପ୍ରଦାନ, ବେକାର ଯୁବତୀ ଯୁବକ ନିଯୁକ୍ତି ନ ପାଇବା ପର୍ଯ୍ୟନ୍ତ ସେମାନଙ୍କୁ ମାସିକ ୩ ହଜାର ଟଙ୍କା ପ୍ରଦାନ ଭଳି କଂଗ୍ରେସର ନିର୍ବାଚନ ଇସ୍ତାହାରକୁ ଭୂୟସୀ ପ୍ରଶଂସା କରିବା ସହ ତୁରନ୍ତ ବିଭିନ୍ନ ପଞ୍ଚାୟତରେ ନିର୍ମାଣ ଶ୍ରମିକଙ୍କ ବୈଠକ ଆୟୋଜିତ କରିବାକୁ ସଭାପତି ମହାନ୍ତି ପ୍ରସ୍ତାବ ରଖିଥିଲେ। ଉପସ୍ଥିତ ସମସ୍ତ ସଂଯୋଜକ ଏହି ପ୍ରସ୍ତାବକୁ ସମର୍ଥନ କରିବା ସହ ଆସନ୍ତା ୨୬ ତାରିଖ ମଧ୍ୟରେ ବିଭିନ୍ନ ପଞ୍ଚାୟତରେ ପୃଥକ ପୃଥକ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ପରମାନନ୍ଦ ସେଠୀ, କାଳନ୍ଦୀ ଦାସ, ବସନ୍ତ କୁମାର ଦାସ, ଧ୍ରୁବଚରଣ ଯେନା, ନରହରି ବେହେରା, ଅମୂଲ୍ୟ ପାତ୍ର, ବାଇଧର ମଲିକ, ସୁଦାମ ବାରିକ, ଗୌରାଙ୍ଗ ସେଠୀ, ତ୍ରିଲୋଚନ ନାୟକ, ସୁକାନ୍ତ ବଲ୍ଲଭ ବାରିକ, ତପନ ନାୟକ, ଜୟନ୍ତ ବିଶ୍ୱାଳ, ସୁରେନ୍ଦ୍ର ଯେନା ପ୍ରମୁଖ ଯୋଗଦେଇ କଂଗ୍ରେସ ପ୍ରାର୍ଥିନୀ ବନ୍ଦିତାଙ୍କୁ ସମର୍ଥନ କରିବାକୁ ସଂକଳ୍ପ ନେଇଥିଲେ।

### ମା’ ହିଙ୍ଗୁଳାଙ୍କ ବିଶ୍ୱଶାନ୍ତି ଯଜ୍ଞ

**ଧର୍ମଶାଳା,୧୮।୪(ଡି.ଏନ୍‌.ଏ.):** ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ଇମାମନଗର ଗ୍ରାମରେ ମା’ ହିଙ୍ଗୁଳାଙ୍କ ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଯଜ୍ଞ ଉତ୍ସବରେ ଅଙ୍କୁରାରୋପଣ କରାଯାଇ ଯଜ୍ଞ ଉତ୍ସବ ଶୁଭାରମ୍ଭ କରାଯାଇଥିଲା। ଗୁରୁବାର ଘଟସ୍ଥାପନ ପରେ ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଯଜ୍ଞ କାର୍ଯ୍ୟ ଉଦ୍‌ଯାପିତ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଅବ୍ୟବସ୍ଥାରୁ ସ୍ୱାସ୍ଥ୍ୟ ସେବାରେ ଲାଗିଛି ରୋକ୍‌

**ରସୁଲପୁର,୧୮।୪(ଡି.ଏନ୍‌.ଏ.)**

**ରସୁଲପୁର ବ୍ଲକ**
- କାର୍ଡଧାରୀଙ୍କୁ ମିଳୁନାହିଁ ସେବା
- ଏସ୍‌-୨ କାର୍ଡକୁ ଗ୍ରହଣ କରୁନାହାନ୍ତି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର
- ଅନ୍‌ଲାଇନ୍‌ ସୁବିଧା ଉପଲବ୍ଧ ନ ହେବାରୁ ଉପୁଜୁଛି ସମସ୍ୟା

ବିଜୁ କୃଷକ କଲ୍ୟାଣ ଯୋଜନାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନାମରେ ରୂପାନ୍ତରିତ କରାଯାଇଛି। ଏହି ଯୋଜନାରେ ସମସ୍ତ କୃଷକ ପରିବାରକୁ ମାଗଣା ଚିକିତ୍ସା ସହାୟତା ୧ଲକ୍ଷ ଟଙ୍କା ବଦଳରେ ୫ରୁ ୭ଲକ୍ଷ ଟଙ୍କା ପ୍ରଦାନ ବ୍ୟବସ୍ଥା ରହିଛି। ପରିବାରର ମହିଳାଙ୍କୁ ୭ଲକ୍ଷ ଓ ଅନ୍ୟ ସଦସ୍ୟଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ଉପଲବ୍ଧ ହେବ ବୋଲି ପ୍ରଚାର ପ୍ରସାର କରାଯାଇଥିଲା। ମାତ୍ର ଯାଜପୁର ଜିଲା ରସୁଲପୁର ବ୍ଲକର ଅଞ୍ଚଳରେ ଯୋଜନାର ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ପରିଲିକ୍ଷିତ ହୋଇଛି। ଏହି ଯୋଜନା ଜରିଆରେ ସରକାରୀ ଡାକ୍ତରଖାନାରେ କାର୍ଡଧାରୀଙ୍କୁ ସ୍ୱାସ୍ଥ୍ୟଗତ ସୁବିଧା ମିଳୁନାହିଁ। ଫଳରେ ପରିବାର ଲୋକେ ଯେନତେନ ଉପାୟରେ ଅର୍ଥ ଯୋଗାଡକରି ରୋଗରୁ ମୁକ୍ତି ପାଇବାକୁ ପ୍ରୟାସ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେବଳ ପ୍ରଚାର ସର୍ବସ୍ୱ ବୋଲି ସଧାରଣରେ ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ୨୦୧୨-୧୩ ଆର୍ଥିକ ବର୍ଷରେ କେନ୍ଦ୍ରସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା କାର୍ଡ ଭାବରେ ପ୍ରଥମ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ଜିଲାରେ ପଞ୍ଜିକୃତ ୧.୪୪ଲକ୍ଷ ପରିବାରରୁ ରସୁଲପରୁ ବ୍ଲକର ୧୪,୨୯୦ ପରିବାର ସ୍ୱାସ୍ଥ୍ୟ କାର୍ଡ ପାଇଥିଲେ। ଏହି କାର୍ଡ ଧାରୀଙ୍କୁ ୩୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଉପଲବ୍ଧ ବ୍ୟବସ୍ଥା ହୋଇଥିଲା। ଏହି ଯୋଜନାର କାର୍ଯ୍ୟକାରୀ ହେବାର ପରବର୍ତ୍ତୀ ମୁହୂର୍ତ୍ତରେ ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନା ଜରିଆରେ ପରିବାରକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏହି କ୍ରମରେ ଜିଲାରେ ମୋଟ ୨.୭୨ଲକ୍ଷ ପରିବାରୁ ବ୍ଲକରେ ୩୧,୪୯୫ ପରିବାରର ନାମ ପଞ୍ଜିକୃତ କରିଛନ୍ତି। ମାତ୍ର ପୂର୍ବରୁ ରାଷ୍ଟ୍ରୀୟ ଯୋଜନାରେ ଅନ୍ତର୍ଭୁକ୍ତ ପରିବାରକୁ ଏସ୍‌-୧(ସ୍କିମ-୧) କାର୍ଡ ମିଳିଥିଲା। ରାଜ୍ୟ ସରକାରଙ୍କ ନୂଆ ଯୋଜନା ଜରିଆରେ ପୂର୍ବରୁ ସ୍ୱାସ୍ଥ୍ୟ କାର୍ଡ ହାସଲ କରି ନ ଥିବା ପରିବାରକୁ ଏସ୍‌-୨(ସ୍କିମ୍‌-୨) କାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ୭୦ହଜାର ଟଙ୍କାର ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଥିଲା। ୨୦୧୮-୧୯ରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଘୋଷଣା କରି ବିଜୁ କୃଷକ କଲ୍ୟାଣରୁ ବାଦ ପଡିଥିବା ପରିବାରକୁ ଦୁଇଟି ପର୍ଯ୍ୟାୟରେ ଜିଲାର ୪୨ହଜାର ପରିବାରକୁ ସଂଯୋଗ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ରସୁଲପୁର ବ୍ଲକର ୧୮୩ ପରିବାରକୁ ବିଡିଓଙ୍କ ଜରିଆରେ କାର୍ଡ ପ୍ରଦାନ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୪୮୮ ପରିବାରଙ୍କୁ କାର୍ଡ ମିଳିବା ନେଇ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି। ତେବେ ରାଜ୍ୟସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏସ୍‌-୨ କାର୍ଡ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗ୍ରହଣ କରାଯାଉ ନାହିଁ। ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ଓ କେତେକ ଅଗ୍ରଣୀ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାର୍ଡ ବ୍ୟବହାର ନେଇ ସଫ୍ଟ ଓୟାର ପ୍ରଦାନ କରାଯାଇ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏପରିକି ଏହି ସେବା ଅନଲାଇନରେ ଉପଲବ୍ଧ ହେଉ ନାହିଁ ବୋଲି ବ୍ଲକ ଅଧୀନସ୍ଥ ପ୍ରମୁଖ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଶ୍ୱରଞ୍ଜନ କର କହିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ଟୋବର-୨୦୧୪ରୁ ଡିସେମ୍ବର ୨୦୧୮ ମଧ୍ୟରେ ବ୍ଲକର ୧୨୨୭ ପରିବାରଙ୍କୁ କେବଳ ଏସ୍‌-୧ ସୁବିଧା ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଏସ୍‌-୨ ସମ୍ପର୍କରେ ଆବାଶ୍ୟକ ଅନ୍‌ଲାଇନ ସେବା ପ୍ରଦାନ କରାଯାଇ ନ ଥିବାରୁ ଏପରି ହୋଇଥିବା ଜଣାପଡିଛି। ସେହିପରି ବ୍ଲକର ଭୋଟକା ପଞ୍ଚାୟତର କର୍କଟ ରୋଗ ପୀଡିତା ସରସ୍ୱତୀ ରାଉତଙ୍କୁ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଚିକିତ୍ସା ସମୟରେ ଏସ୍‌-୨ କାର୍ଡକୁ ଗ୍ରହଣ କରାଯାଇ ନ ଥିବା କହିଛନ୍ତି। ଦୁଇଟି ବର୍ଗର କାର୍ଡର ଦାୟିତ୍ୱ ନାସନାଲ ବୀମା କମ୍ପାନୀ ଓ ରିଲିଆନ୍ସ ଜେନେରାଲ ବୀମା କମ୍ପାନୀ ଉପରେ ନ୍ୟସ୍ତ କରାଯାଇଛି । ଇତିମଧ୍ୟରେ ରାଷ୍ଟ୍ରୀୟ ବୀମା କାର୍ଡ ପୂର୍ବ ଭଳି କାମ କରୁ ନାହିଁ। ରାଜ୍ୟ ସରକାର ଆୟୁଷମାନ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ ନ କରିବାରୁ ଏଭଳି ଘଟିଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ସରକାର ସ୍ୱାସ୍ଥ୍ୟବୀମା ଯୋଜନାକୁ କାର୍ଯ୍ୟକାରୀ କରିବାରେ ଅସମର୍ଥ ଥିବାବେଳେ କେନ୍ଦ୍ରୀୟଯୋଜନାକୁ କାର୍ଯ୍ୟକାରୀ କରିବାର ସୁଯୋଗ ନ ଦେବା ଘଟଣା ଜନ ସ୍ୱାସ୍ଥ୍ୟ ବିରୋଧୀ। ଚଳିତ ନିର୍ବାଚନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ବିରୋଧୀ ମତ ପ୍ରକାଶ କରିଛନ୍ତି।

### ବିଜୁ ଯୁବ କର୍ମୀଙ୍କ ଶପଥ କାର୍ଯ୍ୟକ୍ରମ

**ଧର୍ମଶାଳା, ୧୮।୪(ଡି.ଏନ୍‌.ଏ.)**

୧୫ନଂ. ଜୋନ୍‌ର ବିଜେଡି ସଭ୍ୟଙ୍କୁ ନେଇ ବୁଧବାର ଏକ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସାଧାରଣ ସମ୍ପାଦକ କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ବିଶ୍ୱ ପ୍ରତାପ ସାହୁ, ରାଜ୍ୟ ଉପସଭାପତି ରାକେଶ ନାୟକ, ସବ୍ୟସାଚୀ ସୁନ୍ଦରରାୟ, ପଦ୍ମନାଭ ବିଶ୍ୱାଳ, ବସନ୍ତ ରାଉଳ, ସୁଶାନ୍ତ କୁମାର ଜେନା, ମନୋରଞ୍ଜନ ରାୟ, କୌଶଲ୍ୟା ରାୟଙ୍କ ସମେତ ବହୁ ଯୁବକର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଏବଂ ଏମ୍ପି ପ୍ରାର୍ଥୀ ଶର୍ମିଷ୍ଠାଙ୍କୁ ଅଧିକ ମାତ୍ରାରେ ଭୋଟଦେଇ ଜୟଯୁକ୍ତ କରିବା ନେଇ କର୍ମୀମାନେ ଶପଥ ନେଇଥିଲେ। ଏଥିସହ କାର୍ଯ୍ୟକ୍ରମରେ ମତଦାନ ସମୟରେ ଭୋଟର ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ବୟସ୍କା ମହିଳା କିଭଳି ସହଜ ଓ ସୁରକ୍ଷିତଭାବେ ଭୋଟ ଦେଇପାରିବେ ସେ ସମ୍ପର୍କରେ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ସ୍ଥିର କରାଯାଇଛି।

## ବେଆଇନ ଗଛକଟା ବନ୍ଦ କଲା ବନବିଭାଗ

**ଚଣ୍ଡିଖୋଲ,୧୮।୪(ଡି.ଏନ.ଏ.)**



କଟାଯାଇଥିବା ଗଛ।

ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନରେ ରହିଛି ଅସିହା ଜଙ୍ଗଲ। ୨୬ ଶହ ଏକର ବିଶିଷ୍ଟ ସଂରକ୍ଷିତ ଜଙ୍ଗଲ ଜମିରୁ ବେଆଇନ ପଥର ଉତ୍ତୋଳନ ଦ୍ୱାରା ଜଙ୍ଗଲ ଧ୍ୱଂସମୁଖକୁ ଗତି କରୁଛି। ଗତ କିଛି ବର୍ଷ ଧରି ଏହି ଜଙ୍ଗଲ ଜମିରୁ ବେଆଇନ ଭାବେ ଗଛ କଟାଯିବା ଦ୍ୱାରା ବନ୍ୟପ୍ରାଣୀ ବିପଦମୁଖରେ ପଡ଼ିଛନ୍ତି। ଗୁରୁବାର ଜଣେ ବ୍ୟକ୍ତି ଏହି ଜଙ୍ଗଲରୁ ଜୋର ଜବରଦସ୍ତ ଗଛ କାଟୁଥିବାବେଳେ ଏହାକୁ ବନ ବିଭାଗ ବନ୍ଦ କରିଛି। ଅସିହା ମୌଜାର ୧୯୨୯ ମସିହା ରାଜସ୍ୱ ଆଇନ ଅନୁଯାୟୀ, ପ୍ଲଟ ନଂ. ୧୬୩୪/୨୩୦୬ ଓ ୧୬୨୯/୧୪୬୮ ୨ଟି ଝାଟିଆ ଜଙ୍ଗଲ ଭାବେ କିସମ ରହିଥିଲା ବେଳେ ବେଆଇନ ଭାବେ ୨ ଏକର ପରିମିତ ଜମିରୁ ଉକ୍ତ ଗ୍ରାମର ରାଜେନ୍ଦ୍ର ବଳସାମନ୍ତ ଜେସିବି ମେଶିନ ସାହାଯ୍ୟରେ ଗଛ କାଟୁଥିବା ନେଇ ଅଚ୍ୟୁତବସନ୍ତ ପଞ୍ଚାୟତବାସୀ ପୂର୍ବରୁ ଜଙ୍ଗଲ ଓ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଅସିହା ମୌଜାର ସମ୍ପୃକ୍ତ ପ୍ଲଟ ୨ଟି ଝାଟିଆ ଜଙ୍ଗଲ ଭାବେ ୧୯୨୯ ମସିହା ବନ୍ଦୋବସ୍ତରେ ରେକର୍ଡଭୁକ୍ତ ହୋଇଥିଲା। ତେବେ ଏହି ପ୍ଲଟ ୨ଟିକୁ ରାଜେନ୍ଦ୍ର ପରେ ଜାଲ୍‌ ପଟ୍ଟା ମାଧ୍ୟମରେ ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଧ୍ୱଂସ ହେଉଥିବା ଦେଖି ଗ୍ରାମବାସୀ ଏହାର ବିରୋଧ କରିବାରୁ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ କର୍ମଚାରୀ ଗଛ କଟା ବନ୍ଦ କରିଥିଲେ। ଏ ସମ୍ପର୍କରେ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ପଚାରିବାରୁ, ସମ୍ପୃକ୍ତ ବ୍ୟକ୍ତି ଗଛ କାଟୁଥିବାବେଳେ ସେମାନେ ବନ୍ଦ କରିଛନ୍ତି। ଶୁକ୍ରବାର ଜମିର ପଟ୍ଟା ସହ ପହଞ୍ଚିବା ପରେ ଦର୍ପଣ ତହସିଲଦାରଙ୍କ ଉପସ୍ଥିତିରେ ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ବଟ ମଙ୍ଗଳାଙ୍କ ପୀଠରେ ମହାଯଜ୍ଞ

**ରତ୍ନଗିରି,୧୮।୪(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଗୋଳକୁଣ୍ଡ ପଞ୍ଚାୟତର ମା’ ବଟ ମଙ୍ଗଳା ପୀଠରେ ୧୪ ତାରିଖଠାରୁ ନବରାତ୍ରୀ ମହାଯଜ୍ଞ ଆରମ୍ଭ ହୋଇ ଗୁରୁବାର ୫ମ ଦିନରେ ପହଞ୍ଚିଛି। ଏଥିରେ ଅଧିକ ଜନସମାଗମ ହୋଇଥିବର ଦେଖିବାକୁ ମିଳିଛି। ପ୍ରଥମ ଦିନରୁ ଷୋଡ଼ଶୋପଚାର ପୂଜା, ହୋମ, ଚଣ୍ଡୀପାଠ, ସୂର୍ଯ୍ୟପୂଜା, ଗୋ ପୂଜା ସହ ପ୍ରତି ଦିନ ସନ୍ଧ୍ୟାରେ ମଙ୍ଗଳା କମିଟି ଓ ଗ୍ରାମବାସୀଙ୍କ ତରଫରୁ ନାମ ସଂକୀର୍ତ୍ତନ କରାଯାଉଛି। ୨୨ ତାରିଖ ପର୍ଯ୍ୟନ୍ତ ଏହି ମହାଯଜ୍ଞ ହେବାକୁ ଥିବାବେଳେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ତରଫରୁ ଭିଡ ଦେଖିବାକୁ ମିଳିଛି। ମା’ ବଟ ମଙ୍ଗଳାଙ୍କ ପୀଠରେ ମାନସିକ କଲେ ମନୋକାମନା ପୂରଣ ହୁଏ ବୋଲି ବିଶ୍ୱାସ ଥିବାରୁ ବରୀ ଅଞ୍ଚଳର ଅଧିବାସୀ ଏହି ମହାଯଜ୍ଞରେ ଯୋଗଦେଇ ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଛି।

## ଜବତ ଟଙ୍କା ଫେରାଇଲା ଫ୍ଲାଇଂ ସ୍କ୍ୱାଡ୍‌

**କାଳିଆପାଣି,୧୮।୪(ଡି.ଏନ୍‌.ଏ.)**

ଫ୍ଲାଇଂ ସ୍କ୍ୱାଡ୍‌ ଓ କାଳିଆପାଣି ପୋଲିସ ମିଳିତଭାବେ ଗତ ୧୩ ତାରିଖରେ କାଳିଆପାଣି ଅଞ୍ଚଳରୁ ଜବତ କରିଥିବା ୧୫ ଲକ୍ଷ ୨୨ ହଜାର ଟଙ୍କା ବୁଧବାର ପରିବହନ ସଂସ୍ଥାର ମ୍ୟାନେଜରଙ୍କୁ ଫେରସ୍ତ କରିଛନ୍ତି। ଜିଲା କୋଷାଗାର ଅଧିକାରୀ ଅରକ୍ଷିତ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଚିତ୍ତରଞ୍ଜନ ରାଉତ ଓ କାଳିଆପାଣି ଥାନା ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ଟଙ୍କା ପରିବହନ ସଂସ୍ଥା ମ୍ୟାନେଜର ବିଚିତ୍ର ଦାସଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତ ଭାଲୁକିପାତଳା ନିକଟସ୍ଥ ରେଙ୍ଗାଳୀ କେନାଲ ରାସ୍ତାରେ ଏକ ବୋଲେରୋ ଗାଡିକୁ ସନ୍ଦେହରେ ଫ୍ଲାଇଂ ସ୍କ୍ୱାଡ୍‌ ଓ କାଳିଆପାଣି ପୋଲିସ ଅଟକାଇଥିଲେ। ଯାଞ୍ଚବେଳେ ପୋଲିସ ଗାଡିରୁ ୧୫ ଲକ୍ଷ ୨୨ ହଜାର ଟଙ୍କା ଜବତ କରିଥିଲେ। ସନ୍ତୋଷ ଜନକ ଉତ୍ତର ନ ପାଇବାରୁ ଜବତ ଟଙ୍କାକୁ ଜିଲା କୋଷାଗାକୁ ପଠାଇଦେଇଥିଲେ। ପରେ ନର୍ଥ ଇଷ୍ଟର୍ନ କ୍ୟାରିଙ୍ଗ କର୍ପୋରେଶନ ସଂସ୍ଥାର ଉକ୍ତ ଟଙ୍କା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ରବିବାର ଜିଲାପାଳ ତଥା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଏ ସମ୍ପର୍କରେ ଏକ କମିଟି ଗଠକ କରାଯାଇଥିଲା। କମିଟି ପକ୍ଷରୁ ଜବତ ଟଙ୍କାର ସମସ୍ତ ହିସାବ ଅବିକଳ ନକଲ ଦାଖଲ ପରେ ଟଙ୍କା ଫେରସ୍ତ କରାଯିବା ନେଇ ସଂସ୍ଥାର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୧୬ ତାରିଖ ମଙ୍ଗଳବାର ମ୍ୟାନେଜର ବିଚିତ୍ର ଦାସ ସମସ୍ତ ଟଙ୍କାର ହିସାବ ଦାଖଲ କରିଥିଲେ ।

## ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ, ୨ ମାଓବାଦୀ ନିହତ

**ମାଲକାନଗିରି,୧୮।୪ (ଡି.ଏନ୍‌.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଗୁରୁବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟ ଏକ ଘଟଣାରେ ଆଇ.ଡି. ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି। ଆଇ.ଜି. ବିବେକାନନ୍ଦ ସିନାଙ୍କ ସୂଚନା ଅନୁଯାୟୀ ଛତିଶଗଡର ଦାନ୍ତେୱାଡା ଜିଲା କୁଆକୋଣ୍ଡା ଥାନା ଅନ୍ତର୍ଗତ ଧାନ କରିକା ନିକଟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଏକ ମେଳି ଚାଲିଥିବା ଏବଂ ସେମାନେ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବାକୁ ଯୋଜନା କରୁଥିବା ଖବର ମିଳିଥିଲା। ଏନେଇ କୋମ୍ବିଂ ଅପରେଶନ କରାଯାଇଥିଲା। ପୋଲିସ ଆସିବା ଜାଣି ମାଓବାଦୀମାନେ ଢୁବାଲିକରକା ଜଙ୍ଗଲ ଆଡେ ଚାଲିଯାଉଥିବା ବେଳେ ସେମାନଙ୍କର ପୋଲିସ ସହ ମୁହାଁମୁହିଁ ହୋଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ମଲାଙ୍ଗିର ଆଞ୍ଚଳିକ ମାଓବାଦୀ କମିଟି ସଦସ୍ୟ ତଥା ମାଓବାଦୀଙ୍କ ଆର୍ମି ପ୍ଲାଟୁନରେ ବୋମା ବିସ୍ଫୋରଣରେ ଅଭିଜ୍ଞ ଦୁଇଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଆଡମା ଏବଂ କବାସୀ ରାମା। ଘଟଣାସ୍ଥଳରୁ ପୋଲିସ ଉଭୟଙ୍କ ମୃତଦେହ ଜବତ କରିଛି। ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀଙ୍କ ପୁସ୍ତକ ମଧ୍ୟ ଜବତ ହୋଇଛି। ତେବେ ଏହି ଘଟଣାରେ ପୋଲିସ ଗୁଳିରେ ଜଣେ ମାଓବାଦୀ ଗୁରୁତର ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରିଛି। ଘଟଣା ପରେ ଏଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ମାଓବାଦୀଙ୍କ ଲାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ମାନପୁର ଥାନା ଅନ୍ତର୍ଗତ ମେଢାଡବା ଗ୍ରାମ ନିକଟରେ ଗୁରୁବାର ସକାଳୁ ସିଆରପିଏଫ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିବା ସମୟରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇଥିଲେ। ଫଳରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପରେ ଆଇଟିବିପି ପକ୍ଷରୁ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି।

## ରାଜ୍ୟ ବିଜେଡି ସମ୍ପାଦକ ମନୋଜ ନାୟକ

**ରତ୍ନଗିରି,୧୮।୪(ଡି.ଏନ.ଏ.)**



ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତର ଝଁପଡା ଗ୍ରାମର ମନୋଜ ନାୟକଙ୍କୁ ରାଜ୍ୟ ବିଜେଡି ସମ୍ପାଦକ ସହ ଯାଜପୁର ଜିଲାର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ମଧ୍ୟ ଗୁରୁତ୍ୱ ଦେବେ ବୋଲି ସମ୍ପାଦକ ନାୟକ ପ୍ରକାଶ କରିଛନ୍ତି। ତାଙ୍କୁ ନିଯୁକ୍ତି ମିଳିବା ପରେ ବରୀ ଅଞ୍ଚଳର ବହୁ ଶୁଭେଚ୍ଛୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍‌ ଦେଇଛନ୍ତି।

## ୨୩ରେ ଓଡ଼ିଶା ଆସିବେ ମୋଦି

**ଆଜି ଆସୁଛନ୍ତି ରାଜନାଥ ଓ ୨୦ରେ ମୁଖ୍‌ତାର ଅବାସ ନକ୍‌ଭୀ**

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ଭାଜପା କେନ୍ଦ୍ରୀୟ ନେତାଙ୍କ ଫୋକସ୍‌ରେ ରହିଛି ଓଡିଶା।ସ୍ୱଳ୍ପ ସମୟ ବ୍ୟବଧାନରେ କେନ୍ଦ୍ରୀୟ ନେତାଙ୍କ ଗସ୍ତରୁ ଏହା ବାରି ହୋଇପଡୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବେ ନିର୍ବାଚନୀ ପ୍ରଚାର ପାଇଁ ପ୍ରତି ସପ୍ତାହରେ ଓଡିଶା ଆସୁଛନ୍ତି। ଗତ ୧୬ତାରିଖରେ ମୋଦି ଓଡିଶାର ଦୁଇଟି ଜିଲାରେ ଆୟୋଜିତ ନିର୍ବାଚନୀ ସଭାରେ ଆସି ଯୋଗଦେଇ ଯାଇଛନ୍ତି। ଅପରାହ୍ନରେ ସମ୍ବଲପୁର ଆସିଥିବା ବେଳେ ସନ୍ଧ୍ୟାରେ ଭୁବନେଶ୍ୱର ଆସି ରୋଡ୍‌ ଶୋ କରିଥିଲେ। ରାଜ୍ୟରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଉଛି। ତୃତୀୟ ପର୍ଯ୍ୟାୟରେ ସମ୍ବଲପୁର ଓ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍‌ ଥିବାରୁ ମୋଦି ଏହି ଦୁଇ ଆସନ ପାଇଁ ପ୍ରଚାର କରିଥିଲେ। ଏହାପରେ ଆସନ୍ତା ୨୯ତାରିଖରେ ରାଜ୍ୟର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏଥିପାଇଁ ଆସନ୍ତା ୨୩ରେ ମୋଦି ପୁନର୍ବାର ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଦିନ ୧୦ଟାରେ କେନ୍ଦ୍ରାପଡାଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ ମଧ୍ୟାହ୍ନ ୧୨ଟାରେ ବାଲେଶ୍ୱରଠାରେ ପହଞ୍ଚି ସେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ମୋଦିଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଓଡିଶାରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଜଣାପଡିଛି। ରାଜନାଥ ଗୋଟିଏ ଦିନରେ ମୟୂରଭଞ୍ଜ, ନୟାଗଡ ଏବଂ କଟକ ସଦରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଆସନ୍ତା ୨୦ରେ କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରୀ ମୁଖ୍‌ତାର ଅବାସ ନକ୍‌ଭୀ ଓଡିଶାରେ ପ୍ରଚାର କରିବା ପାଇଁ ଆସୁଛନ୍ତି। ନକ୍‌ଭୀ ସାଲେପୁର, କେନ୍ଦ୍ରାପଡା ଏବଂ ଭଦ୍ରକଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଗୋଲକ ସୂଚନା ଦେଇଛନ୍ତି। ମୋଦି ଆସନ୍ତା ୨୭ରେ ଓଡିଶା ଆସିପାରନ୍ତି ବୋଲି ଶୁଣିବାକୁ ମିଳୁଥିଲା। ମାତ୍ର ହଠାତ୍‌ ତାଙ୍କ ଗସ୍ତସୂଚୀରୁ ପରିବର୍ତ୍ତନ ହେବାପରେ ସାଧାରଣରେ ଚର୍ଚ୍ଚା ଜୋର୍‌ ଧରିଛି। ୨୩ ଗସ୍ତପରେ ଅମିତ୍‌ ଶାହ ମଧ୍ୟ ୪ର୍ଥ ପର୍ଯ୍ୟାୟରେ ନିର୍ବାଚନ ପ୍ରଚାର ପାଇଁ ଆସିବେ ବୋଲି ଶୁଣିବାକୁ ମିଳିଛି। ଏହାପରେ ମୋଦି ଆଉଥରେ ୨୭ରେ ଓଡିଶା ଆସି ନିର୍ବାଚନୀ ପ୍ରଚାର କରିବେ ବୋଲି ମଧ୍ୟ ଦଳର ଜଣେ ଆଗ ଧାଡିର ନେତାଙ୍କ ନିକଟରୁ ଶୁଣିବାକୁ ମିଳିଛି।

## ମଇଦାନରେ ହେବ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ଚଣ୍ଡିଖୋଲ,୧୮।୪(ଡି.ଏନ୍‌.ଏ.)**

**ବଡ଼ଚଣା ନିର୍ବାଚନମଣ୍ଡଳୀ**
- ଜନ୍ମେଜୟଙ୍କ ସମର୍ଥନ ପରେ ଅମର ଉତ୍ସାହିତ
- ପ୍ରଧାନମନ୍ତ୍ରୀଙ୍କ ବିକାଶଧାରାକୁ ନେଇ ବିଜୟ ଆଶାରେ ଅମର ନାୟକ
- ପଛରେ ପଡ଼ିଛି କଂଗ୍ରେସ

ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବଡ଼ଚଣା ନିର୍ବାଚନମଣ୍ଡଳୀର ପ୍ରମୁଖ ୩ ଦଳ ମଇଦାନକୁ ଓହ୍ଲାଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ଚଳିତ ନିର୍ବାଚନ ପାଇଁ ୧ଲକ୍ଷ ୮୧ହଜାର ୫୧୦ ଭୋଟର ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୯୪ ହଜାର ୬୩ ଓ ମହିଳା ଭୋଟରଙ୍କ ସଂଖ୍ୟା ୮୭ ହଜାର ୪୪୪। ୧୯୯୦ରୁ ଲଗାତର ଭାବେ ପ୍ରତିନିଧିତ୍ୱ କରିଆସୁଥିବା ଅମର ପ୍ରସାଦ ଶତପଥୀ ଗତ ୨୦୦୪ରେ ବିଜେଡ଼ି ଟିକେଟ୍‌ରୁ ବଞ୍ଚିତ ହୋଇ ନିର୍ବାଚନ ଲଢ଼ି ନ ଥିବାରୁ କଂଗ୍ରେସର ସୀତାକାନ୍ତ ମହାପାତ୍ର ବିଜୟୀ ହୋଇଥିଲେ। ୫ ଥର ବିଧାନସଭାକୁ ନିର୍ବାଚିତ ହୋଇ ଅମର ରେକର୍ଡ଼ ସୃଷ୍ଟି କରିଥିଲା ବେଳେ ୨୦୧୯ରେ ଷଷ୍ଠ ଥର ପାଇଁ ବିଜେଡି ଟିକେଟ୍‌ରେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେ ଜଣେ ପୁରୁଖା ଓ ଅଭିଜ୍ଞ ନେତା ହୋଇଥିଲାବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାଜପା ପ୍ରାର୍ଥୀ ଅମର ନାୟକ। ସେ ଜଣେ ଯୁବନେତା ହୋଇଥିବାରୁ ଯୁବ ଭୋଟର ତାଙ୍କ ପ୍ରତି ଆକର୍ଷିତ ହେଉଥିବା ଦେଖାଦେଇଛି। ଗତ ୨୦୧୪ ବିଧାନସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ଅମର ୨୬ହଜାର ୨୬୦ ଖଣ୍ଡ ଭୋଟ୍‌ ପାଇଥିଲେ। ସେହିଭଳି କଂଗ୍ରେସ ପକ୍ଷରୁ ଅଜୟ ସାମଲ ଏକ ନୂଆ ମୁହଁ ଭାବେ ନିର୍ବାଚନ ମଇଦାନକୁ ଆସିଛନ୍ତି। ସେ ପୂର୍ବରୁ ୨୦ ନଂ. ଜିଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି ଓ ସୀତାକାନ୍ତ ମହାପାତ୍ର ନିର୍ବାଚନ ଲଢ଼ିବାକୁ ମନା କରିବା ପରେ କଂଗ୍ରେସ ଅଜୟ ସାମଲଙ୍କୁ ଟିକେଟ ଦେଇଛି। ଫଳରେ ଦଳ ଅସୁବିଧାରେ ପଡ଼ିଥିବା କୁହାଯାଉଛି। ଅପରପକ୍ଷରେ ୨୦୧୪ ନିର୍ବାଚନରେ କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢ଼ି ୩୬ ହଜାର ୩୮୩ ଖଣ୍ଡ ଭୋଟ୍‌ ପାଇଥିବା ଜନ୍ମେଜୟ ଲେଙ୍କା ମଧ୍ୟ ବିଜେଡିରେ ମିଶିଯାଇଛନ୍ତି। ସେ ଅମରଙ୍କୁ ଜିତାଇବା ପାଇଁ ଜୋରଦାର୍‌ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଜନ୍ମେଜୟ ବିଧାୟକ ଅମରଙ୍କ ସହ ମିଶିବା ଯୋଗୁ କଂଗ୍ରେସ ଦୁର୍ବଳ ହୋଇପଡ଼ିଥିବା ଜଣାପଡ଼ିଛି। ବିଧାୟକ ଅମର ପ୍ରସାଦ ଶତପଥୀ ଜଣେ ଅଭିଜ୍ଞ ରାଜନେତା ହୋଇଥିଲା ବେଳେ ଜନ୍ମେଜୟଙ୍କ ସହଯୋଗ ତାଙ୍କୁ ଅଧିକ ଉତ୍ସାହିତ କରିଛି। ସେହିଭଳି ଭାଜପା ପ୍ରାର୍ଥୀ ଅମର ନାୟକ ପ୍ରତିଦିନ ବିଭିନ୍ନ ପଞ୍ଚାୟତରୁ ଅନ୍ୟଦଳର କର୍ମୀଙ୍କୁ ନିଜ ଦଳରେ ମିଶାଇ ପ୍ରଚାରକୁ ଜୋରଦାର କରୁଛନ୍ତି। ତାଙ୍କ ପ୍ରତି ସାଧାରଣ ଲୋକଙ୍କ ସମର୍ଥନ ରହିବା ସହ ତଥା ପ୍ରଧାନମନ୍ତ୍ରୀଙ୍କ ବିକାଶଧାରାକୁ ନେଇ ସେ ନିର୍ବାଚନରେ ବିଜୟୀ ହେବାର ଆଶା ରଖିଥିବା ସ୍ୱୀକାର କରିଛନ୍ତି। ସେହିଭଳି ବଡ଼ଚଣାର ବିକାଶ ତଥା କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟ ଏବଂ ପ୍ରତ୍ୟେକ ପରିବାର ସହ ରହିଥିବା ନିବିଡ଼ ସମ୍ପର୍କକୁ ନେଇ ନିର୍ବାଚନ ବୈତରଣୀ ପାର ହେବେ ବୋଲି ଅମର ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ତାଲିମ ନେଇ ଫେରୁଥିବା ବେଳେ ଦୁର୍ଘଟଣା
## ଗ୍ରାମ ରୋଜଗାର ସେବକ ଗୁରୁତର



ପାଟକୁରା ୧୮।୪ (ଡି.ଏନ୍.ଏ.): ଆଳି-ପଟ୍ଟାମୁଣ୍ଡାଇ ବାଇପାସ୍‌ରେ ବୁଧବାର ଦୁର୍ଘଟଣା ଘଟି ଗରଦପୁର ବ୍ଲକ ତିକନପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଜ୍ୟୋତିରଞ୍ଜନ ପତି ଗୁରୁତର ହୋଇଛନ୍ତି। ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜ୍ୟୋତିରଞ୍ଜନ ରାଜକନିକାସ୍ଥିତ ଏସ୍.ଏନ୍. କଲେଜରୁ ତାଲିମ ନେଇ ଫେରୁଥିବା ବେଳେ ଆଳି-ପଟ୍ଟାମୁଣ୍ଡାଇ ବାଇପାସ୍‌ରେ ଏକ ଟ୍ରକ୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କର କାନ୍ଧହାଡ଼ ଭାଙ୍ଗି ଯାଇଛି। ତେବେ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ଗରଦପୁର ବ୍ଲକର ଗ୍ରାମ ରୋଜଗାର ସେବକ ସଂଘ ତରଫରୁ ଦାବି ହୋଇଛି।

## ନିର୍ବାଚନୀ ହିଂସା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ୍, ୧୮।୪: ସଦର ଥାନା ବାରିମୂଳ ପଞ୍ଚାୟତ ତିଲୋତ୍ତମାଦେଇପୁର ଗ୍ରାମରେ ଏକ ନିର୍ବାଚନୀ ହିଂସାକାଣ୍ଡ ଘଟିଥିବା ନେଇ ଅଭିଯୋଗ ହୋଇଥିଲା। ଗୁରୁବାର ଏପରି ଆଉ ଏକ ଘଟଣା ରାଜକନିକା ଥାନା ପଚ୍ଛପଟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ପଟ୍ଟାମୁଣ୍ଡାଇ ଏସଡିପିଓଙ୍କ ନିକଟରେ ହୋଇଛି । ଅଭିଯୋଗ ଅନୁଯାୟୀ, ଆଳି ଥାନା ଅଧୀନ ମହୁ ଗ୍ରାମର ଦୁଷ୍ମନ୍ତ ଆଚାର୍ଯ୍ୟ ଏକ କାମରେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଲୋକ ତାଙ୍କୁ ମାଡ ମାରି ମୋବାଇଲ ଛଡାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଦଳର ପ୍ରାର୍ଥୀଙ୍କୁ ସେ ଚଳିତ ନିର୍ବାଚନରେ ସହଯୋଗ କରିବେ ନାହିଁ କହିବାରୁ ଏହି ଆକ୍ରମଣ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ରାଜନଗର ଥାନାରେ ଅଭିଯୋଗ ପତ୍ର ଦେଇଥିଲେ ମଧ୍ୟ ପୋଲିସ ଏତଲା ଗ୍ରହଣ କରି ନଥିବା ଅଭିଯୋଗକାରୀ ଦୁଷ୍ମନ୍ତ କହିଛନ୍ତି। ଏ ସମ୍ପର୍କରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସଡିପିଓ ରଞ୍ଜନ କୁମାର ଦେ ପ୍ରକାଶ କରିଛନ୍ତି।

## ବିଜେଡି ସଂଖ୍ୟାଲଘୁ ସେଲ ପର୍ଯ୍ୟବେକ୍ଷକଙ୍କ ପ୍ରଚାର

କେନ୍ଦ୍ରାପଡା ଅଫିସ, ୧୮।୪: କେନ୍ଦ୍ରାପଡା ଲୋକସଭା ନିର୍ବାନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ୍ ଗୁରୁବାର କେନ୍ଦ୍ରାପଡା ଜିଲା ଗସ୍ତରେ ଆସି ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଥିଲେ। ସେ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ବିଜେଡି ପ୍ରାର୍ଥୀ ଶଶିଭୂଷଣ ବେହେରାଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏଥିସହ ଇସଲାମ୍‌ପୁର, କାଜି ବଜାର ଓ ତ୍ରିଲୋଚନପୁର ଆଦି ଅଞ୍ଚଳ ଗସ୍ତକରି ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ସଂଖ୍ୟାଲଘୁ ସେଲ ସଭାପତି ସେକ୍ ଗୁଲଜାର ହୁସେନ ଓ ଜିଲା ପରିଷଦ ସଭ୍ୟ ସୁବାଶିଷ ପ୍ରଧାନ ସାମିଲ ହୋଇଥିଲେ। ଏହି ପ୍ରଚାରରେ ଶତାଧିକ ମୁସଲମାନ ସମ୍ପ୍ରଦାୟର ବିଜେଡି କର୍ମୀ ଓ ନେତା ଯୋଗ ଦେଇଥିଲେ।

## ମହାବୀର ହନୁମାନ ଯଜ୍ଞ ଆରମ୍ଭ

ରାଜନଗର, ୧୮।୪(ଡିଏନଏ): ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତର ମଙ୍ଗରାଜପୁର ଗ୍ରାମରେ ମହାବୀର ହନୁମାନ ଯଜ୍ଞ ଆରମ୍ଭ ହୋଇଛି। ବୁଧବାର କଳସ ଯାତ୍ରା ଓ ଅଙ୍କୁରାରୋପଣ ପରେ ଗୁରୁବାର ଭୋରରୁ ଯଜ୍ଞ ଆରମ୍ଭ ହୋଇଛି। ଗ୍ରାମର ପୁରୁଷ ଓ ମହିଳା ରାଜନଗର ଗ୍ରାମର ରାଣୀପୋଖରୀରୁ କଳସରେ ପାଣି ଉଠାଇ ରାଜନଗର ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ଯଜ୍ଞ ୨୦ ତାରିଖ ଯାଏଁ ଚାଲିବ। ଯଜ୍ଞ କାର୍ଯ୍ୟକ୍ରମକୁ ଗ୍ରାମର ପ୍ରତାପ ରାଉତ, ସମୀର ରାଉତ, ଅଦ୍ୱୈତ୍ୟ ରାଉତ, ଜଗନ୍ନାଥ ଦାସଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

### ଗରଦପୁରରେ ବିଜେଡିର ରୋଡ୍ ଶୋ’

# ଅନୁଭବଙ୍କ ସହ ବେଦପ୍ରକାଶଙ୍କ ପୁଅ ସାମିଲ

ପାଟକୁରା, ୧୮।୪ (ଡି.ଏନ୍.ଏ.)

ଗରଦପୁର ବ୍ଲକ ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଏକ ରୋଡ୍ ଶୋ’ର ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି ସାମିଲ ହୋଇ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ। ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ ଅସୁସ୍ଥ ଥିବା କାରଣରୁ ତାଙ୍କ ପୁଅ ସଞ୍ଜୟ ଅଗ୍ରୱାଲ ରୋଡ୍ ଶୋ’ରେ ସାମିଲ ହୋଇଥିବା ଦେଖାଯାଇଥିଲା।

ବିଜେଡିର ଏହି ରୋଡ୍ ଶୋ’ରେ ଏମ୍‌ପିପ୍ରାର୍ଥୀ ଅନୁଭବ ସାମିଲ ହୋଇଥିଲେ। ତେବେ ଏହି ରୋଡ୍ ଶୋ’ ପାଟକୁରା ହାଟ ଆଡ଼କୁ ନ ଯାଇ ହନୁମାନଛକରୁ ଗରଦପୁର ଆଡ଼କୁ ପଳାଇ ଯାଇଥିଲା। ତେବେ ଏହି ରୋଡ୍ ଶୋ’ ବେଳେ ଅନୁଭବ ପାଟକୁରା ହାଟ ପଡ଼ିଆଠାରେ ଥିବା ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଦଳୀୟ ନେତୃବୃନ୍ଦଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହା ହୋଇପାରି ନ ଥିଲା। ଏହାକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବହୁ କର୍ମୀ ରୋଡ୍ ଶୋ’ରେ ସାମିଲ ନ ହୋଇ ଫେରିଯାଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି ହାଟ ପଡ଼ିଆଠାରେ ଉପସ୍ଥିତ ରହି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ହଜାର ହଜାର ଦଳୀୟ କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ଏଥିସହ ସ୍ଥାନୀୟ ପିଲାମାନେ ଫୁଲତୋଡ଼ା ଓ ଶଙ୍ଖ ଧରି ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ସାଢ଼େ ୩ ଘଣ୍ଟା ଅପେକ୍ଷା କରିଥିବା ବେଳେ ରୋଡ ଶୋ’ ସେହି ସ୍ଥାନକୁ ନ ଯିବା ଫଳରେ ସମର୍ଥକଙ୍କମାନେ ଅସନ୍ତୋଷ ବ୍ୟକ୍ତ କରି ଘରକୁ ଫେରି ଯାଇଥିବାର ଦେଖିବାକୁ ମିଳିଥିଲା।

ମଦନା ନୈନ୍ଦିପୁର, ଚାନ୍ଦପଲା, ଗରଦପୁର, ବଜ୍ରବାଣ, କଳାବୁଦା ପ୍ରଭୃତି ଗ୍ରାମରେ ବିଜେଡି ରୋଡ୍ ଶୋ’ କରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜେଶ ଦାସ, ବିଜେଡି ନେତା ଉତ୍କଳ କେଶରୀ ପରିଡ଼ା, ବିଜେଡି ନେତା ପ୍ରମୋଦ ରଥ ପ୍ରମୁଖ ସାମିଲ ହୋଇଥିଲେ।

## ଗହୀରମଥାରୁ ୩୦ ଲକ୍ଷ କଇଁଛ ଛୁଆ ସମୁଦ୍ରକୁ ଗଲେ



ସମୁଦ୍ର ମୁହାଁ କଇଁଛ ଛୁଆ।

ରାଜନଗର,୧୮।୪(ଡିଏନଏ)

ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ଏକ୍ସୁତିଶାଳ କୁହାଯାଉଥିବା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥାରେ ଆରମ୍ଭ ହୋଇଛି କଇଁଛ ଅଣ୍ଡାରୁ ଛୁଆ ଫୁଟିବାର ପର୍ବ। ଗତ ୩ ଦିନ ମଧ୍ୟରେ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ଛୁଆ ବଙ୍ଗୋପସାଗର ମୁହାଁ ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଏହି ପ୍ରକ୍ରିୟା ଆଉ ୪-୫ ଦିନ ଚାଲୁ ରହିବ।

ଚଳିତବର୍ଷ ଫେବୃୟାରୀ ୨୬ରୁ ମାର୍ଚ୍ଚ ୫ ତାରିଖ ଯାଏଁ ୪ ଲକ୍ଷ ୫୨ ହଜାର ୨୪୯ ମା’ କଇଁଛ ଗହୀରମଥା ନାସୀ-୨ରେ ସମୁହ ଅଣ୍ଡାଦାନ କରିଥିଲେ। ଏହି ବିରଳ କଇଁଛ ଦଳ ଦଳ ହୋଇ ବାଲୁକା ଶଯ୍ୟାକୁ ଆସି ସେଠାରେ ଗାତ ଖୋଳି ଅଣ୍ଡା ଦେଇଥିଲେ। ପ୍ରତିଟି କଇଁଛ ୧୦୦ ରୁ ୧୨୦ଟି ଲେଖାଏଁ ଅଣ୍ଡା ଦେଇଥିଲେ। ଏହି କଇଁଛ ଅଣ୍ଡାରୁ ସାଧାରଣତଃ ୪୫ ରୁ ୬୦ ଦିନ ମଧ୍ୟରେ ଛୁଆ ବାହାରିଥାନ୍ତି। ଚଳିତମାସ ୧୬ ତାରିଖ ରାତିରୁ କଇଁଛ ଅଣ୍ଡାରୁ ଛୁଆ ବାହାରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମଦିନରେ ମାତ୍ର ୨୦ହଜାର କଇଁଛ ଛୁଆ ସମୁଦ୍ର ମୁହାଁ ହୋଇଥିଲେ। ବୁଧବାର ୧୦ ଲକ୍ଷ ଓ ଗୁରୁବାର ପ୍ରାୟ ୨୦ ଲକ୍ଷ କଇଁଛ ଛୁଆ ବାଲୁକା ଶଯ୍ୟାରୁ ବାହାରି ସମୁଦ୍ରକୁ ଚାଲି ଯାଇଛନ୍ତି। କଇଁଛ ଛୁଆ କିପରି ନିରାପଦରେ ସମୁଦ୍ର ଭିତରକୁ ଯିବେ ସେ ନେଇ ବନବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ୨୧ରେ ମୁଖ୍ୟମନ୍ତ୍ରୀଙ୍କ ରାଜନଗର ଗସ୍ତ

ରାଜନଗର,୧୮।୪ (ଡିଏନଏ)

ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୧ ତାରିଖ ଦିନ ରାଜନଗର ଗସ୍ତରେ ଆସିବେ। ଏହି ଅବସରରେ ରାଜନଗର ହାଇସ୍କୁଲ ପଡିଆରେ ବିଜେଡି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ସେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ରାଜନଗର ଗସ୍ତରେ ଆସି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ଲୋକଙ୍କୁ କହିବା ସହ ବିଜେଡିର କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କ ପାଇଁ ଭୋଟ ଭିକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ସଭାରେ ରାଜନଗର ବ୍ଲକର ୨୯ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟିରୁ ୫୦ହଜାର କର୍ମୀ ଯୋଗ ଦେବା ପାଇଁ ବିଜେଡି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

## ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ

ଡେରାବିଶ, ୧୮।୪ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଦୀର୍ଘ ୧୫ ଦିନ ହେଲା ବନ୍ଦ ରହିଛି। ଏହା ଫଳରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦୦ ଲୋକ ପିଇବା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ବେଳେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳ ଯୋଗାଣ ପାଇପ ମରାମତି ଆଳରେ ପ୍ରଥମେ ପାଇପ୍ ତାଡ଼ି ନିଆଯିବା ଯୋଗୁ ସପ୍ତାହେ କାଳ ଲୋକମାନେ ପାଣି ପାଇଁ ବହୁ ଅସୁବିଧା ଭୋଗିଥିଲେ। ମାତ୍ର ମରାମତି ହେବା ପରେ ବି ଯାନ୍ତ୍ରୀକ ତ୍ରୁଟି ଦର୍ଶାଇ ପୁଣି ଏକ ସପ୍ତାହ ହେବ ଜଳ ଯୋଗଣ ବନ୍ଦ ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଉପଖଣ୍ଡ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ, ଏହି କାର୍ଯ୍ୟ ପଞ୍ଚାୟତର ଏବଂ ଏଥିପାଇଁ ବାର୍ଷିକ ଅର୍ଥ ବରାଦ ହୋଇଛି। ଅଧିକ ଅର୍ଥ ଦରକାର ପଡ଼ିଲେ ବ୍ଲକ ମାଧ୍ୟମରେ ସରପଞ୍ଚ ଏହା ଖର୍ଚ୍ଚ କରିପାରିବେ ବୋଲି ସେ କହିଥିଲେ। ତେବେ ପ୍ରଚଣ୍ଡ ଖରା ଦିନରେ ଜଳ ଯେଗାଣ ବନ୍ଦ କରାଯାଇଥିବାରୁ ଲୋକମାନେ ନାନା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହାର ସମାଧାନ କରାଯିବା ସହ ଲେକଙ୍କୁ ଶୁଦ୍ଧ ପାନୀୟ ଯୋଗାଇ ଦେବାକୁ

## ଭାଜପା ପ୍ରାର୍ଥୀ ସୁନାକରଙ୍କ ମାରାଥନ ପ୍ରଚାର



୭ ନଂ. ଜୋନ୍‌ରେ ଭାଜପା କର୍ମୀଙ୍କ ଶୋଭାଯାତ୍ରା।

କେନ୍ଦ୍ରାପଡା ଅଫିସ, ୧୮।୪

କେନ୍ଦ୍ରାପଡ଼ା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ସୁନାକର ବେହେରା ବିଧାନସଭା ଅନ୍ତର୍ଗତ ୭ ନଂ. ଜୋନ୍‌ରେ ଗୁରୁବାର ମାରାଥନ ପ୍ରଚାର କରିଛନ୍ତି। ପୂର୍ବାହ୍ନ ୯ଟାରେ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଗୋଗୁଆ ଛକରୁ ଏହି ଶୋଭାଯାତ୍ରା ବାହାରି କେଶପୁର, ଚନ୍ଦନପୁର, ସାନମାଣିତିଆ, ପଳସିଂହା, ସାତପଡା, ବାରୋ ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ପ୍ରାର୍ଥୀ ସୁନାକର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଶୋଭାଯାତ୍ରାରେ ଜୋନ୍ ସଭାପତି ଅନନ୍ତ ନାରାୟଣ ତ୍ରିପାଠୀ, ଦେବେନ୍ଦ୍ର ବଳ, ରଞ୍ଜନ ସାହୁ, ସୁଜିତ ସ୍ୱାଇଁ, ନରେନ୍ଦ୍ର ଦାସ, ମୂରଲୀଧର ପରିଡ଼ା, ନିର୍ମଳ ଦାସ, ଭରତ ମଲ୍ଲିକ, ପତିତପାବନ ଦାସ, ସୁରେଶ ସାହୁ, ବିଷ୍ଣୁ ବେହେରା, ରମାକାନ୍ତ ପଲେଇ, ଦିପ୍ତିରଞ୍ଜନ ପ୍ରଧାନ, ମୁରଲୀ ପ୍ରଦାନ, ବିନୋଦ ବଳ ପ୍ରମୁଖ ଯୋଗଦେଇଥିଲେ।

## ସ୍ୱାଧୀନ ପ୍ରାର୍ଥୀ ଅଜୟଙ୍କ ନିର୍ବାଚନ ପ୍ରଚାର



ସମର୍ଥକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ପଟ୍ଟାମୁଣ୍ଡାଇ,୧୮।୪ (ସ୍ୱ.ପ୍ର)

ରାଜନଗର ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଥିବା ଯୁବନେତା ଅଜୟ ବେହେରା ଗୁରୁବାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବାଇକ୍ ଶୋଭାଯାତ୍ରା କରିବା ସହିତ ନିଜର ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ରାଜନଗର ବ୍ଲକର ୨୯ଟି ପଞ୍ଚାୟତରେ ତାଙ୍କର ସଂଗଠନ ଥିବା ସେ ଦାବି କରି ଆସୁଛନ୍ତି। ଏହାସତ୍ତ୍ୱେ ତାଙ୍କୁ ଭାଜପା ପକ୍ଷରୁ ପ୍ରାର୍ଥୀ କରା ନ ଯିବାରୁ ସେ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢେଇରେ ଅବତୀର୍ଣ୍ଣ ହୋଇଛନ୍ତି। ଯାହାକି ଦଳୀୟ କର୍ମୀ ଓ ନେତାମାନଙ୍କ ପାଇଁ ଭିନ୍ନ ପରିସ୍ଥିତି ସୃଷ୍ଟି କରିଛି। ନିଜର ସଂଗଠନକୁ ଆଧାର କରି ଅଜୟ ରାଜନଗର ବିଧାନସଭା କ୍ଷେତ୍ରରେ ଥିବା ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୨୧ଟି ୱାର୍ଡରେ ପ୍ରଚାର କରିଥିଲେ। ରତିରଞ୍ଜନ ପଟ୍ଟନାୟକ, ସନ୍ତୋଷ ରାଉତ, ମଙ୍ଗଳି ଚରଣ ମହାନ୍ତି, ଶୁଭମ ସାହୁ, ଦେବାଶିଷ ରାଉତ, ସର୍ବେଶ୍ୱର ଜେନା, ହୃଷୀକେଶ ଜେନା, ପ୍ରଫୁଲ୍ଲ ବିଶ୍ୱାଳ, ରଜନୀକାନ୍ତ ମିଶ୍ରଙ୍କ ସମେତ ଶତାଧିକ କର୍ମୀ ବାଇକ ଶୋଭାଯାତ୍ରାରେ ବିଭିନ୍ନ ୱାର୍ଡ ପରିକ୍ରମା କରି ଅଜୟଙ୍କୁ ଡଙ୍ଗା ନାଉରୀ ଚିହ୍ନରେ ଭୋଟ ଦେଇ ଜିତାଇବା ପାଇଁ ନିବେଦନ କରିଥିଲେ।

## ବଢୁଛି ତାତି, ଖୋଲୁନି ଜଳଛତ୍ର

ଆଳି, ୧୮।୪ (ଡି.ଏନ୍.ଏ.)

ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଥିବା ବେଳେ ଆଳି ଅଞ୍ଚଳରେ ପ୍ରଚଣ୍ଡ ଖରା ଅନୁଭୁତ ହେଉଛି। ସକାଳ ୧୦ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଦିନ ବେଳା ଅସହ୍ୟ ତାତି ସାଙ୍ଗକୁ ସନ୍ଧ୍ୟାରେ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଆଳି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଳି ନୂଆବଜାରରେ ଦିନ ୧୦ଟାରୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ପୂରା ଜନଶୂନ୍ୟ ପାଲଟିଯାଉଛି। ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଥିବା ବେଳେ ଅନେକେ ଗାଡିଆ, ପୋଖରୀ ଜଳାୟ ଆଦି ଶୁଖିବାକୁ ବସିଲାଣି। ଆଳିର ଜୀବନ ରେଖା କଟକ-ଚାନ୍ଦବାଲି ରାସ୍ତା ବୃକ୍ଷହୀନ ହୋଇଯାଇଥିବାରୁ ସେହି ରାସ୍ତା ଦେଇ ଯା’ଆସ କରୁଥିବା ଯାତ୍ରୀମାନେ ଘୋର ଅସୁବିଧା ଭୋଗୁଛନ୍ତି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ପ୍ରବଳ ଖରା ଅନୁଭୂତ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇନାହିଁ। ଆଳି ଥାନା, ଡାକ୍ତରଖାନା, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଷ୍ଟେଟବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ତଟବନ୍ଧ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ଆଦି ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଆଳି ବ୍ଲକର ବିଭିନ୍ନ ସ୍ଥାନରୁ ଦୈନିକ ଶହଶହ ଲୋକ ବିଭିନ୍ନ କାର୍ଯ୍ୟରେ ଏହି ରାଜପଥ ଦେଇ ଯାଉଥିବା ବେଳେ ପିଇବା ପାଇଁ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥନଗୁଡ଼ିକରେ ଜଳଛତ୍ର ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନବଗଠିତ ପରିଚାଳନା କମିଟି କାର୍ଯ୍ୟକାରୀ କରିବାରେ ବିଳମ୍ବ ନେଇ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୧୮।୪ (ସ୍ୱ.ପ୍ର)

**ସାତକୁଡିଆ-ବାଟିପଡା ୟୁପି ସ୍କୁଲ**

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତର ସାତକୁଡିଆ-ବାଟିପଡା ୟୁପି ସ୍କୁଲର ନବଗଠିତ ପରିଚାଳନା କମିଟି କାର୍ଯ୍ୟକାରୀ କେବେ ହେବ ସେ ନେଇ ଅନିଶ୍ଚୟତା ଲାଗି ରହିଛି। ଗତ ମାର୍ଚ୍ଚ ୬ ତାରିଖରେ ବିଧିବଦ୍ଧ ଭାବରେ ବୈଠକ ଡକାଯାଇ ପରିଚାଳନା କମିଟି ସଭାପତି ଓ ଉପ ସଭାନେତ୍ରୀ ଚୟନ କରାଯାଇଥିଲା । ମାତ୍ର ବ୍ଲକ ଶିକ୍ଷା ଅଧିକାରୀ ଏହି କମିଟିକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ ହୋଇଛି ।

ପ୍ରକାଶ ଯେ, ସାତକୁଡିଆ-ବାଟିପଡା ୟୁପି ସ୍କୁଲର ନୂତନ କମିଟି ଗଠନ ପାଇଁ ପଟ୍ଟାମୁଣ୍ଡାଇ ଏବିଇଓ ତଥା ବିଆରସିସି ପ୍ରଦୀପ କୁମାର ସାମନ୍ତରାୟ ବୈଠକ ଡାକି ଭୋଟିଂ ମାଧ୍ୟମରେ ସଭ୍ୟାସଭ୍ୟ ଚୟନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଲୀଳାବତୀ ସେଠୀଙ୍କ ଆହ୍ୱାନ କ୍ରମେ ବିଆରସିସି ସାମନ୍ତରାୟ, ସିଆରସିସି ଜଗଦାନନ୍ଦ ଦାସ ଓ ଅକ୍ଷୟ କୁମାର ଜେନାଙ୍କ ସହିତ ସଂକୃପା ଜଟେଶ୍ୱର ଏମଇ ସ୍କୁଲର ସହକାରୀ ଶିକ୍ଷକ ଅଭିରାମ ବେହେରାଙ୍କ ଉପସ୍ଥିତିରେ ନବଗଠିତ କମିଟିର ସଭାପତି ଭାବେ ସୁରେନ୍ଦ୍ର କୁମାର ପଲାଇଙ୍କୁ ନିର୍ବାଚିତ କରାଯାଇଥିଲା । ସେହିପରି ଉପ ସଭାନେତ୍ରୀ ଭାବେ ମମତା ଛାଟୋଇଙ୍କୁ ଚୟନ କରାଯାଇଥିଲା । କିନ୍ତୁ ନବଗଠିତ କମିଟିକୁ ବ୍ଲକ ଶିକ୍ଷା ଅଧିକାରୀ ଭ୍ରମରବର ବିଶ୍ୱାଳ ଏ ପର୍ଯ୍ୟନ୍ତ ଅନୁମୋଦନ ନ କରିବା ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ମଙ୍ଗଳବାର ନବଗଠିତ ସ୍କୁଲ ପରିଚାଳନା କମିଟିର ସଭାପତି ପଲାଇ, ଉପ ସଭାନେତ୍ରୀ ଛାଟୋଇ, ସଭ୍ୟା ପୁଷ୍ପଲତା ଭୋଇ, ଭବାନୀ ନାୟକ, ସୁକାନ୍ତ ଜେନା, ଶିବପ୍ରସାଦ ସାହୁ, ରବୀନ୍ଦ୍ର ସେଠୀ, ପାନ ସେଠୀ, ଅପରାଜିତା ନାୟକ, ଜୟନ୍ତ ଭୋଇ, ବିଜୟ ଦାସ ଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଓ ଅଭିଭାବକ ମଙ୍ଗଳବାର ବିଇଓ ବିଶ୍ୱାଳଙ୍କୁ ନ ପାଇ ଏବିଇଓ ତଥା ବିଆରସିସି ଗୋବିନ୍ଦ ପରିଡାଙ୍କୁ ଭେଟି ନୂତନ କମିଟି ଅନୁମୋଦନ କରିବା ପାଇଁ ଦାବି କରିଥିଲେ । ୭ ଦିନ ଭିତରେ ନୂତନ କମିଟି କାର୍ଯ୍ୟକାରୀ କରା ନ ଗଲେ ଆସନ୍ତା ୨୩ ତାରିଖରେ ସ୍କୁଲ ପରିଚାଳନା କମିଟିର ସଭ୍ୟାସଭ୍ୟ ,ଗ୍ରାମବାସୀ ଓ ଅଭିଭାବକମାନେ ବିଇଓଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ଚେତାଇ ଦେଇଛନ୍ତି।

# ପ୍ରବଳ ଖରାରେ ବି ଜମୁଛି ପ୍ରଚାର

ଆଳି, ୧୮।୪ (ଡି.ଏନ୍.ଏ)

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବା ବେଳେ ଏବେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଉପରେ ସବୁ ରାଜନୈତିକ ଦଳଗୁଡ଼ିକର ଫୋକସରେ ରହିଛି। କେନ୍ଦ୍ରାପଡ଼ା ଜିଲାରେ ଚତୁର୍ଥ ପର୍ଯ୍ୟାୟରେ ଅର୍ଥାତ୍ ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବକୁ ଥିବା ବେଳେ ସବୁ ଦଳର ପ୍ରାର୍ଥୀ ପ୍ରଚାର କାର୍ଯ୍ୟ ଜୋର୍‌ଦାର୍ ଚଳାଇଛନ୍ତି।

ଆଳି ବିଧାନସଭା ଆସନ ପାଇଁ ମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। କଂଗ୍ରେସରୁ ଦେବେନ୍ଦ୍ର ଶର୍ମା, ବିଜେଡିରୁ ପ୍ରତାପ କେଶରୀ ଦେବ ଓ ଭାଜପାରୁ ଦୋଳଗୋବିନ୍ଦ ନାୟକ ପ୍ରାର୍ଥୀ ହୋଇଥିବା ବେଳେ ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ୭ଜଣ ନିର୍ବାଚନ ଲଢୁଛନ୍ତି।



ଆଳି ଅଞ୍ଚଳରେ ଭାଜପା ଓ ବିଜେଡିର ପ୍ରଚାର।



ତାପମାତ୍ର ବୃଦ୍ଧି ଯୋଗୁ ଆଳି ଅଞ୍ଚଳରେ ପ୍ରଚଣ୍ଡ ଖରା ଅନୁଭୁତ ହେଉଥିଲେ ପ୍ରାର୍ଥୀମାନେ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ୧୦ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ଅଧିକ ଜନସମର୍ଥନ ମିଳୁଥିବା ଦେଖାଯାଉଛି। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ପ୍ରଚାର କରିବା ନିର୍ବାଚନୀ ସଭା କରି ରଣନୀତି ପ୍ରସ୍ତୁତ କରୁଛନ୍ତି। ଗତ ସାଧାରଣ ନିର୍ବାଚନରେ ପ୍ରତାପ ଦେବ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମାଙ୍କଠାରୁ ହାରିଥିବା ବେଳେ ଏଥର ଭୋଟରଙ୍କୁ ହାତେଇବାକୁ ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି। କେନ୍ଦ୍ରାପଡ଼ା ଲୋକ ସଭା ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଭୋଟରଙ୍କୁ ଭେଟି ବିଜେଡିକୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା ନିଜ ଗଡ ପାଇଁ ନିମନ୍ତେ ପ୍ରାଣପ୍ରଣେ ଉଦ୍ୟମ ଜାରି ରଖିଛନ୍ତି। ଏ ପର୍ଯ୍ୟନ୍ତ ସେ କୌଣସି ସଭା କିମ୍ବା ରୋଡ ଶୋକରି ନ ଥିବା ବେଳେ ପ୍ରତ୍ୟେକ ଗାଁରେ କର୍ମୀମାନଙ୍କ ସହ ପହଞ୍ଚି ତାଙ୍କୁ ଭୋଟ

**ଆଳି ନିର୍ବାଚନ ମଣ୍ଡଳୀ**

ଦେବାକୁ ନିବେଦନ କରୁଛନ୍ତି।ଏଥିସହ ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ କରିବା ସହ ଦଳକୁ ସୁଦୃଢ଼ କରିବାରେ ଲାଗିପଡ଼ିଛନ୍ତି। ତେବେ ବିଗତ ନିର୍ବାଚନ ଗୁଡ଼ିକରେ ଭାଜପାର ସ୍ଥିତି ସେତେଟା ଭଲ ନ ଥିବା ବେଳେ ଏବେ ସଂଗଠନ ସୁଦୃଢ଼ କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଦଳୀୟ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ ଉଦ୍ୟମ ଚଳାଇଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକୁ ଲୋକଙ୍କୁ ଜଣାଇ ଭୋଟ ହାତେଇବାକୁ ଉଦ୍ୟମ କରୁଛନ୍ତି ଭାଜପା ପ୍ରାର୍ଥୀ। ତେବେ ଆଳି ନିର୍ବାଚନ ମଣ୍ଡଳୀର ସ୍ଥିତିକୁ ଲକ୍ଷ୍ୟ କଲେ ଏଥର ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ବିଶାରଦ ମାନେ ପ୍ରକାଶ କରିଛନ୍ତି।

## ପୂର୍ବତନ ଏମ୍‌ପି ଗୟାଚାନ୍ଦ ଭୂୟାଁଙ୍କ ସ୍ମୃତିସଭା

କେନ୍ଦ୍ରାପଡା ଅଫିସ, ୧୮।୪

କେନ୍ଦ୍ରାପଡ଼ା ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପୂର୍ବତନ ଏମ୍‌ପି ଗୟାଚାନ୍ଦ ଭୂୟାଁଙ୍କ ୩୧ତମ ସ୍ମୃତିସଭା ସହରର ମାଧପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶ୍ରମିକ ନେତା କିଶୋର ଚନ୍ଦ୍ର ଜେନା, ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକ, ଶିକ୍ଷାବିତ୍ ଅଜୟ କୁମାର ରାଉତ, ଅବସରପ୍ରାପ୍ତ ଜିଲା ଜଜ୍ କୁଞ୍ଜବିହାରୀ ସାହୁ, ଆଇନଜୀବୀ ଉମେଶ ଚନ୍ଦ୍ର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଭୂୟାଁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୋଲଖ ପଡିହାରୀ, ସୟଦ ଅବଦୁଲ ସତ୍ତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜିଲାପାଳ ଓ ଏସପିଙ୍କ ବୁଥ ପରିଦର୍ଶନ



ବିରିଡ଼ି,୧୮।୪(ଡି.ଏନ.ଏ): ଚଳିତ ନିର୍ବାଚନକୁ ଆଖି ଆଗରେ ରଖି ଜଗତ୍‌ସିଂହପୁର ଜିଲାପାଳ ଗୁହା ପୁନମ ତାପସ କୁମାର ଓ ଏସପି ସୁଧା ସିଂ ବୁଧବାର ରାତି ୮ଟାରେ ବିରିଡ଼ି ବ୍ଲକର ମଧଶାସନ, ଗୌସନଗର, ଅନନ୍ତବ୍ରହ୍ମପୁର, ଗୋପୀନାଥପୁରର ବୁଥ୍‌ଗୁଡିକ ପରିଦର୍ଶନ କରିଛନ୍ତି। ଏସବୁ ବୁଥ୍‌ରେ ନିର୍ବାଚନ ସମୟରେ ଯେଭଳି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଭିନ୍ନକ୍ଷମ ଭୋଟରମାନେ ଯେପରି ବୁଥରେ ସୁରୁଖୁରୁରେ ମତଦାନ କରିବେ ସେଥିପ୍ରତି ସମସ୍ତ ବ୍ୟବସ୍ଥା କରିବାକୁ କହିଥିଲେ। ଏଥିସହିତ ୨୨ ମୌଜା ବିଲୁଆଖାଇ ବ୍ରିଜ ପର୍ଯ୍ୟନ୍ତ ଯାଇ ରାସ୍ତାଘାଟ ଯାଞ୍ଚ କରିଥିଲେ। ଶେଷରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଉପସ୍ଥିତ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ।

### ଆମ୍ବେଦ୍‌କର ଥିଲେ ନିଃସ୍ୱ ଜନତାଙ୍କ ତ୍ରାଣକର୍ତ୍ତା

ତିର୍ତ୍ତୋଲ,୧୮।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଖଡ଼ଗପୁର ଶିଶୁ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ସମ୍ବିଧାନ ପ୍ରଣେତା ଡ. ଭିମରାଓ ଆମ୍ବେଦ୍‌କରଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଆମ୍ବେଦ୍‌କର ସାଂସ୍କୃତିକ ପରିଷଦର ସଭାପତି ବାବାଜୀ ଚରଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଲଲାଟେନ୍ଦୁ ବଡୁ, ବିଶିଷ୍ଟ ସଂଖ୍ୟାଲଘୁ ନେତା ଶେଖ ମୋଜାମିଲ ଖାନ, ଆଇନଜୀବୀ ସୁଧୀର ଖୁଣ୍ଟିଆ, ବସନ୍ତ ମଲ୍ଲିକ, ଜୟଲକ୍ଷ୍ମୀ ମହାନ୍ତି, ଟ୍ରେଡ ୟୁନିୟନ ନେତା ଅର୍ଜୁନ ଚରଣ ସାହୁ, କୈଳାସ ଜେନା, ଦେବେନ୍ଦ୍ର ବିଶ୍ୱାଳ, ବିଜୟ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆମ୍ବେଦ୍‌କର ନିସ୍ୱ ଜନତାଙ୍କ ତ୍ରାଣକର୍ତ୍ତା ଓ ମାନବବାଦର ପ୍ରଚାରକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ।

### କାଳିଓ ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲିକୁଦା,୧୮।୪(ସ୍ୱ.ପ୍ର.): କାଳିଓ ପଞ୍ଚାୟତର ଭୋଦା ଛକଠାରେ ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଯୋଗଦେଇ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବ ପ୍ରସାଦ ପାତ୍ର, ରବୀନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟା ଡଲି ପଣ୍ଡା, ପଞ୍ଚାୟତ ବିଜେଡି ସଭାପତି କାମଦେବ ନାୟକ, ମାଗୁ ଚରଣ ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ବିଧାୟକ ପ୍ରାର୍ଥୀ ଦାସ ଓ ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

### କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କୁଜଙ୍ଗ,୧୮।୪(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ ପଙ୍କପାଳ ଉଚ୍ଚ ବିଦ୍ୟାଳୟର କୃତୀ ଶିକ୍ଷକ ମୁରାରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗରେଇଠାରେ ନବରତ୍ନ ପବ୍ଲିକ ସ୍କୁଲର ଶୁଭ ଉଦ୍‌ଘାଟନ ଉତ୍ସବରେ ଭୁବନେଶ୍ୱର ଟାଇମ୍ସ ଗୁରୁକୁଳର ଅଧ୍ୟକ୍ଷ ଡ.ସାରଦା ମିଶ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଉତ୍ସବରେ ନାଲ୍‌କୋର ଅବସରପ୍ରାପ୍ତ ନିର୍ଦ୍ଦେଶକ ଯଜ୍ଞ ନାରାୟଣ ମିଶ୍ର, ବିଜେବି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଜୟ ମିଶ୍ର, ପ୍ରଖ୍ୟାତ ଶରଣାର୍ଥୀବିତ୍ ଓଝା, ବିଦ୍ୟାଳୟର ସଂସ୍ଥାପକ ପଣ୍ଡିତ ଭାଗ୍ୟଶ୍ରୀ ମିଶ୍ରଙ୍କ ସହ ନିର୍ଦ୍ଦେଶକ ପରାଗ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ମିଶ୍ର ଏକ ବସ୍‌ରେ ରାଉରକେଲା ଯାତ୍ରା କରୁଥିବାବେଳେ ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ଗହଣା ତାଙ୍କ ବସ୍ ସିଟ୍ ପାଖରେ ପାଇଥିଲେ। ପରେ ଉକ୍ତ ଅଳଙ୍କାର ହରାଇଥିବା ବ୍ୟକ୍ତିଙ୍କ ଠିକଣା ଖୋଜି ତାଙ୍କୁ ଫେରାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ବିବାହ ପାଇଁ ଉକ୍ତ ଅଳଙ୍କାର କିଣିଥିଲେ କିନ୍ତୁ ହଜାଇଦେଇଥିବାରୁ ବିବ୍ରତ ହୋଇପଡ଼ିଥିଲେ। ମିଶ୍ର ତାଙ୍କୁ ଉକ୍ତ ଅଳଙ୍କାର ଫେରାଇବା ପରେ ସେମାନେ ଖୁସିରେ ଆତ୍ମହରା ହୋଇଯିବା ସହ ତାଙ୍କୁ ସ୍ୱାଗତ କରିଥିଲେ, ଯାହାକି କେବେ ଭୁଲିହେବ ନାହିଁ ବୋଲି ମିଶ୍ର କହିଛନ୍ତି।

# ଥାନାବାବୁଙ୍କ ଘରୁ ପିସ୍ତଲ ଚୋରି, ୨ ଗିରଫ

ଜଗତ୍‌ସିଂହପୁର ଅଫିସ,୧୮।୪

ଜଗତ୍‌ସିଂହପୁର ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଏସ୍‌ଆଇଙ୍କ ଭଡ଼ା ଘରୁ ତାଙ୍କ ପିସ୍ତଲ ଚୋରି କରିନେଇଛନ୍ତି ୨ ଜଣ ଯୁବକ। ଯଦିଓ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ପିସ୍ତଲ ଜବତ କରିବାରେ ସକ୍ଷମ ହୋଇଛି, ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ବର୍ତ୍ତମାନ ନିର୍ବାଚନ ସମୟ ହୋଇଥିବାରୁ ପୋଲିସର ଏଭଳି ଖାମଖିଆଲ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନାଉଗାଁ ଥାନା କୋକିଡ଼ିହର ରଞ୍ଜିତ ଦାଶ ଓରଫ ସିପୁ ଓ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସାଇଲୋର ରତିରଞ୍ଜନ ପାଢୀ। ସେମାନଙ୍କ ନିକଟରୁ ୯ ଏମ୍‌ଏମ୍ ପିସ୍ତଲ, ୮ ରାଉଣ୍ଡ ଗୁଳି ସହ ୦.୨୨ ଏମ୍‌ଏମ୍ ଏୟାର ପିସ୍ତଲ, ଗୋଟିଏ ରୟାଲ ଏନଫିଲ୍ଡ ବୁଲେଟ୍ (ନଂ. ଓଡି ୦୫ ଏକ୍ସ୍ୟୁ ୦୯୮୧) ଓ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି।

ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ରଙ୍କ ସୂଚନା ଅନୁଯାୟୀ, ଏସ୍‌ଆଇ ବିଶ୍ୱଜିତ ଗଡ଼ନାୟକଙ୍କ ଅଭିଯୋଗକ୍ରମେ ଦଫା ୪୫୧/୩୭୯/୩୪ ଆଇପିସିରେ ମାମଲା ସଂଖ୍ୟା ୧୩୯/୧୯ ରୁଜୁ ହୋଇଛି।



ଗିରଫ ହୋଇଥିବା ୨ ଅଭିଯୁକ୍ତ।

■ଧରାପଡିଲେ ଏସ୍‌ଭିଏମ୍ ମହାବିଦ୍ୟାଳୟ ଡେମୋନଷ୍ଟ୍ରେଟର ଓ ଛାତ୍ର

■ଛାତ୍ରଙ୍କ ବାପା ଜଣେ ଏସ୍‌ଡିପିଓ

■ଗୁଳି ସହ ପିସ୍ତଲ, ବୁଲେଟ୍, ମୋବାଇଲ, ଏୟାର ପିସ୍ତଲ ଜବତ

ଗଡ଼ନାୟକ ଗତ ଫେବ୍ରୁୟାରୀ ୧୪ରେ ନୂଆକରି ଜଗତ୍‌ସିଂହପୁର ଥାନାରେ ଯୋଗ ଦେଇଛନ୍ତି। ପାଖାପାଖି ୧୫ ଦିନ ହେବ ସେ ସ୍ଥାନୀୟ ସିପି ଛକ ନିକଟରେ ଏକ ଘର ଭଡ଼ା ନେଇ ରହୁଛନ୍ତି। ଏହା ଭିତରେ ନାଉଗାଁ ଥାନା କୋକିଡ଼ିହର ରଞ୍ଜିତ ଦାଶ ଓରଫ ସିପୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସିପୁ ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟର ରସାୟନ ବିଭାଗ ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟ କରନ୍ତି। ସେ ଗଡ଼ନାୟକଙ୍କୁ ନିକଟରେ କେତେକ ସୂଚନା ଦେଉଥିଲେ, ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ଏପରି କି ଗଡ଼ନାୟକଙ୍କ ଭଡ଼ା ଘରକୁ ଯିବା ଆସିବା କରିବାରେ ସିପୁଙ୍କ ପାଇଁ କୌଣସି ପ୍ରତିବନ୍ଧକ ନ ଥିଲା। ଏପ୍ରିଲ ୧୭ରେ ଗଡ଼ନାୟକ ଥାନାରେ ଡିଉଟି ଦାୟିତ୍ୱରେ ଥିଲେ। ଏଥିପାଇଁ ସେ ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ପ୍ରାୟ ୪.୩୦ରେ ଖାଇବାକୁ ବସାକୁ ଯାଇଥିଲେ। ଭଡ଼ା ଘରକୁ ଗଲାବେଳେ ଜେଏସ୍ (ଜଗତ୍‌ସିଂହପୁର) ୪୩ ପୋଲିସ ଷ୍ଟେସନ ଲକ୍ ଅପ୍‌ରେ ପ୍ରତ୍ୟହ ରଖୁଥିବା ସେ ତାଙ୍କ ବ୍ୟକ୍ତିଗତ ୯ଏମ୍‌ଏମ୍ ପିସ୍ତଲ ନେଇ ଯାଇଥିଲେ। ଅପରାହ୍ଣ ୫ଟାରେ ରଞ୍ଜିତ ତାଙ୍କ ବନ୍ଧୁ ରତିରଞ୍ଜନଙ୍କ ସହ ଗଡ଼ନାୟକଙ୍କ ଘରେ ପହଞ୍ଚିଥିଲେ। ସେମାନେ ସେଠାରେ କିଛି ସମୟ ରହି କଥା ହୋଇଥିଲେ। ଏହା ଭିତରେ କୌଶଳକ୍ରମେ ୮ ରାଉଣ୍ଡ ଗୁଳି ଥିବା ଗଡ଼ନାୟକଙ୍କ ୯ ଏମ୍‌ଏମ୍ ପିସ୍ତଲ ନେଇ ଖସି ଯାଇଥିଲେ। ବିଳମ୍ବରେ ଗଡ଼ନାୟକ ପିସ୍ତଲ ଚୋରି ହୋଇଥିବା ଜାଣି ରଞ୍ଜିତ ଓ ରତିରଞ୍ଜନ ଚୋରି କରିଥିବା ସନ୍ଦେହ କରିଥିଲେ। ପରେ ଥାନାରେ ଅଭିଯୋଗ କରିବାରୁ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ ଭାର ନେଇଥିଲେ ଏସ୍‌ଆଇ ଆର୍. ଏନ୍. ବେହେରା। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଏସ୍‌ଭିଏମ୍ ମହାବିଦ୍ୟାଳୟ ପରିସରରୁ ୮ ରାଉଣ୍ଡ ଗୁଳି ସହ ୯ ଏମ୍‌ଏମ୍ ପିସ୍ତଲ ଜବତ କରିଥିଲା। ଏଥିସହ ଏୟାର ପିସ୍ତଲ, ବୁଲେଟ୍ ଓ ମୋବାଇଲ ଆଦି ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ରଞ୍ଜିତଙ୍କ ନାମରେ କଟକ ମଧୁପାଟଣା ଥାନାରେ ଘରୁ ଚୋରି ମାମଲା ରହିଛି। ରତିରଞ୍ଜନ ଜଣେ ମେଧାବୀ ଛାତ୍ର। ସେ ଏସ୍‌ଭିଏମ୍ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଛାତ୍ର। ତାଙ୍କ ବାପା ନବରଙ୍ଗପୁର ଏସ୍‌ଡିପିଓ ଅଛନ୍ତି।



କର୍ମୀମାନଙ୍କୁ ବିଜେଡି ପକ୍ଷରୁ ସ୍ୱାଗତ କରାଯାଉଛି।

## ବିରିଡ଼ିରେ ବିଜେଡିର ମିଶ୍ରଣ ପର୍ବ

ବିରିଡ଼ି,୧୮।୪(ଡି.ଏନ.ଏ.)

ବିରିଡ଼ି ବ୍ଲକ ବାଲିଆଷ୍ଟୋରଠାରେ ଥିବା ବିଜେଡି କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୋପୀନାଥପୁର ପଞ୍ଚାୟତର ୧୧ ଜଣ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିବା ସୂଚନା ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବବନ୍ତ ଭୋଇ, ଉମାକାନ୍ତ ଭୋଇ, ମିଥୁଆ ଭୋଇ, ଧୀରେନ୍ଦ୍ର ଭୋଇ, ମାନସ ଭୋଇ, ଲକ୍ଷ୍ମୀଧର ଦାସ, ସିଦ୍ଧାନ୍ତ ବେହେରା, ଅକ୍ଷୟ କୁମାର ଦାସ, ଅଭିରାମ ଭୋଇ ପ୍ରମୁଖ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ସେହିପରି ଗୁରୁବାର ତଳପାଟକ ଅଞ୍ଚଳର ଉଗର ଅଳୀ, ତାଜମୁଲ ଅଳୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଜଗତ୍‌ସିଂହପୁର ଜିଲା ବିଜେଡି ଉପସଭାପତି ରବିନାରାୟଣ ଜେନା ଓ କାଳନୀ ଚରଣ ବସ୍ତିଆ, ପୂର୍ବତନ ବ୍ଲକ ସଭାପତି ବିଭୂତି ସାହୁ, ବିଜେଡି ରାଜ୍ୟ ପରିଷଦ ପୂର୍ବତନ ସଭ୍ୟ ନୃସିଂହ କୁମାର ଦାଶ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ଜିଲା ଛାତ୍ର ବିଜେଡି ସଭାପତି ପ୍ରଦୀପ୍ତ ଭୂୟାଁ, ପୂର୍ବତନ ସରପଞ୍ଚ ତୃପ୍ତିରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ଏରଡ଼ଙ୍ଗାରେ ବିଜେଡି ବୈଠକ

## ମତାନ୍ତର ପାସୋରି ଦଳର ହିତ ପାଇଁ ଏକତ୍ରିତ ହେଲେ କର୍ମୀ



ବୈଠକରେ ଉପସ୍ଥିତ ବିଜେଡି କର୍ମୀ।

ରଘୁନାଥପୁର, ୧୮।୪ ଡି.ଏନ.ଏ.)

ରଘୁନାଥପୁର ବ୍ଲକ ବିଜେଡିର ଚାଲିଥିବା ଗୋଷ୍ଠୀ ବିବାଦ ଧୀରେ ଧୀରେ ଥମିବାରେ ଲାଗିଛି। ମତାନ୍ତରକୁ ପାସୋରି ଦଳର ହିତ ପାଇଁ ଏକତ୍ରିତ ହୋଇଥିଲେ ଏରଡ଼ଙ୍ଗା ପଞ୍ଚାୟତର ୩ ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ। ବୁଧବାର ରାତିରେ ତାରାକାନ୍ତ ଜେନାଙ୍କ ନେତୃତ୍ୱରେ ଧ୍ରୁବ ତପସ୍ୱୀଗ୍ରାମ ଧର୍ମଜିକୁଦ ମହାପୁରୁଷଙ୍କ ପୀଠରେ ଆୟୋଜିତ ହୋଇଥିଲା କର୍ମୀ ବୈଠକ। ଏଥିରେ ବସନ୍ତ ରାଉତ ସଭାପତିତ୍ୱ କରିଥିଲେ। ମନ ଭିତରେ ଥିବା ଅଭିମାନକୁ ରୋକି ନ ପାରି ଅନେକ ବ୍ୟକ୍ତି ନିଜ ବକ୍ତବ୍ୟରେ ଦୁଇଗୋଷ୍ଠୀଙ୍କ ବାଦ ବିବାଦରୁ ଦଳର କ୍ଷତି ହେବାରେ ଲାଗିଛି ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ ନବୀନବାବୁ ଆମର ନେତା ଓ ଶଙ୍ଖ ଆମର ଚିହ୍ନ ପ୍ରସ୍ତାବ ଆସିବା ପରେ ପଞ୍ଚାୟତର ସାମଗ୍ରିକ ବିକାଶ ତଥା ନବୀନବାବୁଙ୍କ ହାତ ମଜଭୁତ କରିବାକୁ ହେଲେ ଶଙ୍ଖ ଚିହ୍ନରେ ଠିଆ ହୋଇଥିବା ଦୁଇ ପ୍ରାର୍ଥୀଙ୍କୁ ଜିତାଇବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ ଓ ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଯେପରି ପଞ୍ଚାୟତରୁ ଅଧିକ ଭୋଟ ପାଇ ପାରିବେ, ପ୍ରତ୍ୟେକ ୱାର୍ଡ ସ୍ତରରୁ କର୍ମୀମାନେ ଲାଗି ପଡିବାକୁ ବୈଠକରେ ସ୍ଥିର ହୋଇଥିଲା। ଶେଷରେ ବିଷ୍ଣୁ ଓ ରାଜଶ୍ରୀ ଜିନ୍ଦାବାଦ ବୋଲି କର୍ମୀମାନେ କହିଥିଲେ। ବରିଷ୍ଠ କର୍ମୀ ଜେନା କର୍ମୀଙ୍କୁ ଧନ୍ୟବାଦ ଦେଇ ସମର୍ଥକମାନଙ୍କୁ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ। ପୂର୍ବତନ ସମିତିସଭ୍ୟ ଖୋକନ ରାୟ, ପୁନା ମହାନ୍ତି, ଦେବ ମହାନ୍ତି, ପ୍ରଦୀପ ଜେନା, ଅଶୋକ ଜେନା, ଗାନ୍ଧି ଜେନା, ଗନ୍ଧର୍ବ ଦାସ, ମଇନ ପାତ୍ର, ସୁନାକର ସ୍ୱାଇଁ, ବାପୁ ଚୌଧୁରୀ, ସାରଦା ନାୟକଙ୍କ ସମେତ ୱାର୍ଡ ସଭ୍ୟ, ବରିଷ୍ଠ କର୍ମୀ ଓ ଯୁବ ଛାତ୍ର ସଙ୍ଗଠନମାନେ ଉପସ୍ଥିତ ଥିଲେ।

## ସ୍ୱାଧୀନ ପ୍ରାର୍ଥୀ ଶ୍ରୀବଲ୍ଲଭଙ୍କ ପ୍ରଚାର

କୁଜଙ୍ଗ,୧୮।୪(ସ୍ୱ.ପ୍ର.)

ଚଳିତ ନିର୍ବାଚନରେ ପାରାଦୀପ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବା କୁଜଙ୍ଗ ଅଞ୍ଚଳର ଶ୍ରୀବଲ୍ଲଭ କର ବିଭିନ୍ନ ଗ୍ରାମ ବୁଲି ପ୍ରଚାର କରୁଛନ୍ତି। ଏହାଦ୍ୱାରା ଜନତାଙ୍କ ମନକୁ ଛୁଇଁଲା ପରି ପ୍ରସଙ୍ଗ ଉଠାଇ ଲୋକପ୍ରିୟତା ହାସଲ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଆଜିର ଅର୍ଥସର୍ବସ୍ୱ ରାଜନୀତିରେ ପାରାଦୀପ ପରି ଶିଳ୍ପିତ ଅଞ୍ଚଳକୁ କିପରି କିଶାନିକ କରୁଛନ୍ତି ଓ ଦଳ ବଦଳ କରୁଛନ୍ତି ସେ ସମ୍ପର୍କରେ ଭୋଟରଙ୍କୁ କହୁଛନ୍ତି। ସ୍ୱଚ୍ଛ ଓ ଆଦର୍ଶ ନିର୍ବାଚନ ଉପରେ ସେ ବିଶ୍ୱାସ ରଖୁଥିବା ପ୍ରକାଶ କରିଛନ୍ତି। ତାଙ୍କ ସହ ଯୁବ ସଙ୍ଗଠକ ସୁବ୍ରତ ମହାପାତ୍ର, ଦୀନେଶ ମହାନ୍ତି, ମଳୟ ସ୍ୱାଇଁ ପ୍ରମୁଖ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା କରିଛନ୍ତି।

## ହରିହର ସିଦ୍ଧ ରଘୁନାଥ ମନ୍ଦିର ବାର୍ଷିକୋତ୍ସବ ସମ୍ପନ୍ନ

ରଘୁନାଥପୁର, ୧୮।୪ ଡି.ଏନ.ଏ.)

ରଘୁନାଥପୁର ବ୍ଲକ ବାରଗୋଲ ପଞ୍ଚାୟତ ଗୋଠିଣା ସାଧୁଜନ ପରିଆଣ୍ଡିତ ଶ୍ରୀହରିହର ସିଦ୍ଧ ରଘୁନାଥ ମନ୍ଦିର ୪ର୍ଥ ବାର୍ଷିକୋତ୍ସବ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି। ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅବସରରେ ପ୍ରସନ୍ନ ନନ୍ଦଙ୍କ ନେତୃତ୍ୱରେ ଅଟଳ ବିହାରୀ ନନ୍ଦ, ଶ୍ରୀଧର ରଥ, ଗିରିଧାରୀ ରଥ, ମଧୁସୂଦନ ରଥ, ଜିତେନ୍ଦ୍ର ରଥ, ମନୋଜ ମହାପାତ୍ର ଓ ପୂଜକ ପ୍ରଦ୍ୟୁମ୍ନ ପାଣି ପ୍ରମୁଖ ଆହୁତି ପ୍ରଦାନ କରିଥିଲେ। କର୍ମକର୍ତ୍ତା ଭାବେ ସୁରେନ୍ଦ୍ର ନାଥ ସ୍ୱାଇଁ, ପୂର୍ଣ୍ଣଲତା, ପ୍ରକାଶ ବାରିକ ଓ କାଦମ୍ବିନୀ ବାରିକ, କନି ବାରିକ ଓ ଟୁନି ବାରିକ, ଶରଧର ସାହୁ ଓ ପୁଷ୍ପାଞ୍ଜଳି ସାହୁ, ଦାଶରଥି ସ୍ୱାଇଁ ଓ ମମତା ସ୍ୱାଇଁଙ୍କ ଯଜ୍ଞ ସମ୍ପାଦନ କରିଥିଲେ।

## ମହ୍ଲାସାହିରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

କୁଜଙ୍ଗ,୧୮।୪(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ମହ୍ଲାସାହିଠାରେ ବୁଧବାର ସନ୍ଧ୍ୟାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଧାୟକ ପ୍ରାର୍ଥୀ ସମ୍ବିତ୍ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ବିଜୟୀ କଲେ ସେ ଲୋକଙ୍କ ସେବା କରିବାର ସୁଯୋଗ ପାଇବେ ବୋଲି କହିଥିଲେ। ବ୍ଲକ ସଭାପତି ନରେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ମହିଳା ସମ୍ପାଦକ ସବିତା ମହାପାତ୍ର, ସମ୍ବିତ୍‌ଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ, ନାରୀନେତ୍ରୀ ତଥା ମହ୍ଲାସାହୀ ସମବାୟ ସମିତି ସଭାନେତ୍ରୀ ଶୁଭାସିନୀ କର, ସନ୍ତୋଷ ଦାଶ, ଚିତ୍ତରଞ୍ଜନ ମିଶ୍ର, ଗୀତାଞ୍ଜଳି ନାୟକ, ସମିତିସଭ୍ୟା ପ୍ରଭାତି ଦାଶ, ରଞ୍ଜୁଲତା ବେହେରା, ମହନ୍ତ ଚରଣ ରାଉତ, ହରେକୃଷ୍ଣ ସେଠୀ, ଅଭୟ କୁମାର ସାମଲ, ନିର୍ମଳ କୁମାର ବେହେରା, ଧ୍ରୁବ ଚରଣ ସାହୁ, ମନୋଜ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମ୍ବିତ କର୍ମୀମାନଙ୍କ ସହ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଚାଳଦଣ୍ଡାରେ ସମାବେଶ କରିଥିଲେ।



ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ମହିଳାମାନେ।

## ଏରସମାରେ ବିଜେଡିର କର୍ମୀ ସମାବେଶ



ସମାବେଶରେ ଉପସ୍ଥିତ ବିଜେଡି ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ଏରସମା,୧୮।୪(ସ୍ୱ.ପ୍ର.)

ଏରସମା ବ୍ଲକ ଆଞ୍ଚଳିକ ଯୁବ ପରିଷଦ ପଡିଆରେ ବୁଧବାର ରାତିରେ ବିଜେଡିର ଏକ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ, ସେ ଏ ପର୍ଯ୍ୟନ୍ତ ଲୋକପ୍ରତିନିଧି ଭାବେ ବିଜୟ ଲାଭ କରିବାର ସୌଭାଗ୍ୟ ଅର୍ଜନ କରି ନ ଥିଲେ ମଧ୍ୟ ଜନସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଛନ୍ତି। ସେ ଦଳଗତ ବାଛବିଚାର କରନ୍ତି ନାହିଁ ସେଥିପାଇଁ ଲୋକେ ତାଙ୍କୁ ଶ୍ରଦ୍ଧା କରନ୍ତି ବୋଲି ଏହି ସମାବେଶରୁ ପ୍ରମାଣିତ ହେଉଛି। ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ, ସମସ୍ତେ ବ୍ୟକ୍ତିଗତ ମତ ପାର୍ଥକ୍ୟକୁ ଭୁଲି ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ଲୋକଙ୍କ ହିତ ସାଧନ କରିବା ହେଉଛି ବିଜେଡିର ମୌଳିକ ଶୃଙ୍ଖଳା। ସେଥିଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସନ୍ନ ଜେନା ଜନ୍ମମାଟିର ଦୁହାଇ ଦେଇ ଲୋକଙ୍କୁ ଭୁଆଁ ବୁଲାଇବା ରାଜନୀତିର ପରିପନ୍ଥୀ ବୋଲି କହିଥିଲେ। ସମାବେଶରେ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବ୍ଲକ ବିଜେଡି ଉପସଭାପତି ବିଜୟ ପାଲ, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ଗୋପୀନାଥ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁହାଁର, ଗୀତାରାଣୀ ଭୂୟାଁ, ସ୍ୱର୍ଣ୍ଣଲତା ସେନାପତି, ଇତିଶ୍ରୀ ଭୂୟାଁ, ଅକ୍ଷୟ ସ୍ୱାଇଁ, କେଶବ ପାତ୍ର, ବରଦା ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


## ତିରୁଣାରେ ବିଜେଡିର କର୍ମୀ ସମ୍ମିଳନୀ

ନାଉଗାଁ,୧୮।୪(ସ୍ୱ.ପ୍ର.)

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତରେ ଗୁରୁବାର ବିଜେଡିର ବାଇକ ଶୋଭାଯାତ୍ରା କରାଯିବା ସହ ଡେଙ୍ଗାଲେଇଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି କର୍ମୀମାନଙ୍କ ସହ ଏହି ପଞ୍ଚାୟତର କୁଡ଼ିକି, ନରଣପୁର, ଡେଙ୍ଗାଲେଇ, ଉର, ତିରୁଣା, ଦହିପାଳ, ଅରିଏନ୍ଦା ଆଦି ଗ୍ରାମରେ ବୁଲି ପ୍ରଚାର କରିଥିଲେ। ବ୍ଲକ ବିଜେଡି ସଭାପତି ସୁଜିତ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ମୁଦୁଲି, ଲୋକସଭା ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକଙ୍କ ସମେତ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବସ୍ତିଆ, ସରପଞ୍ଚ ନିରୁପମା ଦାସ, ସଭ୍ୟା ଝୁମୁରି ମଲ୍ଲିକ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ପଞ୍ଚାୟତ ସଭାପତି ଅଞ୍ଜନା ବିଶ୍ୱାଳ, ଯୁବନେତା ଦେବବ୍ରତ ତ୍ରିପାଠୀ, ସରୋଜ ଲେଙ୍କା, ପ୍ରତ୍ୟୁଷ ପରିଡା, ଜିଲା ମହିଳା ମୋର୍ଚ୍ଚା ସଭାପତି ରଞ୍ଜୁବାଳା ମୁଦୁଲି, ନରେଶ ବେହେରା, ଶିଶିର ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ କହିଥିଲେ। ଉଭୟ ବିଧାନ ସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଜିତାଇବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ତିରୁଣାରୁ ଦୁର୍ଗାଚରଣ ସ୍ୱାଇଁ, ଟୁନା ମଲ୍ଲିକ, ଉରରୁ ଦୀନବନ୍ଧୁ ସାହୁ, କ୍ଷୀରୋଦ ସ୍ୱାଇଁ, ଫକୀର ସ୍ୱାଇଁ, ଶରତ ବାରିକ ପ୍ରମୁଖ ଅନ୍ୟ ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ସେମାନଙ୍କୁ ବିଧାୟକ ପ୍ରାର୍ଥୀ ମୁଦୁଲି ସ୍ୱାଗତ କରିଥିଲେ।

## ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

କୁଜଙ୍ଗ,୧୮।୪(ସ୍ୱ.ପ୍ର.)




ଭାଜପାରେ ମିଶିଥିବା ନୂତନ କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ସ୍ୱାଗତ କରୁଛନ୍ତି।

ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ କୁଜଙ୍ଗ ବ୍ଲକ ବାଗୋଇ ମୁକ୍ତେଶ୍ୱର ମଣ୍ଡପରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ ଦଳର ୪ଶହରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ମିଶିଥିବା ସୂଚନା ଦିଆଯାଇଛି। ଏମ୍‌ପି ପ୍ରାର୍ଥୀ ବିଭୂ ପ୍ରସାଦ ତରାଇ ଓ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଏଥିରେ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିବା ସହ ବିଜେଡିଶାସନରେ ପୋଲିସ ପ୍ରଶାସନ ପରିଚାଳିତ ହେଉଥିବା ଅଭିଯୋଗ ଉଠାଇଥିଲେ। ବିଭିନ୍ନ କାର୍ଯ୍ୟରେ ଲାଞ୍ଚ କାରବାର ଚରମ ସୀମାରେ ପହଞ୍ଚିଛି ବୋଲି ସେମାନେ କହିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଉପସଭାପତି ଯୁଗଳ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଜଙ୍ଗ ମଣ୍ଡଳ ସଭାପତି ତପନ ତ୍ରିପାଠୀ, ପଙ୍କପାଳ ମଣ୍ଡଳ ସଭାପତି ପ୍ରଦୀପ୍ତ ମହାପାତ୍ର, କୁଜଙ୍ଗ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀନିବାସ ସ୍ୱାଇଁ, ଜଗତ୍‌ସିଂହପୁର ଲୋକସଭା ସଂସଦୀୟ କ୍ଷେତ୍ରର ସହପ୍ରଭାରୀ ସୁକାନ୍ତ ବିଶ୍ୱାଳ, ଓମ୍ ପ୍ରକାଶ ପତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶ୍ରମିକ ନେତା ଯଦୁମଣି ପ୍ରଧାନ, କୋଠିଜ କୃଷକ ନେତା ପ୍ରିୟରଞ୍ଜନ ଦାସ, ସମିତିସଭ୍ୟ ଅରକ୍ଷିତ ଦାସ, ଚାଳଦଣ୍ଡାର ଲକ୍ଷ୍ମୀଧର ବେହେରା, ପବିତ୍ର ସାହୁ, ଅଭୟ କୁମାର ମହାନ୍ତି, ହିରଣ୍ୟ ମହାନ୍ତି, ବିଦ୍ୟାଧର ସେଠୀ, ହସିଣାର ପ୍ରସନ୍ନ ପତି, ବିଶ୍ୱନାଥ ଛାଟୋଇ, ମଙ୍ଗରାଜପୁର ଗ୍ରାମର ମାନସ ତରାଇ, ରସାନନ୍ଦ ତରାଇ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଓଡ଼ିଶା ଚେସ୍ (ଭାଗ-୫)

# ନୂଆ ଇତିହାସର ପୁରୁଣା ପୃଷ୍ଠା






ଜେ.ଏମ. ଜୋଆରଦାର

ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ଜେ.ଏମ. ଜୋଆରଦାରଙ୍କ ପ୍ରୟାସରୁ ଆରମ୍ଭ ହୋଇଥିଲା ଓଡ଼ିଶା ଚେସ୍‌ର ପୁରୁଣା ପୃଷ୍ଠା । ତାଙ୍କୁ ସହାୟତାର ହାତ ବଢ଼େଇଥିଲେ ବିଧାୟକ ବ୍ରଜ ସୁନ୍ଦର ଦାସ ଓ ହିନ୍ଦୁସ୍ତାନୀ କ୍ଲାସିକାଲ ସଂଗୀତର ଗୁରୁ ତଥା ଓଡ଼ିଶା ଚେସ୍‌ର ପ୍ରଥମ ପ୍ରଶିକ୍ଷକ କ୍ଷିତିଶ ଚନ୍ଦ୍ର ମିତ୍ର। ୧୯୯୨ରେ କଟକ ବକ୍ସିବଜାରଠାରେ ପ୍ରତିଷ୍ଠା କରିଥିଲେ ପ୍ରଥମ କ୍ଲବ ରୟଲୋପେଜ୍ କ୍ଲବ ଓ ପରେ ଓଡ଼ିଶା ରାଜ୍ୟ ଚେସ୍ ସଂଘର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ।

ଓଡ଼ିଶା ଚେସ୍‌ର ବିକାଶ ପୁରୁଷ ତଥା ରାଜ୍ୟର ପ୍ରଥମ ଚେସ୍ ପୁସ୍ତକ ଲେଖକ ହେଉଛନ୍ତି କେଶବାନନ୍ଦ ଦାସ । ପ୍ରଥମରୁ ଜଣେ ହକି ଖେଳାଳି ଭାବେ ପରିଚିତ ଥିବା କେଶବାନନ୍ଦ ବହୁଦିନ ଧରି ୧୯୫୯ ମସିହାରେ ପ୍ରତିଷ୍ଠା ହୋଇଥିବା



କେଶବାନନ୍ଦ ଦାସ

ଓଡ଼ିଶା ଚେସ୍‌କୁ ନୂଆ ଦିଶା ଦେଇଥିଲେ। ପରେ ଏକ ମାଇଣ୍ଡ ଗେମ୍‌ରେ ସଙ୍ଗଠନକୁ ନିଜ କାନ୍ଧରେ ଧରି ଆଗକୁ ବଢ଼ିଥିଲେ ଓଡ଼ିଶା ଚେସ୍‌ର ମହାରଥୀ ଅରାତି ବିଜୟ ମହାନ୍ତି । ଗେମ୍ସ ଡାଇରେକ୍ଟରରୁ ସଙ୍ଗଠନ ସମ୍ଭାଳିଥିବା ଏହି ଦକ୍ଷ ଖେଳାଳି ପରେ ଉପସଭାପତି ଓ ବହୁଦିନ ଧରି ଓଡ଼ିଶା ରାଜ୍ୟ ଚେସ୍ ସଂଘର ସଭାପତି ଆସନ ଅଳଙ୍କୃତ କରିଥିଲେ । ସେତେବେଳର ଟାଣୁଆ ଖେଳାଳି ବି.ଏନ୍.ଆଚାର୍ଯ୍ୟ ଓ ପ୍ରଥମ ଉତ୍କଳ ରାଜ୍ୟ ଚାମ୍ପିୟନ ଆର.ସି. ରାଜଗୁରୁଙ୍କ ଅବଦାନ ମଧ୍ୟ ଚିରସ୍ମରଣୀୟ। ଜୋଆରଦାରଙ୍କ ଠାରୁ ଆରମ୍ଭ କରି ରାଜଗୁରୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉଦ୍ଦେଶ୍ୟ ଥିଲା ରାଜ୍ୟରେ ଚେସ୍‌ର ପ୍ରଚାର ପ୍ରସାର, ଅଧିକରୁ ଅଧିକ ଖେଳାଳିଙ୍କୁ ଚେସ୍ ପ୍ରତି ଆକୃଷ୍ଟ କରାଇବା ଏବଂ କୋଣ ଅନୁକୋଣରେ କ୍ୱାଲିଟି ଚେସ୍ ଖେଳାଳି ସୃଷ୍ଟି କରିବା ।

କଳିଙ୍ଗ ଚେସ୍ ଏକାଡେମୀର ନିର୍ଦ୍ଦେଶକ ତଥା ପୂର୍ବତନ ଚେସ୍ ଉନ୍ନୟନ କମିଟିର ଚେୟାରମ୍ୟାନ ରୋଟାରିଆନ ଶିବବ୍ରତ ଦାଶ, ଓସ୍କାର ପୂର୍ବତନ ସମ୍ପାଦକ ଗଗନ ବିହାରୀ ଦାଶ, ଓଡ଼ିଶା ଆଡହକ କମିଟି ଚେୟାରମ୍ୟାନ ବୟୋଜ୍ୟେଷ୍ଠ ଅସିତ ମୁଖାର୍ଜୀ, ଆୟକର ଅଧିକାରୀ କେ.କେ. ନାଥ, ହେମନ୍ତ ନାୟକ, ରଘୁନନ୍ଦନ ସାସମଲ, ନିହାର ରଞ୍ଜନ ସାସମଲ୍, ତାପସ ମହାନ୍ତି, ଆଦିତ୍ୟ ପଟ୍ଟନାୟକ, କମଳାକାନ୍ତ ବିଶୋଇ, ସଞ୍ଜୟ ଜେନା, ସୂର୍ଯ୍ୟକାନ୍ତ ବିଶୋଇ, ଆଡଭୋକେଟ ମାନସ ପାଣି (ଆଇଏସ ଚେସ ସେଣ୍ଟର), ସାମୁଏଲ କୁଣ୍ଡୁ ଓ ସୁବାସ ଚନ୍ଦ୍ର ସାହୁ (ପୁରୀ), କୁଳମଣି ଜେନା (ଢେଙ୍କାନାଳ), ଏସ୍.ଏସ୍.ବରିହା, ଜିସି ମହାପାତ୍ର (ସୁନ୍ଦରଗଡ଼), କେ.କେ. ଶର୍ମା (ବ୍ରହ୍ମପୁର), ଦେବାଶିଷ ଚକ୍ରବର୍ତ୍ତୀ (ବାଲେଶ୍ୱର) ଓ.ପି.ରଥ (ସୋନପୁର), ମନୋଜ ପରିଡା, କ୍ଷୀରୋଦ ସାମଲ (ଯାଜପୁର), ଅମର ମହାନ୍ତି (କେନ୍ଦୁଝର), ରାଜନାରାୟଣ



ଗଗନ ବିହାରୀ ଦାଶ

ତ୍ରିପାଠୀ(ଭୁବନେଶ୍ୱର), ଡ. ନଳିନୀ ପଟ୍ଟନାୟକ (ଆମ ପରିବାର, ଭୁବନେଶ୍ୱର) ଭବେଶ ମହାନ୍ତି (ସମ୍ପାଦକ କେନ୍ଦ୍ରାପଡ଼ା ଜିଲା ଚେସ୍ ସଂଘ), ବିକ୍ରମ କେଶରୀ ବିଶ୍ୱାଳ(କଟକ), ରାଜେନ୍ଦ୍ର ସାହୁ, ଦେବାଶିଷ ପାଣିଗ୍ରାହୀ(ଆର୍ବିଟର), ରାଜ ସନ୍ତୋଷ ପଣ୍ଡା (ଭୁବନେଶ୍ୱର) ବର୍ତ୍ତମାନର ରାଜ୍ୟ ଯୁବ ଚେସ୍ ସମ୍ପାଦକ ଦେବବ୍ରତ ଭଞ୍ଜ (ଢେଙ୍କାନାଳ), ଶଙ୍କର ମିଶ୍ର (ବୌଦ୍ଧ), ବି.ବି. ମିଶ୍ର (ସମ୍ବଲପୁର) ବିଶ୍ୱଜିତ୍ ରାୟ, ଅର୍ଘ ଅର୍ପଣ ପରିଡ଼ା ଓ ବିରଞ୍ଚି ନାରାୟଣ ସାହୁଙ୍କ ମିଳିତ ଉଦ୍ୟମ (ଟ୍ରିପଲ୍ ସି' କ୍ଲବ୍), ଧନଞ୍ଜୟ ସାବତ(ଚେସ୍ ପ୍ଲେୟର ଅଫ ଆସୋସିଏଶନ) ଏବଂ ଦୀର୍ଘ ୨୦ ବର୍ଷ ଧରି ଆନ୍ତଃ ମହାବିଦ୍ୟାଳୟ ଚେସ୍ ଆୟୋଜନ କରୁଥିବା ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ଅମ୍ବିକା ପ୍ରସାଦ ରାୟ, ସରୋଜ ବ୍ରହ୍ମା, ଲୋପାମୁଦ୍ରା ଜେନା, ସନ୍ତୋଷ ମହାପାତ୍ର ପ୍ରମୁଖ ଚେସ୍‌କୁ ବଞ୍ଚାଇ ରଖିବାରେ ନିଜର ଯେଉଁ ଅକ୍ଳାନ୍ତ ଶ୍ରମ ପ୍ରଦାନ କରିଛନ୍ତି ତାହା ଅବର୍ଣ୍ଣନୀୟ ଓ ଅତୁଳନୀୟ ।

**ଅରାତି ବିଜୟ ମହାନ୍ତି:** ବୟସ ଗଡ଼ିଲାଣି, ତଥାପି ମନରେ ରହିଛି ବିଶ୍ୱାସ। ଅବିବାହିତ ଅରାତି ରାଜ୍ୟ ସରକାରଙ୍କ ୱାର୍କ୍ସ ଡିପାର୍ଟମେଣ୍ଟରୁ ଅଣ୍ଡର ସେକ୍ରେଟାରୀ ଭାବେ ଅବସର ନେଇଥିଲେ ମଧ୍ୟ ଚେସ୍ ପ୍ରତି ସମର୍ପିତ ରହିଛନ୍ତି। ଚେସ୍‌ରେ ସଂସ୍କାର ପାଇଁ ଜୀବନର ଅଧିକାଂଶ ସମୟ କଟାଇଥିଲେ ମଧ୍ୟ ଥକି ପଡ଼ିନାହାନ୍ତି ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍। ସେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଓଡ଼ିଶା ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସଭାପତି ରହିବା ସହ ବହୁ ଉନ୍ନତମାନର ଖେଳାଳିଙ୍କୁ ଚେସ୍ ସିଲଟରେ ପାଠ ପଢ଼ାଇଛନ୍ତି। ୧୯୬୫ରୁ ୭୨ ପର୍ଯ୍ୟନ୍ତ ଅନେକଥର ରାଜ୍ୟ ଚାମ୍ପିୟନ ହୋଇଥିବା ଏହି ଚେସ୍‌ରତ୍ନ ସିଭିଲ ସର୍ଭିସ ଖେଳରେ ଓଡ଼ିଶାକୁ ବହୁବାର ଜିତାଇଛନ୍ତି। ଗାର୍ଗି ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ତାଙ୍କର ଅନ୍ୟତମ ଶିଷ୍ୟ।

**ଶୁଭାଶିଷ ପଟ୍ଟନାୟକ:** ଚେସ୍‌ର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ କେବେ ବି ଏହାକୁ ଉପଭୋଗ କରି ନ ଥିବା ଆଧୁନିକ ଓଡ଼ିଶା ଚେସ୍‌ର ଏହି ଉତ୍ସର୍ଗୀକୃତ ସଂଗଠକ ଓଡ଼ିଶାରେ ଚେସ୍‌କୁ ଗୌରବମୟ କରିବା ପାଇଁ ଅନବରତ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ୮ଟି ଚେସ୍ ପୁସ୍ତକର ଲେଖକ ଶୁଭାଶିଷ ଓଡ଼ିଶାର ପୁରପଲ୍ଲୀରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ଅନେକ ଖେଳାଳିଙ୍କ ପାଇଁ ପାଲଟିଛନ୍ତି ପଥ ପ୍ରଦର୍ଶକ ଓ ମାର୍ଗଦର୍ଶକ । ତାଙ୍କ ପାଖରେ ଅଛି ଓଡ଼ିଶା ଚେସ୍‌ର ଭାନୁମତୀ ପେଡି । ଚେସ୍ ଗଣିତକୁ କଷିବାରେ ସେ ବେଶ୍ ଧୁରନ୍ଧର । ଓଡ଼ିଶା ଚେସ୍‌କୁ ଉଚ୍ଚଶିକ୍ଷିତ ଓ ଉଚ୍ଚବର୍ଗଙ୍କ ମଧ୍ୟରେ ଲୋକପ୍ରିୟ କରିବାରେ ତାଙ୍କ ଅବଦାନ ଅତୁଳନୀୟ । ଚେସ୍ ଐତିହାସିକ ଶୁଭାଶିଷ ବର୍ତ୍ତମାନ ଖୋର୍ଦ୍ଧା ଜିଲା ଚେସ୍ ସଂଘର ସମ୍ପାଦକ, ଏସଆର୍ ଚେସ୍‌ର ଚେୟାରମ୍ୟାନ ଓ ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସଭ୍ୟ ରହିଛନ୍ତି । ଦ୍ୱିମାସିକ ପତ୍ରିକା ଓଡ଼ିଶା ରିଭ୍ୟୁ ଓ ଓଡ଼ିଶା ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଥିବା ଶୁଭାଶିଷ ପ୍ରଥମେ ହିଁ ସିଦ୍ଧାନ୍ତ, ଦେବାଶିଷ, ସ୍ୱୟମ୍ଭୁ ଓ ପଦ୍ମିନୀଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀଙ୍କ ପାଖରେ ସମ୍ମାନିତ କରାଇବା ପରମ୍ପରା ଆରମ୍ଭ କରିଥିଲେ। ଓଡ଼ିଶା ଚେସ୍‌ର ନାଡ଼ି ନକ୍ଷତ୍ର ଜାଣିଥିବା ଶୁଭାଶିଷ ବର୍ତ୍ତମାନ ଓଡ଼ିଶା ଚେସ୍‌ର ଜନ୍ମଜାତକ ଲେଖିବାରେ ବ୍ୟସ୍ତ ।

**ରାଜେନ୍ଦ୍ର କୁମାର ସାହୁ:** ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ଆଦ୍ୟଗୁରୁ ହେଲେ ରାଜେନ୍ଦ୍ର କୁମାର ସାହୁ। ବର୍ତ୍ତମାନ ପର୍ଯ୍ୟନ୍ତ ଚେସ୍‌ରେ ସକ୍ରିୟଥିବା



ରାଜେନ୍ଦ୍ର କୁମାର ସାହୁ

ରାଜେନ୍ଦ୍ର ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାରେ ପୁରସ୍କୃତ ହୋଇ ସାରିଛନ୍ତି। ତାଙ୍କର ବର୍ତ୍ତମାନ ରେଟିଂ ୧୯୦୦। ସେ ଓଡ଼ିଶାର ଅନ୍ୟତମ ପ୍ରଥମ କ୍ୱାଲିଟି କୋଚ୍। ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ତାଙ୍କ ନିକଟରୁ କୋଚିଂ ନେଇଛନ୍ତି।

**ବିବେକ ତିବରୱାଲ:** ଭଲ ସଂଗଠନ ତଥା ସାଙ୍ଗଠନିକ ଦକ୍ଷତା ଥିବା ବ୍ୟକ୍ତିତ୍ୱ ଯଦି କ୍ରୀଡ଼ାନୁଷ୍ଠାନରେ ଥାଆନ୍ତି ତାହେଲେ କ୍ରୀଡ଼ାର ଭରପୂର ବିକାଶ ହୋଇଥାଏ । ଏପରି ଜଣେ ବ୍ୟକ୍ତି ହେଉଛନ୍ତି ବିବେକ ତିବରୱାଲ, ଯେ କି ସୌଭାଗ୍ୟର ଉଚ୍ଚଛାତ ତଳେ ଜନ୍ମ ହୋଇ ଜଣେ ଲବ୍ଧ ପ୍ରତିଷ୍ଠିତ ଉଦ୍ୟୋଗପତି ହେବାରେ ଯେତିକି ଆନନ୍ଦ ପାଇ ନ ଥିଲେ ବରଂ ରାଜ୍ୟ ଚେସ୍‌କୁ ଦୁର୍ବଳ, ଦୁର୍ଦ୍ଦିନ ଓ ଅସହାୟ ଅବସ୍ଥାରୁ ଉଦ୍ଧାରିବାରେ ଏବଂ ଥିବା ରାଜ୍ୟ ଚେସ୍ ସଂଘ ଓ ଚେସ୍ ଖଳର ପରିଭାଷାକୁ ବଦଳେଇବାରେ ଅଧିକ ଆନନ୍ଦଲାଭ କରିଥିଲେ । ତାଙ୍କର ଦୂରଦୃଷ୍ଟି, ବାସ୍ତବବାଦୀ ଚିନ୍ତାଧାରା, ଯୋଜନାବଦ୍ଧ ପରିକଳ୍ପନା ଆଜି ଚେସ୍‌କୁ ଏକ ସମ୍ମାନ ଜନକ ସ୍ଥାନରେ ପହଞ୍ଚାଇବା ସହ ଚେସର ଏକ ଉତ୍ତମ ଭାବମୂର୍ତ୍ତି ମଧ୍ୟ ତିଆରି କରିଛି ।

**ରଞ୍ଜନ ମହାନ୍ତି :** ଓଡ଼ିଶା ଚେସ୍‌ର ଚତୁର ଚାଣକ୍ୟ। ଓଡ଼ିଶା ଚେସ୍‌କୁ ରଞ୍ଜନ ମହାନ୍ତିଙ୍କ ପ୍ରବେଶ ମଙ୍ଗଳମୟ। ଦିନ ଥିଲା ସେ ଶିଖିକରି ଚେସ୍ ଖେଳୁଥିଲେ। ମାତ୍ର ଆଜିକା ଦିନରେ ଚେସ ନବନିର୍ମାଣରେ ସେ ହେଉଛନ୍ତି ପ୍ରମୁଖ ବିଧାଣୀ। ଏକାଧାରରେ ଜଣେ ସୁପ୍ରଶାସକ, ଖେଳାଳି, ଅନ୍ତର୍ଜାତୀୟ କୋଚ୍ ଓ ଫିଡେ ଆର୍ବିଟର ସହ ବର୍ତ୍ତମାନ ଓଡ଼ିଶା ଚେସ୍‌ର ଉପସଭାପତି ଅଛନ୍ତି।

**ମନୋଜ ପାଣିଗ୍ରାହୀ:** ଦିନଥିଲା ଓଡ଼ିଶା ଚେସ୍ ସଂଗଠନର ଲାଇଫ୍ ଲାଇନ ଥିଲେ ମନୋଜ ପାଣିଗ୍ରାହୀ। ଲଣ୍ଡନର ହେଷ୍ଟିଙ୍ଗ୍‌ସଠାରେ ଭାରତୀୟ ଯୁବଦଳର ମ୍ୟାନେଜର ଭାବେ ଯାତ୍ରା କରିବା ତାଙ୍କ ପାଇଁ ସୁଖଦ ମୁହୂର୍ତ୍ତ ଥିଲା । ୩ ଥର ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ଏହି ନିରବ ସଙ୍ଗଠକ ଚେସ୍‌କୁ ବୃତ୍ତିରେ ବିନିଯୋଗ କରିବାକୁ ଉଚ୍ଚତର ପ୍ରୟାସ ଜାରି ରଖିଛନ୍ତି । ଅଲ ଓଡ଼ିଶା ଚେସ ସଂଘର ଯୁଗ୍ମ ସମ୍ପାଦକ ଥିବା ମନୋଜ ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ବିଶ୍ୱ ଯୁବ ଚେସ୍‌ରେ ଭାରତର କୋଚ୍ ଭାବେ ଅଂଶଗ୍ରହଣ କରିଥିଲେ ।

**ଦୁର୍ଗା ପ୍ରସାଦ ମହାପାତ୍ର:** ବୟସର ଅର୍ଦ୍ଧଶତକରେ ୧୦୦ରୁ ଊର୍ଦ୍ଧ୍ୱ ଦକ୍ଷ ଖେଳାଳି ବାହାର କରିଛନ୍ତି ଦୁର୍ଗା ପ୍ରସାଦ ମହାପାତ୍ର। ସେ ଭାରତର ପ୍ରସିଦ୍ଧ ଚେସ ଏକାଡେମୀ ଗୁଡ୍‌ରିକ୍ ନ୍ୟାଶନାଲ ଚେସ୍ ଏକାଡେମୀର ମୁଖ୍ୟ କୋଚ୍। ପଶ୍ଚିମବଙ୍ଗ ଆଇଏମ୍ ନିଲେଶ ସାହା, ଅରଣ୍ୟକ ଘୋଷ, ଆର୍ଯ୍ୟ ଭକ୍ତ, ରିତମ ନାଗ୍, ଓଡ଼ିଶାର ଅଂଶୁମାନ ସାମଲ, ରୂପ କୁମାର ଦାସ, ଅଦିତି ମହାନ୍ତି ତଥା ଅନେକ ଦୃଷ୍ଟିହୀନ ଚେସ୍ ଖେଳାଳିଙ୍କର ସେ ପଥ ପ୍ରଦର୍ଶକ। ସେ ଜାତୀୟ 'ବି' ଦୃଷ୍ଟିହୀନ ଚେସ୍‌ରେ ଅନେକଥର ଆର୍ବିଟର ହୋଇଛନ୍ତି।

**ସୁରେଶ ଚନ୍ଦ୍ର ସାହୁ:** ଓଡ଼ିଶା ଚେସକୁ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଯୋଗାଇବାରେ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କର ବହୁତ ବଡ ଅବଦାନ ରହିଛି ।

**ଏସ୍‌ଆର ଚେସ୍ ସେଣ୍ଟର:** ଓଡ଼ିଶା ଚେସ୍‌ର ଗୁରୁକୁଳ। ଅନେକ ତରୁଣ ଚେସ ତାରକାଙ୍କ ସାଧନା, ସିଦ୍ଧି ଓ ସ୍ୱୀକୃତିର ମିଳନ ମଞ୍ଚ ହେଉଛି ରାଜ୍ୟ ଚେସ୍ ପ୍ରଶିକ୍ଷଣର ପ୍ରୟୋଗଶାଳା ତଥା ଅନୁଡିଶାଳ ଏସ୍‌ଆର ଚେସ୍ ସେଣ୍ଟର । ବିବେକ ତିବରୱାଲଙ୍କର ବୁଦ୍ଧି ଓ ଶୁଭାଶିଷ ପଟ୍ଟନାୟକଙ୍କ ଶୁଭ ଆଶିଷରେ ୨୦୦୪ ସେପ୍ଟେମ୍ବର ୧୮ ପବିତ୍ର ଗଣେଶ ଚତୁର୍ଥୀରେ ୧୫ ବର୍ଷର ଏହି ଗୌରବମୟ ଅନୁଷ୍ଠାନକୁ ଲେଖକଙ୍କ ପିତା ତଥା ବନ ବିଭାଗର ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀ ୯୨ ବର୍ଷୀୟ ଶରତ ଚନ୍ଦ୍ର ପଟ୍ଟନାୟକଙ୍କ କରକମଳରେ କଟକଠାରେ ଉଦ୍‌ଘାଟିତ ହୋଇଥିଲା । ଏକ ଶୃଙ୍ଖଳାଭିତ୍ତିକ ଓ ଆଦର୍ଶ ପରିବେଶ ମଧ୍ୟରେ ରାଜ୍ୟରେ ତୃଣମୂଳ ସ୍ତରରେ ଥିବା ଅନାଲୋଚିତ ପ୍ରତିଭାମାନଙ୍କୁ ଚିହ୍ନିବା ଓ ଚିହ୍ନେଇବା ସହ ସେମାନଙ୍କୁ ଦକ୍ଷତାର ସହ ସାମ୍ନାକୁ ଆଣିବାରେ ଏସଆର ଚେସ୍ ସେଣ୍ଟର ରାଜ୍ୟରେ ଅନନ୍ୟ ଓ ନିଆରା ପ୍ରୟାସ ଅନବରତ ଭାବେ ଜାରି ରଖିଛି, ଫଳସ୍ୱରୂପ ବର୍ତ୍ତମାନ ଏହା ଅନେକ ନବୀନ ପ୍ରବୀଣ ଓ ତରୁଣ ଖେଳାଳିଙ୍କ ଆଦର୍ଶ ପୀଠ ପାଲଟିଛି । ରାଜ୍ୟରେ ଚର୍ଚ୍ଚିତ ଅନେକ ପ୍ରତିଷ୍ଠିତ ତରୁଣ ଚେସ୍ ତାରକାଙ୍କ ଚାଟଶାଳୀ ଏସ୍.ଆର ଚେସ ସେଣ୍ଟରରେ ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟର ବିଭିନ୍ନ ଅନୁଷ୍ଠାନ ସର୍ବୋପରି ସର୍ବଭାରତୀୟ ଚେସ୍ ମହାସଂଘ ଦ୍ୱାରା ପୁରସ୍କୃତ ତଥା ସ୍ୱୀକୃତ ଏହି ଅନୁଷ୍ଠାନ ବର୍ଷ ତମାମ୍ କଟକର ସିଡିଏ, ବାଦାମବାଡ଼ି ଓ ଭୁବନେଶ୍ୱରର ସହିଦନଗର ଓ ଆଇଆରସି ଭିଲେଜଠାରେ ପ୍ରଶିକ୍ଷଣ ଦେଇ ଆସୁଛି । ସେଣ୍ଟରର ଦକ୍ଷ ତଥା ବରିଷ୍ଠ ଚେସ୍ କୋଚ ସଞ୍ଜୟ ପଟ୍ଟନାୟକ, ସୂର୍ଯ୍ୟମିତ୍ର ସେନ୍, ପ୍ରଣବ ମହାନ୍ତି, ମୋନାଲିସା ମହାନ୍ତି, ସ୍ୱର୍ଗତ ପଦ୍ମଲୋଚନ ରାୟ, ସ୍ୱର୍ଗତ ନଳିନୀ ରଞ୍ଜନ ପଟ୍ଟନାୟକ, ରବୀନ୍ଦ୍ର ଓଝା, ପ୍ରଶାନ୍ତ ଜେନା, ମନୋଜ ରାୟ, ସର୍ବେଶ୍ୱର ସାହୁ, ବସନ୍ତ ଦାସ, ସତ୍ୟଜିତ୍ ପଟ୍ଟନାୟକ,



ଅରାତି ବିଜୟ ମହାନ୍ତି

ବିଶ୍ୱ ରଞ୍ଜନ ବେହେରା, ରାଜସନ୍ତୋଷ ପଣ୍ଡା ଓ ଥମ୍ପସନ ସାହୁ ପ୍ରମୁଖ କ୍ୱାଲିଟି ପ୍ରଶିକ୍ଷକମାନେ ଏହାକୁ ନିଜ ଜୀବନର ଆଉ ଏକ ଅଂଶ ଭାବେ ଗ୍ରହଣ କରି ନିଜର ପାରିଶ୍ରମିକକୁ ଅଧିକ ଗୁରୁତ୍ୱ ନଦେଇ ସଦାସର୍ବଦା ଅଧିକ ପରିଶ୍ରମ ପାଇଁ ସଜାଗ ରହିଥାନ୍ତି। ଫଳରେ ବର୍ତ୍ତମାନ ଏହା ଓଡ଼ିଶା ଚେସ୍‌ର ତରୁଣ ତାରକାଙ୍କ କାରଖାନା ପାଲଟିପାରିଛି । (କେ.ଡି. ପିଲାଇ, ପବିତ୍ର ମୋହନ ମହାନ୍ତିଙ୍କ ସମ୍ପର୍କରେ ଲେଖା ଓଡ଼ିଶା ଚେସ୍‌ର ଅନ୍ତିମ ଭାଗରେ ପ୍ରକାଶ ପାଇବ)

**– ସତ୍ୟରଞ୍ଜନ ପଟ୍ଟନାୟକ**

## ରାଜନୀତି

ବିଶ୍ୱକପ ଲାଗି ଷ୍ଟାଣ୍ଡବାଏରେ ପନ୍ତ
ଅମ୍ବାତି ଓ ନଭଦୀପ
ବିରାଟ ସେନାର କେ ଇଞ୍ଜୁରି ହେଲେ
ଆଉ ପଡ଼ିବନି ଚାପ
ରବି ଶାସ୍ତ୍ରୀ କହେ ବାପ
ଇଂଲଣ୍ଡକୁ ଯିବ ୱାର୍ଲ୍ଡକପ୍ ଖେଳିବ
କରୁଥାଅ ବସି ତପ।
କାର୍ତ୍ତିକଠି ଥ୍ରି-ଡାଇମେନସନାଲ
କ୍ୱାଲିଟି ରହିଛି ପୂରି
ମୁଖ୍ୟ ଚୟନକର୍ତ୍ତା ଏମ.ସେ.କେ. ପ୍ରସାଦ
କହେ ସବୁଠିକ୍ ସରି
ଏଣେ ପରିହାସ କରି
ରାୟୁଡୁ କହଇ ଥ୍ରି-ଡି ଚଷମାରେ
ୱାର୍ଲ୍ଡ କପ୍ ଦେଖିବି ଘୁରି।



ରାଜ୍ୟରେ ବହଇ ଗ୍ରୀଷ୍ମପ୍ରବାହ
ତେୟାଳିଶ ଡିଗ୍ରୀ ତାତି
ଉଣେଇଶ ସାଧାରଣ ନିର୍ବାଚନ
ପ୍ରାର୍ଥୀ ଯାଇଛନ୍ତି ମାତି
ସ୍ୱାର୍ଥ ପାଇଁ ଏହି ଜାତି
କ୍ରୀଡ଼ା, ବିଜ୍‌ନେସ୍, ଅଫିସରେ କରେ
ସବୁଠାରେ ରାଜନୀତି।

–ସୁବାସ ଚନ୍ଦ୍ର ପ୍ରଧାନ

# ଗୁଡ୍‌ଲକ୍ ଟିମ୍ ଇଣ୍ଡିଆ




୨୦୧୯ ଆଇସିସି ବିଶ୍ୱକପ୍ ପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଭାରତୀୟ ଦଳ ନିକଟରେ ଘୋଷିତ ହୋଇଛି। ଏହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ବହୁ ପୁରାତନ ଖେଳାଳି ଦଳ ଚୟନକୁ ନେଇ ଅସନ୍ତୋଷ ପ୍ରକଟ କରିଥିବା ବେଳେ ବିସିସିଆଇ କର୍ମକର୍ତ୍ତା ଏବଂ ପ୍ରମୁଖ ଚୟନକମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦ ଦଳ ବେଶ୍ ସନ୍ତୁଳିତ ବୋଲି ଦାବି କରିଛନ୍ତି। ଜୁନ୍ ୫ରୁ ଟିମ୍ ଇଣ୍ଡିଆ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବାକୁ ଥିବା ବେଳେ ମେ ୨୫ ଏବଂ ୨୮ରେ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ଦୁଇଟି ୱାର୍ମଅପ୍ ମ୍ୟାଚ ଖେଳିବ। ଆଇସିସି ଏକଦିବସୀୟ ର୍‍ୟାଙ୍କିଂରେ ୨ ସ୍ଥାନରେ ଥିବା ଟିମ୍ ଇଣ୍ଡିଆ ଦୁଇଥର ବିଶ୍ୱ ଚାମ୍ପିୟନ ହୋଇଛି। ପ୍ରଥମେ ୧୯୮୩ରେ ଇଂଲଣ୍ଡ ମାଟିରେ ୱେଷ୍ଟଇଣ୍ଡିଜକୁ ହରାଇ ଏବଂ ଦ୍ୱିତୀୟରେ ୨୦୧୧ରେ ସ୍ୱଦେଶ ମାଟିରେ ଶ୍ରୀଲଙ୍କାକୁ ହରାଇ ଏହି ଗୌରବ ଅର୍ଜନ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ବିଶ୍ୱକପ୍‌ରେ ବର୍ତ୍ତମାନ ଘୋଷିତ ଦଳ ମଧ୍ୟରୁ ୭ଜଣ ଖେଳିଥିବା ବେଳେ ୮ ଖେଳାଳିଙ୍କ ପାଇଁ ବିଶ୍ୱକପ୍ ପ୍ରଥମ ଅଭିଜ୍ଞତା ରହିବ। ୨୦୦୩ ବିଶ୍ୱକପ୍‌ରେ ରନର୍ସ ଅପ ହୋଇଥିବା ଟିମ୍ ଇଣ୍ଡିଆ ୧୯୮୭, ୧୯୯୬ ଏବଂ ୨୦୧୫ ବିଶ୍ୱକପ୍‌ରେ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ସେହିପରି ୧୯୭୫, ୧୯୭୯, ୧୯୯୨ ଏବଂ ୨୦୦୭ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବା ବେଳେ ୧୯୯୯ ବିଶ୍ୱକପ୍‌ରେ ସୁପର ସିକ୍ସ ପର୍ଯ୍ୟାୟରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲା।

ରେକର୍ଡ ଦୃଷ୍ଟିରୁ ଦେଖିଲେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୧ ବିଶ୍ୱକପ୍ ମଧ୍ୟରୁ ଭାରତ ଖେଳିଥିବା ୭୪ଟି ମ୍ୟାଚରୁ ୪୬ଟିରେ ବିଜୟୀ ହୋଇଥିବା ବେଳେ ୨୬ଟି ମ୍ୟାଚରେ ପରାଜିତ ହୋଇଛି। ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ବିନା ହାରଜିତ୍ ସମାପ୍ତ ହୋଇଛି। ସର୍ବାଧିକ ୫ଥର ବିଶ୍ୱଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ବିଶ୍ୱକପ୍‌ରେ ଭାରତ ୧୧ଟି ମ୍ୟାଚ ଖେଳିଛି। ସେଥିରୁ ଭାରତ ୩ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୮ଟି ମ୍ୟାଚରେ ପରାଜିତ ହୋଇ ବ୍ୟାକ୍‌ଫୁଟରେ ରହିଛି।

୧୯୭୫ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍‌ରେ ଇଂଲଣ୍ଡ ଏକମାତ୍ର ଦଳ ରୂପେ ସମସ୍ତ ବିଶ୍ୱକପ୍‌ରେ ଭାଗନେଇଛି ଏବଂ ପଞ୍ଚମ ଥର ପାଇଁ ନିଜ ମାଟିରେ ବିଶ୍ୱକପ୍ ଆୟୋଜିତ କରୁଥିବାରୁ ଦୃଢ ଦାବିଦାର ମଧ୍ୟ ରହିଛି। ଏପର୍ଯ୍ୟନ୍ତ ବିଶ୍ୱକପ୍ ଟାଇଟଲ ହାସଲ କରି ପାରି ନ ଥିବା ଇଂଲଣ୍ଡ ଟିମ୍ ସହିତ ବିଶ୍ୱକପ୍‌ରେ ଭାରତ ଖେଳିଥିବା ୭ଟି ମ୍ୟାଚରୁ ୩ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୩ଟି ମ୍ୟାଚରେ ପରାସ୍ତ ହୋଇଛି ଏବଂ ଗୋଟିଏ ମ୍ୟାଚ ଟାଇରେ ସମାପ୍ତ ହୋଇଛି। ଚଳିତ ବିଶ୍ୱକପ୍ ପାଇଁ ଶକ୍ତିଶାଳୀ ଇଂଲଣ୍ଡ ଦୃଢ ଦାବିଦାର ରହିଛି। ସେହିପରି ୬ଥର ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଥିବା ବ୍ଲାକ୍ କ୍ୟାପ ଦଳ ୨୦୧୫ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ନ୍ୟୁଜିଲାଣ୍ଡ ଦଳ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆ ସହିତ ଖେଳିଥିବା ମୋଟ ୭ ମ୍ୟାଚରୁ ୪ଟିରେ ବିଜୟୀ ହୋଇ ଆଗରେ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱକପ୍ ମ୍ୟାଚ ଗୁଡିକରେ ଆମର ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ୬ଥର ମୁକାବିଲା କରିଥିଲେ ମଧ୍ୟ ଗୋଟିଏ ମ୍ୟାଚରେ ବିଜୟୀ ହୋଇନାହିଁ। ଚଳିତ ବିଶ୍ୱକପ୍‌ରେ ଏହି ପରାଜୟର ଧାରାକୁ ଭାଙ୍ଗିବା ପାଇଁ ପାକିସ୍ତାନର ପୂର୍ବତନ କ୍ରିକେଟର ମୋଇନ୍ ଖାଁ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ସହ ଖେଳିଥିବା ୪ଟି ମ୍ୟାଚରୁ ଗୋଟିଏରେ ବିଜୟୀ ହୋଇଥିବା ବେଳେ ୩ଟି ମ୍ୟାଚରେ ପରାସ୍ତ ହୋଇଛି। ସେହିପରି ଶ୍ରୀଲଙ୍କା ସହିତ ଖେଳିଥିବା ୮ ମ୍ୟାଚରୁ ୩ଟିରେ ବିଜୟୀ ହୋଇଥିବା ବେଳେ ୪ଟି ମ୍ୟାଚରେ ପରାଜିତ ହୋଇଛି ଏବଂ ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ ସହ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ୫ଟିରେ ବିଜୟୀ ହୋଇଥିବା ବେଳେ ୩ଟି ମ୍ୟାଚରେ ପରାଜିତ ହୋଇଛି। ରେକର୍ଡ ଦୃଷ୍ଟିରୁ ଦେଖିବାକୁ ଗଲେ ୨୦୦୭ ବିଶ୍ୱକପ୍‌ରେ ବରମୁଡା ସହିତ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୪୧୩ (୫ଉଇକେଟ୍) ରହିଥିବା ବେଳେ ୨୦୦୩ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ସହିତ ୧୨୫ ରନ୍ ସର୍ବନିମ୍ନ ସ୍କୋର ଅଟେ। ସଫଳ ବୋଲର ରୂପେ ଆଶିଷ ନେହେରା ୨୦୦୩ ବିଶ୍ୱକପ୍‌ରେ ୨୩ରନ୍ ଦେଇ ୬ଟି ଉଇକେଟ୍ ନେଇଥିବା ବେଳେ ସର୍ବାଧିକ ପାର୍ଟନରଶିପ୍ ରେକର୍ଡ ୩୧୮ରନ୍ ସୌରଭ ଗାଙ୍ଗୁଲି ଏବଂ ରାହୁଲ ଦ୍ରାବିଡ୍‌ଙ୍କ ମଧ୍ୟରେ ୨ୟ ଉଇକେଟ୍ ପାଇଁ ରହିଛି। ୨୦୧୫ ବିଶ୍ୱକପ୍‌ରେ ପ୍ରଥମ ଉଇକେଟ୍ ପାଇଁ ରୋହିତ ଶର୍ମା ଏବଂ ଶିଖର ଧାୱନଙ୍କ ମଧ୍ୟରେ ୧୭୨ ରନ୍ ରହିଛି। ୨୦୧୫ ବିଶ୍ୱକପ୍‌ରେ ଭାରତ ପକ୍ଷରୁ ବ୍ୟାଟିଂରେ ଷ୍ଟାଇଲିଶ୍ ଓପନର ଶିଖର ଧାୱନ ସର୍ବାଧିକ ୪୧୨ରନ୍ କରିଥିବା ବେଳେ ମହମ୍ମଦ ସାମି ୧୭ଟି ଉଇକେଟ ସହ ଆଗରେ ରହିଥିଲେ। ମହେନ୍ଦ୍ର ସିଂ ଧୋନୀ ଉଇକେଟ୍ ପଛରେ ମୋଟ ୧୫ଟି ଆଉଟ୍ କରି ଶ୍ରେଷ୍ଠ କିପର ରହିଥିଲେ।

୨୦୧୫ ବିଶ୍ୱକପ୍‌ରେ ୧୪ଟି ଟିମ୍ ଭାଗ ନେଇଥିବା ବେଳେ ମୋଟ ୪୯ଟି ମ୍ୟାଚ ଖେଳାଯାଇଥିଲା। ଅଷ୍ଟ୍ରେଲିଆ ଟିମ୍ ୫ମ ଟାଇଟଲ ହାସଲ କରିବା ସହିତ ପ୍ଲେୟର ଅଫ୍ ଦି ସିରିଜ ରୂପେ ମିଚେଲ ଷ୍ଟାର୍କ ବିବେଚିତ ହୋଇଥିବା ବେଳେ ନ୍ୟୁଜିଲାଣ୍ଡର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ୍ ମାର୍ଟିନ ଗୁପ୍‌ଟିଲ ସର୍ବାଧିକ ୫୪୭ ଏବଂ ଷ୍ଟାର୍କ ୨୨ଟି ଉଇକେଟ୍ ନେଇ ଆଗରେ ରହିଥିଲେ।

ଅନେକ ବିବାଦୀୟ ନିଷ୍ପତ୍ତି ଯୋଗୁ ବେଶ୍ ଚର୍ଚ୍ଚାରେ ରହିଥିଲା ୨୦୧୫ ବିଶ୍ୱକପ୍। ସେଥିମଧ୍ୟରୁ ଜେମସ୍ ଟେଲରଙ୍କ ଏଲବିଡବ୍ଲ୍ୟୁ ଆଉଟ୍, ଜେମସ୍ ଆଣ୍ଡରସନ୍‌ଙ୍କ ରନ୍ ଆଉଟ୍ ଏବଂ ବାଂଲାଦେଶ ବିରୋଧରେ ରୋହିତ ଶର୍ମାଙ୍କ ନୋ ବଲ୍ ନଟ୍ ଆଉଟ୍ ଇତ୍ୟାଦି। ସମସ୍ତ ପ୍ରକାର ଟେକ୍ନୋଲୋଜିର ବ୍ୟବହାର ସତ୍ତ୍ୱେ ଅନେକ ବିବାଦୀୟ ଅମ୍ପାୟରିଂ ନିଷ୍ପତ୍ତି ଆଇସିସିକୁ ବେଶ୍ ଅଡୁଆରେ ପକାଇଥିଲା।

ଅଧିନାୟକ ବିରାଟ କୋହଲିଙ୍କ ସହିତ ଶିଖର ଧାୱାନ୍, ରୋହିତ ଶର୍ମା, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ,ଅଲରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା, ଫାଷ୍ଟ ବୋଲର ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର ଇଂଲଣ୍ଡର ସୁଇଁ କଣ୍ଡିଶନରେ ଭଲ ପ୍ରଦର୍ଶନ କଲେ ଟିମ୍ ଇଣ୍ଡିଆ ଆଉ ଏକ ବିଶ୍ୱକପ୍ ଟାଇଟଲ୍ ଜିତିବା ଅସମ୍ଭବ ନୁହେଁ। ଗୁଡ୍‌ଲକ୍ ଟିମ୍ ଇଣ୍ଡିଆ।


**–ନିର୍ମଳ କୁମାର ମିଶ୍ର**

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.35 (25) | 39,140.28 (135.36) | 11,752.80 (34.35) | 32,385.00 (₹405) | 38,246.00 (₹140) |

"ଜିଓ ଦ୍ୱାରା ୩୦୦ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ ସହ ଭଏସ୍ ଏବଂ ଡାଟା କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିଛୁ।
–ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରୀ ଅଧ୍ୟକ୍ଷ



"ମାଇକ୍ରୋ ବ୍ୟାଙ୍କିଙ୍ଗ, କାର୍ଡ ସହ ବୃହତ୍ତ କର୍ପୋରେଟ କ୍ଷେତ୍ରରେ କାରବାର ଉନ୍ନତ ହେବାରୁ ବ୍ୟାଙ୍କର ଚତୁର୍ଥ ତ୍ରୈମାସ ଲାଭରେ ଉନ୍ନତି ଆସିଛି।
– ବିଶ୍ୱବୀର ଆହୁଜା, ଏମ୍‌ଡି,ଆର୍‌ବିଏଲ୍ ବ୍ୟାଙ୍କ



## ସଂକ୍ଷେପରେ

### ଫେବୃୟାରୀରେ ଟେଲିକମ୍ ଗ୍ରାହକଙ୍କ ସଂଖ୍ୟା ୧୨୦.୫୪ କୋଟି



**ନୂଆଦିଲ୍ଲୀ,୧୮-୪:** ରିଲାଏନ୍ସ ଜିଓ ଓ ବିଏସ୍‌ଏନ୍‌ଏଲ ଯୁଗ୍ମ ରୂପରେ ୮୬.୩୯ ନୂଆ ଟେଲିକମ ଗ୍ରାହକ ଯୋଡିଛନ୍ତି। ତେବେ ଅନ୍ୟ ଟେଲିକମ ଅପରେଟରଙ୍କ ଗ୍ରାହକଙ୍କ ସଂଖ୍ୟା ୬୯.୯୩ ଲକ୍ଷ ହ୍ରାସ ପାଇଛି। ଭୋଡାଫୋନ ଆଇଡିଆର ସର୍ବାଧିକ ଗ୍ରାହକ ହ୍ରାସ ପାଇଛନ୍ତି। ଟ୍ରାଇର ମାସିକ ରିପୋର୍ଟ ଅନୁସାରେ ଫେବୃୟାରୀରେ ଦେଶରେ ଟେଲିକମ ଗ୍ରାହକଙ୍କ ସଂଖ୍ୟା ୧୨୦.୫୪ କୋଟିରେ ପହଞ୍ଚି ଯାଇଛି। ଯାହା କି, ଜାନୁୟାରୀରେ ୧୨୦.୩୭ କୋଟି ଥିଲା। ଏଥିରେ ମୋବାଇଲ ସଂଯୋଗ ସଂଖ୍ୟା ୧୧୮.୩୬ କୋଟି ରହିଛି। ଏହି ଅବଧିରେ ରିଲାଏନ୍ସ ଜିଓ ୭୭.୯୩ ଲକ୍ଷ ନୂଆ ସଂଯୋଗ ଦେଇପାରିଛି ଏବଂ ଏହାର ମୋଟ ଗ୍ରାହକଙ୍କ ସଂଖ୍ୟା ୨୯.୭ କୋଟିରେ ପହଞ୍ଚି ଯାଇଛି। ସେହିପରି ବିଏସ୍‌ଏନ୍‌ଏଲ ୯ ଲକ୍ଷ ନୂଆ ମୋବାଇଲ ଗ୍ରାହକ ଯୋଡି ପାରିଛି ଏବଂ ଏହାର ଗ୍ରାହକ ସଂଖ୍ୟା ୧୧.୬୨ କୋଟି ହୋଇଛି। ତେବେ ଦେଶର ସର୍ବବୃହତ ଟେଲିକମ କମ୍ପାନୀ ଭୋଡାଫୋନ ଆଇଡିଆର ଗ୍ରାହକ ସଂଖ୍ୟା ୫୭.୮୭ ଲକ୍ଷ କମିଲା, ଫଳରେ ଏହାର ଗ୍ରାହକ ସଂଖ୍ୟା ଏବେ ୪୦.୯୩ କୋଟି ହୋଇଛି। ଟାଟା ଟେଲିସର୍ଭସର ୧୧.୪୭ ଲକ୍ଷ ଗ୍ରାହକ କମିଛନ୍ତି। ଏୟାରଟେଲର ୪୯,୮୯୬, ଏମ୍‌ଟିଏନଏଲର ୪୬୫୨ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସର ୩୬୧୧ ଗ୍ରାହକ ହ୍ରାସ ପାଇଛି।

# ଏବେ ବି ଜେଟ୍‌ର ଉଡ଼ିବା ଆଶା

ନୂଆଦିଲ୍ଲୀ,୧୮-୪

ଆର୍ଥିକ ସଙ୍କଟ କାରଣରୁ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ ଦୀର୍ଘ ୨୫ ବର୍ଷ ପରେ ଉଡ଼ାଣ ତଥା ପରିଚାଳନା ବନ୍ଦ କରିଦେଇଛି। ଏବେ ପୁନର୍ବାର କେବେ ଏହା ଉଡ଼ିବ ସେ ନେଇ କାହା ନିକଟରେ ଉତ୍ତର ନାହିଁ। ସମସ୍ତେ ଚାହୁଁଛନ୍ତି ଜେଟ୍ ଏୟାରୱେଜ ପୁଣିଥରେ ଉଡୁ। ଏହାରି ଭିତରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଗୁରୁବାର କମ୍ପାନୀକୁ ଠୋସ୍ ଏବଂ ବିଶ୍ୱାସଯୋଗ୍ୟ ପୁନରୁଦ୍ଧାର ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେବାପରେ ଜେଟ୍‌ର ଉଡିବା ନେଇ ଆଶା ଉଜ୍ଜୀବିତ ହୋଇଛି।

ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ନିୟାମକୀୟ ସମ୍ପର୍କିତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପରେ ପୁନରୁଦ୍ଧାର ପ୍ରକ୍ରିୟା ନେଇ ପଦକ୍ଷେପ ନିଆଯିବ। ବିଗତ କିଛି ସପ୍ତାହର ଅନିଶ୍ଚିତତା ପରେ ଜେଟ୍ ଏୟାରୱେଜ ଏହାର କାମ ବନ୍ଦ କରିଦେଇଛି। ଏୟାରଲାଇନ କାମ ଜାରି ରଖିବା ଲାଗି ଋଣପ୍ରଦାନକାରୀଙ୍କଠାରୁ ଜରୁରୀ ପାଣ୍ଠି ମାଗିଥିଲା। ଏହା ନ ମିଳିବାରୁ ମ୍ୟାନେଜମେଣ୍ଟ ନିକଟରେ କମ୍ପାନୀ ବନ୍ଦ କରିବା ଛଡ଼ା ଅନ୍ୟ ବିକଳ୍ପ ନ ଥିଲା। ଅନ୍ୟପକ୍ଷରେ ଜେଟ ଏୟାରୱେଜ ବନ୍ଦ ହୋଇଯିବାର ଦିନକ ପରେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ନେତୃତ୍ୱରେ ଋଣପ୍ରଦାନକାରୀମାନେ ଏବେ ସୁଦ୍ଧା କମ୍ପାନୀକୁ ବଞ୍ଚାଇବାକୁ ଆଶାବାନ୍ଧି




### ଡିଜିସିଏ ମାଗିଲା ପୁନରୁଦ୍ଧାର ଯୋଜନା

ବସିଛନ୍ତି। ବିଡିଂ ପ୍ରକ୍ରିୟା ସୁରୁଖୁରୁରେ ହୋଇଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏକ ବିବୃତି ଜାରି କରି କୁହାଯାଇଛି ଯେ, ବିଡିଂ ପ୍ରକ୍ରିୟା ମାଧ୍ୟମରେ ଜେଟ୍ ଏୟାରୱେଜକୁ ବଞ୍ଚାଇବାର ଏକମାତ୍ର ପନ୍ଥା ରହିଛି। ଏଥିପାଇଁ ଋଣପ୍ରଦାନକାରୀ ଏକମତ ବୋଲି କୁହାଯାଇଛି। କାରଣ ବିଡିଂ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ କେତେକ କମ୍ପାନୀ ଆଗ୍ରହ ଦେଖାଇଥିବାରୁ ଆଶା ଜାଗ୍ରତ ହୋଇଛି ବୋଲି ସେମାନେ କହିଛନ୍ତି। ସୂଚନାଥାଉ କି, ଏସ୍‌ବିଆଇ ନେତୃତ୍ୱରେ ୨୬ ଋଣପ୍ରଦାନକାରୀଙ୍କୁ ନେଇ ଗଠିତ କନସୋର୍ଟିୟମ ଜେଟ୍ ଏୟାରୱେଜର ୫୧ ପ୍ରତିଶତ ଅଂଶଧନ ହାସଲ କରିବା ପରେ କମ୍ପାନୀକୁ ବିକ୍ରି କରିଦେବା ଲାଗି ବିଡ୍ ଆହ୍ୱାନ କରିଛନ୍ତି। ଗତ ୧୬ରେ ବିଡ୍ ଦସ୍ତାବିଜ ପ୍ରଦାନ କରାଯାଇଛି। ନିଲାମ ପ୍ରକ୍ରିୟା ସୁରୁଖୁରୁରେ ହୋଇଯିବ ଏବଂ ଜେଟ୍‌କୁ ଭଲ ଦାମ ମିଳିଯିବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ବିଡ୍ ଫାଇନାଲ ପ୍ରକ୍ରିୟା ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ ବୋଲି ଜେଟ୍ ଏୟାରୱେଜ ସିଇଓ ବିନୟ ଦୁବେ ବୁଧବାର କର୍ମଚାରୀଙ୍କୁ ପଠାଇଥିବା ଭାବବିହ୍ୱଳ ଇ-ମେଲ୍‌ରେ ଲେଖିଛନ୍ତି। ଆମ ପାଇଁ ଏବେ ବି ନୂଆ ଆଶା ରହିଛି। ସୂଚନାଥାଉ କି, ଜେଟ ଏୟାରୱେଜ ଉପରେ ୨୬ ବ୍ୟାଙ୍କର ପ୍ରାୟ ୮୫୦୦ କୋଟି ଟଙ୍କା ଋଣ ରହିଛି।

### ସଙ୍କଟରେ ୨୦,୦୦୦ କର୍ମଚାରୀଙ୍କ ଭବିଷ୍ୟତ

ଜେଟ ଏୟାର ସାମୟିକ ଭାବେ ଏହାର ଉଡାଣକୁ ବୁଧବାର ରାତିରୁ ବନ୍ଦ କରି ଦେଇଥିବା ବେଳେ ବିମାନ କମ୍ପାନୀରେ କାର୍ଯ୍ୟ କରୁଥିବା ୨୦,୦୦୦ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି। କମ୍ପାନୀ କେବେ ପୁଣି ଚାଲିବ ତାର ଠିକ୍ ଠିକଣା ନାହିଁ। କର୍ମଚାରୀଙ୍କ ଭବିଷ୍ୟତ କ'ଣ ହେବ ତାକୁ ନେଇ ବର୍ତ୍ତମାନ ସ୍ଥିତିରେ କିଛି କହି ହେବ ନାହିଁ ବୋଲି କମ୍ପାନୀର ସିଇଓ ବିନୟ ଦୁବେ କହିଛନ୍ତି। ସେହିଭଳି ଅଂଶଧନ ବିକ୍ରି ପରେ ନିଯୁକ୍ତି ସ୍ଥାୟିତ୍ୱ ନେଇ ସେ କିଛି କହିବାକୁ ମନା ଦେଇଛନ୍ତି। ବିମାନ କମ୍ପାନୀରେ କର୍ମଚାରୀଙ୍କ ୩ ମାସର ବେତନ ବକେୟା ଅଛି। ସଙ୍କଟ କାରଣରୁ ପ୍ରାୟ ୪୦୦ ପାଇଲଟ କମ୍ପାନୀ ଛାଡିଥିବା ବେଳେ ଜେଟ୍ ନିକଟରେ ଆଉ ୧୩୦୦ ପାଇଲଟ ଅଛନ୍ତି।

### ଜେଟ୍‌ର ୫ ବୋଇଂ ବିମାନ ମାଗିଲା ଏୟାର ଇଣ୍ଡିଆ

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଜେଟ୍ ଏୟାରୱେଜର ୫ ବୋଇଂ ୭୭୭ ବିମାନ ଲିଜ୍‌ରେ ନେବାକୁ ପ୍ରସ୍ତାବ ଦେଇଛି। ବିମାନ ପାଇଁ ଏହା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ କହିଛି। ଏୟାର ଇଣ୍ଡିଆ ଫ୍ଲିଟ୍ ବୃଦ୍ଧି ଲାଗି ଏଭଳି ପ୍ରସ୍ତାବ ରଖିଛି। ଦିଲ୍ଲୀରୁ ଲଣ୍ଡନ, ଦୁବାଇ,ସିଙ୍ଗାପୁର ଏବଂ ମୁମ୍ବାଇରୁ ଲଣ୍ଡନ ଏବଂ ଦୁବାଇକୁ ଅଧିକ ବିମାନ ଚଳାଇବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ଏଭଳି ପଦକ୍ଷେପ ଗ୍ରହଣ କରୁଛି।

### ଭାରତୀୟ ବିମାନ ଶିଳ୍ପ ଲାଗି ଦୁର୍ଭାଗ୍ୟଜନକ:ଲୋହାନି

ଜେଟ୍‌ଏୟାରୱେଜର ଏଭଳି ସ୍ଥିତି ଭାରତୀୟ ବିମାନ ଶିଳ୍ପ ଲାଗି ଏକ ଦୁର୍ଭାଗ୍ୟଜନକ ସ୍ଥିତି ବୋଲି ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ସିଏମ୍‌ଡି ଅଶ୍ୱିନୀ ଲୋହାନି କହିଛନ୍ତି। ଗତ ୨୫ ବର୍ଷ ଧରି ସେବା ଯୋଗାଉଥିବା ଏଭଳି ଏକ ବିମାନ କମ୍ପାନୀ ବନ୍ଦ ହେବା ବିମାନ ଶିଳ୍ପ ଲାଗି ଏକ ଦୁଃଖଦ ସ୍ଥିତି ସୃଷ୍ଟି କରିଛି ବୋଲି ଲୋହାନି କହିଛନ୍ତି।

### ସେବାକୁ ଝୁରୁଛନ୍ତି ପାସେଞ୍ଜର

ଜେଟ୍ ଏୟାରୱେଜର ସେବାକୁ ଏବେ ମଧ୍ୟ ପାସେଞ୍ଜର ଭୁଲି ନାହାନ୍ତି। ଏକ ଏୟାର ଟାକ୍ସି ଅପରେଟରରୁ ଆରମ୍ଭ ହୋଇଥିବା ଏହି କମ୍ପାନୀର ସେବା ଗ୍ରାହକଙ୍କ ମଧ୍ୟରେ ଅଭୁଲା ହୋଇ ରହିଛି। ଏହାର ପ୍ରଥମ ଉଡାଣ ଅମୃତସରରୁ ଅହମ୍ମଦାବାଦ ରହିଥିବା ବେଳେ କମ୍ପାନୀର ଶେଷ ଉଡାଣ ମୁମ୍ବାଇରୁ ଦିଲ୍ଲୀ ରହିଥିଲା।

### ୩୨% ଖସିଲା ଷ୍ଟକ

ଜେଟ୍‌ର ବିମାନ ସେବା ବନ୍ଦ ଘୋଷଣା ହେବା ପରେ କମ୍ପାନୀର ଷ୍ଟକ୍ କାରବାର ପ୍ରଭାବିତ ହୋଇଛି। ଗୁରୁବାର ଶେୟାର ବଜାରର କାରବାରରେ ଏହାର ଷ୍ଟକ ୩୨% ହ୍ରାସ ଘଟିଥିବା ଜଣା ପଡିଛି।

### ୨୧ ବର୍ଷରେ ବୁଡିଛନ୍ତି ୧୨ ବିମାନ କମ୍ପାନୀ

*ତଥ୍ୟ ମୁତାବକ ଗତ ୨୧ ବର୍ଷରେ ୧୨ ବିମାନ କମ୍ପାନୀ ବନ୍ଦ ହୋଇଯାଇଛି। ବନ୍ଦ ହୋଇଥିବା ବିମାନ କମ୍ପାନୀଗୁଡିକ ମଧ୍ୟରେ...*

**ବାୟୁଦୂତ:** ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଏୟାର ଲାଇନ୍ସ ଏବଂ ଏୟାର ଇଣ୍ଡିଆର ମିଳିତ ସହଭାଗିତାରେ ୧୯୮୧ରେ ଆରମ୍ଭ ହୋଇଥିବା ବାୟୁଦୂତ ୧୯୮୭ରେ ବନ୍ଦ ହୋଇଥିଲା।

**ସାହାରା ଏୟାରଲାଇନ୍ସ:** ୧୯୯୧ରେ ସାହାରା ଗ୍ରୁପ ଏହି କମ୍ପାନୀ ଦ୍ୱାରା ବିମାନ ସେବା କ୍ଷେତ୍ରରେ ପ୍ରବେଶ କରିଥିଲା। ୨୦୦୭ରେ ଏହାକୁ ଜେଟ୍ କ୍ରୟ କରିଥିଲା।

**ଇଷ୍ଟ ୱେଷ୍ଟ ଏୟାର ଲାଇନ:** ୧୯୯୨ରେ ବିମାନ ସେବା ଆରମ୍ଭ କରିଥିବା ଏହି କମ୍ପାନୀ ବିଭିନ୍ନ ଆର୍ଥିକ ଅସୁବିଧା ଯୋଗୁ ୧୯୯୬ରେ ବନ୍ଦ ହୋଇଥିଲା। ସେହିଭଳି ୧୯୭ରେ **ଏନ୍‌ଇପିସି** ବିମାନ କମ୍ପାନୀ ବନ୍ଦ ହୋଇଥିଲା।

**କିଙ୍ଗଫିସର:** ଅକ୍ଟୋବର ୨୦୧୨ରେ କିଙ୍ଗଫିସର ବନ୍ଦ ହୋଇଥିବାବେଳେ ଅନ୍ୟ କିଛି କମ୍ପାନୀ ମଧ୍ୟରେ ଜୁଲାଇ ୨୦୧୬ରେ **ପେଗ୍‌ସସ,** ଫେବୃୟାରୀ ୨୦୧୭ରେ **ଏୟାର କୋଷ୍ଟା,** ଏପ୍ରିଲ ୨୦୧୭ରେ **ଏୟାର କାର୍ନିଭାଲ,** ଜୁଲାଇ ୨୦୧୮ରେ **ଜୁମ୍ ଏୟାର** ଭଳି ବିମାନ କମ୍ପାନୀ ରହିଛନ୍ତି।

## ହୋଣ୍ଡା ବିଗ୍‌ୱିଙ୍ଗ ଶୁଭାରମ୍ଭ

ଭୁବନେଶ୍ୱର,୧୮-୪

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆ ପ୍ରିମିୟମ ବାଇକ ବ୍ୟବସାୟ 'ହୋଣ୍ଡା ବିଗ୍ ୱିଙ୍ଗ' ଶୁଭାରମ୍ଭ ହୋଇଛି। କମ୍ପାନୀ ସିଇଓ ମିନୋରା କାଟୋ ଏହାର ଉନ୍ମୋଚନ କରିଛନ୍ତି। ନୂଆ ଶୋ'ରୁମ ଗୁରୁଗ୍ରାମର ଇଫକୋ ଛକସ୍ଥିତ ଏବିକ୍ସ୍ଲୁ ଟାୱାରରେ ଖୋଲିଛି। କମ୍ପାନୀର ପ୍ରିମିୟମ ବାଇକ ବିକ୍ରି ପାଇଁ ଏହା ଆରମ୍ଭ ହୋଇଛି। ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି ଓ ରୋମାଞ୍ଚ ପ୍ରଦାନ କରିବା ଦିଗରେ ଏଭଳି ପଦକ୍ଷେପ କମ୍ପାନୀ ଗ୍ରହଣ କରିଛି। ଦେଶରେ ପ୍ରିମିୟମ ବାଇକ ବ୍ରିକି ଦ୍ରୁତ ହାରରେ ବୃଦ୍ଧି ଘଟୁଥିବାରୁ ଏହାକୁ ନେଇ କମ୍ପାନୀ ଯୋଜନା ହାତକୁ ନେଇଛି। ଏହି ଶୋ'ରୁମରେ ଗ୍ରାହକମାନେ ଗୋଲ୍ଡ ୱିଙ୍ଗ, ଆଫ୍ରିକା ଟ୍ୱିନ,ସିବି ୩୦୦ ଆର୍ ବାଇକ ଲାଭ କରିପାରିବେ। ପ୍ରିମିୟମ ମୋଟର ସାଇକେଲ କାରବାରକୁ ସମ୍ପ୍ରସାରଣ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସିଇଓ କାଟୋ କହିଛନ୍ତି।



## ଗଡ଼ିବ ଆଉ ୩ ମେମୁ ଟ୍ରେନ

ଭୁବନେଶ୍ୱର,୧୮-୪




### ଯାତ୍ରୀଙ୍କ ପାଇଁ ଖୁସି ଖବର

ବର୍ତ୍ତମାନ ପ୍ରଚଳିତ ୩ ଲୋକାଲ ଟ୍ରେନ ବଦଳରେ ନୂଆ କରି ଆଉ ୩ ମେମୁ ଟ୍ରେନ ଚଳାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ହୋଇଛି। ଚଳିତ ସପ୍ତାହଠାରୁ ଏହା ଚଳାଚଳ କରିବ। ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର,ଭୁବନେଶ୍ୱର-ବ୍ରହ୍ମପୁର, ଭୁବନେଶ୍ୱର, ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ଲୋକାଲ ଟ୍ରେନ ବଦଳରେ ମେମୁ ଟ୍ରେନ ଗଡିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ନୂଆ ମେମୁ ଟ୍ରେନ ପ୍ରଚଳନ ହେବା ପରେ ବର୍ତ୍ତମାନ ପ୍ରଚଳିତ ଲୋକାଲ ଟ୍ରେନଗୁଡିକୁ ଅପସାରଣ କରାଯିବ। ସେହିଭଳି ଟ୍ରେନଗୁଡିକ ନୂତନ ନମ୍ବର ହୋଇ ଚାଲିବ।

ଭୁବନେଶ୍ୱରଠାରୁ ଚଳିତ ମାସ ୨୦ ଏବଂ ଭଦ୍ରକଠାରୁ ୨୧ରେ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ମେମୁ ଆରମ୍ଭ ହେବ। ସେହିଭଳି ଉଭୟ ଦିଗରୁ ଚଳିତ ମାସ ୨୧ରୁ ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ, ସମାନ ଦିନରେ ଭୁବନେଶ୍ୱରଠାରୁ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ମେମୁ ଆରମ୍ଭ କରାଯିବ। ଏହା ପଲାସାଠାରୁ ୨୨ରେ ଲୋକାଲ ଟ୍ରେନ ପରିବର୍ତ୍ତେ ଚଳାଚଳ କରିବ। ଟ୍ରେନଗୁଡିକର ରକ୍ଷଣାବେକ୍ଷଣ ଦିନ ମାନଙ୍କରେ ଯାତ୍ରୀ ସୁବିଧା ଲାଗି ପୂର୍ବ ପ୍ରଚଳିତ ଲୋକାଲ ଟ୍ରେନ ଚାଲିବ। ମେମୁ ଟ୍ରେନଗୁଡିକ ପୂର୍ବ ପ୍ରଚଳିତ ସମୟ ସାରଣୀ ଅନୁଯାୟୀ ଯାତ୍ରା କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।


DSPL - 05





## ପଶୁପକ୍ଷୀଙ୍କୁ ଅଂଶୁଘାତରୁ ରକ୍ଷା ପାଇଁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ

- ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣ ଖରାରେ ଗୋରୁଙ୍କୁ ବାହାରକୁ ନଛାଡ଼ି ଗୁହାଳରେ କିମ୍ବା ଛାଇ ସ୍ଥାନରେ ରଖନ୍ତୁ।
- ପଶୁପକ୍ଷୀଙ୍କୁ ଆବଦ୍ଧ ଘରେ ନରଖି ମୁକ୍ତ ବାୟୁ ଚଳାଚଳ ଘରେ ରଖନ୍ତୁ ଏବଂ ଅଯଥାରେ ଗହଳି କରି ରଖିବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କୁ ଖରା ସମୟରେ ହଳ କାର୍ଯ୍ୟ, ବେଙ୍ଗଳା ପକା, ତେଲ ଘଣା, ପରିବହନ ଆଦି କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।
- ପ୍ରାଣୀଙ୍କ ଖାଦ୍ୟରେ ଦୈନିକ ଧାତବ ଲବଣ ମିଶ୍ରିତ ଭିଟାମିନ୍ ଗୁଣ୍ଡ ୪ରୁ ୬ଚାମଚ ଓ ଲୁଣ ୫୦ ଗ୍ରାମ ଖାଇବାକୁ ଦିଅନ୍ତୁ।
- ପୋଷା ପଶୁପକ୍ଷୀଙ୍କୁ ନିବୁଜ ଗାଡ଼ି ବା କ୍ରେଟ୍ ମଧ୍ୟରେ ପରିବହନ ବା ସ୍ଥାନାନ୍ତରିତ କରନ୍ତୁ ନାହିଁ।
- ପଶୁପକ୍ଷୀମାନଙ୍କୁ ସ୍ୱଚ୍ଛ ଥଣ୍ଡା ପିଇବା ପାଣି ପିଇବାକୁ ଦିଅନ୍ତୁ ଏବଂ ବାହାରର ନାଳ, ନର୍ଦ୍ଦମା ବା ପୋଖରୀର ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ।
- ପ୍ରାଣୀଙ୍କ ବିଶ୍ରାମ ସ୍ଥାନ ବା ଗୋଠରେ ଜଳକୁଣ୍ଡର ବ୍ୟବସ୍ଥା କରନ୍ତୁ।
- ଗୁହାଳର ଆଜ୍‌ବେଷ୍ଟସ କିମ୍ବା ଟିଣ ଛପର ଉପରେ ନଡ଼ା କିମ୍ବା କଞ୍ଚା ଡ଼ାଳପତ୍ର ବିଛାଇ ରଖନ୍ତୁ।
- ଗୁହାଳ ଓ କୁକୁଡ଼ା ଘର କବାଟ ଝରକାରେ ଜାଲି ଥିବା ଓଦା ଅଖା ଝୁଲାନ୍ତୁ ଏବଂ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ।
- ପ୍ରାଣୀଙ୍କୁ ଦିନକୁ ଥରେ କମ୍ବା ଆବଶ୍ୟକସ୍ଥଳେ ୨ ରୁ ୩ଥର ଗାଧୋଇ ଦିଅନ୍ତୁ।
- କୁକୁଡ଼ା ଘରର ଲିଟରକୁ ଉପଯୁକ୍ତ ପରିଚାଳନା କରିବା ସଙ୍ଗେ ସଙ୍ଗେ ପିଇବା ପାଣି ପ୍ରତି ୨-୩ ଘଂଟା ବ୍ୟବଧାନରେ ବଦଳାନ୍ତୁ।
- ପ୍ରାଣୀଙ୍କୁ ସକାଳେ ଓ ସନ୍ଧ୍ୟାବେଳେ ପୁଷ୍ଟିକର ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେବା ସହିତ ଦିନରେ ସବୁଜ ଘାସ, ନଡ଼ା, କୁଟା ଆଦି ଗାଇକୁ ଖାଇବାକୁ ଦିଅନ୍ତୁ।
- **ପ୍ରାଣୀଙ୍କୁ ଅଂଶୁଘାତ ହେବାର ଲକ୍ଷଣଗୁଡ଼ିକ ହେଲା :** ପଶୁପକ୍ଷୀମାନେ କିଛି ଖାଆନ୍ତି ନାହିଁ, କ୍ଷୀଣ ଦୁର୍ବଳ ଅବସନ୍ନ ଦେଖାଯାନ୍ତି, ଶ୍ୱାସକ୍ରିୟା ଓ ନାଡ଼ିର ବେଗ ବଢ଼ିଯାଏ, ପାଟି ବାଟେ ନିଶ୍ୱାସ ନେବା ସହିତ ଧକେଇ ହୁଅନ୍ତି, ଜିଭ ପଦାକୁ ସମୟେ ସମୟେ ବାହାରିଥାଏ, ପାଟିରୁ ଓ ନାକପୁଡ଼ାରୁ ଫେଣ ପରି ନିର୍ଗତ ହୁଏ, ଆଖିର ଶ୍ଳେଷ୍ମାଝିଲ୍ଲୀ ଲାଲ ଦିଶେ, ଫୁସ୍‌ଫୁସ୍‌ର ଗତି ବଦଳିଯାଏ, ଶରୀରର ଉତ୍ତାପ ୧୦୬-୧୧୦ ଡିଗ୍ରୀ ଫାରେନ୍‌ହାଇଟ ବୃଦ୍ଧି ପାଇ ସ୍ଥିର ରୁହେ, ଶ୍ୱାସକେନ୍ଦ୍ର ଏବଂ ସ୍ନାୟୁରେ ପକ୍ଷାଘାତ ବା ପାରାଲିସିସ୍ ହୁଏ, ଶେଷଆଡ଼କୁ ଶରୀରର ଉତ୍ତାପ କମିଯାଏ ଏବଂ ପ୍ରାଣୀମାନେ ମୃତ୍ୟୁବରଣ କରନ୍ତି।
- ପ୍ରାଣୀଙ୍କୁ ଅଂଶୁଘାତ ହେଲେ ଆକ୍ରାନ୍ତ ପ୍ରାଣୀଙ୍କୁ ତୁରନ୍ତ ଥଣ୍ଡା ଛାଇ ସ୍ଥାନକୁ ସ୍ଥାନାନ୍ତରିତ କରନ୍ତୁ, ପ୍ରଚୁର ଥଣ୍ଡା ପିଇବା ପାଣି ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ପରାମର୍ଶ ସହ ସ୍ଥାନୀୟ ନିୟୋଜିତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ବ୍ୟବସ୍ଥାର ସାହାଯ୍ୟ ନିଅନ୍ତୁ।



**"ମନେରଖନ୍ତୁ:ଅଂଶୁଘାତରୁ ପଶୁପକ୍ଷୀଙ୍କୁ ରକ୍ଷା କରିବା ଆପଣଙ୍କର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ। ଏଥିରେ ଅବହେଳା କରନ୍ତୁ ନାହିଁ।"**

**ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

06042/13/0001/1920



**BERHAMPUR UNIVERSITY**
BHANJA BIHAR, BERHAMPUR-760007 (ODISHA)
No. 2681/Store/19 Date:10/04/2019

**TENDER CALL NOTICE**

Sealed quotations superscribed with **"QUOTATION FOR HIRING VEHICLE"** are invited from **Regd. Transport Agencies/ Vehicle Owners (having fitness certificate and GST A/C)** for supply of **Mini Trucks akin to Tata-407** make on hired basis for transportation of examination related materials to different Colleges in Ganjam, Gajapati, Kandhamal, Koraput, Rayagada, Malkangirl and Nabarangapur District as and when required by the University during the FY 2019-2020.

Eligible bidders shall send the rate contract mentioning the fare per kilometer/ day on or before **04.05.2019 by 3.00 p.m.** along with the supportive documents to the undersigned by Speed Post/ Registered Post. The quotations will be opened the same day at **3.30 p.m.** by the undersigned in presence of the bidders/ their representatives. The undersigned reserves the right to cancel one of all quotations without assigning any reason thereof.

**Sd/- REGISTRAR**



**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 01/ET/SBP/ENGG/2019-20, ତା: 11.04.2019

**(1) ଇ-ଟେଣ୍ଡର ସଂ. 01-eT-DENC-SBP-19**
**କାର୍ଯ୍ୟର ନାମ :** 24 ମାସ ସମୟାବଧି ନିମନ୍ତେ ସମ୍ବଲପୁର ସ୍ଥିତ ଅଧିକାରୀ ବିଶ୍ରାମ ଗୃହ, ଅଧସ୍ତନ ବିଶ୍ରାମ ଗୃହ, ଅଧିକାରୀ ମନୋରଞ୍ଜନ କ୍ଲବ୍ , ବ୍ୟାଡ୍‌ମିଣ୍ଟନ୍ ହଲ୍, ରେଳବାଇ ବିଦ୍ୟୁତୀକରଣ ବିଶ୍ରାମଗୃହ (ସମ୍ବଲପୁର ଷ୍ଟେସନର ପ୍ରଥମ ମହଲା) ଏବଂ ସିନିୟର ସେକ୍ସନ ଇଞ୍ଜିନିୟର ଓ ଜୁନିୟର ଇଞ୍ଜିନିୟର ବିଶ୍ରାମଗୃହର ଯାନ୍ତ୍ରିକ ସଫେଇ ଓ ସ୍ୱଚ୍ଛତା (ବଜାୟ ରଖିବାପାଇଁ)ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹34,95,389.65, EMD : ₹ 70,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 24 (ଚବିଶି) ମାସ।

**(2) ଇ-ଟେଣ୍ଡର ସଂ. 02-eT-DENC-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ଠାରେ ସିୱେଜ୍ ପାଇପ୍ ନେଟ୍‌ୱାର୍କ ସହିତ 250 KLD କ୍ଷମତା ବିଶିଷ୍ଟ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍‌ର ନିର୍ମାଣ ତଥା 06 ମାସର ପ୍ରାରମ୍ଭିକ ରକ୍ଷଣାବେକ୍ଷଣ ଅବଧି ସମାପ୍ତ ହେବା ପରେ 03 ବର୍ଷ ନିମନ୍ତେ ଏହି ପ୍ଲାଣ୍ଟ୍‌ର ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,15,97,990.85, EMD : ₹ 2,08,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**(3) ଇ-ଟେଣ୍ଡର ସଂ. 03-eT-DENC-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବୃନ୍ଦାମାଲ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଓ 2 ର ପ୍ଲାଟ୍‌ଫର୍ମ କାନ୍ଥ, ଲପଙ୍ଗା ଠାରେ ପ୍ଲାଟ୍‌ଫର୍ମ ନଂ. 1 ଓ 2 ଏବଂ ବୃନ୍ଦାମାଲ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଓ 2 ର ପ୍ଲାଟ୍‌ଫର୍ମ ଚଟାଣର ଉନ୍ନତିକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,43,79,225.76, EMD : ₹ 2,71,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 04 (ଚାରି) ମାସ।

**(4) ଇ-ଟେଣ୍ଡର ସଂ. 01-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / କଣ୍ଟାବାଞ୍ଜିଙ୍କ ଅଧିକାରକ୍ଷେତ୍ର ଅଧିନରେ ବିବିଧ P.Way ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,98,08,450.46, EMD : ₹ 2,49,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(5) ଇ-ଟେଣ୍ଡର ସଂ. 02-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ମହାସମୁନ୍ଦଙ୍କ ଅଧିକାରକ୍ଷେତ୍ର ଅଧିନରେ ବିବିଧ P.Way ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,00,22,267.52, EMD : ₹ 2,50,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(6) ଇ-ଟେଣ୍ଡର ସଂ. 03-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଆରଙ୍ଗମହାନଦୀ - ରହେନବଟା ସେକ୍ସନରେ ଡ୍ରିସ୍ଟେମ୍ପର୍, ସ୍ନୋସେମ୍ (Snowcem) ଏବଂ ରଙ୍ଗ ଦ୍ୱାରା କର୍ମଚାରୀ ବାସଗୃହ ଓ ସର୍ଭିସ୍ ବିଲ୍ଡିଂ ଗୁଡ଼ିକର ମରାମତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,39,23,598.30, EMD : ₹ 2,19,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

**(7) ଇ-ଟେଣ୍ଡର ସଂ. 04-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବାଗବହରା ଏବଂ ଖରିଆରରୋଡ଼ ଷ୍ଟେସନ ଗୁଡ଼ିକରେ ଦ୍ୱିତୀୟ ଫୁଟ୍ ଓଭର ବ୍ରିଜ୍ ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,46,90,652.66, EMD : ₹ 2,73,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 04 (ଚାରି) ମାସ।

**(8) ଇ-ଟେଣ୍ଡର ସଂ. 05-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟଲାଗଡ଼-ଲାଞ୍ଜିଗଡ଼ ରୋଡ଼ ସେକ୍ସନରେ 15 ସଂଖ୍ୟକ ଷ୍ଟୋନ୍ ସ୍ଲାବ୍ ବ୍ରିଜ୍ ଗୁଡ଼ିକର ପୁନଃନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹6,40,35,422.00, EMD : ₹ 4,70,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**(9) ଇ-ଟେଣ୍ଡର ସଂ. 01-eT-SDENE-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର / ବଲାଙ୍ଗିରଙ୍କ ଅଧିକାରକ୍ଷେତ୍ର ଅଧିନସ୍ଥ ବିଭିନ୍ନ ସ୍ଥାନରୁ କାର୍ଯ୍ୟସ୍ଥଳ / ଗୋଦାମ ଗୃହ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ଗୁଡ଼ିକର ପରିବହନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹77,79,002.96, EMD : ₹ 1,55,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 03.05.2019 ର 1500 ଘ. ରେ (ସମସ୍ତ ଟେଣ୍ଡର ଗୁଡ଼ିକ ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-35/K/19-20



> ବିଶ୍ୱକପ୍ ପାଇଁ ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ଇଂଲଣ୍ଡ ଓ ଭାରତକୁ ଫେଭରାଇଟ୍ କୁହାଯାଇପାରେ କିନ୍ତୁ ଏହି ମେଗା ଇଭେଣ୍ଟରେ ର୍ୟାଙ୍କିଙ୍ଗର ଗୁରୁତ୍ୱ ଖୁବ୍ କମ୍।
> —ଡେଲ୍ ଷ୍ଟେଇନ୍, ଦକ୍ଷିଣ ଆଫ୍ରିକାର ଭେଟେରାନ ପେସ୍ ବୋଲର



> ଭାରତୀୟ ଫୁଟ୍‌ବଲ ଦଳର ପରବର୍ତ୍ତୀ କୋଚ୍ ଚୟନ କରିବା ବେଳେ ପ୍ରାର୍ଥୀଙ୍କ ପ୍ରୋଫାଇଲ ଅନୁଧ୍ୟାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।
> —ବାଇଚୁଙ୍ଗ ଭୂଟିଆ, ପୂର୍ବତନ ଭାରତୀୟ ଅଧିନାୟକ



**ଆଜିର ମ୍ୟାଚ**

ନାଇଟ ରାଇଡର୍ସ
ବନାମ
ରୟାଲ ଚ୍ୟାଲେଞ୍ଜର୍ସ

ପ୍ରସାରଣ
ସ୍ଥାନ : କୋଲକାତା
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦର ସହଜ ବିଜୟ

ହାଇଦ୍ରାବାଦ, ୧୮।୪(ପି.ଟି.)

ଘରୋଇ ପରିବେଶରୁ ଫାଇଦା ଉଠାଇ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବାଦ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୩ତମ ମ୍ୟାଚ୍‌ରେ ଟେବୁଲ ଟପ୍ପର ଚେନ୍ନାଇ ସୁପର କିଙ୍ଗ୍ସକୁ ୧୯ଟି ବଲ ବାକିଥାଇ ୬ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏହି ଲୋ- ସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୫ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୧୬.୫ ଓଭରରେ ୪ ଉଇକେଟ ହରାଇ ୧୩୭ ରନ କରି ବିଜୟ ହାସଲ କରିଥିଲା। ଏଥିସହ ହାଇଦ୍ରାବାଦ ୮ଟି ମ୍ୟାଚ୍ ଖେଳି ୪ ଲେଖାଏ ବିଜୟ ଓ ପରାଜୟ ସହ ୮ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ଗୋଟିଏ ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନ ଅଧିକାର କରିଛି। ଅନ୍ୟପଟେ ପରାଜୟ ସତ୍ତ୍ୱେ ଚେନ୍ନାଇ ଶୀର୍ଷ ସ୍ଥାନ ବଜାୟ ରଖିଛି। ଚେନ୍ନାଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୭ ବିଜୟ ଓ ୨ ପରାଜୟ ସହ ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ଦ୍ରୁତ ୫୦ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ହାଇଦ୍ରାବାଦ ଓପନର ଡେଭିଡ ୱାର୍ନର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୩୩ରନ ଛୋଟିଆ ଟାର୍ଗେଟର ପିଛା କରି ହାଇଦ୍ରାବାଦ ସହଜରେ ବାଜି ମାରିଥିଲା। ଦୁଇ ତାରକା ତଥା ବିସ୍ଫୋରକ ଓପନର ଜନୀ ବେୟାରଷ୍ଟୋ ଓ ୱାର୍ନର ପୁଣିଥରେ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଦୃଢ ମୂଳଦୁଆ ପ୍ରଦାନ କରିଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୩୪ ବଲରୁ ଦ୍ରୁତ ୬୬ ରନ ସଂଗ୍ରହ କରିଥିଲେ। ୨୫ ବଲରୁ ୧୦ ଚୌକା ସହ ୱାର୍ନର ୫୦ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦୀପକ ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଏହାପରେ ଅଧିନାୟକ କେନ୍ ୱିଲିୟମସନ ୩ ଓ ଅଲରାଉଣ୍ଡର ବିଜୟ ଶଙ୍କର ୭ ରନ କରି ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦୀପକ ହୁଡା ୧୩ ରନ କରିଥିବାବେଳେ କର୍ନ ଶର୍ମାଙ୍କ ଶିକାର ହୋଇଥିଲେ। ବେୟାରଷ୍ଟୋ ୪୪ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୩ ଛକା ସହ ୬୧ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ୟୁସୁଫ ପଠାନ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ତାହିର ୨, ଦୀପକ ଓ କର୍ନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଚେନ୍ନାଇ ଭଲ ଆରମ୍ଭ କରିଥିଲା। ତେବେ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ନିୟମିତ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ଓପନିଂ ଯୋଡିରେ ଶେନ ୱାଟସନ ଓ ଫାଫ୍ ଡୁପ୍ଲେସି ୫୯ ବଲରେ ୭୯ ରନ ସଂଗ୍ରହ କରିଥିଲେ। ୱାଟସନ ୩୧(୨୯ ବଲ, ୪ ଚୌକା) ଓ ଡୁପ୍ଲେସି ୪୫ (୩୧ ବଲ, ୩ ଚୌକା, ୩ ଛକା) ରନ କରି ଆଉଟ ହେବା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। କାମଚଳା ଅଧିନାୟକ ସୁରେଶ ରାଇନା ୧୩ ବଲରୁ ୨ ଚୌକା ସହ ମାତ୍ର ୧୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଦର ଯାଦବ ୧ ରନ କରି ଆଉଟ୍ ହୋଇଥିବାବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ସାମ ବିଲିଙ୍ଗ୍ସ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ୨୧ ବଲରୁ ୨ ଚୌକା ୨୫ ଓ ରବୀନ୍ଦ୍ର ଜାଡେଜା ୨୦ଟି ବଲ ଖେଳି ମନ୍ଥର ୧୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଆଫଗାନ ତାରକା ସ୍ପିନର ରସିଦ ଖାଁ ୨, ଖଲିଲ ଅହମ୍ମଦ, ଶାହାବାଜ ନଦିମ୍ ଓ ବିଜୟ ଶଙ୍କର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଡେଭିଡ ୱାର୍ନର।

**ସଂକ୍ଷିପ୍ତ ସ୍କୋର**

- ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୩୨/୫ (ଡୁପ୍ଲେସି- ୪୫, ୱାଟସନ- ୩୧, ରାୟୁଡୁ- ୨୫*, ରସିଦ- ୨/୧୭, ଖଲିଲ- ୧/୨୨, ନଦିମ୍- ୧/୨୪, ଶଙ୍କର- ୧/ ୧୧)।
- ସନରାଇଜର୍ସ ହାଇଦ୍ରାବାଦ ୧୬.୫ ଓଭରରେ ୧୩୭/୪ (ବେୟାରଷ୍ଟୋ- ୬୧*, ୱାର୍ନର- ୫୦, ତାହିର- ୨/୨୦, ଚହର- ୧/୩୧, କର୍ନ- ୧/୩୩)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୯ | ୭ | ୨ | ୧୪ | ୦.୧୦୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୫ | ୩ | ୧୦ | ୦.୨୪୪ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | -୦.୦୧୫ |
| ସନ୍‌ରାଇଜର୍ସ | ୮ | ୪ | ୪ | ୮ | ୦.୫୪୯ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | -୧.୧୧୪ |

## ବିରାଟ, ରାଇନାଙ୍କ ପରେ ଏଲିଟ୍ କ୍ଲବରେ ରୋହିତ୍

ନୂଆଦିଲ୍ଲୀ, ୧୮।୪

ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ମ୍ୟାଚ୍ ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ମୁମ୍ବାଇ ଅଧିନାୟକ ରୋହିତ୍ ଶର୍ମା ଯଦି ଆଉ ୧୨ ରନ୍ ସଂଗ୍ରହ କରନ୍ତି ତେବେ ସେ ୩ୟ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଟି୨୦ କ୍ରିକେଟରେ ୮ ହଜାର ରନ୍ କରିବାର କୀର୍ତ୍ତିମାନ କରିବେ। ପୂର୍ବରୁ ଚେନ୍ନାଇ ସୁପର୍ କିଙ୍ଗ୍ସର ସୁରେଶ ରାଇନା ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲି ଏହି ଏଲିଟ୍ କ୍ଲବରେ ସାମିଲ ହୋଇସାରିଛନ୍ତି। ଓଭରଅଲ୍ ଟି୨୦ କ୍ରିକେଟରେ ରାଇନା ୨୯୫ ଇନିଂସରୁ ୮୨୧୬ ରନ ସଂଗ୍ରହ କରି ଭାରତୀୟ ଭାବେ ଶୀର୍ଷରେ ରହିଥିବାବେଳେ ତାଙ୍କ ପଛକୁ କୋହଲି (୮,୧୮୩) ୨ୟ ସ୍ଥାନରେ ରହିଛନ୍ତି। ତେବେ ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପନର୍ କ୍ରିସ ଗେଲ୍ ବିଶ୍ୱରେ ଟି୨୦ କ୍ରିକେଟରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହେବାର ରେକର୍ଡ କରିଛନ୍ତି। ସେ ୧୨,୬୭୦ ରନ କରିଥିବାବେଳେ ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକକୁଲମ (୯୯୨୨) ଓ ଅନ୍ୟତମ ୱେଷ୍ଟଇଣ୍ଡିଜ କ୍ରିକେଟର କିରନ ପୋଲାର୍ଡ (୯୯୨୨) ଟପ୍-୩ରେ ରହିଛନ୍ତି। ଏହି ତାଲିକାରେ ରାଇନା, କୋହଲି ଓ ରୋହିତ୍ ଯଥାକ୍ରମେ ୬ଷ୍ଠ, ୭ମ ଓ ୮ମ ସ୍ଥାନରେ ରହିଛନ୍ତି।

**ସଂକ୍ଷେପରେ**

### ଲିଭରପୁଲ-ବାର୍ସିଲୋନା ସେମିଫାଇନାଲ

ପୋର୍ଟୋ (ପର୍ତ୍ତୁଗାଲ), ୧୮।୪(ଏଏଫ୍‌ପି)- ୟୁରୋପର ବଛା ବଛା ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଚାଲିଥିବା ଚାମ୍ପିୟନ୍ସ ଲିଗ୍ ପ୍ରତିଯୋଗିତାର ସେମିଫାଇନାଲରେ ଲିଭରପୁଲ ଦଳ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ୨ୟ ଲେଗ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଇଂଲିଶ କ୍ଲବ ଲିଭରପୁଲ ୪-୧ ଗୋଲରେ ଘରୋଇ ଏଫ୍‌ସି ପୋର୍ଟୋକୁ ପରାସ୍ତ କରଛି। ବିଜୟୀ ଦଳ ପକ୍ଷରୁ ସାଡିଓ ମାନେ (୨୬ତମ ମିନିଟ୍), ମହମ୍ମଦ ସାଲ୍ହା (୬୫ତମ), ରବର୍ଟ ଫିର୍ମିନୋ (୭୭ତମ) ଓ ଭିର୍ଗିଲ ଭାନ୍ ଡିଜେକ୍ (୮୪ତମ) ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଭିର୍ଗିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଗତ ସପ୍ତାହରେ ଖେଳାଯାଇଥିବା ପ୍ରଥମ ଲେଗ୍ କ୍ୱାର୍ଟର ଫାଇନାଲକୁ ମଧ ଲିଭରପୁଲ ୨-୦ରେ ଜିତିଥିଲା। ଫଳରେ ୨ଟି ଯାକ କ୍ୱାର୍ଟର ଫାଇନାଲର ଫଳାଫଳ ଅନୁଯାୟୀ ଲିଭରପୁଲକୁ ୬-୧ ଗୋଲରେ ବିଜୟୀ ଘୋଷିତ କରାଯାଇଥିଲା। ସେମିଫାଇନାଲରେ ଲିଭରପୁଲର ମୁକାବିଲା ୟୁରୋପ୍ ମହାଦେଶର ଅନ୍ୟତମ ଶକ୍ତିଶାଳୀ କ୍ଲବ ବାର୍ସିଲୋନ ସହ ହେବ।

### ନାଡାଲଙ୍କ ବିଜୟ ଅଭିଯାନ

ମୋନାକୋ, ୧୮।୪- କ୍ଲେ କୋର୍ଟର ରାଜା ଭାବେ ପରିଚିତ ସ୍ପେନର ରାଫାଲ ନାଡାଲ ଏଠାରେ ଚାଲିଥିବା ମଣ୍ଟେ କାର୍ଲୋ ମାଷ୍ଟର୍ସ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସିଜନରେ ନିଜର ପ୍ରଥମ କ୍ଲେ କୋର୍ଟ ମ୍ୟାଚ୍ ଖେଳିଥିବା ନାଡାଲ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨'ର ଏକ ମୁକାବିଲା ୬-୧, ୬-୧ ସିଧାସଳଖ ସେଟ୍‌ରେ ରବୋର୍ଟ ବୌତିଷ୍ଟାଙ୍କୁ ପରାସ୍ତ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ନାଡାଲଙ୍କ ମୁକାବିଲା ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭାଙ୍କ ସହ ହେବ। ଦିମିତ୍ରୋଭାଙ୍କ ବିପକ୍ଷରେ ନାଡାଲ ୧୨ଟି ମ୍ୟାଚ୍ ଖେଳିଥିବାବେଳେ ସେଥିରୁ ସେ ୧୧ ମ୍ୟାଚ୍‌ରେ ବିଜୟୀ ଲାଭ କରିଛନ୍ତି। ଯଦି ଏଠାରେ ନାଡାଲ ଚାମ୍ପିୟନ ହୁଅନ୍ତି ତେବେ ରେକର୍ଡ ଦ୍ୱାଦଶଥର ଲାଗି ଏହି ସମ୍ମାନଜନକ ଟ୍ରଫି ହାସଲ କରିବେ। ତୃତୀୟ ସିଡ୍ ଆଲେକ୍ସଜାଣ୍ଡର ଜେଭରେଭ, ଡୋମିନିକ ଥିଏମ, ଡାନିଲ ମେଡଭେଡେଭ ଓ ଫାବିଓ ଫୋଗନିନି ମଧ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# କର ବା ମର ସ୍ଥିତିରେ ବାଙ୍ଗାଲୋର

କୋଲକାତା, ୧୮।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୫ତମ ମୁକାବିଲାରେ ଶୁକ୍ରବାର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବାଙ୍ଗାଲୋର ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଲିଗ୍‌ରେ ପ୍ଲେ- ଅଫ୍ ଆଶ ବଜାୟ ରଖିବାକୁ ହେଲେ ବାଙ୍ଗାଲୋରକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। ବାଙ୍ଗାଲୋର ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ନିହାତି ମାମୁଲି ପ୍ରଦର୍ଶନ କରି ଗୋଟିଏ ବିଜୟ ଓ ୭ଟି ପରାଜୟ ସହ ୨ ପଏଣ୍ଟ ପାଇ ତାଲିକାର ଅନ୍ତିମ ତଥା ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟପଟେ ଦ୍ୱିତୀୟ ସ୍ଥାନରେ ରହିଥିବା କୋଲକାତା କ୍ରମାଗତ କୋଡୋଟି ପରାଜୟବରଣ କରି ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନକୁ ଖସିଛି। ଫଳରେ କୋଲକାତାର ଆତ୍ମବିଶ୍ୱାସ ଦୋହଲିଯାଇଛି। ଏପରିସ୍ଥଳେ ସୁଯୋଗର ସଦ୍ ବ୍ୟବହାର କରି ବାଙ୍ଗାଲୋର ବିଜୟୀ ହେବାକୁ ପ୍ରୟାସ କରିବ। କୋଲକାତା ଷ୍ଟାର ଖେଳାଳି ତଥା ଡେଞ୍ଜରମ୍ୟାନ ଆନ୍ଦ୍ରେ ରସେଲ ଅଭ୍ୟାସ ବେଳେ ବଲ୍ ବାଜିବା କାରଣରୁ କାନ୍ଧରେ ଆଘାତ ପାଇଛନ୍ତି। ସେ ମଧ ପୂର୍ବରୁ ଗତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ସହଜ ଅନୁଭବ କରୁ ନ ଥିଲେ ଓ ଚଳିତ ସଂସ୍କରଣରେ ପ୍ରଥମଥର ପାଇଁ ବ୍ୟାଟିଂରେ ବିଫଳ ହୋଇଥିଲେ। ରସେଲଙ୍କ ଉପରେ କୋଲକାତା ଅତ୍ୟଧିକ ନିର୍ଭରଶୀଳ ହେବା ମଧ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହାପୂର୍ବରୁ ରସେଲ ନିଜ ଦମ୍‌ଦାର ବ୍ୟାଟିଂ ବଳରେ କୋଲକାତାକୁ ଏକାଧିକ ମ୍ୟାଚ୍ ବିଜୟୀ କରାଇଛନ୍ତି। ତେବେ ସେ ଫିଟ୍ ହୋଇ ଖେଳିବେ କି ନା ତାହା ଦେଖିବାକୁ ବାକି ରହିଲା। ସେ ନ ଖେଳିଲେ କୋଲକାତାର ସମସ୍ୟ ଦ୍ୱିଗୁଣିତ ହେବ। ପ୍ଲେ- ଅଫ୍ ସ୍ଥାନ ହାସଲ କରିବାକୁ ହେଲେ କୋଲକାତାକୁ ବାକିଥିବା ୬ଟି ମ୍ୟାଚ୍‌ରୁ ଅତିକମ୍‌ରେ ୪ଟି ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଏଥିମଧ୍ୟରୁ ୩ ମ୍ୟାଚ୍ ଘରୋଇ ଇଡେନ ଗାର୍ଡନ ଗ୍ରାଉଣ୍ଡରେ ଖେଳାଯିବ।

ଅପରପକ୍ଷରେ ବାଙ୍ଗାଲୋରର ଦୁଇ ତାରକା ତଥା ଅଭିଜ୍ଞ ଖେଳାଳି ଏବି ଡିଭିଲର୍ସ ଓ କୋହଲିଙ୍କ ଆନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଦଳଗତ ପ୍ରଦର୍ଶନ କରିବାରେ ବାଙ୍ଗାଲୋର ବିଫଳ ହୋଇଛି। ଦଳର ଦ୍ରୁତ ବୋଲିଂରେ ସମସ୍ୟା ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଛି। ଯୁବ ବୋଲର ନବଦୀପ ସଇନି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସିନିୟର ଦ୍ରୁତ ବୋଲର ଉମେଶ ଯାଦବ ୯.୨୬ ରନ ହାରରେ ମୋଟ ୨ଟି ଉଇକେଟ ହାସଲ କରି ଫ୍ଲପ୍ ସାବ୍ୟସ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନ୍ ଆହତ ନାଥନ କଲ୍ଟର- ନିଲଙ୍କ ସ୍ଥାନରେ ସାମିଲ ହେବେ। ଏହାହେଲେ ଦଳର ଦ୍ରୁତ ବୋଲିଂ ବିଭାଗ ଶକ୍ତିଶାଳୀ ହେବ। କୋହଲି ଓ ଡିଭିଲର୍ସ ଯୋଡି ପୁଣି ଥରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଅନ୍ୟପଟେ କୋଲକାତା ଦ୍ରୁତ ବୋଲର ଆଭରେଜ ପ୍ରଦର୍ଶନ କରିଛନ୍ତି। ସ୍ପିନରମାନେ ଉଇକେଟ ପାଇଁ ସଂଘର୍ଷ କରୁଥିବାର ଦେଖାଯାଇଛି। ବ୍ୟାଟିଂ ଫ୍ରେଣ୍ଡଲି ଇଡେନ ଗାର୍ଡେନ ଉଇକେଟରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବିଶ୍ୱକପ୍ ଭାରତୀୟ ଦଳରେ ସ୍ଥାନ ପାଇଥିବା କୋଲକାତା ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ଉପରେ ଏବେ ସମସ୍ତଙ୍କ ନଜର। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ପଛରେ ପକାଇ ଚୟନକର୍ତ୍ତାମାନେ କାର୍ତ୍ତିକଙ୍କୁ ଦଳରେ ସାମିଲ କରିଥିଲେ। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି ଓ ତାଙ୍କର ହାରାହାରି ରନ ସଂଗ୍ରହ ରହିଛି ୧୮.୫୦।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଇଂ. ଅପୂର୍ବ କୃଷ୍ଣ କମିଳା
ଆବିର୍ଭାବ: ୨୧।୧୨।୧୯୩୬
ତିରୋଧାନ: ୩୧।୦୩।୨୦୧୮
(ଚୈତ୍ର ପୂର୍ଣ୍ଣିମା ହିଙ୍ଗୁଳା ଯାତ୍ରା)
ଏହି ପୁଣ୍ୟ ଦିବସରେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ପରମେଶ୍ୱରଙ୍କ ପାଖକୁ ଚାଲିଗଲ। ତୁମର କାର୍ଯ୍ୟକଳାପ ଅଧ୍ୟବସାୟ ଏବଂ ଆଦର୍ଶ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ତୁମର ଆଦର୍ଶ, ପ୍ରେରଣା, ଆମ ସମସ୍ତଙ୍କୁ ଶକ୍ତି, ସାହସ ପ୍ରଦାନ କରୁ ଏବଂ ଆମ ଜୀବନର ଚଲାପଥକୁ ସୁଗମ କରୁ। ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ତୁମର ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ। ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୫୬୩୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗଗନ ବିହାରୀ ଦାସ
ଆବିର୍ଭାବ: ୧୯୫୭
ତିରୋଧାନ: ୦୯।୦୪।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ- ଲିଟୁ ଏବଂ ନିଲୁ, ଝିଅ- ସିଲି, ଜ୍ୱାଇଁ-ପିଣ୍ଟୁ।
ଧ-୧୨୨୨୩

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର-ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ-ଦିପ୍ତାଂଶୁ କିରଣ କର, ଝିଅ-ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ। ଧ-୧୨୧୮୧

### ରୋସୋଙ୍କୁ ଆଇସିସିର ଶ୍ରଦ୍ଧାଞ୍ଜଳି



ଦୁବାଇ, ୧୮।୪(ପି.ଟି.)- ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡର ପୂର୍ବତନ ମୁଖ୍ୟ ପ୍ୟାଟ୍ରିକ୍ ରୋସୋଙ୍କ ପରଲୋକରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରୋସୋଙ୍କୁ ୮୫ ବର୍ଷ ହୋଇଥିଲା। ସେ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ କାର୍‌ବିୟନ କ୍ରିକେଟ ମୁଖ୍ୟ ଥିଲେ। ସେ ଆଇସିସି ବୋର୍ଡର ମଧ ଜଣେ ସଦସ୍ୟ ଥିଲେ। ୨୦୦୭ରେ ୱେଷ୍ଟଇଣ୍ଡିଜରେ ପ୍ରଥମ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଆୟୋଜନ ପଛରେ ତାଙ୍କର ବିଶେଷ ଭୂମିକା ଥିଲା। ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନେ ତାଙ୍କର ଏକ ବିବୃତିରେ କହିଛନ୍ତି, ରୋସୋ ଆଇସିସି ବୋର୍ଡରେ ଜଣେ ସମ୍ମାନସ୍ପଦ ସଦସ୍ୟ ଥିଲେ। ଗେମ୍ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ ତାଙ୍କର ଅବଦାନ ପ୍ରଶଂସନୀୟ। ତାଙ୍କ ବିୟୋଗରେ କ୍ରିକେଟ ଜଗତ ଶୋକ ପ୍ରକାଶ କରୁଛି।

# ପଞ୍ଜାବ-ଗୋଆ, ସର୍ଭିସେସ୍-କର୍ନାଟକ ସେମିଫାଇନାଲ

**ସନ୍ତୋଷ ଟ୍ରଫି**

ଲୁଧିଆନା, ୧୮।୪(ପି.ଟି.)

ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଏହି ପର୍ଯ୍ୟାୟରେ ଶୁକ୍ରବାର ପଞ୍ଜାବ ଗୋଆ ସହିତ ମୁକାବିଲା କରିବାକୁ ଥିବାବେଳେ ସର୍ଭିସେସ୍‌କୁ କର୍ନାଟକ ଭେଟିବ। ସୂଚନାଯୋଗ୍ୟ, ଜୋନାଲ କ୍ୱାଲିଫାୟର୍ସ ପରେ ୧୦ଟି ଦଳ ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ସର୍ଭିସେସ୍, ଗୋଆ, ଦିଲ୍ଲୀ, ମେଘାଳୟ ଏବଂ ଓଡ଼ିଶା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବାବେଳେ କର୍ନାଟକ, ମହାରାଷ୍ଟ୍ର, ଆସାମ, ସିକ୍କିମ ଏବଂ ଘରୋଇ ଦଳ ପଞ୍ଜାବ ଗ୍ରୁପ୍ ବି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ଏ'ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀକୁ ପଛରେ ପକାଇ ସର୍ଭିସେସ୍ ଓ ଗୋଆ ୧୦ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ। ଗ୍ରୁପ୍ ବି'ରେ ପଞ୍ଜାବ ଘରୋଇ ଦର୍ଶକଙ୍କ ସମର୍ଥନ ପାଇ ପ୍ରଭାବୀ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପଛରେ ପକାଇ ଦେଇଥିଲା। ଦଳ ଏକ ରୋମାଞ୍ଚକ ମ୍ୟାଚ୍‌ରେ କର୍ନାଟକକୁ ୪-୩ ଗୋଲରେ ପରାସ୍ତ କରିଥିଲା। ଆୟୋଜକ ପଞ୍ଜାବ ୯ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଥିବା ବେଳେ ଉଭୟ କର୍ନାଟକ ଓ ମହାରାଷ୍ଟ୍ର ୭ ପଏଣ୍ଟ ଲେଖାଏଁ ହାସଲ କରିଥିଲେ। ମହାରାଷ୍ଟ୍ର ୫-୦ରେ ସିକ୍କିମକୁ ହରାଇ ଦେଇଥିଲା। ଶୁକ୍ରବାର ପ୍ରଥମ ସେମିଫାଇନାଲରେ ୮ଥର ଚାମ୍ପିୟନ ପଞ୍ଜାବ ୫ଥର ଚାମ୍ପିୟନ ଗୋଆକୁ ଭେଟିବ।

ପଞ୍ଜାବର ସୁଖପ୍ରୀତ୍ ସିଂ ଚମତ୍କାର ଫର୍ମରେ ଅଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସେ ବ୍ୟକ୍ତିଗତ ୩ଟି ଗୋଲ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ଗୋଆର ଦୁଇ ଖେଳାଳି ଗୋଲ ସ୍କୋର ତାଲିକାରେ ସ୍ଥାନ ପାଇଛନ୍ତି। ୧୯ ବର୍ଷୀୟ ଲାଲାମପୁଇଆ ଟପ୍ ସ୍କୋରର ରହିଛନ୍ତି। ମିଜୋରାମ ଜନ୍ମିତ ଏହି ଷ୍ଟ୍ରାଇକର ଇତିମଧ୍ୟରେ ୪ଟି ଗୋଲ କରିସାରିଛନ୍ତି। ଲାଲାମପୁଇଆଙ୍କ ବ୍ୟତୀତ ଗୋଆ ଦଳରେ ଅଭିଜ୍ଞ ଜୋଚିମ୍ ଆବ୍ରାଞ୍ଚେସ୍ ରହିଛନ୍ତି। ୩୩ ବର୍ଷୀୟ ଏହି ଖେଳାଳିଙ୍କର ଇଷ୍ଟ ବେଙ୍ଗଲ, ଏଫ୍‌ସି ପୁଣେ ସିଟି ଏବଂ ଏଫ୍‌ସି ଗୋଆ ଭଳି ଟପ୍ କ୍ଲବରେ ଯଥେଷ୍ଟ ଅଭିଜ୍ଞତା ରହିଛି। ଏହି ସଂସ୍କରଣରେ ସେ ୩ଟି ଗୋଲ ସ୍କୋର କରିସାରିଲେଣି।

ଦ୍ୱିତୀୟ ସେମିଫାଇନାଲରେ ଖେଳିବାକୁ ଥିବା ସର୍ଭିସେସ୍ ଗ୍ରୁପ୍ ଏ'ର ଟପ୍ପର ରହିଛି। ଦଳର ବ୍ୟାକ୍‌ଲାଇନ୍ ଖୁବ୍ ଶକ୍ତିଶାଳୀ। ଦଳ ଖେଳିଥିବା ଏହାର ୪ଟି ମ୍ୟାଚ୍‌ରେ ମାତ୍ର ୨ଟି ଗୋଲବରଣ କରିଛି। ଦଳ ପକ୍ଷରୁ ଆକ୍ରମଣର ନେତୃତ୍ୱ ନେଇଥାନ୍ତି ଲାଲାମକିମା ଓ ବିକାଶ ଥାପ୍ପା। ମେଘାଳୟ ବିପକ୍ଷ ଗ୍ରୁପ୍ ବି'ର ଅନ୍ତିମ ଗେମ୍‌ରେ ଦଳର ୫-୦ ଗୋଲରେ ବିଜୟ ଉଲ୍ଲେଖନୀୟ। ଅନ୍ୟପକ୍ଷରେ କର୍ନାଟକ ତାହାର ଆଟାକ୍ ଲାଇନ୍ ଉପରେ ନିର୍ଭରଶୀଳ। ୨୦୧୮-୧୯ ସନ୍ତୋଷ ଟ୍ରଫି ଫାଇନାଲ୍ସରେ ଦଳ ସର୍ବାଧିକ ୧୨ ଗୋଲ ସ୍କୋର କରିଛି। କିନ୍ତୁ ଦଳର ଡିଫେନ୍ସ ଦୁର୍ବଳ ଥିବା ପରିଲକ୍ଷିତ ହୋଇଛି। ଦଳ ଏହାର ୪ଟି ମ୍ୟାଚ୍‌ରେ ୭ ଗୋଲ ବରଣ କରିଛି। ଏହାସତ୍ତ୍ୱେ ଦଳ ଗ୍ରୁପ୍ ବି' ଟେବୁଲରେ ଅଧିକ ସମୟ ପ୍ରଥମରେ ରହିଥିଲା। କିନ୍ତୁ ଅନ୍ତିମ ଗେମ୍‌ରେ ପଞ୍ଜାବଠାରୁ ୩-୪ ଗୋଲରେ ପରାସ୍ତ ହେବା ଦ୍ୱାରା ଦଳ ଶେଷରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଥିଲା।

CLASSIFIED DISPLAY















## ସଚିନଙ୍କ ସହ ରାତ୍ରିଭୋଜନ କଲେ ପୃଥ୍ୱୀ ଶ'

ନୂଆଦିଲ୍ଲୀ, ୧୮।୪- ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଗୁରୁବାର ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଲାଗି ଉଭୟ ଦଳ ଜୋର୍‌ଦାର ପ୍ରସ୍ତୁତି କରିଛନ୍ତି। ତେବେ ମ୍ୟାଚ୍ ପୂର୍ବରୁ ଦିଲ୍ଲୀର ଯୁବ ଓପନର୍ ପୃଥ୍ୱୀ ଶ'ଙ୍କ ପାଇଁ ବୁଧବାର ରାତି ବେଶ୍ ସ୍ମରଣୀୟ ହୋଇରହିବ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ମୁମ୍ବାଇ ପରାମର୍ଶଦାତା ରହିଥିବା ସଚିନ ତେନ୍ଦୁଲକରଙ୍କ ସହ ଶ' ଏକାଠି ଡିନର କରିବାର ସୁଯୋଗ ପାଇଥିଲେ। ଟିମ୍ ହୋଟେଲରେ ବୁଧବାର ରାତିରେ ଉଭୟ ସଚିନ ଓ ଶ' ଏକାଠି ବସି ରାତ୍ରିଭୋଜନ କରିଥିଲେ। ଏହାର ଏକ ଫଟୋ ପୃଥ୍ୱୀ ନିଜ ଟୁଇଟର୍ ପେଜ୍‌ରେ ଶେୟାର କରିଛନ୍ତି। 'ଏକ ସୁନ୍ଦର ଡିନର ଆୟୋଜନ କରିଥିବାରୁ ସଚିନ ସାର୍‌ଙ୍କୁ ଧନ୍ୟବାଦ। ଆପଣଙ୍କ ସହ ସାକ୍ଷାତ ସର୍ବଦା ଆନନ୍ଦ ଦେଇଛି' ବୋଲି ଏହି ଯୁବ ଓପନର୍ ଫଟୋତଳେ କ୍ୟାପସନରେ ଉଲ୍ଲେଖ କରିଛନ୍ତି। ଜଣେ ଭାଗ୍ୟବାନ ଖେଳାଳିଭାବେ ୧୯ ବର୍ଷୀୟ ପୃଥ୍ୱୀ ମେଣ୍ଟର ଭାବେ ବିଭିନ୍ନ ସମୟରେ ସଚିନ, ରାହୁଲ ଦ୍ରାବିଡ୍ (୧୯ ବର୍ଷରୁ କମ୍ ଭାରତୀୟ ଦଳ ସହ) ଓ ସୌରଭ ଗାଙ୍ଗୁଲି (ଦିଲ୍ଲୀ କ୍ୟାପିଟାଲ୍ସ ସହ)ଙ୍କ ନିକଟରୁ ଟିପ୍ସ ପାଇଛନ୍ତି। ତେବେ ଚଳିତ ଆଇପିଏଲ୍‌ରେ ତାଙ୍କ ବ୍ୟାଟିଂ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଶ' ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍ ଖେଳି ୨୩.୩୭ ଆଭରେଜରେ ୧୮୭ ରନ ସଂଗ୍ରହ କରିଛନ୍ତି। ଏଥିରେ ୯୯ ରନର ଏକ ଇନିଂସ ସାମିଲ ରହିଛି।

## ଟୋକିଓ ଅଲିମ୍ପିକ୍ସ: ସକାଳ ୬ରୁ ମାରାଥନ

ଟୋକିଓ, ୧୮।୪- କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଅଲିମ୍ପିକ୍ସର ୩୨ତମ ସଂସ୍କରଣ ୨୦୨୦ରେ ଜାପାନର ରାଜଧାନୀ ଟୋକିଓଠାରେ ଅନୁଷ୍ଠିତ ହେବ। ତେବେ ଅତ୍ୟଧିକ ଗରମକୁ ଦୃଷ୍ଟିରେ ରଖି ମାରାଥନ ଇଭେଣ୍ଟକୁ ସ୍ଥାନୀୟ ସମୟ ସକାଳ ୬ଟାରୁ ଆରମ୍ଭ କରିବାକୁ ଆୟୋଜକଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଅତ୍ୟଧିକ ଗରମରେ ମାରାଥନ ଅନୁଷ୍ଠିତ ହେଲେ ଧାବକଙ୍କ ହାର୍ଟଷ୍ଟ୍ରୋକ ସମେତ ଜୀବନପ୍ରତି ବିପଦ ଥିବାନେଇ ଜାପାନ ମିଡିଆ ପକ୍ଷରୁ ସତର୍କ କରାଯିବା ପରେ ଆୟୋଜକ ଏହି ନିଷ୍ପତ୍ତି ନେଇଛନ୍ତି। 'ଅଲିମ୍ପିକ ସମୟରେ ଅତ୍ୟଧିକ ଗରମ ସମେତ ଟାଇଫୁନର ସମ୍ଭାବନା ରହିଛି, ଯାହାକି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା' ବୋଲି ୨୦୨୦ ଟୋକିଓ ଅଲିମ୍ପିକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ତୋଶିରୋ ମୁଟୋ କହିଛନ୍ତି। ଆସନ୍ତାବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅଲିମ୍ପିକ ଅନୁଷ୍ଠିତ ହେବ। ପୁରୁଷ ୫୦ କିମି ମାରାଥନ ୫ଟା ୩୦ରୁ ଆରମ୍ଭ ହେବାକୁ ଥିବାବେଳେ ଟ୍ରାଇଥଲନ, ରଗ୍‌ବୀ ସେଭେନ୍ସ ପ୍ରମୁଖ ଇଭେଣ୍ଟକୁ ଗରମକୁ ଦୃଷ୍ଟିରେ ରଖି ଶୀଘ୍ର ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଜାପାନ ଶେଷଥର ପାଇଁ ୧୯୬୪ରେ ଅଲିମ୍ପିକ ଆୟୋଜନ କରିଥିଲା। ସେତେବେଳେ ଗରମରୁ ବର୍ତ୍ତିବା ଲାଗି ଏହା ଅକ୍ଟୋବରରେ ହୋଇଥିଲା। ଅପରପକ୍ଷରେ ରିଓରେ ଅନୁଷ୍ଠିତ ୨୦୧୬ ଅଲିମ୍ପିକ୍ସର ମାରାଥନ ଇଭେଣ୍ଟ ସ୍ଥାନୀୟ ସମୟ ସକାଳ ୯ଟା ୩୦ରୁ ଆରମ୍ଭ ହୋଇଥିଲା। ସେତେବେଳେ ସେଠାକାର ତାପମାତ୍ରା ୧୯ ଡିଗ୍ରୀ ସେଲ୍‌ସିୟସ ରହିଥିଲା।

# ଶ୍ରୀଲଙ୍କା, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

## ମାଥ୍ୟୁସ ଫେରିଲେ, ଚାଣ୍ଡିମଲ ନିରାଶ

କଲମ୍ବୋ, ୧୮।୪: ଆସନ୍ତା ମାସରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ଗୁରୁବାର ଶ୍ରୀଲଙ୍କା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳକୁ ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କ ସମେତ ମିଲିନ୍ଦ ସିରିବର୍ଦ୍ଧନେ, ଜୀବନ ମେଣ୍ଡିସ, ଲେଗ୍ ସ୍ପିନର ଜେଫ୍ରି ବନ୍ଦାରସେ, ଲାହିରୁ ଥିରିମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସିରିବର୍ଦ୍ଧନେ ଓ ବନ୍ଦାରସେ ଶେଷଥର ପାଇଁ ୨୦୧୭ରେ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ଦଳ ଘୋଷଣାର ଗୋଟିଏ ଦିନ ପୂର୍ବରୁ ଲସିଥ୍ ମାଲିଙ୍ଗାଙ୍କ ସ୍ଥାନରେ ନୂତନ ଅଧିନାୟକ ନିଯୁକ୍ତ ହୋଇଥିବା ଦିମୁଥ୍ କରୁଣାରତ୍ନେ ମଧ୍ୟ ୨୦୧୫ ପରଠାରୁ ଆଉ ଦିନିକିଆ କ୍ରିକେଟ ଖେଳିନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ଖେଳିଥିବା ଶ୍ରୀଲଙ୍କା ଦଳରୁ ନିରୋଶାନ ଡିକ୍‌ୱେଲା, ଅକିଲ ଧନଞ୍ଜୟ, ଦନୁଷ୍କା ଗୁଣଥିଲକ ଓ ଉପୁଲ ଥରଙ୍ଗାଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିନାହିଁ। ତେବେ ଦକ୍ଷିଣ ଆଫ୍ରିକା ଗସ୍ତରେ ସ୍ଥାନ ପାଇ ନ ଥିବା ପ୍ରାକ୍ତନ ଅଧିନାୟକ ଦୀନେଶ ଚାଣ୍ଡିମଲଙ୍କୁ ଖରାପ ଫର୍ମ ଲାଗି ବିଶ୍ୱକପ୍ ଦଳରୁ ମଧ୍ୟ ଅଣଦେଖା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ୪ଜଣ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ, ଜଣେ ଉଇକେଟ୍‌କିପର, ୬ ଜଣ ଅଲ୍‌ରାଉଣ୍ଡର, ୩ ଜଣ ଦ୍ରୁତ ବୋଲର ଓ ଜଣେ ସ୍ପେଶାଲିଷ୍ଟ ସ୍ପିନରଭାବେ ବନ୍ଦାରସେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କା ଚଳିତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ବିଜୟ ସ୍ୱାଦ ପାଇନାହିଁ। ୧୯୯୬ ବିଶ୍ୱକପ୍ ବିଜେତା ଶ୍ରୀଲଙ୍କା ଜୁନ ୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

**ଶ୍ରୀଲଙ୍କା ବିଶ୍ୱକପ୍ ଦଳ:** ଦିମୁଥ କରୁଣାରତ୍ନେ (ଅଧିନାୟକ), ଆଞ୍ଜେଲୋ ମାଥ୍ୟୁସ (ଉପଅଧିନାୟକ), ଥିସାରା ପେରେରା, କୁସଲ ପେରେରା (ଉଇକେଟ୍‌କିପର), ଧନଞ୍ଜୟ ଡି ସିଲ୍‌ଭା, କୁସଲ ମେଣ୍ଡିସ, ଇସୁରୁ ଉଦାନା, ମିଲିନ୍ଦ ସିରିବର୍ଦ୍ଧନେ, ଅଭିଷ୍କା ଫର୍ନାଣ୍ଡୋ, ଜୀବନ ମେଣ୍ଡିସ, ଲାହିରୁ ଥିରିମାନେ, ଜେଫ୍ରି ବନ୍ଦାରସେ, ଲସିଥ୍ ମାଲିଙ୍ଗା, ନୁଆନ ପ୍ରଦୀପ, ସୁରଙ୍ଗ ଲାକମଲ।



ଦିମୁଥ କରୁଣାରତ୍ନେ



ଫାଫ୍ ଡୁପ୍ଲେସି

## ଆମଲା ସାମିଲ

କେପ୍ ଟାଉନ୍, ୧୮।୪: ଆଗାମୀ ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରିଛି। ଆଉଟ୍ ଅଫ୍ ଫର୍ମ ଅଭିଜ୍ଞ ବ୍ୟାଟ୍ସମ୍ୟାନ ହାସିମ ଆମଲାଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଷ୍ଟାର ଅଲରାଉଣ୍ଡର କ୍ରିସ୍ ମୋରିସ୍‌ଙ୍କୁ ଚୟନକର୍ତ୍ତା ଅଣଦେଖା କରିଛନ୍ତି। ଡ୍ୱେନ ପ୍ରିଟୋରିୟସ ଓ ଆଣ୍ଡିଲ ଫେଲୁକ୍ୱାଓଙ୍କୁ ଦଳରେ ନିଆଯାଇଛି। ଇଞ୍ଜୁରି ସତ୍ତ୍ୱେ ଲୁଙ୍ଗି ଏନ୍‌ଗିଡି ଓ ଅନରିଚ୍ ନୋରଜଙ୍କୁ ସୁଯୋଗ ଦିଆଯାଇଛି। ଫାଫ୍ ଡୁପ୍ଲେସି ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବେ। ସେହିପରି ଅଭିଜ୍ଞ ବ୍ୟାଟ୍ସମ୍ୟାନ ଜେପି ଡୁମିନୀ ଓ ଅଭିଜ୍ଞ ଦ୍ରୁତ ବୋଲର ଡେଲ ଷ୍ଟେଇନ୍‌ଙ୍କ ଉପରେ ଚୟନକର୍ତ୍ତା ଭରସା କରିଛନ୍ତି। ସ୍ପିନ୍ ବିଭାଗରେ ଇମ୍ରାନ ତାହିରଙ୍କୁ ବାଦ୍ ଦେଲେ ତାବରେଜ ସାମସିଙ୍କୁ ମଧ୍ୟ ଦଳରେ ନିଆଯାଇଛି। କ୍ୱିଣ୍ଟନ ଡି କକ୍‌ଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ସ୍ପେଶାଲିଷ୍ଟ ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କୁ ଦଳରେ ସାମିଲ କରାଯାଇନାହିଁ। ପାର୍ଟଟାଇମ ଉଇକେଟକିପର ଡେଭିଡ ମିଲର ଡିକକ୍‌ଙ୍କ ବ୍ୟାକ୍ ରୂପେ ଦାୟିତ୍ୱରେ ରହିବେ। ଗତ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍‌ରେ ମିଲର ଉଇକେଟକିପିଂ କରିଥିଲେ ଓ ଦକ୍ଷିଣ ଆଫ୍ରିକା ୫-୦ରେ କ୍ଲିନ୍ ସୁଇପ୍ କରିଥିଲା। ମେ ୩୦ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

**ଦକ୍ଷିଣ ଆଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), କ୍ୱିଣ୍ଟନ ଡିକକ, ହାସିମ ଅମଲା, ଡେଭିଡ ମିଲର, ଜେ.ପି. ଡୁମିନୀ, ଏଡେନ ମାରକ୍ରାମ, ରସି ଭାନ ଡେର ଡୁସେନ, ଡ୍ୱେନ ପ୍ରିଟୋରିୟସ, ଆଣ୍ଡିଲ ଫେଲୁକ୍ୱାଓ, କାଗିସୋ ରାବାଡ଼ା, ଡେଲ ଷ୍ଟେଇନ୍, ଲୁଙ୍ଗି ଏନ୍‌ଗିଡି, ଆନରିଚ୍ ନୋରଜ, ଇମ୍ରାନ ତାହିର ଓ ତାବ୍ରେଜ ସାମସି।




## ଆମୀରଙ୍କ ସ୍ଥାନ ନାହିଁ

କରାଚୀ, ୧୮।୪(ପି.ଟି.): ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍ ପାଇଁ ଗୁରୁବାର ପାକିସ୍ତାନ ଦଳ ଘୋଷିତ ହୋଇଛି। ଆଉଟ୍ ଅଫ୍ ଫର୍ମ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଆମୀରଙ୍କୁ ଘୋଷିତ ୧୫ଜଣିଆ ଦଳରୁ ବାଦ୍ ଦିଆଯାଇଛି। ବ୍ୟାଟ୍ସମ୍ୟାନ ଅବିଦ୍ ଅଲିଙ୍କୁ ଦଳରେ ସାମିଲ କରାଯାଇଛି। ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମ-ଉଲ-ହକ ଏହି ଦଳ ଘୋଷଣା କରିଥିଲେ। ଦୁଇଜଣ ରିଜର୍ଭ ଖେଳାଳିଙ୍କ ନାମ ମଧ୍ୟ ସେ ଘୋଷଣା କରିଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ଦଳରେ ୧୧ଜଣ ଖେଳାଳିଙ୍କୁ ଏହି ଦଳରେ ବଜାୟ ରଖାଯାଇଛି ବୋଲି ସେ କହିଛନ୍ତି। ଏହି ଦଳ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାପ୍ରକାଶ କରି କହିଛନ୍ତି। ଚାମ୍ପିୟନ୍ସ ଟ୍ରଫି ପରେ ଆମୀର ୧୪ଟି ଦିନିକିଆ ଖେଳି ମାତ୍ର ୫ଟି ଉଇକେଟ ହାସଲ କରିଛନ୍ତି। ଫଳରେ ଚୟନକର୍ତ୍ତା ଆମୀରଙ୍କୁ ଅଣଦେଖା କରିଛନ୍ତି। ଅନ୍ୟପଟେ ଅଭିଜ୍ଞ ସୋଏବ ମଲିକ ଓ ମହମ୍ମଦ ହାଫିଜଙ୍କ ଉପରେ ଚୟନକର୍ତ୍ତା ଭରସା କରିଛନ୍ତି। ହାର୍ଡ ହିଟିଂ ବ୍ୟାଟ୍ସମ୍ୟାନ ଆସିଫ୍ ଅଲି ଓ ଅମାର ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଓ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ସାଇଡ ମ୍ୟାଚ୍ ପାଇଁ ରିଜର୍ଭ ଖେଳାଳିଭାବେ ଦଳରେ ସାମିଲ ହୋଇଛନ୍ତି ଇଞ୍ଜାମାମ ଘୋଷଣା କରିଛନ୍ତି।

**ପାକିସ୍ତାନ ବିଶ୍ୱକପ ଦଳ:** ସର୍ଫରାଜ ଅହମ୍ମଦ (ଅଧିନାୟକ), ଫଖାର ଜମାନ, ଇମାମ-ଉଲ-ହକ, ଅବିଦ ଅଲି, ବାବର ଆଜମ, ସୋଏବ ମଲିକ, ହାରିସ୍ ସୋହେଲ, ମହମ୍ମଦ ହାଫିଜ୍, ସଦାବ ଖାଁ, ଇମାଦ ୱାସିମ, ହାସନ ଅଲି, ଫହିମ ଆଶ୍ରଫ୍, ଶାହିନ ଶାହ ଆଫ୍ରିଦି, ଜୁନେଦ୍ ଖାଁ ଓ ମହମ୍ମଦ ହାସନେନ।

**ରିଜର୍ଭ ଖେଳାଳି:** ଆସିଫ ଅଲି ଓ ମହମ୍ମଦ ଆମୀର।



ସର୍ଫରାଜ ଅହମ୍ମଦ

## ଅବସର ନେଇପାରନ୍ତି ମାଲିଙ୍ଗା

ମୁମ୍ବାଇ, ୧୮।୪- ଶ୍ରୀଲଙ୍କାର ବରିଷ୍ଠ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ଆଗାମୀ ଆଇସିସି ବିଶ୍ୱକପ୍ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇପାରନ୍ତି। ଅବସର ନେଇ ମାଲିଙ୍ଗା ଏଭଳି ଏକ ସୂଚନା ଦେଇଛନ୍ତି, ଯାହା ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀଲଙ୍କା କ୍ରିକେଟରମାନଙ୍କ ହ୍ୱାଟସ୍‌ଅପ୍ ଗ୍ରୁପ୍‌ରେ ମାଲିଙ୍ଗା ସିଂହଳୀ ଭାଷାରେ ଲେଖାଥିବା ଏକ ମେସେଜ ଛାଡ଼ିଛନ୍ତି। 'ଆମେ ଆଉ କେବେ ଗ୍ରାଉଣ୍ଡରେ ଏକାଠି ଦେଖା ହୋଇପାରିବା ନାହିଁ। ଯେଉଁମାନେ ମୋତେ ସର୍ବଦା ସମର୍ଥନ କରୁଥିଲେ ଏବଂ ମୋ ପଛରେଥିଲେ ସମସ୍ତଙ୍କୁ ଭଗବାନଙ୍କ ଆଶୀର୍ବାଦ ରହୁ' ବୋଲି ମାଲିଙ୍ଗା ଏହି ମେସେଜରେ ଉଲ୍ଲେଖ କରିଛନ୍ତି। ତେବେ ମାଲିଙ୍ଗା ଯେଉଁ ସମୟରେ ଏହି ମେସେଜ ଛାଡ଼ିଥିଲେ ତାହା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ମାଲିଙ୍ଗା ଗୁରୁବାର ସକାଳ ୧୧ଟା ୨୨ ମିନିଟ୍‌ରେ ଏହି ମେସେଜ ଦେଇଥିଲେ, ଯାହାର ଠିକ୍ ଏକ ଘଣ୍ଟା ପୂର୍ବରୁ ତାଙ୍କ ନିକଟକୁ ଶ୍ରୀଲଙ୍କା ଚୟନ କମିଟିର ଅଧ୍ୟକ୍ଷ ଅଶନ୍ଥା ଡି ମେଲ୍‌ଙ୍କ ଫୋନ କଲ୍ ଆସିଥିଲା ବୋଲି ଜାଣିବାକୁ ମିଳିଛି। ତେବେ ଶ୍ରୀଲଙ୍କା କ୍ରିକେଟର ଜଣେ ଅଧିକାରୀ କହିଛନ୍ତି, ଯଦି ବିଶ୍ୱକପ୍ ଟିମ୍‌ରେ ସାମିଲ ହେଲାପରେ ମାଲିଙ୍ଗା ଅଫିସିଆଲି ଅବସର ନେଇ ସୂଚନା ଦିଅନ୍ତି ତେବେ ତାଙ୍କ ସ୍ଥାନରେ ବଦଳ ଖେଳାଳିଙ୍କୁ ନିଆଯିବ।





ଟାଉନ କ୍ଲବ ପଡ଼ିଆରେ ଗୁରୁବାର ଆରମ୍ଭ ହୋଇଥିବା କ୍ରିକେଟ ଦକ୍ଷତା ବିକାଶ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ କୋଚ୍‌ଙ୍କ ସହ।

## କ୍ରିକେଟ ଦକ୍ଷତା ବିକାଶ ଶିବିର

ଭୁବନେଶ୍ୱର, ୧୮।୪(କ୍ରୀଡ଼ା ପ୍ରତିନିଧି)- ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ଗୁରୁବାର ଆରମ୍ଭ ହୋଇଛି। ଏଥର ଭିନ୍ନ ଢଙ୍ଗରେ କରାଯାଉଥିବାରୁ ଏହାକୁ କ୍ରିକେଟ ଦକ୍ଷତା ବିକାଶ ଶିବିର କୁହାଯାଉଛି। ଏଥିରେ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଟାଉନ୍ କ୍ଲବ କ୍ରୀଡ଼ା ସମ୍ପାଦକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ମେ'୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଶିବିର ଦୁଇଟି ବୟସବର୍ଗ (୧୦ରୁ ୧୪ ଏବଂ ୧୫ରୁ ୧୯ ବର୍ଷ)ରେ ଅନୁଷ୍ଠିତ ହେଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତଥା ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଅଭିଜ୍ଞ ପ୍ରଶିକ୍ଷକ ମିର ସୟଦଉଦ୍ଦିନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଶିବିର ପରିଚାଳିତ ହେଉଛି। ସୟଦଉଦ୍ଦିନଙ୍କ ସହ ଅଭିଜ୍ଞ ଅଫ୍‌ସ୍ପିନର ସନ୍ଦିପ ରଥ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ଶିବିରରେ ଖେଳ କୌଶଳ ସହ ଖେଳାଳିଙ୍କ ଫିଟ୍‌ନେସ ଓ ଶାରୀରିକ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନୋଜ କହିଛନ୍ତି।

## ସର୍ବଭାରତୀୟ ଚେସ୍: ଶୀର୍ଷରେ ରାକେଶ

**କଟକ ଅଫିସ,୧୮।୪**

ତ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଅଲ ଇଣ୍ଡିଆ ଓପନ ଚେସ୍ ଚାମ୍ପିୟନଶିପରେ ଗୁରୁବାର ସୁଦ୍ଧା ଟୁର୍ନାମେଣ୍ଟର ୪ ରାଉଣ୍ଡ ଖେଳ ଶେଷ ହୋଇଛି । ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ରାକେଶ କୁମାର ଜେନା ୪ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି । ଗୁରୁବାର ଖେଳାଯାଇଥିବା ୩ୟ ରାଉଣ୍ଡରେ ରାକେଶ ରୁଦ୍ରନାରାୟଣଙ୍କୁ ଓ ୪ର୍ଥ ରାଉଣ୍ଡରେ ସୟନ ବଣିକଙ୍କୁ ହରାଇଥିଲେ। ପୂର୍ବରୁ ପ୍ରଥମ ରାଉଣ୍ଡରେ ରାକେଶ ପଶ୍ଚିମବଙ୍ଗର ଅନୁରାଗ ସରକାରଙ୍କୁ ଓ ଦ୍ୱିତୀୟ ରାଉଣ୍ଡରେ ପଶ୍ଚିମବଙ୍ଗର ସୌମ୍ୟା ଦାସଙ୍କୁ ହରାଇଥିଲେ। ଟୁର୍ନାମେଣ୍ଟର ଟପସିଡ଼ ଖେଳାଳି ଚେନ୍ନାଇ ପ୍ରତିଯୋଗୀ ତଥା ଗ୍ରାଣ୍ଡ ମାଷ୍ଟର ଆର୍.ଆର୍ ଲକ୍ଷ୍ମଣ ୪ ପଏଣ୍ଟ ପାଇ ସୁଦ୍ଧା ୯ମ ସ୍ଥାନରେ ରହିଛନ୍ତି । ଲକ୍ଷ୍ମଣ ୩ୟ ରାଉଣ୍ଡରେ ଶୁଭମ ରାୟଙ୍କୁ ଓ ୪ର୍ଥ ରାଉଣ୍ଡରେ ଆୟୁଷ ରବିକୁମାରଙ୍କୁ ପରାସ୍ତ କରିଥିଲେ । ଓଡ଼ିଶାର ଅନ୍ୟତମ ଇଣ୍ଟରନ୍ୟାଶନାଲ ମାଷ୍ଟର ଖେଳାଳି ଅନ୍ୱେଷ ଉପାଧ୍ୟାୟ ୪ ରାଉଣ୍ଡ ଶେଷ ସୁଦ୍ଧା ୩.୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛନ୍ତି । ପ୍ରଥମ ଦୁଇ ରାଉଣ୍ଡରେ ବିଜୟ ହୋଇଥିବା ଅନ୍ୱେଷ ୩ୟ ରାଉଣ୍ଡରେ ଅଶ୍ୱିନୀ କୁମାର ଗ୍ରୋଭରଙ୍କୁ ପରାସ୍ତ କରି ପଏଣ୍ଟ ସଂଖ୍ୟାରେ ୧ ବୃଦ୍ଧି କରିଥିଲେ । ମହମ୍ମଦ ଅନିଶଙ୍କ ସହ ଖେଳିଥିବା ୪ର୍ଥ ରାଉଣ୍ଡ ଅମୀମାଂସିତ ରହିବା ଫଳରେ ଅନ୍ୱେଷ ୩.୫ ପଏଣ୍ଟ ପାଇଛନ୍ତି । ବୁଧବାରଠାରୁ ଆରମ୍ଭ ହୋଇଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ଆସନ୍ତା ରବିବାର ଉଦ୍‌ଯାପିତ ହେବ ।

## ଧୋନୀଙ୍କ ପ୍ରଶଂସାରେ ଶତମୁଖ କୋହଲି

**ନୂଆଦିଲ୍ଲୀ, ୧୮।୪(ପି.ଟି.)**

ଜଣେ ଅଧିନାୟକଭାବେ ମହେନ୍ଦ୍ର ସିଂ ଧୋନୀ ଏକଦା ବିରାଟ କୋହଲିଙ୍କ ପ୍ରତି ଦୃଢ଼ ସମର୍ଥନ ଜଣାଇଥିଲେ। ଏହାକୁ ବିରାଟ ଭୁଲନ୍ତେ ବା କିପରି। ଏବେ ତାଙ୍କ ସମୟ ଆସିଛି। କୌଣସି ସମାଲୋଚନାକୁ ଖାତିର ନ କରି ସେ ଧୋନୀଙ୍କ ପ୍ରତି ନିଜର ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଇଂଲଣ୍ଡରେ ହେବାକୁଥିବା ଆଇସିସି ବିଶ୍ୱକପ ପାଇଁ ଘୋଷିତ ୧୫ ଜଣିଆ ଦଳ କମ୍ବିନେଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋହଲି। "ଭାରତୀୟ ଦଳକୁ ନେଇ କେତେକ ଅସନ୍ତୋଷ ପ୍ରକାଶ କରିବା ଦୁଃଖଦାୟକ। ମୋ ପାଇଁ ନିଷ୍ଠା ଓ ଆନୁଗତ୍ୟର ମହତ୍ତ୍ୱ ଅନେକ" ବୋଲି ବିରାଟ କହିଛନ୍ତି। ମୁଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବା ସମୟରେ କିଛି ଗେମ୍ ପରେ ସେ ଅନ୍ୟ କାହାକୁ ପରୀକ୍ଷା କରିବାର ବିକଳ୍ପ ଥିଲା। ମାତ୍ର ମୁଁ ସୁଯୋଗର ସଦ୍‌ବ୍ୟବହାର କରିଥିଲି। ମାତ୍ର ମୋ ପାଇଁ ସେପରି ସମର୍ଥନ ଜଣାଇବା ବାସ୍ତବିକ କଷ୍ଟକର। ଧୋନୀ ମୋତେ ୩ ନମ୍ବର ସ୍ଥାନରେ ବ୍ୟାଟିଂ ସୁଯୋଗ ଦେଇଥିଲେ, କାରଣ ସେହି ସ୍ଥାନରେ ଖେଳିବାକୁ ଅଧିକ ଯୁବ ଖେଳାଳି ନ ଥିଲେ ବୋଲି ନିଜ ସମୟକୁ ମନେ ପକାଇ ପ୍ରକାଶ କରିଛନ୍ତି କୋହଲି।

କେବଳ ପଡ଼ିଆ ସଜ୍ଜା ଏବଂ ବୋଲିଂରେ ପରିବର୍ତ୍ତନକୁ ନେଇ ଆମେ ଆଲୋଚନା କରିଥାଉ ଏବଂ ପରସ୍ପର ମତକୁ ସମ୍ମାନ ଦେଇଥାଉ। ମ୍ୟାଚ ପରିସ୍ଥିତିକୁ ପଢ଼ିବାରେ ଧୋନୀଙ୍କଠାରୁ ବଡ଼ ମାହିର ଖେଳାଳି ଆଉ କେହି ନାହାନ୍ତି ବୋଲି ବିରାଟ କହିଛନ୍ତି। "ସେ ଏକମାତ୍ର ବ୍ୟକ୍ତି ଯିଏକି ଗେମ୍‌ର ଅର୍ଥକୁ ଭଲଭାବେ ଜାଣିଛନ୍ତି। ପଡ଼ିଆରେ ପ୍ରଥମ ବଲ୍‌ରୁ ୩୦୦ ବଲ୍ (୫୦ ଓଭର) ପର୍ଯ୍ୟନ୍ତ ସେ ଗେମ୍‌କୁ ଭଲଭାବେ ବୁଝି ପାରନ୍ତି। ତାଙ୍କଭଳି ଜଣେ ମନୋଭାବ ସମ୍ପନ୍ନ ଖେଳାଳିଙ୍କୁ ଉଇକେଟ ପଛରେ ପାଇ ମୁଁ ଭାଗ୍ୟବାନ" ବୋଲି କୋହଲି କହିଛନ୍ତି। ଧୋନୀ, କୋଚ୍ ରବି ଶାସ୍ତ୍ରୀ ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ସହ ମିଶି ସେ ରଣନୀତି ପ୍ରସ୍ତୁତ କରିବାକୁ ଚାହିଁବେ ବୋଲି ସୂଚନା ଦେଇଛନ୍ତି। ଭାରତୀୟ ଦଳର ଚୟନ ହୋଇଥିବା ୧୫ ଖେଳାଳିଙ୍କୁ ନେଇ ମୁଁ ଖୁସି। ଏହା ଏକ ସନ୍ତୁଳିତ ଦଳ। ଏହାକୁ ନେଇ ସେ ରିଷଭ ପନ୍ତ ଓ ଅମ୍ବାତି ରାୟୁଡୁଙ୍କୁ ନେଇ ହେଉଥିବା ବିତର୍କ ଭିତରେ ପଶିବାକୁ ଚାହିଁନାହାନ୍ତି।




## ଦୁଗ୍ଧ ସଂଗ୍ରାହକ ସମବାୟ ସମିତିରେ ଅଗ୍ନିକାଣ୍ଡ

ତିର୍ତ୍ତୋଲ,୧୮।୪ (ଡି.ଏନ.ଏ.):ତିର୍ତ୍ତୋଲ ଥାନା ତେନ୍ତୁଳିପଦା ପଞ୍ଚାୟତର ଶାରଳାରୋଡସ୍ଥିତ ଶ୍ରୀରାମ-ସ୍ମିତିପ୍ରଜ୍ଞା ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ଆଦିକବି ଦୁଗ୍ଧ ସଂଗ୍ରାହକ ସମବାୟ ସମିତି ଗୃହରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ମେଶିନ ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି।




### ପ୍ରକାଶ ପାଇଲା ୪ ନିର୍ବାଚନମଣ୍ଡଳୀର ଭୋଟର ତାଲିକା

# ଜିଲାରେ ୯,୧୬,୮୧୨ ଭୋଟର

**ଜଗତ୍‌ସିଂହପୁର ଅଫିସ, ୧୮।୪**

ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକା ପ୍ରକାଶ ପାଇଛି। ତାଲିକା ଅନୁଯାୟୀ, ଜିଲାରେ ମୋଟ ଭୋଟର ସଂଖ୍ୟା ୯,୧୬,୮୧୨ ଥିବାବେଳେ ସେଥିମଧ୍ୟରେ ମହିଳା ୪,୩୫,୦୨୩, ପୁରୁଷ ୪,୮୧,୬୭୭ ଓ ଅନ୍ୟାନ୍ୟ ୧୧୨ ରହିଛନ୍ତି । ଏହାବାଦ୍ ଜିଲାରେ ମୋଟ ୩୩,୮୭୫ଜଣ ଭିନ୍ନକ୍ଷମ ଭୋଟର ଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ, ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ଭୋଟର ସଂଖ୍ୟା ରହିଛି ୨,୧୧,୬୦୦। ସେଥିମଧ୍ୟରେ ମହିଳା ୯୮,୭୫୨ ଓ ପୁରୁଷ ୧,୧୨,୮୨୧ ଥିବାବେଳେ ଅନ୍ୟାନ୍ୟ ରହିଛନ୍ତି ୨୭ ଜଣ। ସେହିପରି ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ଅଛନ୍ତି ୨,୩୭,୧୬୯। ସେମାନଙ୍କ ମଧ୍ୟରେ ମହିଳା ୧,୧୩,୭୧୯, ପୁରୁଷ ୧,୨୩,୪୧୬ ଓ ଅନ୍ୟାନ୍ୟ ୩୪ ଅଛନ୍ତି। ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨,୫୪,୫୮୮ ଥିବାବେଳେ ସେମାନଙ୍କ ମଧ୍ୟରେ ମହିଳା ୧,୨୦,୪୦୧, ପୁରୁଷ ୧,୩୪,୧୫୧ ଓ ଅନ୍ୟାନ୍ୟ ୩୬ ଅଛନ୍ତି। ଜଗତ୍‌ସିଂହପର ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ରହିଛି ୨,୧୩,୪୫୫। ସେମାନଙ୍କ ମଧ୍ୟରେ ମହିଳା ୧,୦୨,୧୧୫, ପୁରୁଷ ୧,୧୧,୨୮୯ ଓ ଅନ୍ୟାନ୍ୟ ୧୫ ରହିଛନ୍ତି।

### ଖବରଦାତା ସମ୍ମିଳନୀରେ ଅଭିଯୋଗ ଉଠାଇଲା କଂଗ୍ରେସ

# ସରକାରୀ କଳର ଅପବ୍ୟବହାର କରୁଛି ଶାସକ ଦଳ

**ନାଉଗାଁ,୧୮।୪(ସ୍ୱ.ପ୍ର.)**

ଶାସକ ଦଳ ସରକାରୀ କଳର ଅପବ୍ୟବହାର କରୁଛି। ବିଶେଷକରି ନାଉଗାଁ ବ୍ଲକରେ କାର୍ଯ୍ୟରତ ସିଡିପିଓ ରାଶେଶ୍ୱରୀ ମହାନ୍ତି ଓ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ୍ୱର ସେଠୀ ଶାସକ ଦଳ ଇଙ୍ଗିତରେ ଜନମତକୁ ପ୍ରଭାବିତ କରୁଥିବା ଅଭିଯୋଗ କରିଛି କଂଗ୍ରେସ। ଗୁରୁବାର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ନାରାୟଣ ଜେନା, ରୋହିଆ ସମିତିସଭ୍ୟ ପଦ୍ମ ଚରଣ ରାଉତ, ସୁନିଲ ମାଟିଆ ପ୍ରମୁଖ ଏଭଳି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, କେତେକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଭୋଟ ପରେ ଲୋନ ପ୍ରଦାନ କରାଯିବ ବୋଲି କହି ପ୍ରଭାବିତ କରାଯାଇଛି। ସେହିପରି ବୁଧବାର ଏସଭିଏମ ମହାବିଦ୍ୟାଳୟ ପରିସରରୁ ଶାସକ ଦଳର ଜଣେ ନେତାଙ୍କ ପୁଅଙ୍କୁ ସନ୍ଦେହଜନକ ଭାବେ ଗିରଫ କରାଯାଇଛି। ଏହାର ଉପଯୁକ୍ତ ତଦନ୍ତ କରାଯିବା ଆବଶ୍ୟକ। ଆସନ୍ତା ୨୯ରେ ନିର୍ବାଚନ ଥିବାରୁ ବିଜେଡି ପରାଜୟ ବରଣ କରିବା ଭୟରେ ଜନମତକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ଯଦି ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରା ନ ଯାଏ ତେବେ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସିଡିପିଓ ରାଶେଶ୍ୱରୀ ମହାନ୍ତି କହିଛନ୍ତି ଯେ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ବିଇଓ ଗଣେଶ୍ୱର ସେଠୀଙ୍କ ମତାମତ ମିଳିପାରିନାହିଁ। ତେବେ ଜଗତ୍‌ସିଂହପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି କହିଛନ୍ତି ଯେ ବିଜେଡି କୌଣସି ପ୍ରକାର ଗୁଣ୍ଡାରାଜକୁ ପ୍ରଶ୍ରୟ ଦେଉନାହିଁ। ଯେଉଁ ଯୁବକଙ୍କୁ ଧରାଯାଇଛି ସେ କେତେଦୂର ମାମଲାରେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରିସରଭୁକ୍ତ। ତଦନ୍ତ ପରେ ସତ୍ୟ ପଦାକୁ ଆସିବ।

### ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

# ନାଏବ ସରପଞ୍ଚ କୋର୍ଟଚାଲାଣ

**ତିର୍ତ୍ତୋଲ,୧୮।୪ (ଡି.ଏନ.ଏ.)**

ଚୋରାମଦ ଜବତ କରିବାକୁ ଯାଇଥିବା ଅବକାରୀ ବିଭାଗ କର୍ମଚାରୀମାନଙ୍କୁ ଜଣେ ନାଏବ ସରପଞ୍ଚ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଚୋରାମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଭାରିଷୋଳ ଗ୍ରାମରେ ଜଣେ ବ୍ୟକ୍ତି ଚୋରାମଦ କାରବାର କରୁଥିବା ଖବରପାଇ ଅବକାରୀ ବିଭାଗ ତରଫରୁ ବୁଧବାର ରାତିରେ ଚଢାଉ କରାଯାଇଥିଲା। ଅବକାରୀ ବିଭାଗ କର୍ମଚାରୀ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ତଲାସୀ କରି ଏକ କାର୍ଟୁନ ଚୋରା ବିଦେଶୀ ମଦ ଜବତ କରିଥିଲେ। ଏହି ସମୟରେ ପଞ୍ଚାୟତର ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ପରିଡା ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅବକାରୀ ବିଭାଗ କର୍ମଚାରୀମାନେ ଆହତ ହୋଇଥିଲେ। ଏ ସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୁକ୍ତ ନାଏବ ସରପଞ୍ଚଙ୍କୁ ରାତିରେ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପରେ ଏନେଇ ମାମଲା ନଂ.୧୧୬/୧୯ରେ ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।




# ବୈଜୟନ୍ତ, ବିଜୟଙ୍କ ରୋଡ୍ ଶୋ'



ଭାଜପା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଶୋଭାଯାତ୍ରାରେ ଯାଉଛନ୍ତି।

**ମହାକାଳପଡ଼ା/ ମାର୍ଶାଘାଇ, ୧୮।୪ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଗୁରୁବାର ମାର୍ଶାଘାଇ ବ୍ଲକ ହଳଦିଆଗଡାଠାରୁ ରୋଡ ଶୋ'ରେ ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ବରେ ମହାକାଳପଡ଼ା ବ୍ଲକରେ ପହଞ୍ଚିଥିଲେ। ତାଳସଙ୍ଗା ପଞ୍ଚାୟତ ପରିକ୍ରମା କରିବା ପରେ ଅନ୍ତେଇ ପଞ୍ଚାୟତର ପାଇଲୋଠାରୁ ବୈଜୟନ୍ତଙ୍କ ରୋଡ୍ ଶୋ'ରେ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ବିଜୟ ପ୍ରଧାନ ସାମିଲ ହୋଇଥିଲେ। ସେଠାରେ ୨୦ ଯୁବ ବିଜେଡି ସଦସ୍ୟ ଭାଜପାରେ ସାମିଲ ହୋଇଥିଲେ। ସେଠାରୁ ବାହାରି ମହାକାଳପଡ଼ାର ଧନିଆପଡ଼ା, ନୂଆଗାଁ, ତିଖିରୀ, ପାଟଳିପଙ୍କ, ଅମଲେଇପାଳ, ଖୁରୁସିଆ ଓ ରାୟପୁର ଆଦି ସ୍ଥାନରେ ନିର୍ବାଚନୀ ପ୍ରଚାର କରି ନିଳାଚଳ ବଜାରଠାରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଭାଜପା ନେତା ଉମାକାନ୍ତ ପଟ୍ଟନାୟକ, ଉମାକାନ୍ତ ନାୟକ, ବିକ୍ରମ କେଶରୀ ରାଉତରାୟ, ମିହିର ସାମଲ, ସଲିଲ ଖାଁ ଓ ରଞ୍ଜନ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

# ଜିଲା ଯୁବ ବିଜେଡି ସମ୍ପାଦକଙ୍କ ଇସ୍ତଫା

**ଜଗତ୍‌ସିଂହପୁର ଅଫିସ,୧୮।୪:** ଗୁରୁବାର ଜଗତ୍‌ସିଂହପୁର ଜିଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ଗୌର ପ୍ରସାଦ ମହାନ୍ତି ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ମଧ୍ୟ ସେ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ମହାନ୍ତି କହିଛନ୍ତି ଯେ ସମ୍ପ୍ରତି ଜଗତ୍‌ସିଂହପୁର ସମେତ ଜିଲାର ଅନ୍ୟ ବିଧାନସଭା କ୍ଷେତ୍ରରେ ବିଜେଡି ସଙ୍ଗଠନ ଠିକ ଭାବେ ଚାଲିନାହିଁ। ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁ ସଙ୍ଗଠନ ଗୁରୁତର ପ୍ରଭାବିତ ହୋଇଛି। ତେଣୁ ସେ ବିଜେଡି ଛାଡିବାକୁ ବାଧ୍ୟ ହୋଇଛନ୍ତି। ଅନ୍ୟପକ୍ଷରେ ଗୌର ଖୁବ ଶୀଘ୍ର ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମାଗାନ୍ଧୀ






## ସଂକ୍ଷେପରେ

### ଦୟଣା ଲାଗି ହେଲେ ମହାପ୍ରଭୁ

ପୁରୀ ଅଫିସ,୧୮।୪: ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ରାମକୃଷ୍ଣ ଦୟଣା ଚୋରି କରିଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଭୋଗମଣ୍ଡପ ଘରେ ବନ୍ଧା ପଡ଼ିଥିଲେ। ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ସେମାନେ ମୁକ୍ତ ହୋଇଥିଲେ। ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା। ଏହି ପରମ୍ପରା ଅନୁଯାୟୀ ଗୁରୁବାର ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ଘଟୁଆରୀ ଘରଠାରୁ ରୁପା ପିଙ୍ଗଣରେ ଚନ୍ଦନ ରତ୍ନସିଂହାସନକୁ ବିଜେ କରାଇ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ନୂଆ ଲୁଗା ଲାଗିହୋଇ ବେଶ ବଢ଼ିଥିଲା। ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପଣ୍ଡା, ପତି, ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟ, ଛତା, କାହାଳୀ ସହିତ ବଡଦେଉଳକୁ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ତିନି ଠାକୁରଙ୍କୁ ଦୟଣା ଲାଗି ହୋଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପାଣି ପଡ଼ି ବନ୍ଦାପନା ହେବା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗ ଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢ଼ିଥିଲା।

### ପିଲା, ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ପୁରୀ ଅଫିସ, ୧୮।୪: ପୁରୀସ୍ଥିତ କଳିଙ୍ଗ ବୈଶ୍ୟ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବୈଶ୍ୟ ଭବନ (ପେଣ୍ଠ ଘର)ଠାରେ ବୈଶ୍ୟ ପରିବାରର ସଦସ୍ୟ ଓ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଶ୍ରୁତଲିଖନ, ବୁଦ୍ଧିମତ୍ତା ପରୀକ୍ଷା, ଶବ୍ଦ ପ୍ରତିଯୋଗିତା ଏବଂ ମହିଳାଙ୍କ ମଧ୍ୟରେ ଝୋଟି ଓ ମେହେନ୍ଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଚନ୍ଦ୍ରଶେଖର ମହାରଣା, ଦେବେନ୍ଦ୍ର ଦାସ, ମାନସ କୁମାର ସାହୁ, ନାରାୟଣ ମହାପାତ୍ର, ଫକିର କୁମାର ସାମନ୍ତବର୍ମା ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ସଂଘର ୨୫ତମ ପ୍ରତିଷ୍ଠା ଦିବସ ତଥା ରୌପ୍ୟ ଜୟନ୍ତୀରେ ପୁରସ୍କୃତ କରାଯିବ। ପ୍ରତିଯୋଗିତାଗୁଡ଼ିକୁ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ।

# ଅବ୍ୟବସ୍ଥାରେ ସରିଲା ଦଶପଲ୍ଲା ନିର୍ବାଚନ

ନୟାଗଡ଼ ଅଫିସ/ ଦଶପଲ୍ଲା/ଗଣିଆ/ନୂଆଗାଁ (ଡି.ଏନ.ଏ.),୧୮।୪

ନୟାଗଡ଼ ଜିଲା ଦଶପଲ୍ଲା ବିଧାନସଭା ଆସନ ଓ କନ୍ଧମାଳ ଲୋକ ସଭା ଆସନ ପାଇଁ ଗୁରୁବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଓ ଜିଲାରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। କିଛି ବୁଥ୍‌ରେ ଇଭିଏମ୍ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ହୋଇଥିଲା । ଫଳରେ ଅବ୍ୟବସ୍ଥା ଦେଖାଦେଇଥିଲା। ୩ଟି ବୁଥ୍‌ରେ ଖଣ୍ଡିଏ ବି ଭୋଟ ପଡ଼ି ନ ଥିଲା। ନିର୍ବାଚନ ପାଇଁ ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରେ ୨୩୪ଟି ବୁଥ୍ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ୫୪.୪୨ପ୍ରତିଶତ ମତଦାନ ହୋଇଥିବା ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡା. ଏନ୍. ତିରୁମାଲା ନାୟକ ସୂଚନା ଦେଇଛନ୍ତି। ଗଣିଆ ବ୍ଲକରେ ୬୯.୮୯ ପ୍ରତିଶତ ମତଦାନ ହୋଇଛି। ଦଶପଲ୍ଲା ବ୍ଲକର ୧୦୦ଟି ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିଲା। ସକାଳୁ ଭୋଟରମାନେ



ଏକ କେନ୍ଦ୍ରରେ ମହିଳାମାନେ ମତଦାନ କରିବା ପାଇଁ ଲାଇନ୍‌ରେ ଛିଡ଼ା ହୋଇଛନ୍ତି।

ସେମାନଙ୍କ ମତଦାନ ପାଇଁ ଲାଇନରେ ଛିଡ଼ାହୋଇଥିବା ଦେଖିବାକୁ ମିଳିଥିଲା। ଦଶପଲ୍ଲା ବ୍ଲକର କୁଜାମେଣ୍ଡି ପଞ୍ଚାୟତ ୭୨ ନମ୍ବର ବୁଥ୍‌ରେ କୌଣସି ମତଦାନ ହୋଇ ନ ଥିଲା। ମୌଳିକ ସମସ୍ୟାକୁ ନେଇ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ସେହିଭଳି ୧୦୭ ନମ୍ବର ବୁଥ୍‌ରେ କେନ୍ଦ୍ରର ଦୂରତା ନେଇ ଭୋଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ନୂଆଗାଁ ବ୍ଲକରେ ମୋଟ ୯୩ଟି ବୁଥ୍ ହୋଇଥିଲା। ବାହାଡ଼ାଝୋଲା ପଞ୍ଚାୟତ ୨୧୦ ନମ୍ବର ବୁଥ୍‌ରେ ୪ଜଣ ଭୋଟ ଦେବା ପରେ ଇଭିଏମ୍ ତ୍ରୁଟି ଯୋଗୁ ଏକ ନିର୍ଦ୍ଦିଷ୍ଟ ଚିହ୍ନକୁ ଭୋଟ ଯାଇଥିଲା। ଫଳରେ ଏଠାରେ ନିର୍ବାଚନ ସ୍ଥଗିତ କରାଯାଇଥିଲା। ସେହିଭଳି ସମାନ ଅବ୍ୟବସ୍ଥା ୨୨୨ ନମ୍ବର ବୁଥ୍‌ରେ ଦେଖାଦେଇଥିବାରୁ ମତଦାନ ସ୍ଥଗିତ ରହିଥିଲା। ନୂଆଗାଁ ବ୍ଲକର ୨ଟି ବୁଥ୍‌ରେ କୌଣସି ମତଦାନ ହୋଇ ନ

- ସନ୍ଧ୍ୟା ୬ଟା ସୁଦ୍ଧା ୫୪.୪୨ ପ୍ରତିଶତ ମତଦାନ
- ୨ ବୁଥ୍‌ରେ ନିର୍ବାଚନ ସ୍ଥଗିତ
- ୩ ବୁଥ୍‌ରେ ପଡ଼ିଲାନି ଖଣ୍ଡିଏ ବି ଭୋଟ

ଥିଲା। ଗ୍ରାମବାସୀଙ୍କ ମୌଳିକ ସମସ୍ୟା ସମାଧାନ କରିବାରେ ପ୍ରଶାସନ ଫେଲ୍ ମାରିଥିବାରୁ ନୂଆଗାଁ ବ୍ଲକର ୧୭୫ ଓ ୨୦୩ ନମ୍ବର ବୁଥ୍‌ରେ କୌଣସି ମତଦାନ ହୋଇ ନ ଥିଲା। ଗଣିଆ ବ୍ଲକରେ ୪୧ଟି ବୁଥ୍ ହୋଇଥିବା ବେଳେ ସମସ୍ତ ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହିତ ମତଦାନ ହୋଇଥିଲା। ଗଣିଆ କେସି ବିଦ୍ୟାପୀଠ ବୁଥ୍ ନମ୍ବର ୨୨ , ଛାମୁଣ୍ଡିଆର ୧୦ ନମ୍ବର , ଈଶ୍ୱରପୁରର ୧୨ ନମ୍ବର ଓ ୨୭ ନମ୍ବର ବୁଥ୍‌ରେ ଇଭିଏମ୍ ତ୍ରୁଟି ଯୋଗୁ ଅଧଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ଏସ୍‌ପି ଶଶିଭୂଷଣ ଶତପଥୀ ଓ ଜିଲାପାଳ ନାୟକ କେତେକ ବୁଥ୍ ପରିଦର୍ଶନ କରିଥିଲେ।

# ମୌଳିକ ସମସ୍ୟା ନେଇ ଭୋଟ ବର୍ଜନ କଲେ ଗ୍ରାମବାସୀ

ନୟାଗଡ଼ ଅଫିସ,୧୮।୪

ପ୍ରତ୍ୟେକ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପ୍ରତି ସରକାରଙ୍କ ଲକ୍ଷ୍ୟ। ସେଥିପାଇଁ ଲୋକମାନେ ସେମାନଙ୍କ ସମସ୍ୟା ବିଷୟରେ ଅବଗତ କରାଇ ସମାଧାନ କରିବା ନିମନ୍ତେ ନିର୍ବାଚିତ ପ୍ରତିନିଧି ବାଛିଥାନ୍ତି। ହେଲେ ମୌଳିକ ସମସ୍ୟା ସମାଧାନ ନ ହେବାରୁ ଲୋକମାନେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଥାନ୍ତି। ଗୁରୁବାର ଭୋଟ ବର୍ଜନ ନିଷ୍ପତ୍ତି ନେଇ ମତଦାନ କରି ନ ଥିଲେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ୩ଟି ବୁଥ୍‌ର ପ୍ରାୟ ୨୦୦୦ ଭୋଟର । ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଡିପାମାଳ ମୌଜାର ୭ ଖଣ୍ଡ ଗ୍ରାମର ୫୮୮ ଜଣ ଭୋଟର ଭୋଟଦାନ କରି ନ ଥିଲେ। କାଳେ କିଏ ଭୋଟ ଦେବେ ସେଥିପାଇଁ ଗ୍ରାମବାସୀ ଠେଙ୍ଗାବାଡ଼ି ଧରି ଜଗି ବସିଥିବା ଦେଖିବାକୁ ମିଳିଥିଲା। ସେହିଭଳି ଗାତେରୀ ପଞ୍ଚାୟତ ଡାକଢୋଲ ଗ୍ରାମର ୪୦୬ ଭୋଟର ମତଦାନ କରି ନ ଥିଲେ। ଗୁମି

### ୩ ବୁଥ୍‌ର ୨ହଜାର ଭୋଟର

ପଞ୍ଚାୟତର କେନ୍ଦ୍ରେକା, ମଣିଆକୋଟା, ଜାମୁସାହି, ରାଣୀଗୁମା ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ଭୋଟର ମତଦାନ କରି ନ ଥିଲେ। ବାହାଡ଼ାଝୋଲା ନିକଟସ୍ଥ ହରିପୁର ପ୍ରାଥମିକ ବିଦ୍ୟାଳୟ ୨୩୧ ବୁଥ୍‌ରେ କେତେକେ ଭୋଟ ଦେବା ପରେ ଇଭିଏମ୍ ଖରାପ ହୋଇଯାଇଥିଲା। ପରେ ଆଉ ଏକ ଇଭିଏମ୍ ଆସି ଭୋଟଦାନ କରାଯାଇଥିବା ସୂଚନା ମିଳିଛି। ଦଶପଲ୍ଲା ବ୍ଲକ ଆଦିବାସୀ ବହୁଳ କୁଜାମେଣ୍ଡି ପଞ୍ଚାୟତ ୭୨ ନମ୍ବର ବୁଥ୍‌ରେ ନିର୍ବାଚନ ବର୍ଜନ ହୋଇଥିଲା। ପ୍ରଧାନପଡ଼ା, ମୁଣ୍ଡୁଣି, ବଣି ପ୍ରଭୃତି ୫ଟି ଗ୍ରାମର ଲୋକମାନେ ସେତୁ ନିର୍ମାଣ ଦାବି ନେଇ ଭୋଟ ବର୍ଜନ କରିଥିଲେ। ଭୋଟ ବର୍ଜନ କରିବା ପାଇଁ ବିଭିନ୍ନ ସମୟରେ ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିଙ୍କୁ ଚେତାବନୀ ଦେଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାକୁ ଏହିଭଳି ପନ୍ଥା ଆପଣାଇଥିଲେ ଭୋଟର।



ଡିପାମାଳା ଗ୍ରାମର ଲୋକମାନେ ବୁଥ୍ ଆଗରେ ଭୋଟ ବର୍ଜନ ପାଇଁ ଜଗି ବସିଛନ୍ତି।

## ■ ମାଳିସାହି ଫାଣ୍ଡି ସମ୍ମୁଖରେ କଙ୍ଗାରୁ କୋର୍ଟ

# ଦୁର୍ବୃତ୍ତଙ୍କୁ ୩ ଲକ୍ଷ ଟଙ୍କା ଜରିମାନା

ନୟାଗଡ଼ ଅଫିସ,୧୮।୪

ନୟାଗଡ଼ ଜିଲା ସଦର ଥାନା ଅନ୍ତର୍ଗତ ମାଳିସାହି ଫାଣ୍ଡି ସମ୍ମୁଖରେ ଗୁରୁବାର କଙ୍ଗାରୁ କୋର୍ଟ ବସିଥିବା ଜଣାପଡିଛି। କଙ୍ଗାରୁ କୋର୍ଟ ମାଧ୍ୟମରେ ୪ ଜଣ ବ୍ୟକ୍ତିଙ୍କୁ ୩ ଲକ୍ଷ ୪୦ ହଜାର ଟଙ୍କା ଜରିମାନା କରାଯାଇଛି, ଯାହା ପୋଲିସର ପାରିଲାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ପ୍ରକାଶ ଯେ, ମାଳିସାହି ଗ୍ରାମର ଗଡିଶ୍ୱର ମନ୍ଦିର ନିକଟରେ ଥିବା ଏକ ଶାଗୁଆନ ଗଛକୁ ଚୋରିକରି ନେବା ପାଇଁ ଉକ୍ତ ଗ୍ରାମର ୩ ଯୁବକ ବୁଧବାର ରାତିରେ ଯୋଜନା କରିଥିଲେ। ଏହାପରେ ଉକ୍ତ ଗଛକୁ ବିକ୍ରି କରିବା ପାଇଁ କଞ୍ଚନବିଲି ଗ୍ରାମର ଜଣେ ବେପାରୀଙ୍କ ସହିତ ଯୋଗାଯୋଗ



ଫାଣ୍ଡି ସମ୍ମୁଖରେ ବସିଥିବା କଙ୍ଗାରୁ କୋର୍ଟରେ ଯୋଗଦେଇଥିବା ଲୋକମାନେ।

କରିଥିଲେ। ଉକ୍ତ ୪ ଜଣ ବୁଧବାର ରାତିରେ ଗଛ କାଟି ନେବା ସମୟରେ ଗ୍ରାମର କେତେକ ଯୁବକ ଦେଖିଥିଲେ। ଏହାପରେ ସେମାନେ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପିଛା କରିଥିଲେ। ସେଠାରୁ ଦୁଇଜଣ ଖସି ପଳାଇଥିବା ବେଳେ ମାଳିସାହିର ଜଣେ ଓ କଞ୍ଚନବିଲିର ଜଣେ ଏହିପରି ୨ ଜଣ ଧରାପଡ଼ିଥିଲେ। ପରେ ସେମାନଙ୍କୁ ଗ୍ରାମବାସୀଙ୍କ ଜିମା ଦିଆଯାଇଥିଲା। ଗୁରୁବାର ସକାଳ ୬ଟାରେ ଫାଣ୍ଡି ଆଗରେ କଙ୍ଗାରୁ କୋର୍ଟ ବସିଥିଲା। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହି କୋର୍ଟ ବସି ଏଥିରେ ଗ୍ରାମର ମୁଖିଆମାନେ ୪ ଜଣଙ୍କୁ ୩ ଲକ୍ଷ ୪୦ ହଜାର ଜରିମାନା କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଦୁର୍ବୃତ୍ତଙ୍କୁ ଲକ୍ଷେ ଲେଖାଏ ଏବଂ ବେପାରୀଙ୍କୁ ୪୦ ହଜାର ଜରିମାନା କରାଯାଇଛି। ଟଙ୍କା ନ ଦେଲେ ତାଙ୍କୁ ନିଆଁ ପାଣି ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ପୂର୍ବରୁ ଉକ୍ତ ସ୍ଥାନରୁ ବହୁ ଚନ୍ଦନ ଗଛ ଚୋରି ହୋଇଥିବାରୁ ସେହି ଗଛସବୁକୁ ସେମାନେ ଚୋରିକରି ନେଇଥିବା ଅଭିଯୋଗରେ ଏପରି ଜରିମାନା କରାଯାଇଥିବା ସୂଚନା ମିଳିଛି। ଏ ନେଇ ମାଳିସାହି ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କଅଁରଙ୍କୁ ପଚାରିବାରୁ ଏଭଳି ଘଟଣା ନେଇ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା କହିଥିଲେ।

# ଆଜି ନରେନ୍ଦ୍ରରୁ କଢାଯିବ ଡଙ୍ଗା

ପୁରୀ ଅଫିସ,୧୮।୪

ଆସନ୍ତା ମେ ୭ତାରିଖରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ। ତେଣୁ ଠାକୁରଙ୍କର ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ପରମ୍ପରା ମୁତାବକ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା ଚୈତ୍ର ପୂର୍ଣ୍ଣିମାରେ କଢାଯାଇଥାଏ। ତେଣୁ ଶୁକ୍ରବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରୁ ଡଙ୍ଗା କାଢିବେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ELS-ANGL-OT-19-20-01

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS) / ଅନଗୁଳର WAG-7 ଇଲେକ୍ଟ୍ରିକ୍ ଇଂଜିନ୍(ଲୋକୋମୋଟିଭ)ଗୁଡ଼ିକର ଅଗ୍‌ଜିଲିଆରି ମୋଟରଗୁଡ଼ିକର ଓଭରହଲିଂ (Overhauling), ମରାମତି, ରିୱାଇଣ୍ଡିଙ୍ଗ୍ (Rewinding) ଏବଂ ଆସେମ୍ବ୍ଲିଙ୍ଗ୍ (Assembling) ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 84,77,845/-, EMD (ଟଙ୍କାରେ) : 1,69,600/-, ଟେଣ୍ଡର ନଥି ପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 (ଚବିଶ) ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.04.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.05.2019ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS) ଅନଗୁଳ

PR-37/K/19-20

## ■ ଜିଲାରେ ହେଭିୱେଟ୍ ନେତାଙ୍କ ପ୍ରଚାର ଆଜି

# ରଣପୁରରେ ନବୀନ, ନୟାଗଡ଼ରେ ରାଜନାଥ ସିଂ

ନୟାଗଡ଼ ଅଫିସ,୧୮।୪

ଜିଲାର ଦଶପଲ୍ଲା ବିଧାନସଭା ଆସନ ପାଇଁ ଗୁରୁବାର ନିର୍ବାଚନ ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ଜିଲାର ଅବଶିଷ୍ଟ ୩ଟି ନିର୍ବାଚନମଣ୍ଡଳୀରେ ମତଦାନ ହେବ। ନିର୍ବାଚନ ପ୍ରଚାର ପାଇଁ ହାତରେ ଆଉ ୩ ଦିନ ରହିଛି। ସେଥିପାଇଁ ନିଜ ନିଜ ଦଳ ସପକ୍ଷରେ ପ୍ରଚାର କରି ଭୋଟ ହାତେଇବା ଲକ୍ଷ୍ୟରେ ଜଣେ ପରେ ଜଣେ ଟାଣୁଆ ନେତାଙ୍କୁ ଜିଲାରେ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାର ଦୁଇଟି ସ୍ଥାନକୁ ହେଭିୱେଟ୍ ନେତା ପ୍ରଚାର କରିବାକୁ ଆସିବେ। ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ପ୍ରଚାର କରିବାକୁ ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ। କେନ୍ଦ୍ରମନ୍ତ୍ରୀ ସିଂ ଅପରାହ୍ନ ୪ଟାରେ ହେଲିକପ୍ଟରରେ ଆସି ନୟାଗଡ଼ ଷ୍ଟାଡ଼ିୟମ ପଡ଼ିଆଠାରେ ହେବାକୁ ଥିବା ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ରାଜ୍ୟ ଓ ଜିଲାସ୍ତରୀୟ ଭାଜପା ନେତାମାନେ

### ଗୋଟିଏ ମାସରେ ତୃତୀୟ ଥର ପାଇଁ ଆସୁଛନ୍ତି ମୁଖ୍ୟମନ୍ତ୍ରୀ



ରଣପୁର ପଞ୍ଚୁଦୋଳ ପଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ସଜେଇ ହେଉଛି ମଞ୍ଚ।

ଯୋଗଦେଇ ଦଳ ପାଇଁ ଭୋଟ ଭିକ୍ଷା କରିବେ ବୋଲି ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ଆସୁଥିବାରୁ ଭାଜପା କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଲଗାତର ୩ ଥର ବିଜେଡି କବ୍‌ଜାରେ ରହି ଆସୁଥିବା ନୟାଗଡ଼ ନିର୍ବାଚନମଣ୍ଡଳୀକୁ କିପରି ଭାଜପା ଅକ୍ତିଆର କରିବ, ସେ ନେଇ କେନ୍ଦ୍ରମନ୍ତ୍ରୀ ସିଂ ଉଦ୍‌ବୋଧନ ଦେବେ। ଅନ୍ୟପକ୍ଷେ ପୂର୍ବାହ୍ନ ୧୦ଟାରେ ରଣପୁର ନିର୍ବାଚନମଣ୍ଡଳୀକୁ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରଣପୁର ପଞ୍ଚୁଦୋଳ ପଡ଼ିଆରେ ହେବାକୁ ଥିବା ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସେଠାରେ ଭାଜପା ହାୱା ବହୁଥିବାରୁ ତାଙ୍କୁ ଚେକ୍‌ମେଟ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ରହିଥିବା ନେଇ ଆଲୋଚନା ହେଉଛି। ଚଳିତ ନିର୍ବାଚନ ପାଇଁ ଗୋଟିଏ ମାସରେ ଶୁକ୍ରବାରକୁ ମିଶାଇ ୩ ଥର ନୟାଗଡ଼ ଜିଲାକୁ ଆସିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ । ମାର୍ଚ୍ଚ ୨୪ରେ ନୟାଗଡ଼ ଷ୍ଟାଡ଼ିୟମ ପଡ଼ିଆ, ଏପ୍ରିଲ ୧୩ରେ ଦଶପଲ୍ଲା ଗାନ୍ଧୀ ମଇଦାନ ଓ ଶୁକ୍ରବାର ରଣପୁର ଆସିବେ ମୁଖ୍ୟମନ୍ତ୍ରୀ। ପୂର୍ବରୁ ୨ ଥର ଆସି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଥିଲେ। ନୟାଗଡ଼ ଷ୍ଟାଡ଼ିୟମ ପଡ଼ିଆରେ ମୁଖ୍ୟମନ୍ତ୍ରୀ ୨୧ରୁ ୨୧ ଲୋକ ସଭା ଆସନ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେହିପରି ଦଶପଲ୍ଲା ଗାନ୍ଧୀ ମଇଦାନରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ବୋଲି ପ୍ରଶ୍ନ କରିଥିଲେ। ତେଣୁ ଏଥର ରଣପୁର ସଭାରେ ମୁଖ୍ୟମନ୍ତ୍ରୀ ନବୀନ ନିର୍ବାଚନୀ ପ୍ରଚାରରେ କ'ଣ କହୁଛନ୍ତି, ତାହା ଶୁଣିବା ପାଇଁ ସାରା ରାଜ୍ୟବାସୀଙ୍କ ଉତ୍କଣ୍ଠା ରହିଛି।

**Format C-1**

**Declaration about Criminal Cases**

(As per the Judgement dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Qrs. Vs. Union of India & Anr.)

Name and address of the Candidate : **Chiranjib Biswal,** Village: Tulanga, Post Office-Tulanga, Police Station: Tirtol, Via: Tiran, Dist.: Jagatsinghpur, Odisha, Pin: 754138
Name of the Political Party : INDIAN NATIONAL CONGRESS
Name of Election : ODISHA LEGISLATIVE ASSEMBLY ELECTION-2019
Name of the Constituency : 104-JAGATSINGHPUR ASSEMBLY CONSTITUENCY

I, **Chiranjib Biswal,** a candidate for the above mentioned Election, delcare for Public Information the following details about my criminal antecedents:

| Sl. No. | Pending Cirminal Cases | | | Details about cases of conviction of criminal offences | |
|---|---|---|---|---|---|
| | Name of Court | Case No. and status of case | Section(s) of Acts concerned and brief description of offences | Name of Court & Date(s) of order(s) | Description of offence(s) & punishment imposed |
| 1 | SDJM Court, Jagatsinghpur | ICC No. 565/2014. Subsequently transferred to District Sessions Judge,Khurda, by order of Hon'ble High Court of Odisha vide Letter No. 11515, dated 6th November 2018 | 125 (A) of Representation of People's Act 1951, (Election Dispute relating to affidavit submitted along with Nomination paper 2014) | Not Applicable | Not Applicable |
| 2 | SDJM Court, Bhubaneswar | GR Case No. 3245/2012 (Not yet received any communication) | U/S 147, 148, 341, 323, 324, 332, 333, 353, 354, 431, 427, 336, 337, 338, 307, 149 & 120(B) IPC Sec 7 of Crl.LA Act & Section 3 & 4 of PDPP Act & 96 OUP Act. (Political & Public Demonstration) | Not Applicable | Not Applicable |
| 3 | SDJM Court, Bhubaneswar | GR Case No. 3249/2012 (Not yet received any communication) | U/S 143, 448, 294, 336, 337/149 IPC (Political & Public Demonstration) | Not Applicable | Not Applicable |
| 4 | SDJM Court, Bhubaneswar | GR Case No. 3258/2012 (Not yet received any communication) | U/S 341, 323, 294, 427, 506, 379, 353/34 IPC (Political & Public Demonstration) | Not Applicable | Not Applicable |
| 5 | SDJM Court, Bhubaneswar | GR Case No. 3259/2012 (Not yet received any communication) | U/S 143, 147, 448, 294, 341, 323, 325, 427, 506 and 149 IPC (Political & Public Demonstration) | Not Applicable | Not Applicable |
| 6 | SDJM Court, Bhubaneswar | GR Case No. 3260/2012 (Not yet received any communication) | U/S 147, 148, 341, 294, 323, 336, 353, 354, 506, 149 IPC Section 7 of Crl LA Act (Political & Public Demonstration) | Not Applicable | Not Applicable |

**Sd./- Chiranjib Biswal**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଏପ୍ରିଲ, ୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଶ୍ରୀଶ୍ରୀ କପିଳେଶ୍ୱର ଦେବଙ୍କ ବାହୁଡ଼ାଯାତ୍ରା



**ନିରାକାରପୁର,୧୮।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱରଦେବଙ୍କ ଅଶୋକାଷ୍ଟମୀ ବାହୁଡା ଯାତ୍ରା ସରିଛି। ଗୁରୁବାର ପୂର୍ବାହ୍ନ ୬ଟାରେ ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଟ୍ରଷ୍ଟବୋର୍ଡ ତରଫରୁ ପ୍ରଥମେ ଶ୍ରୀଜୀଉମାନଙ୍କୁ ସ୍ନାନ, ମାର୍ଜନା ଆଦି ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୨ଟାରେ ଠାକୁରଙ୍କ ବିଭିନ୍ନ ନୀତି ପରେ ୪ଟାରେ ଦଳବେହେରାମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ୫ଟାରେ ଲେଣ୍ଡୋ ପଞ୍ଚାୟତ ଆରେଡି ଗ୍ରାମରୁ ରଥଯାତ୍ରା ନିମନ୍ତେ ନିମନ୍ତ୍ରିତ ହୋଇ ଆସିଥିବା ବଡ଼ ଭାଇ ଗ୍ରାମେଶ୍ୱର ଓ ଭାଉଜ ଗ୍ରାମେଶ୍ୱରୀ ଦେବୀଙ୍କୁ ମେଲାଣି ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ କପିଳେଶ୍ୱରଦେବ ସ୍ତ୍ରୀ (ପତ୍ନୀ)ଙ୍କୁ ସାଥିରେ ନେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବା ଟ୍ରଷ୍ଟବୋର୍ଡ ପକ୍ଷରୁ ସୂଚନା ମିଳିଥିଲା।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧଦିବସ

**ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟ ସୁନ୍ଦର ମିଶ୍ରଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ସ୍ୱର୍ଗତ ମିଶ୍ର ଉକ୍ତ କଲେଜର ପ୍ରତିଷ୍ଠାତା ସଭାପତି ଭାବରେ କାର୍ଯ୍ୟକରି ଆସିଥିଲେ। ଏହି ଅବସରରେ କଣ୍ଟିଲୋ ନାଗରିକ ମଞ୍ଚ କର୍ମକର୍ତ୍ତା, ଗ୍ରାମବାସୀ, କଲେଜର ଶିକ୍ଷକ ଓ ଅଣଶିକ୍ଷକ ପ୍ରମୁଖ କଲେଜ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ସ୍ମୃତିଚାରଣ କରିଥିଲେ। ପୂର୍ବାହ୍ନରେ ସ୍ୱର୍ଗତ ମିଶ୍ରଙ୍କ ପରିବାର ପକ୍ଷରୁ ତାଙ୍କର ପୁତ୍ର ପୀୟୂଷ ପ୍ରସାଦ ମିଶ୍ର, ପୁତ୍ର ବଧୂ ବିଷ୍ଣୁପ୍ରିୟା ମିଶ୍ର, ମନୀଷା ପ୍ରସାଦ ମିଶ୍ର ଏବଂ ମାତା ବିଦ୍ୟୁତ୍‌ପ୍ରଭା ମିଶ୍ର କଲେଜ ପରିସରରେ ପହଞ୍ଚି ସ୍ମୃତିଚାରଣ ସହ ନୀଳମାଧବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

### ପୋଲିସ ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର ଘଟଣା

# ଗ୍ରାମବାସୀଙ୍କ ୧୯ ଘଣ୍ଟା ଧରି ରାସ୍ତା ଅବରୋଧ

**ରଣପୁର,୧୮।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା କେରେଣ୍ଡାଟାଙ୍ଗୀ ପଞ୍ଚାୟତସ୍ଥ ରାଇପଡା ଛକରେ ବୁଧବାର ସନ୍ଧ୍ୟାରେ ଏକ ପୋଲିସ ବୋଲେରୋ ଗାଡି ଧକ୍କାରେ ସେହି ଗ୍ରାମର ବାଇକ୍ ଆରୋହୀ ସୁନୀଲ ଚମ୍ପତି (୨୨) ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ପୋଲିସ ଗାଡିଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ଘଟଣାକୁ ନେଇ ଗ୍ରାମବାସୀ ସନ୍ଧ୍ୟା ୭ ଟାରେ ରଣପୁର-ଚାନ୍ଦପୁର ରାସ୍ତା ରାଇପଡ଼ା ଛକଠାରେ ନିଆଁ ଜାଳି ରାସ୍ତାରୋକୋ କରିଥିଲେ। ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକ ଉତ୍ତେଜିତ ହୋଇ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ପାଇଁ ସାଧାରଣଲୋକେ ହଇରାଣ ହୋଇଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନସାରା ଉତ୍ତେଜନା ଲାଗି ରହିଥିଲା । ତେବେ ଗୁରୁବାର ଅପରାହ୍ନ ୨ଟାରେ ରଣପୁର ଥାନାରୁ ଅବସର ଗ୍ରହଣ କରିଥିବା ଥାନା ଅଧିକାରୀ ଗିରିଜା



ଅବରସପ୍ରାପ୍ତ ପୋଲିସ ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

- ଦୀର୍ଘ ସମୟ ପରେ ମଧ ପହଞ୍ଚିଲାନି ପ୍ରଶାସନ
- ଅବସରପ୍ରାପ୍ତ ଥାନା ଅଧିକାରୀଙ୍କ ବୁଝାଶୁଝା ପରେ ପରିସ୍ଥିତି ସ୍ୱାଭାବିକ

ଶଙ୍କର ରଥ ଏବଂ ସମାଜସେବୀ ତାରା ଆଚାର୍ଯ୍ୟ ଭୁବନେଶ୍ୱରରୁ ଆସୁଥିବାବେଳେ ରାସ୍ତାରୋକୋ ଯୋଗୁ ଆଗକୁ ଯାଇପାରି ନ ଥିଲେ। ଉକ୍ତ ଘଟଣା ନେଇ ରଥ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହିତ ଫୋନରେ କଥାବାର୍ତ୍ତା ହେବା ସହ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ କ୍ଷତିପୂରଣ ସହିତ ପୋଲିସ ଗାଡି ଡ୍ରାଇଭର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଦୀର୍ଘ ୧୯ ଘଣ୍ଟା ପରେ ଅର୍ଥାତ୍ ଅପରାହ୍ନ ୨ ଟା ପରେ ରାସ୍ତାରୋକୋ ହଟି ରଣପୁର ଚାନ୍ଦପୁର ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଶରଣକୂଳ ଏସ୍‌ଡିପିଓଙ୍କ ବୋଲେରୋ ଗାଡି ରଣପୁର ଅଭିମୁଖେ ଆସୁଥିବାବେଳେ ରାଇପଡା ଛକରେ ଏକ ହିରୋହୋଣ୍ଡା ଗାଡିକୁ ଧକ୍କା ଦେଇ ସେଠାରୁ ପଳାଇଥିଲା । ପଛରେ ଆସୁଥିବା ଏକ ପୋଲିସ ଗାଡି ଦୁର୍ଘଟଣାଗ୍ରସ୍ତ ଯୁବକ ସୁନୀଲଙ୍କୁ ଉଦ୍ଧାର କରି ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁ କନ୍ୟା ମୃତ

**ନୟାଗଡ଼ ଅଫିସ,୧୮।୪**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମୃତ ଶିଶୁ କନ୍ୟାଙ୍କ ମା' ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ପଞ୍ଚାୟତ ଫାଶିପଡ଼ା ଗ୍ରାମର ସୁନା ଜେନା ଥାନାରେ ଅଭିଯୋଗ କରିଛନ୍ତି। ଫାଶିପଡା ଗ୍ରାମର ଜମେଶ୍ୱର ଜେନାଙ୍କ ସ୍ତ୍ରୀ ସୁନାଙ୍କ ଅଭିଯୋଗ ଅନୁସାରେ ସେ ଗର୍ଭବତୀ ଥିବାରୁ ସୋମବାର ଚେକ୍‌ଅପ୍ ପାଇଁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ଅଲଟ୍ରା ସାଉଣ୍ଡ କରି ତାଙ୍କୁ ପ୍ରସବ ପାଇଁ କହିଥିଲେ। ଏଥିପାଇଁ ଡାକ୍ତର ୫ ହଜାର ଟଙ୍କା ଦାବି କରିଥିଲେ। ତେବେ ଜମେଶ୍ୱର ୫ପରିବର୍ତ୍ତେ ୪ ହଜାର ଟଙ୍କା ଦେବାରୁ ଡାକ୍ତର ଚିକିତ୍ସାରେ ଅବହେଳା କରିଥିଲେ। ବୁଧବାର ଜନ୍ମସମୟରେ ଡାକ୍ତର ଛୁଆଟିର ଗୋଡ଼ ମୋଡ଼ି ଭାଙ୍ଗି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରେ ଅଭିଯୋଗ କରିବା ପରେ ନବଜାତ ଶିଶୁକୁ ଗୁରୁବାର କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ଶିଶୁର ମୃତଦେହ ଧରି ପରିବାର ଲୋକେ ଡାକ୍ତରଖାନା ଆଗରେ କିଛି ସମୟ ପାଇଁ



ଅଭିଯୋଗକାରିଣୀ ସୁନା ଜେନା।

**ଅଭିଯୋଗ କଲେ ମା'**

ଧାରଣାରେ ବସିଥିଲେ। ଏହା ପରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କୁହନ୍ତି, ଥାନାରେ ଏ ନେଇ ଅଭିଯୋଗ ହୋଇଛି। ତଦନ୍ତ ପରେ ଯାହା କିଛି ଜଣାପଡ଼ିବ। ସେହିଭଳି ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ଚିକିତ୍ସାରେ କୌଣସି ଅବହେଳା କରାଯାଇ ନାହିଁ। ସେହିଭଳି ଅର୍ଥ ଦେବା କଥାକୁ ନେଇ ଯଦି ପରିବାର ଲୋକେ ଆମ ପାଖରେ ଅଭିଯୋଗ କରନ୍ତି ଆମେ ଏହାର ତଦନ୍ତ କରିବୁ ବୋଲି ପ୍ରକାଶ କରିଥିଲେ।

### କୃଷକ ସଂଗଠନ ପକ୍ଷରୁ

# ଚାଷୀଙ୍କ ପ୍ରାଇସ୍, ପେନ୍‌ସନ ଓ ପ୍ରେଷ୍ଟିଜ୍ ଦାବି

**ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.)**

ନବନିର୍ମାଣ କୃଷକ ସଂଗଠନ, ନୟାଗଡ ଜିଲା ଶାଖା ପକ୍ଷରୁ ଖଣ୍ଡପଡ଼ା ମା' ଉମାଦେବୀ ମନ୍ଦିର ପରିସରରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ କୃଷକଙ୍କ ପ୍ରାଇସ୍, ପେନ୍‌ସନ୍ ଓ ପ୍ରେଷ୍ଟିଜ୍ ଦାବି ନେଇ ସଂଗ୍ରାମ ଜାରି ରହିବା ଉପରେ କୃଷକନେତା ମାନେ ଜୋର୍ ଦେଇଥିଲେ । ଦୀର୍ଘ ୧୯ବର୍ଷ ଧରି ରାଜ୍ୟର ଶାସନ ଭାର ଗ୍ରହଣ କରିଥିବା ନବୀନ ସରକାର କୃଷକମାନଙ୍କ ସ୍ୱାର୍ଥ ବିରୋଧୀ ହୋଇଥିବାବେଳେ କାଳିଆ ଯୋଜନା ନାଁ ରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟଭିକ୍ଷା କରିବା ଏକ ଲଜ୍ଜାଜନକ ଘଟଣା ବୋଲି ସଂଗଠନ ପକ୍ଷରୁ ମତ ପ୍ରକାଶ ପାଇଛି। ସଂଗଠନର ନୟାଗଡ ଜିଲା ସଂଯୋଜକ ମହେଶ୍ୱର ଜେନା, ଜିଲା ସହ ସଂଯୋଜକ ରଣଜିତ୍ ଦଳବେହେରା, ପୂର୍ବତନ ଜିଲା



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଂଗଠନ ସଦସ୍ୟ।

ସଂଯୋଜକ ବାସୁଦେବ ସାହୁ, ସହ ସଂଯୋଜିକା ମମତା ନାଥଙ୍କ ଭଳି କୃଷକ ନେତାମାନେ ଏଭଳି ବିରୋଧୀ ମତ ପ୍ରକାଶ କରିଛନ୍ତି। ନବୀନ ସରକାର କଥାକଥାକେ ଚାଷୀମାନଙ୍କୁ ଜେଲ ପଠାଇ ଦେଉଛନ୍ତି । ଏପରି କି ନ୍ୟାଯ୍ୟ ଦାବି ହାସଲ ନିମନ୍ତେ ଭୁବନେଶ୍ୱରରେ ଚାଷୀମାନେ ବିକ୍ଷୋଭ କିମ୍ବା ଶୋଭାଯାତ୍ରା ପ୍ରଦର୍ଶନ କରିବା ଉପରେ ରାଜ୍ୟ ସରକାର ଅଙ୍କୁଶ ଲଗାଇଛନ୍ତି ବୋଲି ନେତାମାନେ ମତ ଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଆସନ୍ତା ସାଧାରଣ ନିର୍ବାଚନରେ ନବୀନ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ଏଠାରେ ଆହ୍ୱାନ ଦିଆଯାଇଥିଲା। ଚାଷୀ ଆତ୍ମହତ୍ୟାକୁ ନିନ୍ଦା କରାଯିବା ସହ ଚାଷୀଙ୍କୁ ପ୍ରାଇସ୍, ପେନ୍‌ସନ୍ ଓ ପ୍ରେଷ୍ଟିଜ୍ ଦାବି ନେଇ ସଂଗଠନ ପକ୍ଷରୁ ସଂଗ୍ରାମ ଚାଲିଛି ଓ ଆଗାମୀ ଦିନରେ ଏଭଳି ସଂଗ୍ରାମ ଜାରି ରହିବ ବୋଲି ନେତାମାନେ କହିଥିଲେ।

### ବାଲୁକା କଳାରେ ଭୋଟର ସଚେତନତା ବାର୍ତ୍ତା

**ପୁରୀ ଅଫିସ, ୧୮।୪**

ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ଓ ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରନ୍ତୁ। ଏଭଳି ସଚେତନତା ବାର୍ତ୍ତା ଦେଇ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ପୁରୀ ସମୁଦ୍ର ବେଳାଭୂମିରେ ନିର୍ମାଣ କରିଛନ୍ତି ବାଲୁକା କଳା। ଗୋଟିଏ ଭୋଟ ମଧ୍ୟ ମୂଲ୍ୟବାନ। ନିଜର ମୂଲ୍ୟବାନ ଭୋଟ୍‌ର ମୂଲ୍ୟକୁ ବୁଝନ୍ତୁ। ଅନ୍ୟ ଦ୍ୱାରା ପ୍ରଲୋଭିତ ନ ହୋଇ ସୁନାଗରିକ ଭାବେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବା ସହ ଦେଶକୁ ବିକାଶ ପଥରେ ଆଗେଇ ନିଅନ୍ତୁ। ଏଭଳି ବାର୍ତ୍ତା ଦେଇ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି ମାନସ। ତାଙ୍କ ଦ୍ୱାରା ନିର୍ମିତ ୮ଫୁଟ ଉଚ୍ଚତାର ଏହି ବାଲୁକା କଳାରେ ୧୦ଟନ୍ ବାଲି ଉପଯୋଗ ହୋଇଛି। ଏହାକୁ ତିଆରି କରିବା ପାଇଁ ୨୪ଘଣ୍ଟା ସମୟ ଲାଗିଥିବା ମାନସ କହିଛନ୍ତି।

# ୨୩ରେ ଓଡ଼ିଶା ଆସିବେ ମୋଦି

### ଆଜି ଆସୁଛନ୍ତି ରାଜନାଥ ଓ ୨୦ରେ ମୁଖ୍‌ତାର ଅବାସ ନକ୍‌ଭୀ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ଭାଜପା କେନ୍ଦ୍ରୀୟ ନେତାଙ୍କ ଫୋକସ୍‌ରେ ରହିଛି ଓଡ଼ିଶା। ସ୍ୱଳ୍ପ ସମୟ ବ୍ୟବଧାନରେ କେନ୍ଦ୍ରୀୟ ନେତାଙ୍କ ଗସ୍ତରୁ ଏହା ବାରି ହୋଇପଡୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏବେ ନିର୍ବାଚନୀ ପ୍ରଚାର ପାଇଁ ପ୍ରତି ସପ୍ତାହରେ ଓଡିଶା ଆସୁଛନ୍ତି। ଗତ ୧୬ତାରିଖରେ ମୋଦି ଓଡିଶାର ଦୁଇଟି ଜିଲାରେ ଆୟୋଜିତ ନିର୍ବାଚନୀ ସଭାରେ ଆସି ଯୋଗଦେଇ ଯାଇଛନ୍ତି। ଅପରାହ୍ନରେ ସମ୍ବଲପୁର ଆସିଥିବା ବେଳେ ସନ୍ଧ୍ୟାରେ ଭୁବନେଶ୍ୱର ଆସି ରୋଡ୍ ଶୋ କରିଥିଲେ। ରାଜ୍ୟରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଉଛି। ତୃତୀୟ ପର୍ଯ୍ୟାୟରେ ସମ୍ବଲପୁର ଓ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ ଥିବାରୁ ମୋଦି ଏହି ଦୁଇ ଆସନ ପାଇଁ ପ୍ରଚାର କରିଥିଲେ। ଏହାପରେ ଆସନ୍ତା ୨୯ତାରିଖରେ ରାଜ୍ୟର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏଥିପାଇଁ ଆସନ୍ତା ୨୩ରେ ମୋଦି ପୁନର୍ବାର ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଦିନ ୧୦ଟାରେ କେନ୍ଦ୍ରାପଡାଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ। ଏହାପରେ ମଧ୍ୟାହ୍ନ ୧୨ଟାରେ ବାଲେଶ୍ୱରଠାରେ ପହଞ୍ଚି ସେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ମୋଦିଙ୍କ ଗସ୍ତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଓଡିଶାରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଜଣାପଡିଛି। ରାଜନାଥ ଗୋଟିଏ ଦିନରେ ମୟୂରଭଞ୍ଜ, ନୟାଗଡ ଏବଂ କଟକ ସଦରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଆସନ୍ତା ୨୦ରେ କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରୀ ମୁଖ୍‌ତାର ଅବାସ ନକ୍‌ଭୀ ଓଡିଶାରେ ପ୍ରଚାର କରିବା ପାଇଁ ଆସୁଛନ୍ତି। ନକ୍‌ଭୀ ସାଲେପୁର, କେନ୍ଦ୍ରାପଡା ଏବଂ ଭଦ୍ରକଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଗୋଲକ ସୂଚନା ଦେଇଛନ୍ତି। ମୋଦି ଆସନ୍ତା ୨୭ରେ ଓଡିଶା ଆସିପାରନ୍ତି ବୋଲି ଶୁଣିବାକୁ ମିଳୁଥିଲା। ମାତ୍ର ହଠାତ୍ ତାଙ୍କ ଗସ୍ତସୂଚୀରୁ ପରିବର୍ତ୍ତନ ହେବାପରେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ୨୩ ଗସ୍ତପରେ ଅମିତ୍ ଶାହ ମଧ୍ୟ ୪ର୍ଥ ପର୍ଯ୍ୟାୟରେ ନିର୍ବାଚନ ପ୍ରଚାର ପାଇଁ ଆସିବେ ବୋଲି ଶୁଣିବାକୁ ମିଳିଛି। ଏହାପରେ ମୋଦି ଆଉଥରେ ୨୭ରେ ଓଡିଶା ଆସି ନିର୍ବାଚନୀ ପ୍ରଚାର କରିବେ ବୋଲି ମଧ୍ୟ ଦଳର ଜଣେ ଆଗ ଧାଡିର ନେତାଙ୍କ ନିକଟରୁ ଶୁଣିବାକୁ ମିଳିଛି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ, ୨ ମାଓବାଦୀ ନିହତ

**ମାଲକାନଗିରି,୧୮।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଗୁରୁବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଥିବାବେଳେ ଅନ୍ୟ ଏକ ଘଟଣାରେ ଆଇ.ଡି. ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି। ଆଇ.ଜି. ବିବେକାନନ୍ଦ ସିନାଙ୍କ ସୂଚନା ଅନୁଯାୟୀ ଛତିଶଗଡର ଦାନ୍ତେୱାଡା ଜିଲା କୁଆକୋଣ୍ଡା ଥାନା ଅନ୍ତର୍ଗତ ଧାନ କରିକା ନିକଟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଏକ ମେଳି ଚାଲିଥିବା ଏବଂ ସେମାନେ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବାକୁ ଯୋଜନା କରୁଥିବା ଖବର ମିଳିଥିଲା। ଏନେଇ କୋମ୍ବିଂ ଅପରେଶନ କରାଯାଇଥିଲା। ପୋଲିସ ଆସିବା ଜାଣି ମାଓବାଦୀମାନେ ଡୁବାଲିକରକା ଜଙ୍ଗଲ ଆଡେ ଚାଲିଯାଉଥିବା ବେଳେ ସେମାନଙ୍କର ପୋଲିସ ସହ ମୁହାଁମୁହିଁ ହୋଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ମଲାଙ୍ଗିର ଆଞ୍ଚଳିକ ମାଓବାଦୀ କମିଟି ସଦସ୍ୟ ତଥା ମାଓବାଦୀଙ୍କ ଆର୍ମି ପ୍ଲାଟୁନରେ ବୋମା ବିସ୍ଫୋରଣରେ ଅଭିଜ୍ଞ ଦୁଇଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଆଡମା ଏବଂ କବାସୀ ରାମା। ଘଟଣାସ୍ଥଳରୁ ପୋଲିସ ଉଭୟଙ୍କ ମୃତଦେହ ଜବତ କରିଛି। ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଏବଂ ମାଓବାଦୀଙ୍କ ପୁସ୍ତକ ମଧ୍ୟ ଜବତ ହୋଇଛି। ତେବେ ଏହି ଘଟଣାରେ ପୋଲିସ ଗୁଳିରେ ଜଣେ ମାଓବାଦୀ ଗୁରୁତର ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରିଛି। ଘଟଣା ପରେ ଏଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ମାଓବାଦୀଙ୍କ ଲାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ମାନପୁର ଥାନା ଅନ୍ତର୍ଗତ ମେଢାଡବା ଗ୍ରାମ ନିକଟରେ ଗୁରୁବାର ସକାଳୁ ସିଆରପିଏଫ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିବା ସମୟରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇଥିଲେ। ଫଳରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପରେ ଆଇଟିବିପି ପକ୍ଷରୁ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି।

### 'ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଆବଶ୍ୟକ'

**ପୁରୀ ଅଫିସ,୧୮।୪:** ଐତିହ୍ୟ ସୁରକ୍ଷା ପରିଷଦ ପକ୍ଷରୁ ସ୍ଥାନୀୟ ଗୋଏଙ୍କା ଧର୍ମଶାଳା ପରିସରରେ ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ଶିକ୍ଷାବିତ୍ ରଘୁନାଥ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ଦାଶ, ନାଟ୍ୟକାର ଦୟାନିଧି ତ୍ରିପାଠୀ, ଡ. ହରପ୍ରସାଦ ମିଶ୍ର, ଅଧ୍ୟାପକ ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଐତିହ୍ୟ ସ୍ଥାନଗୁଡ଼ିକୁ ଚିହ୍ନଟ କରି ପ୍ରାଚୀନ ଐତିହ୍ୟ ଓ ସାଂସ୍କୃତିକ କୀର୍ତ୍ତିରାଜିକୁ ସୁରକ୍ଷା ଦେବା ଆବଶ୍ୟକ। ଏହା ମଧ୍ୟ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଉଚିତ। ମାତ୍ର ପରିତାପର ବିଷୟ କୋଣାର୍କର ସୂର୍ଯ୍ୟମନ୍ଦିରଠାରୁ ଆରମ୍ଭ କରି ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର, ଋଷିକୁଲ୍ୟା ମୁହାଣ ନିକଟ ପୋଡ଼ାଗଡ, ଲଳିତଗିରି, ଉଦୟଗିରି, କେଦାରଗୌରୀ, ଲିଙ୍ଗରାଜ ଓ ବ୍ରହ୍ମେଶ୍ୱର ମନ୍ଦିର ଇତ୍ୟାଦିର କୀର୍ତ୍ତିରାଜି ନଷ୍ଟ ହୋଇଗଲାଣି। ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ଅବହେଳା କରାଯାଉଛି। ଏଏସ୍‌ଆଇ ଏ ଦିଗରେ ଦୃଷ୍ଟିଦେବା ଦରକାର ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏମିତି କେତେକ ଐତିହ୍ୟ ମନ୍ଦିର ଓ କୀର୍ତ୍ତିରାଜି ରହିଛି ଯାହା ଲୋକଲୋଚନକୁ ନ ଆସିବା ପରିତାପର ବିଷୟ ବୋଲି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଶୋକ କୁମାର ଆଢ୍ୟ ପ୍ରମୁଖ କହିଥିଲେ।

### କଂଗ୍ରେସ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

# ମନ ପସନ୍ଦର ପ୍ରାର୍ଥୀଙ୍କୁ ଦେବେ ଭୋଟ

**ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ସାଧାରଣ ଭୋଟରମାନଙ୍କ ମଧ୍ୟରେ ଆଗ୍ରହ ନ ଥିବା ପରିଲକ୍ଷିତ ହୋଇଛି। ତେବେ ବିଜେଡି ଦଳୀୟ ବିଧାୟକ ପ୍ରାର୍ଥୀ ଭାବେ ଆମ ଓଡିଶାର ମୁଖ୍ୟ ତଥା ବିଜେଡି ରାଜ୍ୟ ସଭା ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଭାଜପା ଦଳୀୟ ବିଧାୟକ ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ସ୍ୱାଧୀନ ପ୍ରାର୍ଥୀ ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ଗାଁ ଗାଁ ବୁଲି ଭୋଟ ପ୍ରଚାର କାର୍ଯ୍ୟ ଚାଲୁରଖିଛନ୍ତି। ଖଣ୍ଡପଡା ବିଧାନସଭା କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ଭାବେ ବସନ୍ତ କୁମାର ମହାରଣା ନିର୍ବାଚନ ଲଢୁଛନ୍ତି। ଗୁରୁବାର କଂଗ୍ରେସ ପ୍ରାର୍ଥୀ ମହାରଣା ସମର୍ଥକଙ୍କ ଗହଣରେ ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଗସ୍ତକରି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିବା ଜଣାଯାଇଛି। ସେ ପଦଯାତ୍ରାରେ ପଞ୍ଚାୟତ ପରିକ୍ରମା କରିଥିଲେ। ଆଉ ମାତ୍ର ନିର୍ବାଚନ ୪ଦିନ ବାକି ରହିଥିବା ବେଳେ



ମାରାଥନ ପ୍ରଚାରରେ କଂଗ୍ରେସ ପ୍ରାର୍ଥୀ।

ନେତାମାନଙ୍କ ଅନ୍ଧାରୀ ବିଜେକୁ ଭୋଟରମାନେ ଚାହିଁ ରହିଛନ୍ତି । ତେବେ ଭୋଟରମାନଙ୍କ ମତଦାନ କାହା ସପକ୍ଷରେ ଯାଉଛି ତାହା ଏବେ ସ୍ପଷ୍ଟ ଭାବରେ ଜଣାପଡୁନାହିଁ । ଭୋଟରମାନେ ଖୋଲାଖୋଲି ଭାବେ କାହାକୁ ଭୋଟ ଦେବେ ସେ ନେଇ ନିର୍ଦ୍ଦିଷ୍ଟ ଭାବେ କହୁ ନ ଥିବାବେଳେ ଦଳୀୟ କର୍ମୀ କିମ୍ବା ନେତାଙ୍କୁ ସମ୍ମୁଖରେ ଦେଖି ତାଙ୍କୁ ଭୋଟ ଦେବେ ବୋଲି କହୁଛନ୍ତି । ତେବେ ସ୍ୱାଭିମାନୀ ଖଣ୍ଡପଡାବାସୀ ଏଥର ନିର୍ବାଚନରେ ନିଜ ମନ ପସନ୍ଦ ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି କୁହାକୁହି ହେଉଛନ୍ତି ।

# ୧୦ ପ୍ରାର୍ଥୀ, ମୁଖ୍ୟତଃ ଦ୍ୱିମୁଖୀ ଲଢ଼େଇ

**ରଣପୁର,୧୮।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ରଣପୁର ବିଧାନସଭା ଆସନ ପାଇଁ ସର୍ବମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ଏଠାରେ ମୁଖ୍ୟତଃ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ବିଭିନ୍ନ ମହଲରୁ ପ୍ରକାଶ। ଅର୍ଥାତ୍ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ଜୋର୍‌ଦାର ଲଢେଇ ହେଉଛି। ନିର୍ବାଚନମଣ୍ଡଳୀର ସର୍ବମୋଟ ୨ଲକ୍ଷ ୬ହଜାର ୨୪୫ ଭୋଟର ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୯୭ ହଜାର ୯୩୪ ଓ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୮ହଜାର ୨୯୦। ଅନ୍ୟ ଭୋଟରଙ୍କ ସଂଖ୍ୟା ୨୧। ପ୍ରାର୍ଥୀମାନେ ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ ଓ ଗ୍ରାମ ବୁଲି ତୃଣମୂଳସ୍ତରରେ ଥିବା କର୍ମୀମାନଙ୍କ ସହ ବିଚାରବିମର୍ଶ କରି କିପରି ନିର୍ବାଚନ ବୈତରଣୀ ପାରହେବେ ସେଥିପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି । ସବୁ ଦଳରେ କିଛିନା କିଛି ବିଦ୍ରୋହର ସ୍ୱର ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

**ରଣପୁର ନିର୍ବାଚନମଣ୍ଡଳୀ**

- ଟିକେଟ୍‌ରୁ ବଞ୍ଚିତ ବିଧାୟକ ସମର୍ଥକଙ୍କ ଭୋଟକୁ ନେଇ ପ୍ରଶ୍ନବାଚୀ

ଗତ ୧୦ ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ବିରୋଧୀମାନେ ଶାସକ ଦଳ ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ କରି ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନୂତନ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ (ବାଦଲ)ଙ୍କୁ ଦଳୀୟ ଟିକେଟ୍ ପ୍ରଦାନ କରିଛନ୍ତି । ତେବେ ବିଜେଡି ଟିକେଟ୍ ପାଇବା ଦୌଡ଼ରେ ଥିବା ଅନ୍ୟତମ ନେତା ତଥା ବିଧାୟକ ରବି ନାରାୟଣ ମହାପାତ୍ରଙ୍କୁ ଟିକେଟ୍ ଦିଆ ନ ଯିବାରୁ ସେ ପ୍ରଚାରକୁ ଆସୁନାହାନ୍ତି। ଫଳରେ ଶାସକ ଦଳର ଭୋଟ କିଛିମାତ୍ରାରେ ଭାଗହେବା ଆଶଙ୍କା ପ୍ରକାଶ ପାଇଛି । ଦେଶବ୍ୟାପୀ ମୋଦିଙ୍କ ହାୱା ଯୋଗୁ କିଛିଟା ଭୋଟ ଭାଜପା ସପକ୍ଷରେ ଯିବା ସହ ଏହି ଦଳରୁ ପ୍ରାର୍ଥୀ ସୁରମା ପାଢୀଙ୍କ ପାଇଁ ବିଜେଡିର ସ୍ଥିତି ନିର୍ଣ୍ଣାୟକ ମୋଡ ନେଇପାରେ ବୋଲି ରାଜନୈତିକ ସମୀକ୍ଷକ ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ସେହିପରି କଂଗ୍ରେସ ପକ୍ଷରୁ ଶୁଭଶ୍ରୀ ପଣ୍ଡା (ମିଲି) ଆମ ଓଡିଶାରୁ ଆସି ନୂତନ ଭାବେ କଂଗ୍ରେସରେ ମିଶିବା ଯୋଗୁ କେତେଜଣ କଂଗ୍ରେସ ନେତା ଏହାକୁ ବିରୋଧ କରି ବିଜେଡିରେ ସାମିଲ ହୋଇଥିବା ଜଣାପଡ଼ିଛି। ସେହିପରି ସିପିଆଇଏମ୍‌ର ନିତ୍ୟାନନ୍ଦ ପରିଡା, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଦେବରାଜ ସାହୁ, କଳିଙ୍ଗ ସେନାର ରେଣୁବାଳା ମହାନ୍ତି, ବିଏସ୍‌ପିରୁ କୁଳମଣି ନାୟକ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ସାହୁ, ରବୀନ୍ଦ୍ର ମହାପାତ୍ର, ରଣଜିତ୍ ପଟ୍ଟନାୟକ ପ୍ରମୁଖ ନିର୍ବାଚନ ଲଢୁଛନ୍ତି । ଗାଁ ଗହଳିରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧା ଓ ଅନୁରାଗ ରହିଥିବାରୁ ଏହା ବିଜେଡି ପ୍ରାର୍ଥୀ ସତ୍ୟ ନାରାୟଣଙ୍କ ସପକ୍ଷରେ ଯିବ ବୋଲି ମତ ପ୍ରକାଶ ପାଉଛି । ତେବେ ସତ୍ୟ ନାରାୟଣଙ୍କ ମୁଖ୍ୟ ବିରୋଧୀ ମନେହେଉଥିବା ଭାଜପାରୁ ସୁରମା ପାଢୀ ଏଠାରୁ ଜିତିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଦୀର୍ଘ ୧୯ ବର୍ଷ ହେଲା ସେ ରଣପୁର ଅଞ୍ଚଳରେ ନିଜ ସଂଗଠନକୁ ଟାଣ କରିଥିବାବେଳେ ଯୁବ ଓ ମହିଳା ସଂଗଠନ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ଗୋଟି ଚଳାଇଛନ୍ତି । ଅପରପକ୍ଷେ ବିଧାୟକ ମହାପାତ୍ର ବିଜେଡି ଟିକେଟ୍ ପାଇବାରୁ ବଞ୍ଚିତ ହେବା ପରେ ତାଙ୍କର ଭୂମିକା କଣ ରହିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତାଙ୍କ ସପକ୍ଷରେ ଥିବା କିଛି ଭୋଟ ଦଳ ସପକ୍ଷ ନା ବିପକ୍ଷରେ ଯିବ ସେ ନେଇ ବିଜେଡି ପ୍ରାର୍ଥୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଗତ ୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ମହାପାତ୍ର ୬୦ ହଜାର ୭୦୫ ଖଣ୍ଡ ଭୋଟ ପାଇଥିଲାବେଳେ ଭାଜପା ପ୍ରାର୍ଥିନୀ ପାଢୀ ୪୪୨୬୯ ଖଣ୍ଡ ଭୋଟ୍ ପାଇଥିଲେ । ସେ ୧୬୪୩୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ । ଏଥର ନିର୍ବାଚନରେ ସେ ନିଜର ପୂର୍ବ ଅନୁଭୂତିକୁ ଆଧାରକରି ନିର୍ବାଚନ ରଣନୀତି ପ୍ରସ୍ତୁତି କରୁଥିବା ଜଣାପଡୁଛି । ଅନ୍ୟ ପକ୍ଷେ ୧୦ ବର୍ଷ ଧରି ବିଭିନ୍ନ କାର୍ଯ୍ୟରେ ବିଜେଡି କର୍ମୀମାନଙ୍କୁ ସମ୍ପୃକ୍ତ କରାଇ ସଂଗଠନକୁ ମଜ୍‌ବୁତ୍ କରିବା ବିଶ୍ୱାସରେ ସତ୍ୟ ନାରାୟଣ ଶଙ୍କୁ ଆୟୁଧ କରି ବିଜୟ ହେବାର ମଧ୍ୟ ଆଶା ରଖିଛନ୍ତି ।

## ସଂକ୍ଷେପରେ

### ଅଧାପନ୍ତରିଆ କଲଭର୍ଟ ଯୋଗୁ ଘଟୁଛି ଦୁର୍ଘଟଣା

**ପାରଳାଖେମୁଣ୍ଡି, ୧୮।୪ (ସ୍ୱ.ପ୍ର.):** ପାରଳାଖେମୁଣ୍ଡି ରାଣୀପେଣ୍ଠ ରୋଡସ୍ଥିତ ଗୁମ୍ମା ନାଳ ପୂର୍ବରୁ ଥିବା ଏକ କଲଭର୍ଟ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଏହାର କାମ ସରୁନାହିଁ। ଫଳରେ ଦୀର୍ଘ ଦିନ ଧରି ଅଧପନ୍ତରିଆଭାବେ କଲଭର୍ଟ କାମ ପଡିରହିଛି। ଏହି ରାସ୍ତା ପାରଳାଖେମୁଣ୍ଡି ସହ କାଶୀନଗର, ଗୁମ୍ମା, ସେରଙ୍ଗ, ଗୁଣୁପୁର, ରାୟଗଡା ଆଦି ପ୍ରମୁଖ ସହରକୁ ସଂଯୋଗ କରିଛି। ଏହି ରାସ୍ତାରେ ଏଭଳି ଏକ କଲଭର୍ଟ କାମ ଅଧାପନ୍ତରିଆ ଭାବେ ରହିଥିବାରୁ ଏହା ଯାତାୟାତରେ ବହୁ ସମସ୍ୟା ସୃଷ୍ଟି କରୁଛି। ସେହିପରି ଏହି ରାସ୍ତାଦେଇ ପ୍ରତିଦିନ କାଶୀନଗରସ୍ଥିତ ଶ୍ରୀରାମ କଲେଜ, ପଦ୍ମପୁରସ୍ଥିତ ବିନୋଦିନୀ ବିଜ୍ଞାନ କଲେଜ, ଗଜପତି ଫାର୍ମାସୀ ବହୁ ଶିକ୍ଷାନୁଷ୍ଠାନ, ଏସ୍‌ପି ଅଫିସ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, କର୍ମନିଯୁକ୍ତି ପଞ୍ଜୀକରଣ କାର୍ଯ୍ୟାଳୟ ଆଦି ପ୍ରମୁଖ ସ୍ଥାନକୁ ଦୈନନ୍ଦିନ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ତେବେ ଏହି ଅଧାପନ୍ତରିଆ କଲଭର୍ଟ ଯୋଗୁ ମାଟି ରାସ୍ତାଦେଇ ଗାଡ଼ିଗୁଡିକ ଗଲାବେଳେ ଦୁର୍ଘଟଣା ଘଟୁଛି। ତୁରନ୍ତ ଏହି କଲଭର୍ଟ କାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ରକ୍ତ ପରୀକ୍ଷାଗାର ନିକଟରେ ନାହିଁ ବିଶ୍ରାମ ଗୃହ

**ପାରଳାଖେମୁଣ୍ଡି, ୧୮।୪ (ସ୍ୱ.ପ୍ର.):** ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସମନ୍ୱିତ ପରୀକ୍ଷାଗାର ନିକଟରେ ବିଶ୍ରାମ ଗୃହ ଟିଏ ନ ଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ନୂତନ ପରୀକ୍ଷାଗାରଟି ରାସ୍ତା ପାର୍ଶ୍ୱରେ ଥିବା ଯୋଗୁ ଏଠାରେ ପ୍ରତିଦିନ ଶହ ଶହ ରୋଗୀ ଏଠାକୁ ରକ୍ତ, ମଳମୂତ୍ର ଆଦି ପରିକ୍ଷା କରାଇବାକୁ ଆସିଥାନ୍ତି। ସେଗୁଡିକର ରିପୋର୍ଟ ମିଳିବାକୁ ପ୍ରାୟ ୩ରୁ ୪ଘଣ୍ଟା ସମୟ ଲାଗିଥାଏ। ହେଲେ ଏହି ପରୀକ୍ଷାଗାର ସମ୍ମୁଖରେ କୌଣସି ବିଶ୍ରାମାଗାର ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଉଦୁଉଦୁଦିଆ ଖରାରେ ଠିଆ ହେବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ସହରର ତାପମାତ୍ରା ୪୦ ଡିଗ୍ରୀ ଓ ଅଧିକ ରହୁଥିବାରୁ ଲୋକଙ୍କୁ ଏହି ୩/୪ ଘଣ୍ଟାର ଅପେକ୍ଷା ଯଥେଷ୍ଟ କଷ୍ଟ ଦେଉଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ମକରା ବେହେରା, କୃଷ୍ଣ ବେହେରା, ରିଙ୍କୁ ସ୍ୱାଲସିଂ, ସୁଜିତ କୁମାର ଗୌଡ, ପୀତାମ୍ବର ସାରଙ୍ଗୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରମେଶ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ। ଜଲ୍‌ଦି ହିଁ ସେଠାରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

### ଛାତ୍ରୀଛାତ୍ରଙ୍କ ଖରାଛୁଟି ଆରମ୍ଭ

**ପାରଳାଖେମୁଣ୍ଡି, ୧୮।୪ (ସ୍ୱ.ପ୍ର.)** ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଘୋଷାଣା ମୁତାବକ ସମସ୍ତ ସ୍କୁଲ ଗୁରୁବାରଠାରୁ ଛୁଟି ହୋଇଛି। କିନ୍ତୁ ଆସନ୍ତା ମେ ୪ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲରେ ଉପସ୍ଥିତ ରହିବେ ବୋଲି କମିଶନର ଘୋଷଣା କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଆଗୁଆ ସ୍କୁଲ ଛୁଟି ନେଇ ଘୋଷଣା ହେବାପରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଏପରି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରଙ୍କ ନାମଲେଖା, ପାଠ୍ୟପୁସ୍ତକ ସଂଗ୍ରହ, ସାର୍ଟିଫିକେଟ ପ୍ରଦାନ ଆଦି ଜରୁରୀ କାମ ଏହି ଅବସରରେ ଚାଲୁ ରହିବ। ଗଜପତି ଜିଲାରେ ଚଳିତବର୍ଷ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜାରି ରହି ଥିବାରୁ ଆଗୁଆ ଗ୍ରୀଷ୍ମ ଛୁଟିକୁ ନେଇ ଅଭିଭାବକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ତେବେ ଜିଲା ସଦର ମହକୁମା ପାରଳାଖେମୁଣ୍ଡିର କିଛି ଘରୋଇ ସ୍କୁଲ ଛୁଟି ଘୋଷଣା କରିଥିଲେ ମଧ ବିଦ୍ୟାଳୟ ବାର୍ଷିକୋତ୍ସବ ପାଇଁ ସକାଳ ସମୟରେ ନାଚଗୀତର ଅଭ୍ୟାସ କରିବାକୁ ସ୍କୁଲକୁ ପିଲାମାନେ ଯା' ଆସ କରୁଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ମା' ଜ୍ୱଳାମୁଖୀ ରଥର ମସ୍ତକ ସ୍ଥାପନ କରାଯାଉଛି ।



ଦୁଇ ବାଘ ବେଶଧାରୀଙ୍କ ପଟୁଆର ।



ଭୀମ ବେଶ

■ ୨୦ ଦିନରେ ମା' ବୁଢ଼ୀଠାକୁରାଣୀ ଯାତ୍ରା

# ୫ ସାହିରେ ଘଟ ପରିକ୍ରମା

**ବ୍ରହ୍ମପୁର ଅଫିସ,୧୮।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଗୁରୁବାର ୨୦ ଦିନରେ ପହଞ୍ଚିଛି । ଯାତ୍ରାସ୍ଥଳକୁ ଏବେ ରଥ ଆସିବା ଆରମ୍ଭ ହୋଇଛି । ବୁଧବାର ସୁଦ୍ଧା ତିନୋଟି ରଥ ଯାତ୍ରା ଦାଣ୍ଡକୁ ଓହ୍ଲାଇଛନ୍ତି। ଫଳରେ ଯାତ୍ରାରେ ଏବେ ସକାଳୁ ରାତି ପର୍ଯ୍ୟନ୍ତ ଭିଡ ଜମୁଛି । ଅନ୍ୟପଟେ ଯାତ୍ରାକୁ ଆଉ ମାତ୍ର ୧୦ ଦିନ ବାକି ଥିବାରୁ ବାପ ଘରେ ମା'ଙ୍କ ଦର୍ଶନ ପାଇଁ ସକାଳୁ ମଧ୍ୟରାତ୍ର ଯାଏ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ସୁଅ ଛୁଟୁଛି । ଯାତ୍ରାଦାଣ୍ଡକୁ ରଥ ଆସିବା ଆରମ୍ଭ ହୋଇଥିବାରୁ ବଡବଜାର, ସାନବଜାର, ପୁରୁଣାବ୍ରହ୍ମପୁର ଅଞ୍ଚଳର ସମସ୍ତ ସାହି ଏବେ ଉତ୍ସବ ମୁଖର ହୋଇଉଠିଛି।

ଯାତ୍ରା ଦାଣ୍ଡକୁ ଓହ୍ଲାଇଥିବା ଚନ୍ଦ୍ରମା ସାହିର ବୋଇତ ରଥ, କାଲୁପାତ୍ର ସାହିର ମା' ଜ୍ୱଳାମୁଖୀ ରଥ, ବାଟୁଆରୀ ସାହିର ବିଞ୍ଝଣା ରଥ ନିକଟରେ ଗୁରୁବାର ଅପରାହ୍ନରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଭିଡ ଜମିଥିଲା । ବାପ ଘର ତଥା ଅସ୍ଥାୟୀ ପୀଠ ଏବେ ଚଳଚଞ୍ଚଳ ହୋଇଉଠିଛି । ଟାଣ ଖରାକୁ ଖାତିର ନ କରି ହଜାର ହଜାର ଶ୍ରଦ୍ଧାଳୁ ଭୋରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ମା'ଙ୍କୁ ଅସ୍ଥାୟୀ ପୀଠରେ ଦର୍ଶନ କରିଥିଲେ । ମହିଳାମାନେ ଅସ୍ଥାୟୀ ପୀଠ ସମ୍ମୁଖରେ ଥିବା ଧର୍ମଝଣ୍ଡା ମୂଳରେ ପୂଜାର୍ଚ୍ଚନା କରିବା ପରେ ମା'ଙ୍କୁ ପୂଜିଥିଲେ । କୃଷ୍ଣ, ବଳରାମ, ଛୋଡଗାଜିଆ ଓ ବାଘବେଶ ସମେତ ବିଭିନ୍ନ ବେଶଧାରୀମାନେ ଯାତ୍ରାସ୍ଥଳରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ପାରମ୍ପରିକ ଘଟଯାତ୍ରା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଆଳତି ପରେ ମା' ଦେବକୀ ମୁଖ୍ୟଘଟକୁ ମୁଣ୍ଡାଇ ଅସ୍ଥାୟୀ ପୀଠରୁ ବାହାରିଥିଲେ । ସାଥିରେ ଅନ୍ୟ ୮ ପାର୍ଶ୍ୱଘଟକୁ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ମୁଣ୍ଡାଇଥିଲେ । ମା'ଙ୍କ ଘଟ ବାଦ୍ୟ, ବାଜଣା, ମହୁରୀ ଓ ହୁଳହୁଳି ନାଦ ମଧ୍ୟରେ ରାଜବାଟିକୁ ଯାଇଥିଲା । ସେଠାରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିଥିଲେ । ଘଟ ରାଜବାଟୀକୁ ଯିବା ବେଳେ ଉଭୟ ପାର୍ଶ୍ୱରେ ମହିଳା ଭିଡ ଜମାଇଥିଲେ । ଗୁରୁବାର ୫ ସାହିରେ ମା'ଙ୍କ ଘଟ ପରିକ୍ରମା ହୋଇଥିଲା । ଘଟ ଶୋଭାଯାତ୍ରା ରାଜବାଟିରୁ ବଡବଜାର ଦେଇ ଖାସ୍ପାସାହି, କରିବାରି ସାହି, କରଣ ସାହି, ଶଗଡିଆ ମାର୍ଥା ସାହି ଓ ପଣ୍ଡିତ ସାହି ପ୍ରଭୃତି ପରିକ୍ରମା କରିଥିଲା । ଏହାପରେ ପୁଣି କରିବାରି ସାହି, ନଡିଆ ବଜାର ହୋଇ ଅସ୍ଥାୟୀ ପୀଠରେ ପହଞ୍ଚିଥିଲା । ମା'ଙ୍କ ଆଗମନରେ ଉପରୋକ୍ତ ସମସ୍ତ ସାହି ଉତ୍ସବମୁଖର ହୋଇଉଠିଥିଲା । ମା'ଙ୍କୁ ସ୍ୱାଗତ କରିବାକୁ ମହିଳାମାନେ ଘର ଦୁଆରେ କୁମ୍ଭ ସ୍ଥାପନ କରିଥିଲେ। ମୁଖ୍ୟଘଟଧାରୀ ପାଦରେ ହଳଦୀ, କର୍ପୂର ପାଣି ଢାଳିବା ସହ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ତେବେ ଯାତ୍ରା ଶେଷ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିବା ବେଳେ ଏବେ ପ୍ରତି ସାହିରେ ଯାତ୍ରାର ବାତାବରଣ ଦେଖିବାକୁ ମିଳିଛି । ରଥ ଉନ୍ମୋଚିତ ହୋଇଥିବା ସାହିରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଥିବା ବେଳେ ଅନ୍ୟ ସାହି ପକ୍ଷରୁ ରଥ ଓ କଳାକୁଞ୍ଜ ଉନ୍ମୋଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଷଣ୍ଢମହାନ୍ତି ସାହିର ଶିବାରୂଢା କାଳୀ ରଥ ଯାତ୍ରା ଦାଣ୍ଡକୁ ଆସିବାକୁ ସ୍ଥିର ହୋଇଛି । ଶୁକ୍ରବାର ମା' ଷଣ୍ଢମହାନ୍ତି ସାହି ପରିକ୍ରମା କରିବା ବେଳେ ମା'ଙ୍କ ସମ୍ମୁଖରେ ରଥର ମୁଖସ୍ଥାପନ ପର୍ବ ଅନୁଷ୍ଠିତ ହେବାକୁ ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଚଳିତ ରବିବାର ମା'ଙ୍କ ଅନ୍ୟତମ ପ୍ରିୟ ଦୋଳି ରଥ ଯାତ୍ରା ଦାଣ୍ଡକୁ ଅବତରଣ କରିବାର ସମ୍ଭାବନା ରହିଥିବା ମଧ ଯାତ୍ରା ମୁଖ୍ୟ ପରିଚାଳକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

**ଆଜି ଯାତ୍ରା ଦାଣ୍ଡକୁ ଆସିବ ଶିବାରୂଢ଼ା କାଳୀ ରଥ**



ମାନସିକଧାରୀଙ୍କ ରାମଲକ୍ଷ୍ମଣ ବେଶ।

## ୨୧୬ ଲିଟର ବିଦେଶୀ ମଦ ଜବତ, ୩ ଗିରଫ

**ବ୍ରହ୍ମପୁର ଅଫିସ,୧୮।୪**

ବୈଦ୍ୟନାଥପୁର ଥାନା ପୋଲିସ ବୁଧବାର ରାତି ପ୍ରାୟ ୧୧ଟା ବେଳେ ଖୋଡ଼ାସିଙ୍ଗିର ଏକ ମଦ ଦୋକାନ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଉକ୍ତ ଦୋକାନ ନିକଟରେ ଥିବା ଏକ ଘର ଭିତରୁ ୨୧୬ ଲିଟର ବିଦେଶୀ ମଦ ଜବତ କରିବା ସହ ଦୋକାନର ୩ ଜଣ କର୍ମଚାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋଡାସିଙ୍ଗିର କୁଲୁ ସେଠୀ(୩୧), କବିସୂର୍ଯ୍ୟନଗରର ଜିତେନ୍ଦ୍ର କୁମାର ମାଝି (୩୪) ଓ କମାପଲ୍ଲୀ ରାମନଗରର ବାବୁନୀ ବେହେରା (୩୨) ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। କେସ୍ ନଂ. ୮୫/୧୯ରେ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମଦ କାରବାର ବନ୍ଦ ରଖିବା ପାଇଁ ନିର୍ବାଚନ କମିଶନଙ୍କ କଡା ନିର୍ଦ୍ଦେଶ ରହିଛି। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ମଦ କାରବାର ବନ୍ଦ ରଖିବା ପାଇଁ ସମସ୍ତ ମଦ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସତ୍ତ୍ୱେ ମଧ ବିପୁଳ ପରିମାଣର ମଦ କିପରି ବିକ୍ରି ହେଉଥିଲା ସେନେଇ ପୋଲିସ ଏବେ ଖାନତଲାସ ଚଳାଇଛି ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଛନ୍ତି ।



ଜବତ ବିଦେଶୀ ମଦ ।

## ଆକ୍ରମଣ ଘଟଣା ବାପ, ପୁଅ ଗିରଫ

**ବ୍ରହ୍ମପୁର ଅଫିସ,୧୮।୪**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଦର ଥାନା ବୋରିଗାଁର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଆକ୍ରମଣ ହୋଇଛି । ସଦର ଥାନା ପୋଲିସ ବୋରିଗାଁର ବାବୁଲା ବେହେରା (୫୫) ଓ ତାଙ୍କ ପୁଅ କାଳିଆଙ୍କୁ ଗିରଫ କରିଛି। ନଂ ୧୦୫/୧୯ରେ ବାବୁଲା ଓ କାଳିଆଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି ବୋଲି ଥାନାଧିକାରୀ ଭାବନାନନ୍ଦ ପ୍ରଧାନ କହିଛନ୍ତି । ପୂର୍ଣ୍ଣଚନ୍ଦ୍ର ବେହେରା ବୋରିଗାଁ ବେହେରା ସମାଜର ମୁଖିଆ ଅଟନ୍ତି। ବାବୁଲା ବେହେରାଙ୍କ ଅଭିଯୋଗକ୍ରମେ ଏକ ସମାଜ ବୈଠକ ଅନୁଷ୍ଠିତ କରିବା ପାଇଁ ମୁଖିଆ ପୂର୍ଣ୍ଣଚନ୍ଦ୍ରଙ୍କୁ କହିଥିଲେ। ପୂର୍ଣ୍ଣଚନ୍ଦ୍ର ଏହାକୁ ଗୁରୁତ୍ୱ ଦେଇ ନ ଥିଲେ । ଯାହାକୁ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ଉପରେ ବାବୁଲାଙ୍କ ରାଗ ବଢ଼ିଥିଲା। ବୁଧବାର ପୂର୍ଣ୍ଣଚନ୍ଦ୍ର ଗାଁଦାଣ୍ଡରେ ଠିଆ ହୋଇଥିବା ବେଳେ ବାବୁଲା ଓ ତାଙ୍କ ପୁଅ କାଳିଆ ସେଠାରେ ପହଞ୍ଚି ତାଙ୍କୁ ଆକ୍ରମଣ କରିଥିଲେ। ପରେ ବାବୁଲା ଓ ତାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଦାଣ୍ଡରେ ଥିବା ତାଙ୍କ ଗାଡ଼ିଟିକୁ ମଧ ଭଙ୍ଗାରୁଜା କରିଥିଲେ। ଏନେଇ ପୂର୍ଣ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ ।

■ ସରିଲା ଆସିକା ଲୋକ ସଭା, ୭ ବିଧାନସଭା ନିର୍ବାଚନ

## ଇଭିଏମ୍‌ରେ ସିଲ୍ ହେଲା ୫୨ ପ୍ରାର୍ଥୀଙ୍କ ଭାଗ୍ୟ

**ବ୍ରହ୍ମପୁର ଅଫିସ,୧୮।୪**

ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ଆସିକା ଲୋକ ସଭା ଆସନ ଓ ଏହା ଅଧୀନ ଖଲ୍ଲିକୋଟ, ପୋଲସରା, କବିସୂର୍ଯ୍ୟନଗର, ଆସିକା, ହିଞ୍ଜିଳି, ସାନଖେମୁଣ୍ଡି ଓ ସୋରଡ଼ା ବିଧାନସଭା କ୍ଷେତ୍ରରେ ଗୁରୁବାର ମତଦାନ ହୋଇଯାଇଛି। ଲୋକ ସଭା ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ପୋଲସରା ନିକଟ ଢୁଙ୍କାପଡ଼ା ଗ୍ରାମରେ ହୋଇଥିବା ବୁଥରେ ଭୋଟ ଦେଇଥିବା ବେଳେ ବିଜେଡି ପ୍ରାର୍ଥିନୀ ପ୍ରମିଳା ବିଶୋୟୀ ଆସିକା ନିକଟ ଚେରମାରିଆରେ ମତଦାନ କରିଥିଲେ। ତେବେ କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡାଙ୍କ ନାମ ଭୁବନେଶ୍ୱରର ଭୋଟର ତାଲିକାରେ ଥିବାରୁ ସେ ମତଦାନ କରିପାରି ନ ଥିଲେ । ଅନ୍ୟ ୫ ପ୍ରାର୍ଥୀ ନିଜ ଅଞ୍ଚଳରେ ଭୋଟ ଦେଇଥିବା ଖବର ମିଳିଛି। ବିଜେଡି, ଭାଜପା, କଂଗ୍ରେସ ଓ ଅନ୍ୟ ଦଳର ବିଧାୟକ ପ୍ରାର୍ଥୀମାନେ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମତଦାନ କରିଥିଲେ ।

ପୋଲସରା ସହରାଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ହୋଇଥିବା ବେଳେ ସୋରଡ଼ା ନିର୍ବାଚନ ମଣ୍ଡଳୀର ଗୋଟିଏ ବୁଥରେ ଇଭିଏମ ଭଙ୍ଗାରୁଜା ହୋଇଥିବା କୁହାଯାଇଛି। ଅନ୍ୟ ବିଧାନସଭା କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି । ଅପରାହ୍ନ ୫ଟା ସୁଦ୍ଧା ପୋଲସରାରେ ୫୧.୫%, କବିସୂର୍ଯ୍ୟନଗର ୫୨%, ଖଲ୍ଲିକୋଟ ୫୧.୭%, ଆସିକା ୫୭.୬%, ସୋରଡ଼ା ୫୪.୬%, ସାନଖେମୁଣ୍ଡି ୫୫%, ହିଞ୍ଜିଳିରେ ୫୪.୮% ଏବଂ ସଂସଦୀୟ କ୍ଷେତ୍ରରେ ୫୩.୮% ମତଦାନ ହୋଇଛି । ସୂଚନାଯୋଗ୍ୟ, ଆସିକା ଲୋକ ସଭା ନିର୍ବାଚନ ଲଢୁଥିବା ୭ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମୁଦାୟ ୫୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି । ଅପରପକ୍ଷରେ ଏଥର ନିର୍ବାଚନରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଛି । ଜାତୀୟ ଦଳ କଂଗ୍ରେସ ପ୍ରାର୍ଥୀ ନ ଦେଇ ସିପିଆଇକୁ ସମର୍ଥନ କରିଛି ।

**୨୦୧୪ ସୁଦ୍ଧା ହୋଇଛି ୧୬ ନିର୍ବାଚନ**

ସ୍ୱାଧୀନତା ପରେ ୧୯୫୧-୫୨ରୁ ୨୦୧୪ ସୁଦ୍ଧା ହୋଇଥିବା ୧୬ ଲୋକ ସଭା ନିର୍ବାଚନ ମଧ୍ୟରୁ ଆସିକା ସଂସଦୀୟ କ୍ଷେତ୍ରରୁ ୬ କଂଗ୍ରେସ, ୫ ବିଜେଡି, ୩ ଜନତା ଦଳ ପ୍ରାର୍ଥୀମାନେ ନିର୍ବାଚିତ ହୋଇଛନ୍ତି। ଜଣେ ଲେଖାଏ ସିପିଆଇ ଓ ସ୍ୱାଧୀନ ପ୍ରାର୍ଥୀ ଏମ୍‌ପି ହୋଇଥିବା ନିର୍ବାଚନୀ ତଥ୍ୟ ରହିଛି। ଚଳିତ ବର୍ଷର ସପ୍ତଦଶ ଲୋକ ସଭା ନିର୍ବାଚନରେ ଆସିକା ଆସନରେ ପ୍ରଥମ କରି ୨ ମହିଳା ମଇଦାନକୁ ଓହ୍ଲାଇଛନ୍ତି। ଏସ୍‌ଏଚଜିର ମହିଳା ପ୍ରମିଳା ବିଶୋୟୀଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ତାଙ୍କୁ ଟକ୍କର ଦେବା ପାଇଁ ଅନୀତା ଶୁଭଦର୍ଶିନୀଙ୍କୁ ପ୍ରାର୍ଥୀ କରିଛି ଭାଜପା।

## କିରୋସିନ ଢାଳି ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୧୮।୪**

କିରୋସିନ ଢାଳି ଜଣେ ମହିଳା ଗୁରୁବାର ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଶିଶିର କୁମାର ବାଡ଼ତ୍ୟାଙ୍କ ସ୍ତ୍ରୀ ଲୋପାମୁଦ୍ରା (୩୨) । ଘର ବଡ଼ବଜାର ଥାନା ଅନ୍ତର୍ଗତ ଆସ୍କା ରୋଡ ରଘୁପତି ନଗର ଦ୍ୱିତୀୟ ଲେନ୍ ବୋଲି ପୋଲିସ କହିଛି । ମାନସିକ ଅଶାନ୍ତିକୁ କେନ୍ଦ୍ରକରି ମହିଳା ଜଣଙ୍କ ଘରେ ଏକାକୀ ଥିବା ବେଳେ ଏଭଳି କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ନଂ. ୫/୧୯ରେ ଅପମୃତ୍ୟୁ ମୃତ୍ୟୁ ମାମଲା ରୁଜୁ କରିଛି। ଶିଶିର ଗତ ୧୦ ବର୍ଷ ତଳେ ଲୋପାମୁଦ୍ରାଙ୍କୁ ବିବାହ କରିଥିଲେ। ସେମାନଙ୍କର ୭ ବର୍ଷର ଏକ ପୁତ୍ର ସନ୍ତାନ ରହିଛି । ଶିଶିର ଆସ୍କା ରୋଡରେ ଥିବା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ କାମ କରନ୍ତି । ପ୍ରତିଦିନ ଭଳି ଗୁରୁବାର ସକାଳ ୧୦ଟାରେ ସେ କାମକୁ ଚାଲି ଯାଇଥିଲେ। ଲୋପାମୁଦ୍ରା ଘରେ ଏକାକୀ ଥିବା ବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକ ଶିଶିରଙ୍କୁ ଫୋନ କରିଥିଲେ । ଉକ୍ତ ସାହିରେ ରହୁଥିବା ଲୋପାମୁଦ୍ରାଙ୍କ ବାପା ଝିଅ ଘରେ ପହଞ୍ଚିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତାଙ୍କ ସ୍ୱାମୀ ଶିଶିର ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଶରୀରର ୯୦ ଭାଗ ପୋଡ଼ି ଯାଇଥିବା ଡ଼ାକ୍ତର କହିଥିଲେ। ଲୋପାମୁଦ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । କଟକ ନେବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା । ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବଜାର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ମହିଳାଙ୍କ ବାପା ଥାନାରେ କୌଣସି ଅଭିଯୋଗ କରି ନ ଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି କହିଛନ୍ତି ।

## ୬୩ନଂ. ବୁଥ୍‌ରେ ସାନି ମତଦାନ: ୯୯୬ରୁ ୫୩୯ଜଣ ଦେଲେ ଭୋଟ

**ବ୍ରହ୍ମପୁର ଅଫିସ,୧୮।୪**

ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ୬୩ନମ୍ବର ବୁଥ୍‌ରେ ଗୁରୁବାର ସାନି ମତଦାନ ଅନୁଷ୍ଠିତ ହୋଇଯାଇଛି। ସିଟି ହାଇସ୍କୁଲସ୍ଥିତ ବୁଥ୍‌ରେ ମତଦାନ ଗ୍ରହଣ କରାଯାଇଥିଲା। ଏହି ବୁଥ୍‌ରେ ମୋଟ ୯୯୬ଜଣ ଭୋଟର୍ ଅଛନ୍ତି । ସେଥିରୁ ୫୩୯ଜଣ ଭୋଟ୍ ଦେଇଛନ୍ତି। ସେଥିରେ ୨୭୮ ପୁରୁଷ ଥିବା ବେଳେ ୨୬୧ ହେଉଛନ୍ତି ମହିଳା । ମତଦାନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବା ସହ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିଲା। ଗତ ୧୧ତାରିଖରେ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍‌ଗ୍ରହଣ କରାଯାଇଥିଲା। ଏହି ବୁଥ୍‌ରେ ୬୧୧ଜଣ ଭୋଟ୍ ଦେଇଥିବା ନେଇ ନାମ ପଞ୍ଜୀକୃତ ହୋଇଥିଲା। କିନ୍ତୁ ଇଭିଏମ୍‌ରେ ୬୩୨ ଭୋଟ୍ ପଡ଼ିଥିଲା। ଫଳରେ ଏହି ବୁଥ୍‌ରେ ସାନି ମତଦାନ ପାଇଁ ରିଟର୍ଣ୍ଣିଂ ଅଫିସର ତଥା ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ଭାରତର ନିର୍ବାଚନ କମିସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାନି ମତଦାନ ପାଇଁ ଅନୁରୋଧ କରିଥିଲେ । ଏହାକୁ ଗ୍ରହଣ କରି ୬୩ନଂ. ବୁଥ୍‌ରେ ସାନି ମତଦାନ ପାଇଁ ନିର୍ବାଚନ କମିସନଙ୍କ ତରଫରୁ ଘୋଷଣା କରାଯାଇଥିଲା। ପୂର୍ବରୁ ଭୁଲ୍‌କୁ ସୁଧାରିବା ପାଇଁ ଗୁରୁବାର କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା। ପ୍ରିଜାଇଡିଂ ଏବଂ ପୋଲିଂ ଅଫିସର୍‌ମାନେ ସତର୍କତାର ସହ ମତଦାନ କରିଥିଲେ। ପୋଲିସ ତରଫରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଟାଉନ୍ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ନିଜେ ବୁଥ୍‌ରେ ଉପସ୍ଥିତ ଥିଲେ ।



ଭୋଟ୍ ଦେବାକୁ ଭୋଟର୍‌ମାନେ ଯାଉଛନ୍ତି ।